# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୭/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, August 7/2025 Page 14 | ₹ 7.00 | BALASORE

୫୧ଶ ଭାଗ ୨୫୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 253 | ମୂଲ୍ୟ ₹୭/-



DSPL-195

ସତ୍ୟମେବ ଜୟତେ



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଶୁଭ ଉଦ୍‌ଘାଟନ

ମୁଖ୍ୟମନ୍ତ୍ରୀ **ଶ୍ରୀ ମୋହନ ଚରଣ ମାଝୀ** ଙ୍କ
କରକମଳରେ

# ଜାତୀୟ ହସ୍ତତନ୍ତ ଦିବସ ୨୦୨୫
# ଓଡ଼ିଶା

ଓଡ଼ିଶାର ହସ୍ତତନ୍ତ- ଐତିହ୍ୟର ସୂତ୍ରଧାର

## EKTA
EXHIBITION CUM
KNOWLEDGE SHARING
FOR TEXTILE ADVANTAGE

୦୭ - ୧୩ ଅଗଷ୍ଟ ୨୦୨୫ | ଜନତା ମଇଦାନ, ଭୁବନେଶ୍ୱର

ଗରିମାମୟ ଉପସ୍ଥିତି

**ଶ୍ରୀ ପ୍ରଦିପ ବଳ ସାମନ୍ତ**
ମନ୍ତ୍ରୀ, ସମବାୟ ଓ ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ

**ଶ୍ରୀମତୀ ମାଧୁରୀ ଦୀକ୍ଷିତ୍ ନେନେ**
ବଲିଉଡ୍ ତାରକା

ପ୍ରଦର୍ଶନୀ | ଜ୍ଞାନ ଆଦାନ-ପ୍ରଦାନ ଅଧିବେଶନ | ଫ୍ୟାଶନ୍ ଶୋ
ସାଂସ୍କୃତିକ ସନ୍ଧ୍ୟା | ଲେଜର ଶୋ | ଏ. ଆଇ ଟ୍ରାଏଲ୍ ରୁମ୍
ସ୍ୱତନ୍ତ୍ର ସଂସ୍ଥାପନ | ସୁସ୍ୱାଦ ବ୍ୟଞ୍ଜନ କେନ୍ଦ୍ର | ଶିଶୁ କ୍ରୀଡ଼ା କେନ୍ଦ୍ର

ଆୟୋଜକ
ହସ୍ତତନ୍ତ, ବୟନ ଏବଂ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

ସହଯୋଗରେ
ବସ୍ତ୍ର ମନ୍ତ୍ରାଳୟ, ଭାରତ ସରକାର

OIPR-31003/13/0024/2526

# ଜାପାନ, ଚାଇନା ଯିବେ ମୋଦି

ନୂଆଦିଲ୍ଲୀ,୬।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଗଷ୍ଟ ୨୯ରୁ ଜାପାନ ଓ ଚାଇନା ଗସ୍ତ କରିପାରନ୍ତି ବୋଲି ବୁଧବାର ଜଣାପଡ଼ିଛି। ମୋଦି ପ୍ରଥମେ ଜାପାନ ଗସ୍ତ କରି ସେଠାରେ ତାଙ୍କ ପ୍ରତିପକ୍ଷ ଶିଗେରୁ ଇଶିବାଙ୍କ ସହ ବାର୍ଷିକ ସମ୍ମିଳନୀରେ ଯୋଗଦେବେ। ପ୍ରଧାନମନ୍ତ୍ରୀ ଜାପାନରୁ ଚାଇନା ଯାଇ ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ)ର ବାର୍ଷିକ ସମ୍ମିଳନୀରେ ସାମିଲ ହେବେ ବୋଲି କୁହାଯାଉଛି। ଲଦାଖର ଗଲୱାନ୍ ସଂଘର୍ଷ ପରେ ଏହା ମୋଦିଙ୍କ ପ୍ରଥମ ଚାଇନା ଗସ୍ତ ହେବ। ତେବେ ଏନେଇ ସରକାରୀ ସୂତ୍ରରୁ କିଛି ସ୍ପଷ୍ଟ କରାଯାଇ ନାହିଁ। ମୋଦି ଏହା ପୂର୍ବରୁ ୨୦୧୯ରେ ଚାଇନା ଗସ୍ତ କରିଥିଲେ। ସେହିପରି ୨୦୨୪ ଅକ୍ଟୋବରରେ କଜାନ୍‌ରେ ଅନୁଷ୍ଠିତ ବ୍ରିକ୍ସ ସମ୍ମିଳନୀରେ ଯୋଗଦେବା ଅବସରରେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କୁ ସାକ୍ଷାତ କରିଥିଲେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ରୁଷିଆଠାରୁ ତୈଳ ନ କିଣିବା ପାଇଁ ଚାପ ପକାଉଥିବାବେଳେ ମୋଦିଙ୍କ ଏହି ଗସ୍ତକୁ କୂଟନୈତିକ ଦୃଷ୍ଟିରୁ ତାତ୍ପର୍ଯ୍ୟପୂର୍ଣ୍ଣ ମନେକରାଯାଉଛି।

# ୬୭,୦୦୦ କୋଟିର ପ୍ରତିରକ୍ଷା ସରଞ୍ଜାମ କ୍ରୟକୁ ମଞ୍ଜୁରୀ

ନୂଆଦିଲ୍ଲୀ,୬।୮(ପି.ଟି.)

ଦୀର୍ଘ ସମୟ ପର୍ଯ୍ୟନ୍ତ ଉଡ଼ାଣ କ୍ଷମତା ଥିବା ଡ୍ରୋନ୍ ଏବଂ ମିଶାଇଲ୍ ସିଷ୍ଟମ୍ ସମେତ ୬୭,୦୦୦ କୋଟି ଟଙ୍କାର ସାମରିକ ସରଞ୍ଜାମ କ୍ରୟ ପ୍ରସ୍ତାବକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ମଙ୍ଗଳବାର ମଞ୍ଜୁରୀ ପ୍ରଦାନ କରିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଡିଫେନ୍ସ ଆକ୍ୟୁଜିଶନ କାଉନ୍‌ସିଲ୍ (ଡିଏସି) ଉକ୍ତ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରିଛି। ନୌସେନା ପାଇଁ କ୍ଷୁଦ୍ର ତଥା ସ୍ୱୟଂକ୍ରିୟ ସର୍ଫେସ୍ କ୍ରାଫ୍ଟ, ବ୍ରହ୍ମୋସ୍ ଫାୟାର କଣ୍ଟ୍ରୋଲ ସିଷ୍ଟମ୍ ଓ ଲଞ୍ଚର କିଣାଯିବା ସହ ବାରାକ୍-୧ ପଏଣ୍ଟ ଡିଫେନ୍ସ ମିଶାଇଲ୍ ସିଷ୍ଟମ୍‌ର ଉନ୍ନତୀକରଣ କରାଯିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି।

# ଧରାଳି ଗ୍ରାମରୁ ୧୯୦ ଉଦ୍ଧାର

## ଏବେ ବି ଅନେକ ନିଖୋଜ

ଉତ୍ତରକାଶୀ, ୬।୮



ଉତ୍ତରକାଶୀ ଜିଲାର ଧରାଳି ଗ୍ରାମରେ ଉଦ୍ଧାରକାର୍ଯ୍ୟ କରାଯାଉଛି।

ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲା ଧରାଳି ଗ୍ରାମରେ ମଙ୍ଗଳବାର ବାଦଲଫଟା ବର୍ଷା ଯୋଗୁ ହୋଇଥିବା ପ୍ରଳୟଙ୍କାରୀ ବନ୍ୟାରେ ଅନେକ ଘର ଏବଂ ହୋଟେଲ ଭାସିଯାଇଥିଲା। ଏହି ବିପର୍ଯ୍ୟୟରେ ଅନେକ ଲୋକଙ୍କର ମୃତ୍ୟୁ ଘଟିଥିବା ନେଇ ଆଶଙ୍କା କରାଯାଉଛି। ଘଟଣାସ୍ଥଳରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍), ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍), ଇଣ୍ଡୋ ଟିବେଟାନ ବର୍ଡର ପୋଲିସ (ଆଇଟିବିପି) ପକ୍ଷରୁ ଉଦ୍ଧାରକାର୍ଯ୍ୟ ଜାରି ରହିଛି। ବୁଧବାର ବନ୍ୟା ପ୍ରଭାବିତ ଧରାଳି ଗ୍ରାମରୁ ୧୯୦ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଜଣଙ୍କର ମୃତଦେହ ମିଳିଛି। ରାସ୍ତା ଏବଂ ଅନେକ ଘର ଭୁଶୁଡ଼ି ପଡ଼ିଥିବା ଯୋଗୁ ଏହା ତଳେ ଅନେକ ଲୋକ ଏବେ ମଧ୍ୟ ଫସି ରହିଥିବାର ଆଶଙ୍କା କରାଯାଉଛି। ତେବେ ଖରାପ ପାଗ ଯୋଗୁ ଉଦ୍ଧାର କାର୍ଯ୍ୟ ବାରମ୍ବାର ବାଧାପ୍ରାପ୍ତ ହେଉଥିବା ନେଇ ସ୍ଥାନୀୟ ଅଧିକାରୀ କହିଛନ୍ତି। ଲଗାତର ଭୂସ୍ଖଳନ ଯୋଗୁ ଋଷିକେଶ-ଉତ୍ତରକାଶୀ ରାଜପଥ ଅବରୋଧ ହୋଇରହିଛି। ଗଙ୍ଗୋତ୍ରୀ ଧାମରେ ଫସିରହିଥିବା ପର୍ଯ୍ୟଟକମାନଙ୍କୁ ନେଲଙ୍ଗ ଉପତ୍ୟକା ଦେଇ ସ୍ଥାନାନ୍ତର କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ସେମାନଙ୍କୁ ଖୁବ୍‌ଶୀଘ୍ର ଉଦ୍ଧାର କରାଯିବ ବୋଲି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି କହିଛନ୍ତି। ଉତ୍ତରାଖଣ୍ଡକୁ ଭ୍ରମଣ ପାଇଁ ଆସିଥିବା କେରଳର ଏକ ୨୮ ଜଣିଆ ପର୍ଯ୍ୟଟକ ଦଳ ନିଖୋଜ ରହିଛନ୍ତି। ଶେଷଥର ପାଇଁ ଉତ୍ତରକାଶୀ ଜିଲାରେ ଥିବା ସମୟରେ ସେମାନଙ୍କ ସହ ସମ୍ପର୍କ ହୋଇଥିଲା ବୋଲି ସେମାନଙ୍କ ସମ୍ପର୍କୀୟଙ୍କ ପକ୍ଷରୁ କୁହାଯାଇଛି।

# ଇସିଙ୍କୁ ବିବରଣୀ ମାଗିଲେ ସୁପ୍ରିମକୋର୍ଟ

## ବିହାର ଏସ୍‌ଆଇଆର୍: ଚିଠା ଭୋଟର ତାଲିକାରୁ ବାଦ୍ ପଡ଼ିଛନ୍ତି ୬୫ ଲକ୍ଷ ମତଦାତା

ନୂଆଦିଲ୍ଲୀ,୬।୮



ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନ (ଇସି) ଚଳାଇଥିବା ସ୍ପେଶିଆଲ ଇଣ୍ଟେନ୍‌ସିଭ୍ ରିଭିଜନ୍ (ଏସ୍‌ଆଇଆର୍) ଯୋଗୁ ଭୋଟର ଚିଠା ତାଲିକାରୁ ୬୫ ଲକ୍ଷ ମତଦାତା ବାଦ୍ ପଡ଼ିଛନ୍ତି। ସୁପ୍ରିମକୋର୍ଟ ବୁଧବାର ସେମାନଙ୍କ ବିବରଣୀ ଆସନ୍ତା ୯ ତାରିଖ ସୁଦ୍ଧା ଦାଖଲ ପାଇଁ ଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଉଜ୍ଜ୍ୱଳ ଭୂୟାଁ ଏବଂ ଏନ୍. କୋଟିଶ୍ୱର ସିଂଙ୍କୁ ନେଇ ଗଠିତ ଖଣ୍ଡପୀଠ ଇସିଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓକିଲଙ୍କୁ କହିଛନ୍ତି, ଡିଲିଟ୍ ହୋଇଥିବା ଭୋଟରଙ୍କ ବିବରଣୀ, ରାଜନୈତିକ ଦଳଗୁଡ଼ିକୁ ପ୍ରଦାନ କରାଯାଇଥିବା ତଥ୍ୟ ଦାଖଲ କରନ୍ତୁ। ଏଥିସହ ନିର୍ବାଚନୀ ସଂସ୍କାର କ୍ଷେତ୍ରରେ କାର୍ଯ୍ୟରତ ଏନ୍‌ଜିଓ ତଥା ମୁଖ୍ୟ ଆବେଦନକାରୀ ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍)କୁ ମଧ୍ୟ ଏହାର ଏକକିତା ନକଲ ପ୍ରଦାନ କରିବାକୁ ଇସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଡିଆର୍ ନିର୍ବାଚନ କମିଶନଙ୍କ ଜୁନ୍ ୨୪ର ଏସ୍‌ଆଇଆର୍ ଅର୍ଡରକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ପରବର୍ତ୍ତୀ ସମୟରେ ଇସିଙ୍କୁ ୬୫ ଲକ୍ଷ ଭୋଟରଙ୍କ ନାମ ପ୍ରକାଶ ପାଇଁ ନିର୍ଦ୍ଦେଶ ଦେବାକୁ ସାନି ଆବେଦନ କରିଥିଲା। ଚିଠା ଭୋଟର ତାଲିକାରୁ ଏହି ମତଦାତାମାନେ ବାଦ୍ ପଡ଼ିବା ପଛର କାରଣ କ'ଣ ? ସେମାନେ ମୃତ, ସ୍ଥାୟୀ ଭାବେ ଅନ୍ୟତ୍ର ପଳାୟନ କରିଛନ୍ତି ନା ଏହା ପଛରେ ଆଉ କିଛି କାରଣ ରହିଛି ବୋଲି ଏଡିଆର୍ ଜାଣିବାକୁ ଚାହିଁଥିଲା। ଏଡିଆର୍ ପକ୍ଷରୁ ମାମଲା ଲଢ଼ୁଥିବା ଆଇନଜୀବୀ ପ୍ରଶାନ୍ତ ଭୂଷଣଙ୍କୁ ଖଣ୍ଡପୀଠ କହିଥିଲେ, ଡିଲିଟ୍‌ର କାରଣ ପରବର୍ତ୍ତୀ ସମୟରେ ସାମ୍ନାକୁ ଆସିବ। ବର୍ତ୍ତମାନ ଏହା କେବଳ ଏକ ଚିଠା ତାଲିକା। ତେବେ କେତେକ ରାଜନୈତିକ ଦଳକୁ ବାଦ୍ ପଡ଼ିଥିବା ଭୋଟରଙ୍କ ତାଲିକା ପ୍ରଦାନ କରାଯାଇଛି ଏବଂ ସେହି ମତଦାତାମାନେ ମୃତ ନା ଜୀବିତ ତାହା ସେଥିରେ ଉଲ୍ଲେଖ କରାଯାଇ ନାହିଁ ବୋଲି ପ୍ରଶାନ୍ତ ଭୂଷଣ ଖଣ୍ଡପୀଠଙ୍କୁ ଅବଗତ କରାଇଥିଲେ। ଖଣ୍ଡପୀଠ ଇସିଙ୍କ ଓକିଲଙ୍କୁ କହିଥିଲେ, ପ୍ରଭାବିତ ହେଉଥିବା ପ୍ରତ୍ୟେକ ଭୋଟରଙ୍କ ବିଷୟରେ ଆମେ ଅନୁଧ୍ୟାନ କରିବୁ। ନିର୍ବାଚନ କମିଶନ ଶନିବାର ସୁଦ୍ଧା ଏହା ଉପରେ ଜବାବ ଦାଖଲ କରନ୍ତୁ। ପ୍ରଶାନ୍ତ ଭୂଷଣ ଏହାକୁ ଦେଖନ୍ତୁ। ତା'ପରେ ଆମେ ଏହାକୁ ଦେଖିବୁ।

# ଶ୍ୱଶୁରଘର ନିର୍ଯାତନାରୁ ମହିଳାଙ୍କ ଆତ୍ମହତ୍ୟା

ଲକ୍ଷ୍ନୌ, ୬।୮



ମଧୁ ସିଂ

ଉତ୍ତରପ୍ରଦେଶର ଲକ୍ଷ୍ନୌରେ ଜଣେ ୩୨ ବର୍ଷୀୟା ମହିଳା ମଧୁ ସିଂ ଶ୍ୱଶୁର ଘର ଲୋକଙ୍କ ନିର୍ଯାତନାରେ ଅତିଷ୍ଠ ହୋଇ ରଶିରେ ଝୁଲି ଆତ୍ମହତ୍ୟା କରିଛନ୍ତି। ଲକ୍ଷ୍ନୌସ୍ଥିତ ଶ୍ୱଶୁର ଘରୁ ରଶିରେ ଝୁଲୁଥିବା ଅବସ୍ଥାରେ ତାଙ୍କ ମୃତଦେହକୁ ଜବତ କରାଯାଇଛି। ମଧୁ ଗତ ଫେବୃଆରୀ ୨୫ରେ ମର୍ଚ୍ଚାଣ୍ଟ ନାଭି ଅଧିକାରୀ ଅନୁରାଗ ସିଂଙ୍କୁ ବିବାହ କରିଥିଲେ। ସ୍ୱାମୀ ଅନୁରାଗ ଏବଂ ଶ୍ୱଶୁର ଘର ଲୋକ ଯୌତୁକରେ ୧୫ ଲକ୍ଷ ଟଙ୍କା ଦାବିକରି ମଧୁଙ୍କୁ ବାରମ୍ବାର ନିର୍ଯାତନା ଦେଉଥିଲେ ଏବଂ ତାଙ୍କ ମାଡ଼ ମାରୁଥିଲେ ବୋଲି ମଧୁଙ୍କ ବାପା ଫତେହ ବାହାଦୁର ସିଂ କହିଛନ୍ତି। ଅନୁରାଗ ମଧୁଙ୍କୁ ହତ୍ୟା କରିଥିବା ନେଇ ସେ ଅଭିଯୋଗ କରିଛନ୍ତି। ତେବେ ରଶିରେ ଝୁଲି ମଧୁଙ୍କ ମୃତ୍ୟୁ ଘଟିଥିବା ନେଇ ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଛି। ଅଭିଯୋଗ ଆଧାରରେ ପୋଲିସ ଅନୁରାଗଙ୍କୁ ଗିରଫ କରି ପଚରାଉଚରା ଜାରି ରଖିଛି। ବିବାହ ପରେ ମଧୁ ଗର୍ଭବତୀ ହୋଇଥିଲେ ମଧ୍ୟ ଗର୍ଭପାତ କରିବାକୁ ତାଙ୍କୁ ବାଧ୍ୟ କରାଯାଇଥିଲା ବୋଲି ବାହାଦୁର କହିଛନ୍ତି। ସେହିପରି ବିବାହ ପରେ ମଧ୍ୟ ଅନୁରାଗ ଅନ୍ୟ ଜଣେ ମହିଳାଙ୍କ ସହ ସମ୍ପର୍କରେ ଥିଲେ। ନିକଟରେ ସେ ନିଜ ପୂର୍ବତନ ପ୍ରେମିକାଙ୍କ ସହ ଏକ ହୋଟେଲରେ ରାତି ବିତାଇଥିଲେ ବୋଲି ବାହାଦୁର ଅଭିଯୋଗ କରିଛନ୍ତି।

# ଟ୍ରାଫିକ୍ ପୋଲିସ କର୍ମଚାରୀଙ୍କୁ ଚାପୁଡ଼ା: ୯ ବର୍ଷ ପରେ ଦିନକ ପାଇଁ ଜେଲ

ଠାଣେ, ୬।୮

ମହାରାଷ୍ଟ୍ରର ଠାଣେରେ ଜଣେ ଟ୍ରାଫିକ ପୋଲିସକୁ ଚାପୁଡ଼ା ମାରିବାର ୯ ବର୍ଷ ପରେ ରମେଶ ଶିତ୍‌କର (୫୨) ନାମକ ଜଣେ ବ୍ୟକ୍ତିଙ୍କୁ ଠାଣେ ସେସନ୍ କୋର୍ଟ ଦୋଷୀ ସାବ୍ୟସ୍ତ କରି ତାଙ୍କୁ ଦିନକ ପାଇଁ ଜେଲ ଦଣ୍ଡାଦେଶ ଦେଇଛନ୍ତି। କୋର୍ଟ ତାଙ୍କ ଉପରେ ୧୦ ହଜାର ଟଙ୍କାର ଜରିମାନା ମଧ୍ୟ ଲଗାଇଛନ୍ତି।

୨୦୧୬ ନଭେମ୍ବର ୧୮ରେ ଠାଣେସ୍ଥିତ କ୍ୟାଡ୍‌ବରୀ ସିଗ୍‌ନାଲରେ ରମେଶ ଟ୍ରାଫିକ ପୋଲିସ କନ୍‌ଷ୍ଟେବଲ ଦିଲୀପ ପାୱାରଙ୍କୁ ଚାପୁଡ଼ା ମାରିଥିଲେ। କ୍ୟାଡ୍‌ବରୀ ସିଗ୍‌ନାଲ ନିକଟରେ ରମେଶ ଦ୍ରୁତ ଗତିରେ କାର୍ ଚଳାଉଥିବା ବେଳେ ସେଠାରେ ଟ୍ରାଫିକ ପୋଲିସ ଭାବେ ନିୟୋଜିତ ଥିବା ଦିଲୀପ ତାଙ୍କୁ ଅଟକାଇଥିଲେ। ଫଳରେ ରମେଶ ଉତ୍କ୍ଷିପ୍ତ ହୋଇ କାର୍‌ରୁ ଓହ୍ଲାଇଥିଲେ ଏବଂ ଦିଲୀପଙ୍କୁ ଗାଳିଗୁଲଜ କରି ତାଙ୍କୁ ଅନେକବାର ଚାପୁଡ଼ା ମାରିଥିଲେ। ଘଟଣାକୁ ନେଇ ଦିଲୀପଙ୍କ ଅଭିଯୋଗ ଆଧାରରେ ସ୍ଥାନୀୟ ରାବୋଡ଼ି ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା। ଭାରତୀୟ ଦଣ୍ଡ ସଂହିତା (ଆଇପିସି)ର ଧାରା ୩୫୩ ଏବଂ ୩୩୨ ଅନୁଯାୟୀ, ଜଣେ ସରକାରୀ କର୍ମଚାରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ରମେଶଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ତେବେ ରମେଶଙ୍କ ବିରୋଧରେ ଆଇପିସିର ଧାରା ୫୦୪ ଅନୁଯାୟୀ, ଶାନ୍ତି ଭଙ୍ଗ କରିବା ଉଦ୍ଦେଶ୍ୟରେ ଜାଣିଶୁଣି ପୋଲିସକୁ ଅପମାନ କରିଥିବାର ଅଭିଯୋଗ ପ୍ରମାଣିତ ହୋଇ ନ ଥିଲା। ଗତ ଜୁଲାଇ ୩୧ରେ ଠାଣେ ସେସନ୍ କୋର୍ଟ ରମେଶଙ୍କୁ ଦୋଷୀ ସାବ୍ୟସ୍ତ କରି ତାଙ୍କୁ ଦିନକ ପାଇଁ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଦଣ୍ଡାଦେଶ ଦେବା ସମୟରେ ଅତିରିକ୍ତ ସେସନ୍ କୋର୍ଟ ବିଚାରପତି ଜି.ଟି. ପାୱାର କହିଛନ୍ତି, ଅଭିଯୁକ୍ତ ରମେଶଙ୍କ ଆଚରଣ, ତାଙ୍କର ଥିବା ସ୍ୱାସ୍ଥ୍ୟ ସମସ୍ୟା ଏବଂ ପାରିବାରିକ ଦାୟିତ୍ୱକୁ ଦୃଷ୍ଟିରେ ରଖି କୋର୍ଟ ଏହି ଦଣ୍ଡାଦେଶକୁ କୋହଳ କରିଛନ୍ତି। ଠାଣେ ସେସନ୍ କୋର୍ଟଙ୍କ ଉକ୍ତ ଦଣ୍ଡାଦେଶର କପି ବୁଧବାର ଉପଲବ୍ଧ ହୋଇଛି।

# ଶାହାଙ୍କ ବିରୋଧରେ ଟିପ୍ପଣୀ: ରାହୁଲଙ୍କୁ ଜାମିନ

ଚାଇବାସା, ୬।୮

ଏକ ମାନହାନି ମାମଲାରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଝାଡ଼ଖଣ୍ଡର ଚାଇବାସାସ୍ଥିତ ଏମ୍‌ପି-ଏମ୍‌ଏଲ୍‌ଏ କୋର୍ଟ ଜାମିନ ପ୍ରଦାନ କରିଛନ୍ତି। ୨୦୧୮ ମାର୍ଚ୍ଚ ୧୮ରେ କଂଗ୍ରେସ ଅଧିବେଶନରେ ରାହୁଲ ତତ୍କାଳୀନ ଭାଜପା ରାଷ୍ଟ୍ରୀୟ ସଭାପତି ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ବିରୋଧରେ ଅପମାନଜନକ ଟିପ୍ପଣୀ ଦେଇଥିବା ଅଭିଯୋଗକରି ସ୍ଥାନୀୟ ଭାଜପା ନେତା ପ୍ରତାପ କଟିହାର ରାହୁଲଙ୍କ ବିରୋଧରେ ଏକ ମାନହାନି ମାମଲା ଦାଏର କରିଥିଲେ। ବୁଧବାର ମାମଲାର ଶୁଣାଣି ପାଇଁ ରାହୁଲ ଚାଇବାସାସ୍ଥିତ ଏମ୍‌ପି-ଏମ୍‌ଏଲ୍‌ଏ କୋର୍ଟରେ ହାଜର ହୋଇଥିଲେ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ପରୀକ୍ଷା ପେ ଚର୍ଚ୍ଚା'କୁ ମାସକ ମଧ୍ୟରେ ନାଗରିକ ସହଭାଗିତାର ସର୍ବବୃହତ୍ (୩.୫୩ କୋଟି) ପଞ୍ଜୀକରଣ ମଞ୍ଚର ମାନ୍ୟତା ମିଳିଛି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଧର୍ମେନ୍ଦ୍ର ପ୍ରଧାନ ଓ ଜିତିନ୍ ପ୍ରସାଦ ଗିନିଜ୍ ୱାର୍ଲ୍ଡ ରେକର୍ଡ ସାର୍ଟିଫିକେଟ୍ ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରୁଛନ୍ତି।

# ସଙ୍ଗମରେ ସିଡ୍‌ନୀ ସ୍ୱିନିଙ୍କ ଡିଜିଟାଲ ସ୍ନାନ

ପ୍ରୟାଗରାଜ

ଆମେରିକୀୟ ଅଭିନେତ୍ରୀ ସିଡ୍‌ନୀ ସ୍ୱିନି ସମ୍ପ୍ରତି ଭାରତରେ ଚର୍ଚ୍ଚାରେ ରହିଛନ୍ତି। ଦୀପକ ଗୋୟଲ ନାମକ ଉତ୍ତରପ୍ରଦେଶର ଜଣେ ଯୁବକ ନିକଟରେ ପ୍ରୟାଗରାଜର ସଙ୍ଗମ ଜଳରେ ସିଡ୍‌ନୀଙ୍କ ଫଟୋକୁ ବୁଡ଼ାଇ ତାଙ୍କୁ ଡିଜିଟାଲ ସ୍ନାନ କରାଉଥିବାର ଦେଖିବାକୁ ମିଳିଛି। ଏବେ ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସିଡ୍‌ନୀଙ୍କ ଫଟୋକୁ ସଙ୍ଗମ ଜଳରେ ବୁଡ଼ାଇବା ପୂର୍ବରୁ ଗୋୟଲ କ୍ୟାମେରାକୁ ଦେଖି କହୁଛନ୍ତି, ସିଡ୍‌ନୀ କିଏ, ତାହା କାହାରିକୁ ଅଛପା ନାହିଁ। ସେ ହେଉଛନ୍ତି ଲୋକପ୍ରିୟ ଆମେରିକୀୟ ଅଭିନେତ୍ରୀ। ସଙ୍ଗମର ପବିତ୍ର ଜଳରେ ମୁଁ ତାଙ୍କର ଡିଜିଟାଲ ସ୍ନାନ କରାଇବାକୁ ଯାଉଛି। ଏହାସହ ସେ ସିଡ୍‌ନୀଙ୍କ ଫଟୋକୁ ସଙ୍ଗମ ଜଳରେ ୨ଥର ବୁଡ଼ାଇ ଦେଉଥିବା ଉକ୍ତ ଭିଡିଓରେ ଦେଖିବାକୁ ମିଳିଛି। ଏହି ଭିଡିଓକୁ ଦୀପକ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିଛନ୍ତି।





## ଫୁରସତ୍

# ୧୪ରୁ 'ଅନ୍ଧେରା'

ମୁମ୍ବାଇ



ସୁରଭିନ୍ ଚାୱଲା

ସମ୍ପ୍ରତି ଲୋକଙ୍କ ମଧ୍ୟରେ ହରର୍ ଏବଂ ସୁପର ନାଚୁରାଲ ସିରିଜ୍‌ର କ୍ରେଜ୍ ବୃଦ୍ଧି ପାଇବାରେ ଲାଗିଛି। ଦର୍ଶକ ରୋମାଣ୍ଟିକ୍ ମୁଭି କିମ୍ବା ସିରିଜ୍ ଅପେକ୍ଷା ହରର୍ ସିରିଜ୍‌ଗୁଡ଼ିକୁ ବେଶି ପସନ୍ଦ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଅଭିନେତା ତଥା ଫିଲ୍ମ ନିର୍ମାତା ଫର୍‌ହାନ ଅଖ୍‌ତରଙ୍କ ଏକ ହରର୍ ୱେବ୍‌ସିରିଜ୍ ଖୁବ୍‌ଶୀଘ୍ର ଦର୍ଶକଙ୍କ ପାଇଁ ଉପଲବ୍ଧ ହେବାକୁ ଯାଉଛି।

ଫର୍‌ହାନଙ୍କ ଏହି ସିରିଜ୍‌ର ଟାଇଟଲ 'ଅନ୍ଧେରା' ରଖାଯାଇଛି। ଏହି ଇନ୍‌ଭେଷ୍ଟିଗେଟିଭ୍ ଡ୍ରାମା ଏବଂ ସୁପର ନାଚୁରାଲ ୱେବ୍‌ସିରିଜ୍ ଆସନ୍ତା ୧୪ ତାରିଖରୁ ଓଟିଟି ପ୍ଲାଟ୍‌ଫର୍ମ ପ୍ରାଇମ୍ ଭିଡିଓରେ ଷ୍ଟ୍ରିମିଂ ହେବ। ଏଥିରେ ଅଭିନେତ୍ରୀ ସୁରଭିନ୍ ଚାୱଲା, ପ୍ରିୟା ବାପଟ୍, କରନ୍‌ବୀର ମାଲ୍‌ହୋତ୍ରା, ପ୍ରାଜକ୍ତା କୋଲି ପ୍ରମୁଖ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ଏନେଇ ପ୍ରାଇମ୍ ଭିଡିଓ ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ କରାଯାଇ ସୂଚନା ଦିଆଯାଇଛି। ପ୍ରାଇମ୍ ଭିଡିଓ ପକ୍ଷରୁ କ୍ୟାପ୍‌ଶନ୍‌ରେ ଲେଖାଯାଇଛି, ପ୍ରସ୍ତୁତ ହୋଇଯାଆନ୍ତୁ। ଏହି ଅନ୍ଧାର କେବଳ ଭୟଭୀତ କରେନାହିଁ ବରଂ ଶିକାର ମଧ୍ୟ କରିଥାଏ। ଏହାସହ ପ୍ରାଇମ୍ ଭିଡିଓ ପକ୍ଷରୁ 'ଅନ୍ଧେରା' ୱେବ୍‌ସିରିଜ୍‌ର ଏକ ପୋଷ୍ଟରକୁ ମଧ୍ୟ ଜାରି କରାଯାଇଛି। ଉକ୍ତ ପୋଷ୍ଟରକୁ ଦେଖି ଦର୍ଶକଙ୍କ ମଧ୍ୟରେ 'ଅନ୍ଧେରା' ସିରିଜ୍ ପାଇଁ ଉତ୍ସାହ ବଢ଼ିଛି। ଉକ୍ତ ସିରିଜ୍‌ରେ ସମୁଦାୟ ୮ଟି ଏପିସୋଡ୍ ରହିଛି।

# ଭୋଜପୁରୀ ଶିଖୁଛନ୍ତି କୋରୀୟ ପିଲା

ସିଓଲ

ଭାରତର ବିହାର ଏବଂ ଉତ୍ତରପ୍ରଦେଶରେ ପ୍ରଚଳିତ ଭୋଜପୁରୀ ଭାଷାକୁ ଦକ୍ଷିଣ କୋରିଆର କିଛି ପିଲା ଶିଖୁଥିବାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଦକ୍ଷିଣ କୋରୀୟ କଣ୍ଟେଣ୍ଟ କ୍ରିଏଟର ୟେଚାନ ସି. ଲି. ଏହାର ଏକ ଭିଡିଓକୁ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଭିଡିଓରେ କେତେଜଣ କୋରୀୟ ପିଲାଙ୍କୁ ୟେଚାନ ଭୋଜପୁରୀ ଭାଷା ଶିଖାଉଛନ୍ତି। ଭିଡିଓରେ ସେ ପିଲାଙ୍କୁ କହୁଛନ୍ତି, ଯେତେବେଳେ ଆମେ ପ୍ରଥମଥର କାହାରିକୁ ଭେଟିଥାଉ ତେବେ ଇଂଲିଶରେ 'ହାଲୋ' କହୁ। ଏହାକୁ ଭୋଜପୁରୀରେ 'କା ହୋ' କୁହାଯାଇଥାଏ। ଏହାପରେ ୟେଚାନଙ୍କ ସହ ପିଲାମାନେ 'କା ହୋ' ବାକ୍ୟକୁ ଦୋହରାଉଥିବାର ଦେଖିବାକୁ ମିଳିଛି। ସେହିପରି ଇଂଲିଶରେ 'ହାଓ ଆର୍ ୟୁ'କୁ ଭୋଜପୁରୀରେ 'କା ହାଲ୍ ବା' କୁହାଯାଇଥାଏ ବୋଲି ସେ ପିଲାଙ୍କୁ ଶିଖାଉଛନ୍ତି। ଭିଡିଓର କ୍ୟାପ୍‌ଶନ୍‌ରେ ୟେଚାନ ଲେଖିଛନ୍ତି, କୋରୀୟ ପିଲାଙ୍କୁ ଭୋଜପୁରୀ ଶିଖାଇବାର ସୁଯୋଗ ମିଳିଥିଲା। ଜଣେ ୟୁଟ୍ୟୁବର ଭାବେ ଏହା ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ଏବଂ ମଜାଦାର ଅଭିଜ୍ଞତା।



# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୭/୨୦୨୫ | Bhubaneswar, Thursday, August 7/2025 | ପୃଷ୍ଠା-୧




**ଭଲ ପ୍ରଦର୍ଶନ ଲକ୍ଷ୍ୟରେ ଶ୍ରାବଣୀ**

କଳିଙ୍ଗ ଷ୍ଟାଡିୟମରେ ଅଗଷ୍ଟ ୧୦ରେ ହେବାକୁଥିବା ୱାର୍ଲ୍ଡ କଣ୍ଟିନେଣ୍ଟାଲ ୱାର୍ଲ୍ଡ ଟୁର୍‌ରେ ଭଲ ପ୍ରଦର୍ଶନ ପାଇଁ ଆଥଲେଟ୍ ଶ୍ରାବଣୀ ନନ୍ଦ ଆଶାବାଦୀ।

୧୨

୧୧

**ଚିନ୍ତା କରୁଛନ୍ତି ପ୍ରିୟଙ୍କା**

ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା କିଛି ବର୍ଷ ହେବ ବଲିଉଡ ଠାରୁ ପ୍ରାୟ ଦୂରେଇ ଯାଇଛନ୍ତି। ଏବେ ତାଙ୍କର କାଁଭାଁ ଫିଲ୍ମ ଆସୁଥିବାରୁ ତାହାକୁ ନେଇ ସେ ଚିନ୍ତା ପ୍ରକଟ କରୁଛନ୍ତି।





ଅନୁଗୋଳ ସହର ୮ନଂ. ୱାର୍ଡ ହୁଲୁରସିଂହା ପ୍ରାଇମେରି ସ୍କୁଲ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ହାତୀପଲ ରାସ୍ତା ପାର ହେଉଛନ୍ତି। (ଫଟୋ: ବୁବୁ)

# ଟ୍ରମ୍ପ୍ ଟାରିଫ୍: ଭାରତ ଉପରେ ଆଉ ୨୫%

ୱାଶିଂଟନ୍/ନୂଆଦିଲ୍ଲୀ,୬।୮



ଡୋନାଲ୍ଡ ଟ୍ରମ୍ପ୍


ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତୀୟ ସାମଗ୍ରୀଗୁଡ଼ିକ ଉପରେ ପୂର୍ବରୁ ୨୫% ଆମଦାନୀ ଶୁଳ୍କ ଘୋଷଣା କରିଥିବାବେଳେ ବୁଧବାର ଅତିରିକ୍ତ ୨୫% ଟାରିଫ୍ କଷିଛନ୍ତି। ନୂଆ ଏକ୍‌ଜିକ୍ୟୁଟିଭ୍ ଅର୍ଡର ଅନୁସାରେ ଭାରତରୁ ଆମେରିକାକୁ ଆମଦାନୀ ହେବାକୁ ଥିବା ସାମଗ୍ରୀ ଉପରେ ମୋଟ ୫୦% ଟାରିଫ୍ ଲାଗିବ। ଅଗଷ୍ଟ ୭ରୁ ୨୫% ଟାରିଫ୍ ଲାଗିବାକୁ ଥିବାବେଳେ ଏହାର ୨୧ ଦିନ ପରେ ୫୦% ଟାରିଫ୍ କାର୍ଯ୍ୟକାରୀ ହେବ ବୋଲି ଜଣାପଡ଼ିଛି। ଭାରତ ରୁଷିଆଠାରୁ ତୈଳ କିଣିବା ଜାରି ରଖିଥିବାରୁ ଏପରି ଟାରିଫ୍ କଷାଯାଇଛି ବୋଲି ଟ୍ରମ୍ପ୍ ଦର୍ଶାଇଛନ୍ତି।

ପୂର୍ବ ଟାରିଫ୍ ଘୋଷଣାର କିଛି ଘଣ୍ଟା ପରେ ଟ୍ରମ୍ପ୍ ନୂଆ ଏକ୍‌ଜିକ୍ୟୁଟିଭ୍ ଅର୍ଡର ୧୪୦୬୬ରେ ସ୍ୱାକ୍ଷର କରିଛନ୍ତି। ୟୁକ୍ରେନ୍‌ରେ ରୁଷିଆର ଯୁଦ୍ଧ ଯୋଗୁ ଏକ ଜାତୀୟ ଜରୁରିକାଳୀନ ପରିସ୍ଥିତି ସୃଷ୍ଟି ହୋଇଥିବା ଏଥିରେ ଘୋଷଣା କରାଯାଇଛି। ଉକ୍ତ ଅର୍ଡରରେ ଟ୍ରମ୍ପ୍ ଉଲ୍ଲେଖ କରିଛନ୍ତି, ଭାରତ ସରକାର ବର୍ତ୍ତମାନ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ରୁଷୀୟ ସଂଘଠାରୁ ତୈଳ କିଣୁଛି। ଚାଲିଥିବା ଜାତୀୟ ଏମର୍ଜେନ୍ସିର ମୁକାବିଲା ପାଇଁ ଏହି ଟାରିଫ୍ ଆବଶ୍ୟକ ଓ ଉପଯୁକ୍ତ ବୋଲି ଟ୍ରମ୍ପ୍ ଦର୍ଶାଇଛନ୍ତି। ଏଥିଯୋଗୁ ଏକ ସୀମିତ ବ୍ୟତିକ୍ରମ ତାଲିକା ବ୍ୟତୀତ ଅଧିକାଂଶ ଭାରତୀୟ ସାମଗ୍ରୀକୁ ଆମେରିକାକୁ ପ୍ରବେଶ କରିବା ପୂର୍ବରୁ ମୋଟ ୫୦% ଟାରିଫ୍‌ର ସମ୍ମୁଖୀନ ହେବାକୁ ପଡ଼ିବ। ଏହା ପୂର୍ବରୁ ଟ୍ରମ୍ପ୍ ରୁଷିଆରୁ ଭାରତ ବିପୁଳ ପରିମାଣର ତୈଳ କିଣିବା ସହ ତାକୁ ବିକି ବଡ଼ ଲାଭ ପାଉଥିବା ଦର୍ଶାଇ ନୂଆଦିଲ୍ଲୀ ଉପରେ କଡ଼ା ଟାରିଫ୍ କଷିବା ନେଇ ଘୋଷଣା କରିଥିଲେ। ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ପଦକ୍ଷେପକୁ ସୋମବାର ଭାରତ ଅଯୌକ୍ତିକ ଓ ଅଯଥାର୍ଥ ଦର୍ଶାଇଥିଲା। ଆମେରିକା ଓ ୟୁରୋପୀୟ ସଂଘ (ଇୟୁ) ରୁଷିଆ ସହ ସମ୍ପର୍କ ଜାରି ରଖିଥିବାବେଳେ ଭାରତ ବିରୋଧୀ ପଦକ୍ଷେପକୁ ଦୋମୁହାଁ ନୀତି ବୋଲି କହିଥିଲା।

# ସାତକୋଶିଆରେ ବେଆଇନ ନିର୍ମାଣର ତଦନ୍ତ ନିର୍ଦ୍ଦେଶ

### ରାଜ୍ୟ, କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟ ନୋଟିସ



ନୂଆଦିଲ୍ଲୀ,୬।୮

ଓଡ଼ିଶାର ସାତକୋଶିଆ ବ୍ୟାଘ୍ର ଅଭୟାରଣ୍ୟରେ ବେଆଇନ ନିର୍ମାଣର ତଦନ୍ତ ପାଇଁ ବୁଧବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ନିର୍ମାଣ ଓ ପର୍ଯ୍ୟଟନ ପ୍ରକଳ୍ପ ପ୍ରତିଷ୍ଠା ସକାଶେ ପ୍ରଦାନ କରାଯାଉଥିବା ଆପତ୍ତି ବିହୀନ ପ୍ରମାଣପତ୍ର (ଏନ୍‌ଓସି)କୁ ଚ୍ୟାଲେଞ୍ଜକରି ଦାଖଲ ହୋଇଥିବା ଏକ ପିଟିଶନର ଶୁଣାଣିକରି କେନ୍ଦ୍ର ସରକାର, କେନ୍ଦ୍ରୀୟ କ୍ଷମତାପ୍ରାପ୍ତ କମିଟି (ସିଇସି), ରାଜ୍ୟ ସରକାର ଓ ଅନ୍ୟ କର୍ତ୍ତୃପକ୍ଷମାନଙ୍କୁ ସର୍ବୋଚ୍ଚ ଅଦାଲତ ନୋଟିସ ଜାରି କରିଛନ୍ତି।

ଅନୁଗୋଳ ଓ ନୟାଗଡ଼ ଜିଲାରେ ସାତକୋଶିଆ ଅଭୟାରଣ୍ୟ ଅବସ୍ଥିତ। ମହାନଦୀର ଗୋଟିଏ ପାର୍ଶ୍ୱରେ ସାତକୋଶିଆ ଗଣ୍ଡ ଅଭୟାରଣ୍ୟ ରହିଥିବାବେଳେ ଅନ୍ୟ ପାର୍ଶ୍ୱରେ ବୈସିପଲ୍ଲୀ ବନ୍ୟପ୍ରାଣୀ ଅଭୟାରଣ୍ୟ ରହିଛି। ୧,୧୩୬.୭୦ ବର୍ଗ କି.ମି. ଅଞ୍ଚଳରେ ବିସ୍ତୃତ ଏହି ଅଭୟାରଣ୍ୟ ୧୯୭୬ରେ ପ୍ରତିଷ୍ଠା କରାଯାଇଥିଲା। ୧୯୯୦ରେ ଏହାକୁ ବ୍ୟାଘ୍ର ଅଭୟରାଣ୍ୟର ମାନ୍ୟତା ମିଳିଥିଲା। ଏହି ଜଙ୍ଗଲରେ ଏସୀୟ ହାତୀ, ଘଡ଼ିଆଳ ଓ ମଗର କୁମ୍ଭୀର ଆଦି ଅନେକ ବିଲୁପ୍ତପ୍ରାୟ ପ୍ରାଣୀ ବସବାସ କରନ୍ତି। ତେବେ ବିଭିନ୍ନ ପ୍ରଜାତିର ଜଳଜୀବ ଓ ଜୈବବିବିଧତା ପରିପୂର୍ଣ୍ଣ ଏହି ଅଞ୍ଚଳରେ ଇତିମଧ୍ୟରେ ଅନେକ ବେଆଇନ ☞ପୃଷ୍ଠା-୨

# ଜଳିଗଲେ ଛାତ୍ରୀ

**ପୀଡ଼ିତାଙ୍କ ବାପାଙ୍କ ଅଭିଯୋଗ**

- ଜଣେ ଯୁବକଙ୍କ ବ୍ଲାକମେଲିଂ ଅସହ୍ୟ ହେବାରୁ ଝିଅ ଜୀବନ ଗଲା
- ଥାନାରେ ଅଭିଯୋଗ କରିଥିଲେ ବି ପୋଲିସ ଚୁପ୍ ବସିଥିଲା

**ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ନିଆଁରେ ପୋଡ଼ି ହୋଇ ଆତ୍ମହତ୍ୟା କରିବା ଓ ବଳଙ୍ଗା ଛାତ୍ରୀ ପୋଡ଼ି ମରିବା ଘଟଣା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ବୁଧବାର କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇରେ ପୁଣି ସେପରି ଘଟଣା ଘଟିଛି। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ବଡ଼ପଡ଼ା ପଞ୍ଚାୟତ କାଠିଆପଡା ଗ୍ରାମର ଜଣେ ଯୁକ୍ତ୩ ଶେଷବର୍ଷର ଛାତ୍ରୀ ନିଜ ଘରେ ପୋଡ଼ି ହୋଇ ପ୍ରାଣ ହରାଇଛନ୍ତି। ତେବେ ସେ ଆତ୍ମାହୁତି କରିଛନ୍ତି, ନା ତାଙ୍କୁ କେହି ଜାଳିଦେଇଛି ତାହା ସ୍ପଷ୍ଟ ହୋଇପାରିନାହିଁ। ମୃତା ଛାତ୍ରୀ ହେଲେ ସଙ୍ଗୀତା ପରିଡ଼ା(୨୦)। ଅଶୋକ ନାମକ ଜଣେ ଯୁବକ ତାଙ୍କୁ ବାରମ୍ବାର ବ୍ଲାକ୍‌ମେଲିଂ କରିବା ସହିତ ମାନସିକ ନିର୍ଯାତନା ଦେଉଥିବାରୁ ସେ ଆତ୍ମାହୁତି ଦେଇଥିବା ତାଙ୍କ ବାପା ଶଶିକାନ୍ତ ପରିଡ଼ା ଅଭିଯୋଗ କରିଛନ୍ତି। ଏପରି କି ବ୍ଲାକ୍‌ମେଲିଂ ସଂକ୍ରାନ୍ତରେ ସଙ୍ଗୀତା ଗତ ୬ ମାସ ତଳେ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଇ ନ ଥିବାରୁ ସଙ୍ଗୀତା ସେହିଦିନଠାରୁ ଚିନ୍ତାଗ୍ରସ୍ତ ଥିଲେ। ଶେଷରେ ସେ ଅନ୍ୟ କୌଣସି ଉପାୟ ନ ପାଇ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି ବୋଲି ତାଙ୍କ ବାପା କହିଛନ୍ତି।**



ସଙ୍ଗୀତା ପରିଡ଼ା

ପଟ୍ଟାମୁଣ୍ଡାଇ/ କେନ୍ଦ୍ରାପଡ଼ା, ୬।୮ (କଳ୍ପତରୁ ନାୟକ/ଜଗନ୍ନାଥ ଧଳ)

ମା'ବାପା ବୁଧବାର ଅପରାହ୍ନରେ କୌଣସି କାମରେ ପଟ୍ଟାମୁଣ୍ଡାଇ ବଜାରକୁ ଯାଇଥିବା ବେଳେ ଘରେ ଏକୁଟିଆ ଥିବା ଛାତ୍ରୀ ସଙ୍ଗୀତା ଜଳିଯାଇଥିଲେ। ପଡ଼ୋଶୀମାନେ ତୁରନ୍ତ ପୋଲିସକୁ ଖବର ଦେଇଥିଲେ। ହେଲେ ପୋଲିସ ୩ ଘଣ୍ଟା ପରେ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା । ଏ ସଂକ୍ରାନ୍ତରେ କୌଣସି ସୂତ୍ରରୁ ଖବର ପାଇବା ପରେ ପୋଲିସ ମହାନିର୍ଦ୍ଦେଶକ କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କାଟାରିଆଙ୍କୁ ଘଟଣାସ୍ଥଳକୁ ଯିବାକୁ ନିର୍ଦ୍ଦେଶ ଦେଇଥିଲେ । କେଉଁ ପରିସ୍ଥିତିରେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି ତାହାର ତଦନ୍ତ କରିବା ସହ କେବେ ଓ କେଉଁ ଥାନାରେ ସେ ଅଭିଯୋଗ କରିଥିଲେ, ତା'ର ଯାଞ୍ଚ କରି ରିପୋର୍ଟ ଦେବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି । ପୋଲିସ ଓ ସାଇଣ୍ଟିଫିକ ଟିମ୍ ତଦନ୍ତ ଆରମ୍ଭ କରିଛି। ପାରିପାର୍ଶ୍ୱିକ ସ୍ଥିତି ଓ ପରିବାର ଲୋକଙ୍କ ବୟାନ ଆଧାରରେ ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ପୋଲିସର ତଦନ୍ତ ଜାରି ରହିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଆଳି ସିଏଚ୍‌ସିକୁ ପଠାଯାଇଛି। ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ପାରେଶ୍ୱର ସେଠୀ କହିଛନ୍ତି, କାଠିଆପଡ଼ା ଗ୍ରାମର ଶଶିକାନ୍ତ ☞ପୃଷ୍ଠା-୨

## ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷା ପାଇଁ ୭୫% ଉପସ୍ଥାନ ବାଧ୍ୟତାମୂଳକ

ଭୁବନେଶ୍ୱର,୬।୮ (ସୁଚିସ୍ମିତା ସାହୁ)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ପକ୍ଷରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ୨୦୨୬ ପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି। ଏହି ଦୁଇ ଶ୍ରେଣୀର ବାର୍ଷିକ ବୋର୍ଡ ପରୀକ୍ଷା ଦେବା ପାଇଁ ସ୍କୁଲରେ ଛାତ୍ରୀଛାତ୍ରଙ୍କ ୭୫% ଉପସ୍ଥାନ ବାଧ୍ୟତାମୂଳକ ହେବ। କମ୍ ଉପସ୍ଥାନ ଥିବା ଛାତ୍ରୀଛାତ୍ର ବୋର୍ଡ ପରୀକ୍ଷା ଦେଇପାରିବେ ନାହିଁ। ଜାନୁଆରୀ ୭ ସୁଦ୍ଧା ବିଦ୍ୟାଳୟଗୁଡିକ ☞ପୃଷ୍ଠା-୨

**ଆଦିବାସୀ ମହିଳାଙ୍କୁ ଗଣବଳାତ୍କାର ଅଭିଯୋଗ**

ପୃଷ୍ଠା-୯

**ଆଜିର ସମ୍ପାଦକୀୟ**

**ବିଶ୍ୱାସରେ ଅନ୍ତିମ ସଂସ୍କାର**

# ସବୁ ଦୋକାନରେ ଝୁଲିବ ଓଡ଼ିଆ ସାଇନ୍‌ବୋର୍ଡ

- ନ ମାନିଲେ ଦୈନିକ ୫୦୦ ଜରିମାନା
- ମାନିଲେ ୫୦ ପ୍ରତିଶତ ରିହାତି

ଭୁବନେଶ୍ୱର,୬।୮ (ରବିନାରାୟଣ ଜେନା)

ରାଜ୍ୟର ସମସ୍ତ ପୌରାଞ୍ଚଳ, ମହାନଗର ନିଗମ, ବିଜ୍ଞାପିତ ଅଞ୍ଚଳ ପରିଷଦରେ ଥିବା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକରେ ଏଣିକି ସବୁ ସାଇନ୍‌ବୋର୍ଡ ଓଡ଼ିଆରେ ଲେଖାଯିବ। ଏହି ନିୟମ କଡ଼ାକଡ଼ି ପାଳନ କରାଯିବ। ଯେଉଁମାନେ ଏହାକୁ ନ ମାନିବେ ସେମାନଙ୍କୁ ଦୈନିକ ୫୦୦ ଟଙ୍କା ଲେଖାଏ ଜରିମାନା କରାଯିବ ବୋଲି ବୁଧବାର ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ସମସ୍ତ ମହାନଗର ନିଗମ ଆୟୁକ୍ତ, ପୌରାଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶନାମା ଜାରି କରିଛନ୍ତି।

ପ୍ରମୁଖ ସଚିବ ପାଢ଼ୀ ପ୍ରଦାନ କରିଥିବା ନିର୍ଦ୍ଦେଶରେ ଦର୍ଶାଇଛନ୍ତି ଯେ, ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଓ ଭାଷାଗତ ଐତିହ୍ୟକୁ ପ୍ରୋତ୍ସାହନ ଏବଂ ସଂରକ୍ଷଣ କରିବା ପାଇଁ ରାଜ୍ୟ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ଅନୁସରଣ କରି ଓଡ଼ିଆ ଭାଷା ଲିପିର ବ୍ୟବହାରକୁ ସୁନିଶ୍ଚିତ କରିବା ଦିଗରେ ବିଭାଗ ଗୁରୁତ୍ୱ ଦେଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ସମସ୍ତ ମହାନଗର ନିଗମ, ପୌରପାଳିକା, ବିଜ୍ଞାପିତ ଅଞ୍ଚଳ ପରିଷଦଗୁଡ଼ିକ ଅଧୀନରେ ଥିବା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନର ସାଇନ୍‌ବୋର୍ଡରେ ଓଡ଼ିଆ ଭାଷାକୁ ପ୍ରାଧାନ୍ୟ ଦିଆଯାଇଛି। ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ନିଶ୍ଚିତ ଭାବେ ସାଇନ୍‌ବୋର୍ଡ କ୍ଷେତ୍ରଫଳର ୬୦ ପ୍ରତିଶତ ଭାଗରେ ଓଡ଼ିଆ ଭାଷା ବ୍ୟବହାର କରିବେ, ଯାହାଦ୍ୱାରା ଓଡ଼ିଆ ଭାଷାର ଦୃଶ୍ୟମାନତା ବୃଦ୍ଧି ହେବା ସହ ଜନସାଧାରଣଙ୍କୁ ☞ପୃଷ୍ଠା-୨

# ଇତିହାସ ରଚିଲେ ସାଇ ସ୍ୱରୂପ

### ଓଡ଼ିଶାର ପ୍ରଥମ ପୁରୁଷ ସନ୍ତରଣକାରୀଭାବେ ଜିତିଲେ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୬।୮ (ତପନ ସ୍ୱାଇଁ)




ଓଡ଼ିଶା ସନ୍ତରଣ ପାଇଁ ବୁଧବାର ଆସିଛି ଏକ ବଡ଼ ଖବର। ରାଜ୍ୟର ପ୍ରଥମ ପୁରୁଷ ସନ୍ତରଣକାରୀଭାବେ ସାଇ ସ୍ୱରୂପ ସ୍ୱାଇଁ ସ୍ୱର୍ଣ୍ଣ ପଦକ ହାସଲ କରି ଓଡ଼ିଶାକୁ ଗର୍ବିତ କରିଛନ୍ତି। ଅହମଦାବାଦର ନାରାୟଣପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ୫୧ତମ ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ପୁରୁଷ ୨୦୦ ମିଟର ବ୍ୟାକ୍ ଷ୍ଟ୍ରୋକ୍‌ରେ ସେ ୨:୩୧.୫୦ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଛନ୍ତି। ପୂର୍ବରୁ ସେ ଓଡ଼ିଶାର ଦ୍ୱିତୀୟ ପୁରୁଷ ସୁଇମର ଭାବେ ଏହି ପ୍ରତିଯୋଗିତାର ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଇଭେଣ୍ଟରେ ୩୨.୯୫ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ଜିତିଥିଲେ। ପୂର୍ବରୁ ୧୯୯୦ରେ ରଙ୍କନିଧି ସେଠ୍ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ପଦକ ଜିତିଥିଲେ। ଦୀର୍ଘ ୩୫ ବର୍ଷ ବ୍ୟବଧାନରେ ଜାତୀୟ ସୁଇମିଂରୁ ପଦକ ଜିତିଥିଲେ ସାଇ ସ୍ୱରୂପ। ଏବେ ସ୍ୱର୍ଣ୍ଣ ପଦକ ଜିତି ସେ ନିଜ ଜାଜ୍ୱଲ୍ୟମାନ କ୍ୟାରିୟରରେ ନୂଆ ଫର୍ଦ୍ଦ ଯୋଡ଼ିଛନ୍ତି। କର୍ନାଟକର ରେୟାଂଶ କାନ୍ତି ୱାଇ. ୨:୩୩. ୪୪ ସେକେଣ୍ଡ ସମୟ ନେଇ ରୌପ୍ୟ ଏବଂ ଚେତନ ନାଗରାଜ ଗନାପା ୨: ୩୫.୭୪ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ହାସଲ କରଛନ୍ତି।

ସାଇ ସ୍ୱରୂପ ଗତ ରାଜ୍ୟ ପ୍ରତିଯୋଗିତାର ୮ଟି ଇଭେଣ୍ଟରେ ଭାଗନେଇ ସବୁଥିରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ-୧ରେ ପଢୁଥିବାରୁ ଗତବର୍ଷ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ ୨ ସ୍ୱର୍ଣ୍ଣ ଓ ୧ ବ୍ରୋଞ୍ଜ ପଦକ ଜିତିଥିଲେ। ''ପୁଅର ପ୍ରଦର୍ଶନରେ ଆମେ ଅତ୍ୟନ୍ତ ଆନନ୍ଦିତ। ବହୁ ବର୍ଷର ପ୍ରତୀକ୍ଷା ପରେ ସେ ରାଜ୍ୟ ପାଇଁ ପୁରୁଷ ବର୍ଗରେ ପଦକ ଜିତିଛନ୍ତି। ବ୍ରୋଞ୍ଜ ପରେ ସ୍ୱର୍ଣ୍ଣ ପଦକ ଜିତିଥିବାରୁ ଆମେ ଅତ୍ୟନ୍ତ ଅର୍ବିତ। ଭାବୁଛି ପ୍ରଭୁଙ୍କ ଆଶୀର୍ବାଦ ଓ ଶୁଭେଚ୍ଛୁଙ୍କ ଶୁଭକାମନା ଯୋଗୁ ଏହା ସମ୍ଭବ ହୋଇ ପାରିଛି। ☞ପୃଷ୍ଠା-୨

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ପକ୍ଷୀଘର ପ୍ରକାଶନୀ ପକ୍ଷରୁ ଗଣଚେତନା ପୁସ୍ତକ ଲୋକାର୍ପଣ ଉତ୍ସବ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେର ସାହିତ୍ୟ ଓ ସଙ୍ଗୀତ ସମାରୋହ, ସ୍ଥାନ: ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା।
- ଓଡ଼ିଶା ନାଗରିକ ସଙ୍ଗଠନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ୍ କେଶରୀ, ମାଷ୍ଟର କ୍ୟାଣ୍ଟିନ୍ ଛକ, ସମୟ: ପୂର୍ବାହ୍ନ ୧୧ଟା।

## କଟକ
- ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସିବିଏସ୍ଇ ବାସ୍କେଟ ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବିଜ୍ଞାନ ପ୍ରଚାର ସମିତିର ୭୭ତମ ପ୍ରତିଷ୍ଠା ଦିବସ, ସ୍ଥାନ: ଉଦ୍ଭିଦ ବିଜ୍ଞାନ ବକ୍ତୃତା କକ୍ଷ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ସମୟ: ଅପରାହ୍ନ ୨ଟା।

## ବାଲେଶ୍ୱର
- ଜାତୀୟ ହସ୍ତତନ୍ତ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଫାଇଲେରିଆ ନିରାକରଣ ସଚେତନା ଶିବିର, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର, ବାଲିଆପାଳ, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ
- ଅର୍ଜୁନ ଚରଣ କୁଣ୍ଡୁଙ୍କ ଏକାଦଶାହ ସ୍ମୃତି ଚାରଣ ସଭା,ସ୍ଥାନ: ଶୋଧ,ଦୋବଲ, ଧାମନଗର,ସମୟ: ପୂର୍ବାହ୍ନ ୧୧ଟା।
- ପ୍ରତିବାଦ ସଭା, ସ୍ଥାନ: ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ ଟା।

## କେନ୍ଦୁଝର
- ନାରୀ ନିର୍ଯାତନା ନେଇ ବିଜେଡି ତରଫରୁ ପାଟଣା ଥାନା ସମ୍ମୁଖରେ ବିକ୍ଷୋଭ ଓ ଡିଜିପିଙ୍କୁ ଥାନା ଅଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ, ସ୍ଥାନ: ପାଟଣା ଥାନା ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ ଟା।
- ବିଶ୍ୱ ସ୍ତନ୍ୟପାନ ସପ୍ତାହ ଉଦ୍‌ଯାପନୀ ଦିବସ ୨୦୨୫, ସ୍ଥାନ: କେନ୍ଦୁଝର ଅଡିଟରିୟମ, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ
- ହ୍ୟାଣ୍ଡଲୁମ୍ ଫେବ ପ୍ରଦର୍ଶନୀ ମେଳା,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଏବଂ ଆକାଂକ୍ଷା ହାଟ, ସ୍ଥାନ:କଲେଜ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ଦିବସ ପାଳନ ଅବସରରେ ଶ୍ରୀମଦ ଭଗବତ ଗୀତା ଆବୃତ୍ତି ପ୍ରତିଯୋଗିତା, ସ୍ଥାନ:ଏମ୍‌ପିକେ ବାଳିକା ବିଦ୍ୟାଳୟ, ବାରିପଦା,ସମୟ:ଅପରାହ୍ନ ୨ଟା।

## ଅନୁଗୋଳ
- ଜାତୀୟ ହସ୍ତତନ୍ତ ଦିବସ ୨୦୨୫ର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ ଓସ୍ୱାନ ଗୃହ, ସମୟ: ପୂର୍ବାହ୍ନ ୧୦ ଟା।
- ଖଣି, ଅବକାରୀ, ପରିବହନ ସିଭିଲ ସପ୍ଲାଏର ପ୍ରବର୍ତ୍ତନ କାର୍ଯ୍ୟକଳାପ ସମୀକ୍ଷା ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମାସିକ ଜିଲା ରାଜସ୍ୱ ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଓ.ପି. ଜିନ୍ଦଲ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଅନୁଗୋଳ କଦମ ପଡ଼ିଆ,ସମୟ: ଅପରାହ୍ନ ୩ଟା।
- ଧାନ ସଂଗ୍ରହ ପ୍ରସ୍ତୁତି ବୈଠକ। ସ୍ଥାନ: ଅନୁଗୋଳ ଜିଲାପାଳଙ୍କ ଚାମ୍ବର ଅଫିସ। ସମୟ: ଅପରାହ୍ନ ୩ଟା ୩୦।
- ଜିଲା କ୍ଷତିପୂରଣ ପରାମର୍ଶଦାତା କମିଟି ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ ଚାମ୍ବର ଅଫିସ,ସମୟ: ଅପରାହ୍ନ ୪ଟା।
- ହର ଘର ତ୍ରିରଙ୍ଗା ଯାତ୍ରା ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ସଚେତନତା ବୈଠକ, ସ୍ଥାନ : ଆଠମଲ୍ଲିକ ଏନ୍ଏସି କଲ୍ୟାଣମଣ୍ଡପ, ସମୟ : ଅପରାହ୍ନ ୪ ଟା।

## ଜଗତ୍‌ସିଂହପୁର
- ପଡି ରହିଥିବା ପିଏମ୍‌ଜି ରିପୋର୍ଟ ଉପରେ ଜିଲାପାଳଙ୍କ ସମୀକ୍ଷା, ସ୍ଥାନ: ଏନ୍‌ଆଇସି ଭିସି କୋଠରୀ, ସମୟ: ଅପରାହ୍ନ ୩.୧୫।
- ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ବିଶ୍ୱକର୍ମା ପୂଜା ସମ୍ପର୍କରେ ସମୀକ୍ଷା ବୈଠକ, ସ୍ଥାନ: ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ, ମଧୁବନ, ପାରାଦୀପ,ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
- ଶ୍ରୀଜୀଉଙ୍କ ଝୁଲଣ ଯାତ୍ରା, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର, ଇଚ୍ଛପୁର, କେନ୍ଦ୍ରାପଡ଼ା ସହର, ଶ୍ରୀଗୋପୀନାଥଜୀଉ ମନ୍ଦିର, ଓଲଡ଼ି, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ବାସୁଦେବପୁର, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଧର୍ମଶାଳା କ୍ରୀଡା ଛାତ୍ରାବାସ ପାଇଁ ପ୍ରତିଭା ଚୟନରେ କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ଧର୍ମଶାଳା ଷ୍ଟାଡିୟମ, ସମୟ: ସକାଳ ୮ଟା।
- କୃମି ନାଶ ଦିବସ ଉପଲକ୍ଷେ ତାଲିମ ଶିବିରର ଉଦ୍‌ଯାପନୀ ଦିବସ, ସ୍ଥାନ: ରସୁଲପୁର ବ୍ଲକର ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଜନ ଅଭିଯୋଗ ଶୁଣାଣି, ସ୍ଥାନ: ଭାପୁର ପୂର୍ତ୍ତ ବିଭାଗ ଡାକବଙ୍ଗଳା, ସମୟ: ସକାଳ ୯ଟା।
- ଜିଲା ସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଓ ଆକାଂକ୍ଷା ହାଟର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ ଜିଲା ସଂସ୍କୃତି ଭବନ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଯୁକ୍ତ ୨ ନବାଗତ ଛାତ୍ରୀଛାତ୍ରଙ୍କର ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: କଣ୍ଟିଲୋ ନୀଳମାଧବ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଝୁଲଣ ଯାତ୍ରାର ତୃତୀୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଗୋକୁଳାନନ୍ଦ ପୀଠ ସିଦ୍ଧାମୂଳା, ନୟାଗଡ ପୁରୁଣା ସହରର ଗୋପୀନାଥ ମନ୍ଦିର, ଓଡଗାଁ ରଘୁନାଥ ମନ୍ଦିର,ସମୟ: ସନ୍ଧ୍ୟା ୭ଟା । ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା୩୦। କଣ୍ଟିଲୋ ନୀଳମାଧବ ପୀଠ, ଖଣ୍ଡପଡା ଜଗନ୍ନାଥଙ୍କ ମନ୍ଦିର, ସମୟ: ରାତି ୯ଟା।

## ରାୟଗଡ଼ା
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଚନ୍ଦ୍ରପୁର ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର
- ଜିଲାସ୍ତରୀୟ ରାଜସ୍ୱ ବୈଠକ, ସ୍ଥାନ: ପଞ୍ଚାୟତ ସାଧନା କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: କୋରାପୁଟ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ମଧ୍ୟାହ୍ନ ୧୨ ଟା।
- ଡିଏଚ୍‌ଏଚ୍ ଜୟପୁର ରୋଗୀକଲ୍ୟାଣ ସମିତି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ ଗୃହ, ସମୟ : ଅପରାହ୍ନ ୪ ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ଛକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ଖବରଦାତା ନବୀନ ଦାଶଙ୍କ ପରଲୋକରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ, ସ୍ଥାନ : ଅଇଁଠାପାଲି ସ୍ଥିତ ପ୍ରେସ କ୍ଲବ ପରିସର, ସମୟ : ମଧ୍ୟାହ୍ନ ୧୨ଟା।
- ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆୟୋଜିତ ରାକ୍ଷୀ ବନ୍ଧନ କାର୍ଯ୍ୟକ୍ରମ, ସ୍ଥାନ : ଦାନିବନ୍ଧ ସ୍ଥିତ ଇଶ୍ୱରୀୟ ଭବନ, ସମୟ : ଅପରାହ୍ନ ୫ଟା।
- ଝୁଲଣ ଯାତ୍ରା କାର୍ଯ୍ୟକ୍ରମ, ସ୍ଥାନ : ଝାଡୁଆପଡା ବ୍ରହ୍ମପୁରା ମନ୍ଦିର ପରିସର, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର
- ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷଣ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଇଣ୍ଡୋର ଷ୍ଟାଡିୟମ, ବଲାଙ୍ଗୀର, ସକାଳ: ୬ଟା

## ରାଉରକେଲା
- ଜାତୀୟ ହସ୍ତତନ୍ତ ଦିବସ ପାଇଁ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ସେକ୍ଟର-୧୬ ଡୁମକେଲା ବସ୍ତି, ସମୟ: ପୂର୍ବାହ୍ନ ୧୦ଟା।
- ଆରାଧ୍ୟା ମହିଳା ସମିତି ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଝିରପାଣି ରାଇଜିଂ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ମିସ୍ ଆଣ୍ଡ ମିସେସ୍ ଶ୍ରାବଣ କୁଇନ୍ ପ୍ରତିଯୋଗିତା, ସ୍ଥାନ: ସେକ୍ଟର-୧୯, ସିଭିକସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ଜାତୀୟ ହସ୍ତତନ୍ତ ଦିବସ ପାଳନ, ସ୍ଥାନ:ଭାରତୀୟ ହସ୍ତତନ୍ତ ପ୍ରଦ୍ୟୋଗିକ ପ୍ରତିଷ୍ଠାନ, ଖଲିଆପାଲି, ବରଗଡ଼, ସମୟ:ଅପରାହ୍ନ ୩ଟା।
- ବିଦ୍ୟାଳୟରେ ବୃକ୍ଷରୋପଣ, ସ୍ଥାନ:ରାଣାପ୍ରତାପ ସ୍କୁଲ, ବରଗଡ଼,ସମୟ:ଅପରାହ୍ନ ୩ଟା।

## କଳାହାଣ୍ଡି
- ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: ଭବାନୀପାଟଣାସ୍ଥିତ ସବ୍‌ଡିଭିଜନ ଅଫିସ-୧, ସମୟ: ପୂର୍ବାହ୍ନ ୧୦ଟା।
- ଅଙ୍ଗନୱାଡି କର୍ମୀ ସମୂହ ପକ୍ଷରୁ ସିଡିପିଓଙ୍କୁ ଦାବିପତ୍ର, ସ୍ଥାନ: ଭବାନୀପାଟଣା ସିଡ଼ିପିଓ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ଭୋଟର ତାଲିକା ସଂଶୋଧନ ପାଇଁ ସ୍ୱତନ୍ତ୍ର ତାଲିମ ଶିବିର, ସ୍ଥାନ: ବୀରମହାରାଜପୁର ବ୍ଲକ ସଭାଗୃହ, ସମୟ: ସକାଳ ୯ଟା।
- ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ, ସ୍ଥାନ: ମା' ଓ ଶିଶୁ ବିଭାଗ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ୧୬ତମ ଚତୁର୍ବେଦ ଯଜ୍ଞ ୫ମ ଦିବସ, ସ୍ଥାନ: ନୂଆପଡା ସଦର ବ୍ଲକ ଗୋଡଫୁଲା ପଞ୍ଚାୟତ ଗୁରୁକୁଳ ହରିପୁର ଜୁନାନୀ, ସମୟ: ପ୍ରାତଃ ୫ଟା ୪୦ରୁ ସକାଳ ୮ଟା।
- ମହିଳା ଉତ୍ଥାନ ମଣ୍ଡଳ ଓ ଯୋଗ ବେଦାନ୍ତ ସେବା ସମିତି ଜାମଲି, ନୂଆପଡ଼ା ପକ୍ଷରୁ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ, ସ୍ଥାନ: ସବ୍‌ଜେଲ ଖଡିଆଳ, ସମୟ: ସକାଳ ୯ଟା।
- ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ ଶୋଭାଯାତ୍ରା, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ସକାଳ ୯ଟା ୩୦।
- ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ହାଟ ଷଷ୍ଠ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ଅପରାହ୍ନ ୫ଟା।

# ଭାଜପା ମୁଖପାତ୍ର ବମ୍ବେ ହାଇକୋର୍ଟ ବିଚାରପତି ନିଯୁକ୍ତ

## ବହିଷ୍କାର ଦାବିକଲେ ବିରୋଧୀ


ଆରତୀ ସାଠେ

ମୁମ୍ବାଇ,୬।୮

ଆଇନଜୀବୀ ଆରତୀ ସାଠେଙ୍କୁ ବମ୍ବେ ହାଇକୋର୍ଟର ବିଚାରପତି ନିଯୁକ୍ତ କରାଯାଇଛି। ତେବେ ପୂର୍ବରୁ ସେ ମହାରାଷ୍ଟ୍ର ଭାଜପାର ମୁଖପାତ୍ର ଭାବେ କାର୍ଯ୍ୟ କରିଥିବାରୁ ବିଚାରପତି ଭାବେ ତାଙ୍କର ନିଯୁକ୍ତିକୁ ନେଇ ରାଜନୈତିକ ବିବାଦ ସୃଷ୍ଟି ହୋଇଛି। ବିରୋଧୀ ନେତାମାନେ ଆରତୀଙ୍କ ନିଯୁକ୍ତିକୁ ବିରୋଧ କରିବା ସହ ଭାରତୀୟ ନ୍ୟାୟିକ ବ୍ୟବସ୍ଥାରେ ସ୍ୱଚ୍ଛତା ଏବଂ ନିରପେକ୍ଷତା ବଜାୟ ରଖିବା ଲାଗି ତାଙ୍କୁ ତୁରନ୍ତ ପଦବୀରୁ ହଟାଇବାକୁ ଦାବି କରିଛନ୍ତି। ଆରତୀଙ୍କୁ ଭାଜପା ମହାରାଷ୍ଟ୍ର ଶାଖାର ମୁଖପାତ୍ର ନିଯୁକ୍ତି ସମ୍ପର୍କିତ ଭାଜପା ଲେଟରହେଡ୍‌ର ଏକ ସ୍କ୍ରିନ୍‌ଶଟ୍‌କୁ ଏନ୍‌ସିପି(ଏସ୍‌ପି) ସାଧାରଣ ସମ୍ପାଦକ ତଥା ବିଧାୟକ ରୋହିତ ପାୱାର ପୋଷ୍ଟ କରିଛନ୍ତି। ଏକ ସାର୍ବଜନିକ ପ୍ଲାଟ୍‌ଫର୍ମରୁ ଶାସକ ଦଳ ପାଇଁ ଓକିଲାତି କରୁଥିବା ବ୍ୟକ୍ତିଙ୍କୁ ବିଚାରପତି ନିଯୁକ୍ତ କରାଯିବା ଗଣତନ୍ତ୍ର ପାଇଁ ସବୁଠୁ ବଡ଼ ଧକ୍କା। ନ୍ୟାୟ ବ୍ୟବସ୍ଥାର ନିରପେକ୍ଷତା ଉପରେ ଏହାର ସୁଦୂରପ୍ରସାରି ପ୍ରଭାବ ପଡ଼ିବ ବୋଲି ରୋହିତ କହିଛନ୍ତି। ଆରତୀଙ୍କ ନିଯୁକ୍ତିର ପୁନର୍ବିଚାର କରିବାକୁ ସେ ସରକାରଙ୍କୁ ନିବେଦନ କରିଛନ୍ତି। ପ୍ରଧାନ ବିଚାରପତି ଏନେଇ ମାର୍ଗଦର୍ଶନ ଦେବା ଆବଶ୍ୟକ ବୋଲି ରୋହିତ କହିଛନ୍ତି। ଅନ୍ୟପକ୍ଷରେ ଆରତୀ ବିଚାରପତି ନିଯୁକ୍ତ ହେବା ପୂର୍ବରୁ ଦଳ ମୁଖପାତ୍ର ପଦରୁ ଇସ୍ତଫା ଦେଇସାରିଥିଲେ ବୋଲି ଭାଜପା ମିଡିଆ ସେଲ୍ ପ୍ରଭାରୀ ନବନାଥ ବାଙ୍ଗ୍ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ହୋଇ କମ୍ ସମୟରେ ସମାଧାନ ହୋଇଯିବ। ପାରିବାରିକ କ୍ଷେତ୍ରରେ ପଛକଥା ନ ଭାବି ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ। ଅଂଶୀଦାର ବ୍ୟବସାୟରେ, ସାହିତ୍ୟରେ, ସଭାସମିତିରେ ଆଶା ପୂରଣ ହେବ। ଉଚ୍ଚସ୍ଥ ମଙ୍ଗଳଜନିତ ଧୈର୍ଯ୍ୟ ଓ ସାହସ ଅସମ୍ଭବକୁ ସମ୍ଭବ କରାଇବ।

**ବୃଷ** ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ପାଇବେ ନାହିଁ। ଅନ୍ୟମାନେ ଦୋଷ ଖୋଜିବୁଲିବେ ଏବଂ ଅଯଥା ମୂଲ୍ୟହୀନ ଅଭିଯୋଗ ଆଣିପାରନ୍ତି। ଆଜିର କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ବନ୍ଧୁଙ୍କ ପ୍ରେରଣାରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ।

**ମିଥୁନ** ଭାବପ୍ରବଣତାବଶତଃ ନିଜର ନିୟନ୍ତ୍ରଣ ହରାଇ ବନ୍ଧୁଙ୍କ କଥାରେ ଚାଲିବାକୁ ବାଧ୍ୟ ହେବେ। ଯେକୌଣସି କାମ କଲେ ମଧ୍ୟ କର୍ମାରମ୍ଭରେ କିଛିଟା ସମସ୍ୟାର ସମ୍ମୁଖୀନ ହେବେ। ପ୍ରତ୍ୟେକ କ୍ଷେତ୍ରରେ ପର ଉପରେ ନିର୍ଭର କଲେ ଲାଭ କିଛି ହେବନାହିଁ। ବୃହସ୍ପତିଙ୍କ ସ୍ଥିତି ଅଭାବ ଅସୁବିଧାକୁ ଦୂରେଇବା ସହ ଆର୍ଥିକ ଉନ୍ନତି କରାଇବ।

**କର୍କଟ** କର୍ମକ୍ଷେତ୍ରରେ ଖଟଣି ବଢ଼ିଯିବ ମାତ୍ର ତଦନୁରୂପ ପାରିଶ୍ରମିକ ପାଇବା କଷ୍ଟକର ହେବ। ଭାଗ୍ୟାଧିପ ଶୁକ୍ର ଯୁକ୍ତ ଯୋଗୁ ସାମାଜିକ ସମ୍ମାନ, ସନ୍ତାନ ହେତୁକ ଗୌରବ ପ୍ରାପ୍ତି କରାଇବ। ଉଚ୍ଚକର୍ତ୍ତୃପକ୍ଷଙ୍କ ଅନୁକମ୍ପା ମନୋବଳ ବୃଦ୍ଧିରେ ସହାୟକ ହେବ। ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ।

**ସିଂହ** ଏକାଦଶସ୍ଥ ଗ୍ରହଙ୍କ ପ୍ରଭାବରୁ ଦୃଢ଼ମନା ହେବେ ଓ କାର୍ଯ୍ୟ ହାସଲରେ ସଫଳତା ପାଇବେ। ଆତ୍ମୀୟ କିମ୍ବା ସହକର୍ମୀଙ୍କ ସାହାଯ୍ୟ ପାଇବାରେ ଅସୁବିଧା ହେବନାହିଁ। ଯାତ୍ରା ସମୟରେ ନୀଚଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହେବେ। କଚେରି ମାମଲା, ସନ୍ତାନଙ୍କ ସମସ୍ୟା, ସହକର୍ମୀଙ୍କ ବିରୁଦ୍ଧାଚରଣରେ ପରିବର୍ତ୍ତନ ଘଟିବ।

**କନ୍ୟା** ବାରମ୍ବାର ସମସ୍ୟା କମିବା ବଦଳରେ ବଢ଼ିବା ହେତୁ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେନାହିଁ। ଆଲୋଚନା ପରିସରରେ କୌତୁକିଆ କଥା କହି ବନ୍ଧୁଙ୍କୁ ଆପ୍ୟାୟିତ କରିବେ। କୌଣସି କର୍ମାରମ୍ଭ ସକାଶେ ପରିବାରରୁ ପ୍ରତିରୋଧର ସମ୍ଭାବନା ରହିଛି। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ରହି ନ ପାରେ।

**ତୁଳା** ଆର୍ଥିକ ଅଭିବୃଦ୍ଧି ଓ ନୂତନ ବନ୍ଧୁ ସମ୍ପର୍କ ମାନସିକ ଅସ୍ଥିରତା ଦୂରେଇବାରେ ସହାୟକ ହେବ। ବହୁତ ଦିନରୁ ଚିନ୍ତା କରିଥିବା ନୂତନ କାର୍ଯ୍ୟାରମ୍ଭ ସକାଶେ ମାନସିକ ସ୍ତରରେ ପ୍ରସ୍ତୁତ ହେବେ। ସାହିତ୍ୟ, ସାମ୍ବାଦିକତା, ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ଯାନ କ୍ରୟ ସକାଶେ ମନ ବଳାଇବେ।

**ବିଛା** ଆଜିର ଦ୍ୱିତୀୟସ୍ଥ ଚନ୍ଦ୍ର ଆପଣଙ୍କ ସୁଚିନ୍ତିତ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଇବାରେ ସହାୟକ ହେବ। ପ୍ରତ୍ୟେକ କ୍ଷେତ୍ରରେ ଆଗପଛ ବିଚାର କରି କାମ ନ କଲେ ଶତ୍ରୁଙ୍କୁ ସୁଯୋଗ ମିଳିପାରେ। ସାମାଜିକ ସ୍ତରରେ ଅଥବା ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ପାରିବାରିକ ଶାନ୍ତି ସାଙ୍ଗକୁ ପିଲାମାନଙ୍କ କୃତିତ୍ୱ ପାଇଁ ଗର୍ବ ଅନୁଭବ କରିବେ।

**ଧନୁ** ଆଜି ପୂର୍ବ ନିର୍ଦ୍ଧାରିତ ଯୋଜନାଗୁଡ଼ିକୁ ଠିକ୍ ଭାବରେ ବଦଳାଇବା କଷ୍ଟକର ହେବ । କର୍ମକ୍ଷେତ୍ରରେ ବାଦବିବାଦ ଜଟିଳ ହେବ ସତ କିନ୍ତୁ ସଫଳତା ନିଶ୍ଚିତ। ଭ୍ରମଣବେଳେ ଅନ୍ୟମନସ୍କତା କାରଣରୁ ଜିନିଷ ହଜିଯାଇପାରେ। କୌଣସି ବନ୍ଧୁଙ୍କ ସହ ଭାବ ବିନିମୟ ମନକୁ ସାମୟିକ ଆନନ୍ଦ ପ୍ରଦାନ କରିବ।

**ମକର** ଦୈହିକ ଦୁର୍ବଳତା ଥିଲେ ମଧ୍ୟ ନିୟନ୍ତ୍ରଣାଧୀନ ସ୍ୱାସ୍ଥ୍ୟ ଆଶ୍ୱସ୍ତିର କାରଣ ହେବ। ଉପରିସ୍ଥଙ୍କ ସମ୍ମୁଖରେ ମନ କଥା କହିବାକୁ ପଛେଇ ଯାଇପାରନ୍ତି। ସମ୍ପର୍କୀୟଙ୍କ ବିରୁଦ୍ଧାଚରଣଜନିତ କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବ। ଆର୍ଥିକ, ପାରିବାରିକ, ସାମାଜିକ ସ୍ଥିତି ଭଲ ରହିବା ହେତୁ ସମସ୍ୟାକୁ ବିଶେଷ ଗୁରୁତ୍ୱ ଦେଇ ନ ପାରନ୍ତି।

**କୁମ୍ଭ** ଆରୋଗ୍ୟଲାଭ ସାଙ୍ଗକୁ ବନ୍ଧୁଙ୍କ ସହାନୁଭୂତି ମନକୁ ପ୍ରସନ୍ନତାରେ ଭରିଦେବ। ଯାତ୍ରା, କର୍ମାରମ୍ଭ, ବ୍ୟବସାୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ପାରିବାରିକ କ୍ଷେତ୍ରରେ କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହେବାର ସୂଚନା ରହିଛି। ପ୍ରତ୍ୟେକ କ୍ଷେତ୍ରରେ ଆଶା ଓ ବିଶ୍ୱାସ ନେଇ ଆଗକୁ ମାଡ଼ିଚାଲନ୍ତୁ କୌଣସି ଅସୁବିଧା ହେବନାହିଁ।

**ମୀନ** ଆଜି ଜମିଜମା କାରବାର, ଫ୍ଲାଟ୍ ବ୍ୟବସାୟ, ବୀମା, ପ୍ରଭୃତିରେ ସଫଳତା ହାସଲ କରିବେ। ସାମ୍ବାଦିକତା ଓ ଏଜେନ୍ସିପ୍‌ରେ ନୈରାଶ୍ୟ ଦୂରେଇଯିବ। ପରିସ୍ଥିତିବଶତଃ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବେ। ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବାର ସୂଚନା ପ୍ରତି ବେଖାତିର କରିବା ଠିକ୍ ନ ହୋଇପାରେ।

ଆଜି ଅଗଷ୍ଟ ୭ ତାରିଖ, ଜାତୀୟ ହସ୍ତତନ୍ତ ଦିବସ, ରବୀନ୍ଦ୍ରନାଥ ଟାଗୋରଙ୍କ ତିରୋଧାନ ଦିବସ, ଶ୍ରାବଣ ଶୁକ୍ଳ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ଗୁରୁବାର। ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଶିବପବିତ୍ରାରୋପଣ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ରାଶିନକ୍ଷତ୍ର-ଅପରାହ୍ନ ଘ.୦୨.୦୦ ପର୍ଯ୍ୟନ୍ତ ପୂର୍ବାଷାଢ଼ା/ଧନୁ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ଚତୁର୍ଦ୍ଦଶୀର ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୫.୨୮ ଗତେ ଘ.୦୭.୧୦ ମଧ୍ୟେ, ଘ.୧୦.୩୫ ଗତେ ଘ.୦୧.୦୯ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧.୨୮ ଗତେ ଘ.୦୩.୦୪ ମଧ୍ୟେ ରାହୁ କାଳ ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମଲୁ ଖୋଜୁଥିଲା ଯାହା, ବଇଦ ବତାଇଲା ତାହା ।**

ମଣିଷ ଯେଉଁ ସୁଯୋଗକୁ ଅପେକ୍ଷା କରିଥାଏ ବା ଆଶା କରିଥାଏ ବେଳେବେଳେ କର୍ତ୍ତା ଅଯାଚିତ ଭାବେ ତାହା ଆଣି ତା ପାଖରେ ପହଞ୍ଚାଇ ଦେଇଥାଏ। ମନ ମୁତାବକ ଜିନିଷ ପ୍ରାପ୍ତି ହେବାର ଲକ୍ଷ୍ୟରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମାଛ ଖାଇବ ଇଲିଶି, ଚାକିରି କରିବ ପୋଲିସ ।**

ଇଲିଶି ମାଛଟି ସମସ୍ତ ଜାତି ମାଛ ମଧ୍ୟରେ ସୁସ୍ୱାଦ ବୋଲି ଜଣାଯାଇଥାଏ। ଠିକ ସେହିପରି କାମ କରୁଥିବା ଲୋକଙ୍କ ମଧ୍ୟରେ ପୋଲିସର କାମ ହିଁ ବେଶି ଦାୟିତ୍ୱପୂର୍ଣ୍ଣ ହୋଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ


ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ସାତକୋଶିଆରେ ବେଆଇନ ...

ନିର୍ମାଣ ଗଢ଼ିଉଠିଛି। ବନ୍ୟପ୍ରାଣୀଙ୍କ ପାଇଁ ଅତ୍ୟନ୍ତ ସମ୍ବେଦନଶୀଳ ଉକ୍ତ ସହାବସ୍ଥାନରେ ଚାଲିଥିବା ନିର୍ମାଣ କାର୍ଯ୍ୟକଳାପ ପରିବେଶଗତ ଓ ବନ୍ୟପ୍ରାଣୀ ସଂରକ୍ଷଣ ଆଇନର ଉଲ୍ଲଂଘନ ବୋଲି ଦର୍ଶାଇ ଆଇନଜୀବୀ ଗୌରବ କୁମାର ବଂଶଲ ଏଥିରେ ରୋକ୍ ଲଗାଇବା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅନୁଗୋଳ, ନୟାଗଡ଼, ବୌଦ୍ଧ ଓ କଟକ ଜିଲାପାଳଙ୍କ ଆଇନଗତ କର୍ତ୍ତୃତ୍ୱ ନ ଥାଇ ସେମାନେ ଉକ୍ତ ଅଞ୍ଚଳରେ ନିର୍ମାଣ ପାଇଁ ପ୍ରୋଭିଜନାଲ ଏନ୍‌ଓସି ଜାରି କରୁଛନ୍ତି। ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ, ୧୯୭୨ ଏବଂ ଅନ୍ୟ ପରିବେଶଗତ ନିୟାମକକୁ ଅଣଦେଖା କରି ଜିଲାପାଳମାନେ ଏପରି ଅନୁମତି ପ୍ରଦାନ କରିପାରିବେ ନାହିଁ ବୋଲି ବଂଶଲ ନିଜ ଆବେଦନରେ ଦର୍ଶାଇଛନ୍ତି। ସେହିପରି ମହାନଦୀ ଉପରେ ଏକ ହାଇ-ଲେଭଲ ବ୍ରିଜ୍ ଓ ହୋଟେଲ, ରିସର୍ଟ ସମେତ କେତେକ ପ୍ରସ୍ତାବିତ ପ୍ରକଳ୍ପର ନିର୍ମାଣ ପାଇଁ ଚିଫ୍ ୱାଇଲ୍ଡଲାଇଫ୍ ୱାର୍ଡେନ୍ ଏବଂ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ଅନୁମତି ଦେଇଛନ୍ତି। କିନ୍ତୁ ଏଥିଲାଗି ଆବଶ୍ୟକ ବାଧ୍ୟତାମୂଳକ ପରିବେଶଗତ ମଞ୍ଜୁରୀ ଅଣାଯାଇ ନାହିଁ। ଅଭୟାରଣ୍ୟର ଚତୁଃପାର୍ଶ୍ୱରେ ଇକୋ-ସେନ୍‌ସିଟିଭ୍ ଜୋନ୍ (ଇଏସ୍‌ଜେଡ୍) ପ୍ରତିଷ୍ଠା ହୋଇ ନ ଥିବାବେଳେ ଓଡ଼ିଶାର ଚିଠା ଇଏସ୍‌ଜେଡ୍‌ରେ ଏକ ବିବାଦୀୟ ପ୍ରସ୍ତାବ ରହିଛି। ଏନ୍‌ଟିସିଏର ୨୦୧୮ ଗାଇଡ୍‌ଲାଇନ୍ ଅନୁସାରେ ଅଭୟାରଣ୍ୟର ଅନ୍ୟୂନ ୧ କି.ମି. ପରିଧି ଅଞ୍ଚଳ ଜିରୋ ବଫର ଜୋନ୍ ହୋଇଥିବାରୁ ଏହା ଭିତରେ କୌଣସି ପ୍ରକାର ନିର୍ମାଣକୁ ଅନୁମତି ମିଳିବା ଅନୁଚିତ। କିନ୍ତୁ ସାତକୋଶିଆ ଗଣ୍ଡର ପାରିପାର୍ଶ୍ୱିକ ଅଞ୍ଚଳରେ ଜିରୋ ବଫର ଜୋନ୍ ପ୍ରତିଷ୍ଠା ନିମନ୍ତେ ପ୍ରସ୍ତାବ ଉକ୍ତ ନିୟମାବଳୀକୁ ଉଲ୍ଲଂଘନ କରୁଛି। ରାଜ୍ୟ ସରକାରଙ୍କ ଏଜେନ୍ସିଗୁଡ଼ିକ ଅନଧିକୃତ ନିର୍ମାଣ ଏବଂ ଏକ ପର୍ଯ୍ୟଟନଭିତ୍ତିକ ମଡେଲ ପ୍ରତିଷ୍ଠା ଲାଗି ମଞ୍ଜୁରୀ ଦେଇ ବନ, ବନ୍ୟପ୍ରାଣୀ ଓ ପରିବେଶଗତ ଆଇନ ଅଧୀନରେ ରହିଥିବା ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ନିୟମକୁ ଅଣଦେଖା କରୁଛନ୍ତି ବୋଲି ବଂଶଲ ନିଜ ଆବେଦନରେ ଯୁକ୍ତି ବାଢ଼ିଛନ୍ତି।

ଦେଶରେ ଥିବା ୫୦ ଟାଇଗର ରିଜର୍ଭ ମଧ୍ୟରୁ ଅନ୍ୟତମ ସାତକୋଶିଆରେ ପରିବେଶ ଆଇନର ଏପରି ଉଲ୍ଲଂଘନକୁ ସୁପ୍ରିମକୋର୍ଟ ଓକିଲ ତଥା ସାମାଜିକ କର୍ମୀ ବଂଶଲ ସମାଲୋଚନା କରିଛନ୍ତି। ଅନିୟନ୍ତ୍ରିତ ପର୍ଯ୍ୟଟନ ଭିତ୍ତିଭୂମି ଜୀବଜନ୍ତୁଙ୍କ ବିଚରଣଭୂମିକୁ କ୍ଷତି ପହଞ୍ଚାଇବା ସହ ଜଳ ବ୍ୟବସ୍ଥାକୁ ଦୁର୍ବଳ କରିଦେବ, ଯଦ୍ଦ୍ୱାରା ସାତକୋଶିଆକୁ ମିଳିଥିବା ରାମ୍‌ସାର ମାନ୍ୟତା ପ୍ରତି ବିପଦ ସୃଷ୍ଟି ହେବ ବୋଲି ସେ କହିଛନ୍ତି। ଗତ ୨୩ ତାରିଖରେ ସିଜେଆଇ ବି. ଆର୍. ଗବଇଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଏହି ପ୍ରସଙ୍ଗରେ ଶୁଣାଣି ପାଇଁ ରାଜି ହୋଇଥିଲେ। ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନ୍ ଏବଂ ଏନ୍.ଭି. ଅଞ୍ଜାରିଆଙ୍କୁ ନେଇ ଖଣ୍ଡପୀଠ ବୁଧବାର ବେଆଇନ ନିର୍ମାଣର ତଦନ୍ତ ନିର୍ଦ୍ଦେଶ ଦେବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନୋଟିସ କରିଛନ୍ତି।

## ସିବିଏସ୍‌ଇ ଦଶମ, ...

ପିଲାଙ୍କ ଉପସ୍ଥାନ ସଂକ୍ରାନ୍ତ ସମସ୍ତ ଡକ୍ୟୁମେଣ୍ଟ ଓ କାଗଜପତ୍ର ସିବିଏସ୍‌ଇର ଆଞ୍ଚଳିକ କେନ୍ଦ୍ରରେ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟରେ ଅଚାନକ ଯାଞ୍ଚ କରାଯିବା ସହିତ ହେରଫେର ହୋଇଥିବା ରେକର୍ଡ ପାଇଁ ଶୂନ୍ୟ ସହନଶୀଳତା ଆପଣାଯିବ। ବିଶେଷକରି ଡମି ପରୀକ୍ଷାର୍ଥୀମାନଙ୍କୁ ରୋକିବା ପାଇଁ ସିବିଏସ୍‌ଇ ଏହି କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଏଥିରେ ହେରଫେର ହୋଇଥିବା ଜଣାପଡିଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଥିସହ ଅଭିଭାବକଙ୍କୁ ମଧ୍ୟ ଏନେଇ ଅବଗତ କରାଯିବ। ଆଫିଲିଏଟେଡ୍ ସ୍କୁଲଗୁଡ଼ିକରେ ଶୈକ୍ଷିକ ଶୃଙ୍ଖଳା ପାଇଁ ଏହି ପରାମର୍ଶ ଦିଆଯାଇଛି। କେବଳ ଜରୁରିକାଳୀନ ପରିସ୍ଥିତିରେ ବୋର୍ଡ ୨୫ ପ୍ରତିଶତ ଛାଡ଼ ପ୍ରଦାନ କରିବ। ଏହି ପରିସ୍ଥିତିରେ ଚିକିତ୍ସା ଜରୁରିକାଳୀନ ପରିସ୍ଥିତି, ଜାତୀୟ କିମ୍ବା ଅନ୍ତର୍ଜାତୀୟ କ୍ରୀଡାରେ ଅଂଶଗ୍ରହଣ ଏବଂ ଅନ୍ୟାନ୍ୟ ଗୁରୁତର କାରଣ ଅନ୍ତର୍ଭୁକ୍ତ ହେବ। ଏଥିପାଇଁ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ ପଡିବ। ସିବିଏସ୍‌ଇର କହିବାନୁସାରେ, ସ୍କୁଲଗୁଡ଼ିକ କେବଳ ଶିକ୍ଷା କେନ୍ଦ୍ର ନୁହେଁ ବରଂ ଛାତ୍ରୀଛାତ୍ରଙ୍କ ସାମଗ୍ରିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ସ୍କୁଲରେ ପିଲାଙ୍କ ଚରିତ୍ର ଗଠନ, ମୂଲ୍ୟବୋଧ ଶିକ୍ଷା, ଦଳଗତ କାର୍ଯ୍ୟ ସହିତ ବିଭିନ୍ନ ଶିକ୍ଷାଗତ କାର୍ଯ୍ୟକୁ ଗୁରୁତ୍ୱ ଦେବାକୁ ସିବିଏସ୍‌ଇ ପରାମର୍ଶ ଦେଇଛି।

## ଇତିହାସ ରଚିଲେ ...

ପିଲା ଇଚ୍ଛା ଅନୁସାରେ କ୍ୟାରିୟର କରୁବୋଲି ସବୁ ବାପା ମା' ଚାହିଁଥାନ୍ତି। ଆମେ କିନ୍ତୁ ତା' ଭବିଷ୍ୟତକୁ ନେଇ ଦ୍ୱନ୍ଦ୍ୱରେ ଥିଲୁ। ମାତ୍ର ଏବେ ମନୋଭାବ ପରିବର୍ତ୍ତନ ହୋଇଛି। ସେ ସନ୍ତରଣରେ କ୍ୟାରିୟର କରୁ ବୋଲି ଆମର ମନରେ ଆତ୍ମବିଶ୍ୱାସ ସୃଷ୍ଟି ହୋଇଛି'' ବୋଲି ରାଜ୍ୟ ଗୁଇନ୍ଦା ବିଭାଗରେ ଡିଏସ୍‌ପି ଭାବେ କାର୍ଯ୍ୟରତ ସାଇ ସ୍ୱରୂପଙ୍କ ମା' ରୁନୁ ସ୍ୱାଇଁ ପ୍ରକାଶ କରିଛନ୍ତି। ସାଇ ସ୍ୱରୂପଙ୍କ ବାପା ସୁବାସ ଚନ୍ଦ୍ର ସ୍ୱାଇଁ ମଧ୍ୟ ରାଜ୍ୟ ପୋଲିସର ସ୍ପେଶାଲ ବ୍ରାଞ୍ଚରେ କାର୍ଯ୍ୟରତ।

## ସବୁ ଦୋକାନରେ ...

ସୁବିଧାଜନକ ହୋଇପାରିବ। ଯେଉଁମାନେ ଏହି ନିର୍ଦ୍ଦେଶକୁ ଅନୁସରଣ କରିବେ ସେମାନଙ୍କୁ ଟ୍ରେଡ୍ ଲାଇସେନ୍ସ ନବୀକରଣ ବେଳେ ୫୦ ପ୍ରତିଶତ ରିହାତି ପ୍ରଦାନ କରାଯିବ। ଏହି ସୁବିଧା 'ସୁଯୋଗ' ପୋର୍ଟାଲରେ ଉପଲବ୍ଧ ହେବ। ମହାନଗର ନିଗମ, ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦଗୁଡ଼ିକରେ ଟ୍ରେଡ୍ ଲାଇସେନ୍ସ ନବୀକରଣ ଓ ନିରୀକ୍ଷଣ ଅନୁପାଳନ ଯାଞ୍ଚ ପ୍ରକ୍ରିୟା ସେପ୍ଟେମ୍ବର ୩୦ ସୁଦ୍ଧା ଶେଷହେବ। ଅନୁପାଳନ କରୁ ନ ଥିବା ପ୍ରତିଷ୍ଠାନଗୁଡ଼ିକୁ ବିଜ୍ଞପ୍ତି ଜାରି କରାଯିବ। ସେମାନଙ୍କୁ ସାଇନ୍‌ବୋର୍ଡ ସଂଶୋଧନ କରିବା ପାଇଁ ୫୫ ଦିନ ସମୟ ଦିଆଯିବ। ଏହାକୁ ଯେଉଁମାନେ ପାଳନ ନ କରିବେ ସେମାନଙ୍କଠାରୁ ପ୍ରତିଦିନ ୫୦୦ ଟଙ୍କା ଲେଖାଏ ଜରିମାନା ଆଦାୟ କରାଯିବ। ଏହି ନିର୍ଦ୍ଦେଶନାମା କେତେଦୂର ପାଳନ ହେଲା ସେନେଇ ସହରାଞ୍ଚଳ କର୍ତ୍ତୃପକ୍ଷ ଦୁଇମାସ ମଧ୍ୟରେ ବିସ୍ତୃତ ରିପୋର୍ଟ ପ୍ରଦାନ କରିବାକୁ ପ୍ରମୁଖ ଶାସନ ସଚିବ ନିର୍ଦ୍ଦେଶରେ ଦର୍ଶାଇଛନ୍ତି।

## ଜଳିଗଲେ ଛାତ୍ରୀ...

ପରିଡ଼ାଙ୍କ ଝିଅ ସଙ୍ଗୀତା ବଡ଼ପଡ଼ା ମହାବିଦ୍ୟାଳୟର ଯୁକ୍ତ୩ ଶେଷବର୍ଷର ଛାତ୍ରୀ ଥିଲେ।ଗତ କିଛିଦିନ ତଳେ ମହାକାଳପଡ଼ା ବ୍ଲକ୍ ବାବର ଅଞ୍ଚଳର ଜଣେ ଯୁବକ ତାଙ୍କ ମୋବାଇଲକୁ ଅଶ୍ଳୀଳ ଫଟୋ ଓ ଭିଡିଓ ପଠାଇ ବ୍ଲାକମେଲିଂ କରୁଥିଲେ। ଏ ସଂକ୍ରାନ୍ତରେ ସେ ଗ୍ରାମାଞ୍ଚଳ ଥାନାରେ ୬ ମାସ ତଳେ ଅଭିଯୋଗ କରିଥିଲେ। ହେଲେ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲା। ସେହିଦିନଠାରୁ ସଙ୍ଗୀତା ମାନସିକ ଭାବେ ଭାଙ୍ଗି ପଡିଥିଲେ । ପୋଲିସର ଏପରି ପଦକ୍ଷେପ ଯୋଗୁ ସଙ୍ଗୀତା ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଛନ୍ତି ବୋଲି ସେଠି କହିଛନ୍ତି।

# ଏକାଧିକ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

## ରାଜ୍ୟରୁ ଅଧିକ ଚାଉଳ ଉଠାଇବାକୁ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଦାବି ରଖିଲେ

■ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଭେଟି ରାଜ୍ୟର ବିକାଶମୂଳକ କାର୍ଯ୍ୟ ନେଇ ଆଲୋଚନା କଲେ

■ ଆଜି ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିପାରନ୍ତି

ଭୁବନେଶ୍ୱର,୬।୮ (ସୁନିତ୍ ମିଶ୍ର)



ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ସାକ୍ଷାତ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାରଠାରୁ ୩ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଏହି ଅବସରରେ ସେ ବୁଧବାର ଏକାଧିକ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି। କେନ୍ଦ୍ର ଖାଉଟି କଲ୍ୟାଣ ମନ୍ତ୍ରୀ ପ୍ରହ୍ଲାଦ ଜୋଷୀଙ୍କୁ ମୁଖ୍ୟମନ୍ତ୍ରୀ ଭେଟିଛନ୍ତି। ଏହି ଅବସରରେ ତାଙ୍କ ସହ ରାଜ୍ୟ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ରାଜ୍ୟର ୫ ଜଣ ଏମ୍‌ପି ଭର୍ତ୍ତୃହରି ମହତାବ, ସମ୍ବିତ ପାତ୍ର, ପ୍ରଦୀପ ପୁରୋହିତ, ସଙ୍ଗୀତା କୁମାରୀ ସିଂଦେଓ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ରାଜ୍ୟର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସଚିବ ସଞ୍ଜୟ ସିଂ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଓଡ଼ିଶାରୁ ଅଧିକ ଚାଉଳ ଉଠାଇବାକୁ ରାଜ୍ୟ ସରକାର ପ୍ରସ୍ତାବ ଦେଇଛନ୍ତି। ଏଫ୍‌ସିଆଇ ମାସିକିଆ ଭାବେ ଅଧିକ ଚାଉଳ ଉଠାଇବା ଦରକାର। ଧାନ ଉତ୍ପାଦନରେ ଓଡ଼ିଶା ବଳକା ରାଜ୍ୟ ହୋଇଥିବାରୁ ଆସନ୍ତା ଅମଳ ଋତୁରେ ଅଧିକ ଧାନ ଉଠାଇବା ଲାଗି ଏଫ୍‌ସିଆଇକୁ ନିର୍ଦ୍ଦେଶ ଦେବା ଲାଗି ମୁଖ୍ୟମନ୍ତ୍ରୀ କହିଥିଲେ। ଅନ୍ୟପଟେ କେନ୍ଦ୍ରମନ୍ତ୍ରୀ ମଧ୍ୟ ଏହାକୁ ତର୍ଜମା କରି ପଦକ୍ଷେପ ନେବା ଲାଗି ମନ୍ତ୍ରଣାଳୟର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ତାଙ୍କ ଏକ୍ସ ଯୋଗେ ସୂଚନା ଦେଇଛନ୍ତି।

ଏହାପରେ ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀଠାରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲଙ୍କ ସହ ସାକ୍ଷାତ କରିଛନ୍ତି। ଏହି ଅବସରରେ ସେ ମହାନଦୀ ଜଳ ବିବାଦ ନେଇ ରହିଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହାର ନିରପେକ୍ଷ ଓ ନ୍ୟାୟସଙ୍ଗତ ସମାଧାନ ବିଷୟରେ ଆଲୋଚନା କରିଛନ୍ତି। ଏହାସହ ଭିଜନ ଓଡ଼ିଶା ୨୦୩୬ ଏବଂ ୨୦୪୭ ପୁସ୍ତକ ପ୍ରଦାନ କରିଛନ୍ତି। ଏଥିସହିତ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସହିତ ମଧ୍ୟ ମୁଖ୍ୟମନ୍ତ୍ରୀ ସାକ୍ଷାତକରି ରାଜ୍ୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଓ କେନ୍ଦ୍ର-ରାଜ୍ୟ ସମନ୍ୱୟ ସମ୍ପର୍କିତ ବିଷୟଗୁଡ଼ିକ ଉପରେ ଆଲୋଚନା କରିଥିବା ତାଙ୍କ ଏକ୍ସରେ ଉଲ୍ଲେଖ କରିଛନ୍ତି। କେନ୍ଦ୍ର ଭାରିଶିଳ୍ପ ଓ ସାର୍ବଜନୀନ ଉଦ୍ୟୋଗ ଏବଂ ଇସ୍ପାତ ମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀଙ୍କ ସହ ସାକ୍ଷାତକରି ମୁଖ୍ୟମନ୍ତ୍ରୀ ତାଙ୍କ ଏକ୍ସରେ ଉଲ୍ଲେଖ କରିଛନ୍ତି, ଓଡ଼ିଶାରେ ଇସ୍ପାତ କ୍ଷେତ୍ରର ବିକାଶ, ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ ଏବଂ ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ଓ ନିଯୁକ୍ତି ସୃଷ୍ଟି ଆଦି ବିଷୟରେ ଆଲୋଚନା ହୋଇଛି।

ଅନ୍ୟପଟେ ମୁଖ୍ୟମନ୍ତ୍ରୀ ପାର୍ଲାମେଣ୍ଟର ମକରଦ୍ୱାର ନିକଟରେ ଓଡ଼ିଶାର କେତେଜଣ ଏମ୍‌ପିଙ୍କ ସହ ଫଟୋ ଉଠାଇଛନ୍ତି। ଉକ୍ତ ଫଟୋ ଭାଜପା ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ସାମାଜିକ ଗଣମାଧ୍ୟମ ଜରିଆରେ ପୋଷ୍ଟ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀଙ୍କୁ ଛାଡ଼ିଦେଲେ ରାଜ୍ୟର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ରବିନାରାୟଣ ନାଏକ ପ୍ରମୁଖ ଦିଲ୍ଲୀରେ ଡେରା ପକାଇଛନ୍ତି। ଦିଲ୍ଲୀରେ ମୁଖ୍ୟମନ୍ତ୍ରୀ ଏମ୍‌ପିମାନଙ୍କ ସହ ଏକ ବୈଠକ କରିପାରନ୍ତି ବୋଲି ଶୁଣିବାକୁ ମିଳିଛି। ଅନ୍ୟପଟେ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭେଟିବା ଲାଗି ମୁଖ୍ୟମନ୍ତ୍ରୀଙ୍କୁ ସମୟ ଦେଇଥିବା ଶୁଣିବାକୁ ମିଳିଛି।



ନୂଆଦିଲ୍ଲୀଠାରେ ବୁଧବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରସାଦ ଦେଉଛନ୍ତି।

### ଏଲ୍‌ଏଚ୍‌ବି ସହ ଗଡ଼ିବ ଭୁବନେଶ୍ୱର-ଜୁନାଗଡ଼ ରୋଡ୍-ଭୁବନେଶ୍ୱର ସୁପର ଫାଷ୍ଟ ଏକ୍ସପ୍ରେସ

ଭୁବନେଶ୍ୱର,୬।୮ (ଅନୁରାଧା ମହାରଣା)

ଭୁବନେଶ୍ୱର-ଜୁନାଗଡ଼ ରୋଡ -ଭୁବନେଶ୍ୱର ସୁପର ଫାଷ୍ଟ ଏକ୍ସପ୍ରେସ (୨୦୮୩୬/୨୦୮୩୮) ଲିଙ୍କେ ହଫ୍‌ମ୍ୟାନ ବୁଶ (ଏଲ୍‌ଏଚ୍‌ବି) କୋଚ୍ ସହିତ ଚଳାଚଳ କରିବ। ଏକ୍ସପ୍ରେସର ଗୋଟିଏ ରେକ୍‌କୁ ଏଥିପାଇଁ ରୂପାନ୍ତରିତ କରାଯାଇଛି। ଅଗଷ୍ଟ ୮ରୁ ଏକ୍ସପ୍ରେସର ପ୍ରଥମ ରେକ ଏଲ୍‌ଏଚ୍‌ବି କୋଚ୍ ସହିତ ଭୁବନେଶ୍ୱରରୁ ଏବଂ ଜୁନାଗଡ଼ ରୋଡ୍‌ଠାରୁ ଅଗଷ୍ଟ ୯ରେ ଚଳାଚଳ କରିବ। ଦ୍ୱିତୀୟ ଏସି-୨ଟି କୋଚ, ତୃତୀୟ ଏସି-୪ଟି କୋଚ୍, ସ୍ଲିପର୍ କ୍ଲାସ-୫ଟି କୋଚ୍, ଦ୍ୱିତୀୟ ଶ୍ରେଣୀ ସିଟିଂ-୪ଟି କୋଚ୍, ଗାର୍ଡ କମ୍ ପାୱାର କାର୍-୧ ଏବଂ ୧ ଗାର୍ଡ କମ୍ ଦ୍ୱିତୀୟ ଶ୍ରେଣୀ କୋଚ୍ ଦିବ୍ୟାଙ୍ଗଙ୍କ ପାଇଁ ରହିବ।

# ଉଦ୍ୟମିତା କ୍ଷେତ୍ରରେ ଅଧିକ ମହିଳା ସାମିଲ ହେବାକୁ ଆହ୍ୱାନ

ଭୁବନେଶ୍ୱର,୬।୮ (ଅନୁରାଧା ମହାରଣା)




ସମୀକ୍ଷା ବୈଠକରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ।

### ଜିଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକଙ୍କ ସମୀକ୍ଷା ବୈଠକ

ଜିଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକଙ୍କ 'ଯୋଜନା କାର୍ଯ୍ୟାନ୍ୱୟନ ଓ ରୂପାୟନ' ସମ୍ପର୍କିତ ଏକ ସମୀକ୍ଷା ବୈଠକ ସ୍ଥାନୀୟ ଓ-ହବ୍‌ଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ତଥା ମତ୍ସ୍ୟ ଏବଂ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଅଧ୍ୟକ୍ଷତା ସହ ଯୋଜନାର ସମୀକ୍ଷା କରିଥିଲେ। ଏହି ଅବସରରେ ମନ୍ତ୍ରୀ କହିଲେ, ଉଦ୍ୟମିତା କ୍ଷେତ୍ରରେ ଅଧିକରୁ ଅଧିକ ମହିଳାଙ୍କୁ ସାମିଲ କରିବା ପାଇଁ ଅଧିକାରୀମାନେ ବିଶେଷ ପ୍ରଚେଷ୍ଟା କରନ୍ତୁ। ମହିଳା ନେତୃତ୍ୱାଧୀନ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ସମଗ୍ର ଦେଶରେ ଓଡ଼ିଶା ୧୩ତମ ସ୍ଥାନରେ ଥିବା ବେଳେ ଆଗାମୀ ଦିନରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ। ସେହିପରି ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ ଯୋଜନା ଓ ବିଭାଗ ଅନ୍ତର୍ଗତ ସମସ୍ତ ଅନୁଷ୍ଠାନର କାର୍ଯ୍ୟକୁ ସମୀକ୍ଷା କରି ଲୋକଙ୍କ ପାଇଁ ନୀତିନିଷ୍ଠ କର୍ତ୍ତବ୍ୟ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଭାରତ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ, ପିଏମ୍‌ଇଜିପି, ପିଏମ୍‌ଏଫ୍‌ଏମ୍‌ଇ, ପିଏମ୍-ବିଶ୍ୱକର୍ମା ଏବଂ ଓଡ଼ିଶା ସରକାରଙ୍କ ସିଏମ୍-ଶ୍ରମ, ବିଭିନ୍ନ ନୀତି ଅଧୀନରେ ଦିଆଯାଉଥିବା ଆର୍ଥିକ ଏବଂ ଅଣଆର୍ଥିକ ପ୍ରୋତ୍ସାହନଗୁଡ଼ିକର ସମୀକ୍ଷା କରିଥିଲେ। ଜିଲାସ୍ତରର କାର୍ଯ୍ୟକାରିତା ସମୟରେ ଉପୁଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ପରିଚାଳକମାନେ ମତ ରଖିଥିଲେ। ଏହି ସମୀକ୍ଷା ବୈଠକରେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିଭାଗର କମିଶନର ତଥା ଶାସନ ସଚିବ ଡି. ପ୍ରଶାନ୍ତ କୁମାର ରେଡ୍ଡୀ, ରପ୍ତାନି ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର, ସ୍ୱତନ୍ତ୍ର ଶାସନ ସଚିବ ମହେଶ କୁମାର ଚୌଧୁରୀ, ଅତିରିକ୍ତ ଶିଳ୍ପ ନିର୍ଦ୍ଦେଶକ ପ୍ରଭୁ ପ୍ରସାଦ ଚୌଧୁରୀ, ଜିଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ସମ୍ପୁଟିତା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।







# ସାର୍ବଜନୀନ ସ୍ଥାନରେ ଖୋଲିବ 'ସ୍ତନ୍ୟପାନ କେନ୍ଦ୍ର'

## ସ୍ତନ୍ୟପାନ ଯୋଗୁ ମା' ହୃଦୟର ନିକଟତର ହୋଇପାରିବ ଶିଶୁ: ପ୍ରଭାତୀ



ଶିଶୁ ଓ ସେମାନଙ୍କ ମା'ବାପାଙ୍କ ସହ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ।

ଭୁବନେଶ୍ୱର,୬।୮ (ସୁଚିସ୍ମିତା ସାହୁ)

ଏଣିକି ମହିଳାମାନେ ସବୁଠି ନବଜାତ ଶିଶୁକୁ ସ୍ତନ୍ୟପାନ କରାଇବାର ସୁବିଧା ପାଇପାରିବେ। ଆଗକୁ ବିଭିନ୍ନ ସାର୍ବଜନୀନ ସ୍ଥାନ ବସ୍‌ଷ୍ଟାଣ୍ଡ, ରେଳଷ୍ଟେଶନ, ହାଟ ଓ ବଜାର ସମେତ ସରକାରୀ କାର୍ଯ୍ୟାଳୟ ଏବଂ ଅଭିଯୋଗ ଶୁଣାଣି ସ୍ଥାନରେ ମଧ୍ୟ ବ୍ରେଷ୍ଟ ଫିଡିଂ ସେଣ୍ଟର ବା ସ୍ତନ୍ୟପାନ କେନ୍ଦ୍ର ଖୋଲାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଲୋକସେବା ଭବନ କନ୍‌ଭେନଶନ ସେଣ୍ଟରରେ ବୁଧବାର ରାଜ୍ୟସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ କହିଲେ, ସ୍ତନ୍ୟପାନ ଦ୍ୱାରା ଉଭୟ ମାଆ ଓ ଶିଶୁର ସ୍ୱାସ୍ଥ୍ୟ ଭଲ ରହିବ। ସ୍ତନ୍ୟପାନ ଯୋଗୁ ଶିଶୁ ମା'ର କ୍ଲୋଜ୍ ଟୁ ହାର୍ଟ ଅର୍ଥାତ୍ ମା' ହୃଦୟର ଆହୁରି ନିକଟତର ହୋଇପାରିବ। ଏଥିସହ ସ୍ତନ୍ୟପାନ ଦ୍ୱାରା ମହିଳାଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ସ୍ତନ କର୍କଟ ଓ ଡିମ୍ବାଶୟ କର୍କଟ ଭଳି ଭୟଙ୍କର ରୋଗକୁ ବହୁମାତ୍ରାରେ ଏଡ଼ାଇ ଦିଆଯାଇପାରିବ। ଶିଶୁର ପ୍ରାରମ୍ଭିକ ୬ ମାସର ନିରନ୍ତର ସ୍ତନ୍ୟପାନ ଉଭୟ ମା' ଓ ଶିଶୁର ମାନସିକ ସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ। ଆଗାମୀ ଦିନରେ ଓଡ଼ିଶାରେ ସ୍ତନ୍ୟପାନ ହାର ବୃଦ୍ଧି କରିବାକୁ ସେ ଆହ୍ୱାନ ଦେଇଥିଲେ। ଆହୁରି ମଧ୍ୟ ସେ କହିଲେ, ଅଙ୍ଗନୱାଡ଼ି ଶିଶୁର ଦ୍ୱିତୀୟ ମା' ଘର। ଅଙ୍ଗନୱାଡିକୁ ଆହୁରି ଉନ୍ନତ କରିବା ପାଇଁ ଅଗଷ୍ଟ ୧ରୁ ୧୫ ତାରିଖ ଯାଏ ଆସ ବୁଲିଯିବା ଅଙ୍ଗନୱାଡ଼ି ଅଭିଯାନରେ ସାମିଲ ହୋଇ ଅଙ୍ଗନୱାଡ଼ି କେନ୍ଦ୍ରକୁ ପରିଦର୍ଶନ କରିବାକୁ ଉପମୁଖ୍ୟମନ୍ତ୍ରୀ ପିଲାଙ୍କ ମା'ବାପାଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଅନ୍‌ଲାଇନ ମାଧ୍ୟମରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗ କାର୍ଯ୍ୟାଳୟରେ ଏକ ଶିଶୁ ସ୍ତନ୍ୟପାନ କକ୍ଷ ଉଦ୍‌ଘାଟନ କରିବା ସହ ଲୋକ କଲ୍ୟାଣ ଅନ୍‌ଲାଇନ୍ ୱେବ୍ ଲିଙ୍କ୍ ଫର୍ମ ଲୋକାର୍ପଣ ହୋଇଯାଇଛି। ଏହି ୱେବ୍ ଲିଙ୍କ୍ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଓଡ଼ିଶା ରାଜ୍ୟ ସାମାଜିକ କଲ୍ୟାଣ ବୋର୍ଡ ଦ୍ୱାରା ପରିଚାଳିତ ହେବ। ଏହି ପଞ୍ଜୀକରଣ ମାଧ୍ୟମରେ ଓଡ଼ିଶା ରାଜ୍ୟ ସାମାଜିକ କଲ୍ୟାଣ ବୋର୍ଡ ଏକ ସକ୍ରିୟ ଏନ୍‌ଜିଓ ଡାଟାବେଶ ଗଠନ କରିବ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଡ. ଆଦିତ୍ୟ ମହାପାତ୍ର କହିଲେ, ସ୍ତନ୍ୟପାନ କେବଳ ମା'ମାନଙ୍କର ଦାୟିତ୍ୱ ନୁହେଁ। ଏହା ପରିବାର, ସମାଜ, ସରକାରଙ୍କର ସାମୂହିକ ଦାୟିତ୍ୱ। ମା'ମାନଙ୍କ ପାଇଁ ଉପଯୁକ୍ତ ବିଶ୍ରାମ, ପୁଷ୍ଟିକର ଖାଦ୍ୟ ଓ ଏକ ମାନସିକ ଚାପମୁକ୍ତ ପରିବେଶ ସୃଷ୍ଟି କରିବାର ଆବଶ୍ୟକତା ରହିଛି। ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଗର୍ଭବତୀ, ପ୍ରସୂତି ମା' ଓ ଶିଶୁଙ୍କ ପାଇଁଥିବା ରାଜ୍ୟ ସରକାରଙ୍କ ଯୋଜନା ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ ୟୁନିସେଫ୍‌ର ପୋଷଣ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଯ୍ୟ ଉପସ୍ଥିତ ଥିଲେ। ବିଭାଗର ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ସ୍ୱାଗତ ଅଭିଭାଷଣ ଓ ଅତିରିକ୍ତ ସଚିବ ସ୍ୱୟଂପ୍ରଭା ମହାନ୍ତି ଧନ୍ୟବାଦ ଦେଇଥିଲେ।

ନୈତିକତା ଏକ କୃତ୍ରିମ ମାନଦଣ୍ଡରେ ସମସ୍ତଙ୍କୁ ଠିଆ କରିବାକୁ ଚାହୁଁଥିଲା ବେଳେ, ଆଧ୍ୟାତ୍ମିକତା ଜୀବନର ବହୁ ବୈଚିତ୍ର୍ୟ ଭିତରେ ଲୀଳାୟିତ ହୁଏ। ଏହା ମଧ୍ୟ ଆତ୍ମାର ସ୍ୱାଧୀନତାକୁ ସାବ୍ୟସ୍ତ କରେ। –ଶ୍ରୀମା

-ଶିବ ପବିତ୍ରାରୋପଣ ଚତୁର୍ଦ୍ଦଶୀ, ଶରଣ ଆରମ୍ଭ




# ବିଶ୍ୱାସରେ ଅନ୍ତିମ ସଂସ୍କାର



ଦେବଦତ୍ତ ପଟ୍ଟନାୟକ

ମୃତ୍ୟୁ ପର ଜୀବନକୁ ନେଇ ବିଭିନ୍ନ ସଂସ୍କୃତିରେ ଭିନ୍ନ ଭିନ୍ନ ବିଶ୍ୱାସ ରହିଛି ଏବଂ ସେଥିପାଇଁ ସେମାନଙ୍କ ଅନ୍ତିମ ସଂସ୍କାରରେ ଭିନ୍ନତା ଦେଖାଯାଉଛି। ବିଶେଷକରି ଥରକ ପାଇଁ କେବଳ ଜନ୍ମନିଏ ବୋଲି ଯେଉଁମାନେ ବିଶ୍ୱାସ କରନ୍ତି, ସେମାନେ ମୃତଦେହକୁ ସମାଧି ଦିଅନ୍ତି ଓ ସେଠାରେ ସମାଧି ପଥର ସ୍ଥାପନ କରିଥାନ୍ତି। ସେହିଭଳି ଯେଉଁମାନେ ପୁନର୍ଜନ୍ମରେ ବିଶ୍ୱାସକରନ୍ତି, ସେମାନେ ମୃତଦେହକୁ ଦାହକରି, ପାଣିରେ ଭସାଇ ପ୍ରକୃତି ସହ ମିଶାଇ ଦେଇଥାନ୍ତି କିମ୍ବା ହିଂସ୍ର ଜୀବଙ୍କ ମୁହଁରେ ଦେଇଦିଅନ୍ତି। ଆସାମରେ ଅହୋମ୍ ବଂଶର ରାଜାମାନେ ତ୍ରୟୋଦଶ ଶତାବ୍ଦୀରେ ଦକ୍ଷିଣ ଏସିଆ ବାଟ ଦେଇ ଚାଇନାରୁ ଭାରତକୁ ଆସିଥିଲେ। ସେମାନଙ୍କ ମୃତ ଶରୀରକୁ ସ୍ତୂପ ମଧ୍ୟରେ ପୋତିଦେଉଥିଲେ, ଯାହାକୁ କୁହାଯାଏ ମୋଇଡାମ୍। ବେଳେବେଳେ ରାଜାଙ୍କ ସହ ଯାଉଥିବା ସେବକ କିମ୍ବା ଅନ୍ୟ ଲୋକଙ୍କୁ ମଧ୍ୟ ପୋତିଦିଆଯାଉଥିଲା। ସେମାନେ ହିନ୍ଦୁ ହେବା ପରେ ଏହା ନ କରି ଶବଦାହ ଆରମ୍ଭ କରିଥିଲେ। ହିନ୍ଦୁ ରୀତିନୀତି ଅନୁଯାୟୀ, ମୃତ ବ୍ୟକ୍ତିଙ୍କ ପୁନର୍ଜନ୍ମକୁ ସୁଗମ କରିବା ପାଇଁ ଦାହ ପରେ ତାଙ୍କ ଅସ୍ଥିକୁ ନଦୀରେ ବିସର୍ଜନ କରାଯାଉଥିଲା। ତେବେ ଅନ୍ତିମ ସଂସ୍କାରର ପରିବର୍ତ୍ତନ ଏକ ସଂସ୍କୃତିର ପରିବର୍ତ୍ତନକୁ ଦର୍ଶାଏ।

ପ୍ରାଗ୍ ଐତିହାସିକ ସମୟରେ, ସମାଧି ପାଇଁ ମାଟିପାତ୍ର ଅପରିହାର୍ଯ୍ୟ ଥିଲା। ସେତେବେଳେ ଦୁଇ ପ୍ରକାର ସମାଧି ଦିଆଯାଉଥିଲା। ପ୍ରଥମରେ ଲୋକେ ମାଟି ପାତ୍ର(କୁଣ୍ଡ) ମଧ୍ୟରେ ମୃତ ଲୋକଙ୍କୁ ରଖି ପୋତିଦେଉଥିଲେ। ଦ୍ୱିତୀୟରେ ଦାହ ସଂସ୍କାର ପରେ ସଂଗୃହୀତ ଅସ୍ଥିକୁ ମାଟିପାତ୍ରରେ ରଖାଯାଇ ସମାଧି କରାଯାଉଥିଲା। ତାମିଲ ସଙ୍ଗମ କାବ୍ୟରେ ଏ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ସେଥିରେ ଜଣେ ବିଧବା ତାଙ୍କ ସ୍ୱାମୀଙ୍କ ମୃତଦେହ ପାଇଁ ଏକ ବଡ଼ ମାଟିକୁଣ୍ଡ ତିଆରି କରିବାକୁ ଜଣେ କୁମ୍ଭକାରଙ୍କୁ କହୁଥିବା କଥା ଉଲ୍ଲେଖ ରହିଛି। ବିଶେଷକରି ଦକ୍ଷିଣ ଭାରତରେ ପ୍ରାଗ୍ ଐତିହାସିକ ସମାଧିସ୍ଥଳଗୁଡ଼ିକରେ ପଥର ତିଆରି କୁଣ୍ଡ ଦେଖିବାକୁ ମିଳେ। ହରପ୍ପା ସଭ୍ୟତାରେ ଶବଦାହ କରାଯାଉଥିଲେ ମଧ୍ୟ ଅନେକ ସମ୍ପ୍ରଦାୟରେ ସମାଧି ଦିଆଯାଉଥିଲା। ହରପ୍ପାରେ ବହୁ ସମାଧିସ୍ଥଳ ଦେଖିବାକୁ ମିଳେ, ଯେଉଁଠାରେ ମୃତଲୋକଙ୍କ ସହ କାଠ କିମ୍ବା ଅନ୍ୟ ଧାତବ ମାଳ ଏବଂ କିଛି ପାତ୍ର ଥିବା ଦେଖାଯାଏ। ଧୋଲାବିରାରେ ମିଳିଥିବା ସମାଧି ସ୍ତୂପରେ କୌଣସି ମୃତଦେହ ନ ଥିବା ଦେଖାଯାଏ। ସମ୍ଭବତଃ ଦୂର ଦେଶକୁ ଯାତ୍ରା କରିବା ସମୟରେ ମୃତ୍ୟୁ ଘଟିଥିବା ବ୍ୟକ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହା କରାଯାଉଥିଲା। ଡେକାନ ଅଞ୍ଚଳ( ଦକ୍ଷିଣ ଭାରତରେ ନର୍ମଦା ନଦୀର ଦକ୍ଷିଣରେ ଥିବା ସମତଳ ଅଞ୍ଚଳ)ର ମେଗାଲିଥିସ୍ (ପୋତାଯାଇଥିବା ବଡ଼ ପଥର ଖଣ୍ଡ)ର ସମ୍ପର୍କ ଲୌହଯୁଗର( ଖ୍ରୀଷ୍ଟପୂର୍ବ ୧୦୦୦) ସମାଧି ସ୍ଥଳ ସହ ରହିଛି। ବିଶେଷକରି ପ୍ରାଗ୍ ଐତିହାସିକ ଯୁଗର ମେଗାଲିଥିକ୍ ସଂସ୍କୃତି ହେଉଛି ଏକ ନିଆରା ଦକ୍ଷିଣ ଭାରତୀୟ ସଂସ୍କୃତି। ଗଙ୍ଗା- ଯମୁନା ନଦୀ ଅବବାହିକାରେ ବୈଦିକ ସଂସ୍କୃତିର ବିକାଶ ସମୟରେ ଏଭଳି ସମାଧି କରାଯାଉଥିଲା।



ସମାଧି ଦିଆଯାଉଥିବା ସ୍ଥାନରେ ଦୁଇଟି ପଥରକୁ ସିଧା କରି ପୋତାଯାଇ ତା'ଉପରେ ଆଉ ଖଣ୍ଡେ ପଥର ଭୂମି ସହ ସମାନ୍ତର ଭାବେ ରଖି ସମାଧି ମନ୍ଦିର ନିର୍ମାଣ କରାଯାଉଥିଲା, ଯାହାକୁ କୁହାଯାଏ ଡୋଲ୍‌ମେନ୍। ଏହା ଭିତରେ ମୃତବ୍ୟକ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅସ୍ଥି ଓ ଖାଦ୍ୟପଦାର୍ଥ ରଖାଯାଉଥିଲା।

ବେଦଗୁଡ଼ିକରେ ଉଭୟ ଦାହ ସଂସ୍କାର ଓ ସମାଧି ବିଷୟରେ ଉଲ୍ଲେଖ ରହିଛି। ଶବଦାହ ସମ୍ପର୍କରେ ମଧ୍ୟ ରାମାୟଣ ଓ ମହାଭାରତରେ ବର୍ଣ୍ଣନା କରାଯାଇଛି। ଦଶରଥଙ୍କ ମୃତ ଶରୀରକୁ ଦାହ କରାଯାଇଥିଲା। ରାବଣ ଏବଂ କୌରବଙ୍କୁ ମଧ୍ୟ ଦାହ କରାଯାଇଥିଲା। ଅନ୍ତ୍ୟେଷ୍ଟିକ୍ରିୟା ପରବର୍ତ୍ତୀ ରୀତିନୀତିରେ ମୃତବ୍ୟକ୍ତି(ପିତୃପୁରୁଷ)ଙ୍କୁ ଖୁଆଇବାର ବ୍ୟବସ୍ଥା କରାଯାଇଛି। ଦାହ ସଂସ୍କାର କେବଳ ଉଚ୍ଚବର୍ଗରେ ରହିଛି। କାରଣ ସେମାନେ ଦାହ ପାଇଁ କାଠ ଯୋଗାଇ ଦେଇପାରନ୍ତି। ଅନେକ ନୀଚଜାତିର ଲୋକେ ଏବେ ସୁଦ୍ଧା ପ୍ରାଗ୍ ବୈଦିକ ସମୟର ସମାଧି ପରମ୍ପରାକୁ ବଜାୟ ରଖିଛନ୍ତି। ବହୁ ସମୟରେ ମାଲିକାନା ଓ ସ୍ୱତ୍ୱାଧିକାର ସୂଚିତ କରିବା ଲାଗ ପରିବାର ମାଲିକାନାରେ ଥିବା ଜମିରେ ହିଁ ସେମାନଙ୍କ ମୃତବ୍ୟକ୍ତିଙ୍କୁ ସମାଧି ଦିଆଯାଏ ।

ଭାରତର ଅନେକ ଅଞ୍ଚଳରେ ମୃତବ୍ୟକ୍ତିଙ୍କୁ ବସାଯାଇ ସମାଧି ଦିଆଯାଏ। ବିଶେଷକରି ଧର୍ମୀୟ ସମ୍ପ୍ରଦାୟର ବ୍ୟକ୍ତିଙ୍କ କ୍ଷେତ୍ରରେ ଏଭଳି କରାଯାଉଥିଲା। ବିଶ୍ୱାସ ରହିଥିଲା ଯେ, ଧର୍ମୀୟ ସମ୍ପ୍ରଦାୟର ଲୋକଙ୍କର ପୁନର୍ଜନ୍ମ ହେବ ନାହିଁ। ଅନେକ ହିନ୍ଦୁ ମଠରେ ସାଧୁମାନଙ୍କୁ ବସିଥିବା ଭଙ୍ଗୀରେ ସମାଧି ଦିଆଯାଇଥାଏ ଏବଂ ତା'ଉପରେ ଏକ ସ୍ୱତନ୍ତ୍ର କୁଣ୍ଡରେ ତୁଳସୀ ଗଛ ଲଗାଯାଏ। ଜୈନ ସନ୍ନ୍ୟାସୀଙ୍କ କ୍ଷେତ୍ରରେ ବହୁ ସମୟରେ ସମାଧି ଉପରେ ଏକ ଗଛ ଲଗାଯାଏ କିମ୍ବା ତା'ଉପରେ ସ୍ତୂପ ନିର୍ମାଣ କରାଯାଇଥାଏ। ଅନେକ କ୍ଷେତ୍ରରେ ଦାହ କରାଯାଇଥିବା ସନ୍ନ୍ୟାସୀଙ୍କ ଅସ୍ଥି ଉପରେ ସ୍ତୂପ ନିର୍ମାଣ କରାଯିବାର ପରମ୍ପରା ଥିଲା ଏବଂ ପରେ ଏହାକୁ ବୌଦ୍ଧ ଧର୍ମାବଲମ୍ବୀମାନେ ଅନୁସରଣ କରିଥିଲେ। ଅବଶ୍ୟ ବୈଦିକ ଲୋକମାନେ ବୌଦ୍ଧ ଧର୍ମାବଲମ୍ବୀଙ୍କୁ ଅସ୍ଥି ଉପାସକ କହି ସମାଲୋଚନା କରୁଥିଲେ। ଶରୀର ଓ ଅସ୍ଥିକୁ ସମାଧି ଦିଆଯାଇଥିବା ବୌଦ୍ଧସ୍ଥଳୀଗୁଡ଼ିକୁ ସ୍ତୂପ କୁହାଗଲାବେଳେ ଜୈନ ଓ ହିନ୍ଦୁମାନେ ତାହାକୁ ସମାଧି କହିଲେ।

ଏହା ବ୍ୟତୀତ ପଥର ନିର୍ମିତ ସମାଧିମନ୍ଦିର ନିର୍ମାଣ କରାଯାଉଥିଲା। ବିଶେଷକରି ସମାଧି କିମ୍ବା ଦାହ କରାଯାଇଥିବା ସ୍ଥାନରେ ଏଭଳି ମନ୍ଦିର ନିର୍ମାଣ କରାଯାଇ ତା' ଉପରେ ଶିବଲିଙ୍ଗ ମୂର୍ତ୍ତି ରଖାଯାଉଥିଲା। ଚୋଳ ବଂଶର କେତେଜଣ ରାଜା ଏହି ପରମ୍ପରାର ଅନୁଗାମୀ ଥିଲେ। ଏହା ବ୍ୟତୀତ ରାଜସ୍ଥାନ, ଗୁଜରାଟ ଏବଂ ଭାରତର ଅନେକ ଭାଗରେ ବୀର ପଥର ଦେଖିବାକୁ ମିଳେ। ଆକ୍ରମଣକାରୀ କିମ୍ବା ହିଂସ୍ରଜନ୍ତୁଙ୍କ କବଳରୁ ଗାଁକୁ ରକ୍ଷା କରିବାକୁ ଯାଇ ଯେଉଁ ସ୍ଥାନରେ ଯୋଦ୍ଧାମାନେ ପ୍ରାଣ ହରାଇଥିଲେ ସେଠାରେ ଏହି ବୀରଶିଳା ସ୍ଥାପନ କରାଯାଉଥିଲା। ସତୀମାନେ ସ୍ୱାମୀଙ୍କ ଚିତାରେ ଝାସ ଦେଉଥିବା ସ୍ଥାନକୁ ସତୀଶିଳା ଦ୍ୱାରା ଚିହ୍ନିତ କରାଯାଉଥିଲା। କର୍ଣ୍ଣାଟକରେ ଅମରଣ ଉପବାସକରି ଯେଉଁ ସ୍ଥାନରେ ଜୈନ ସନ୍ନ୍ୟାସୀମାନେ ପ୍ରାଣତ୍ୟାଗ କରୁଥିଲେ ସେଠାରେ ନିଷିଦ୍ଧି ଶିଳା ସ୍ଥାପନ କରାଯାଇଥିଲା।

ଦଶମ ଶତାବ୍ଦୀ ପରେ ଇସ୍‌ଲାମ ସଂସ୍କୃତି ଭାରତରେ ପ୍ରବେଶକରିଥିଲା। ଏହା ପରେ କବରସ୍ଥଳୀ ନିର୍ମାଣ ଆରମ୍ଭ ହୋଇଥିଲା। କିନ୍ତୁ ଆରବୀୟ ପରମ୍ପରାରେ କବର ନିର୍ମାଣ ନାହିଁ। ଏଣୁ ଏହା କେନ୍ଦ୍ର ଏସିଆରୁ ଆସିଛି। ଆରବୀୟମାନେ ମୃତକଙ୍କୁ ସମାଧି ଦେଉଥିଲେ ଏବଂ ପ୍ରାଚୀନ ଇରାନୀୟ ମାଟି କିମ୍ବା ପାଣିରେ ପକାଇଦେଉଥିଲେ କିମ୍ବା ଶାଗୁଣା ଆଗରେ ରଖି ଦେଉଥିଲେ। ବିଶେଷକରି ଇସ୍‌ଲାମ ଧର୍ମ ଗ୍ରହଣ କରିଥିବା କେନ୍ଦ୍ର ଏସିଆର ଆଦିବାସୀମାନେ କବରସ୍ଥଳୀ ନିର୍ମାଣକୁ ଆପଣାଇଥିଲେ ଏବଂ ଭାରତରେ କବର ସ୍ମାରକ ନିର୍ମାଣ ଆରମ୍ଭ କରିଥିଲେ। ସେଥିପାଇଁ ଦଶମ ଶତାବ୍ଦୀ ପରେ ଭାରତରେ ଖିଲିଜ, ତୋଗଲକ, ଲୋଦି ଓ ସୁରିବଂଶର କବର ସ୍ମାରକ ଦେଖିବାକୁ ମିଳେ। ଏହା ପରେ ପ୍ରସିଦ୍ଧ ତାଜମହଲ ଭଳି ଅନେକ ମୋଗଲ ସ୍ମାରକ ଦେଖିବାକୁ ପାଉ। ସୁଫି ସନ୍ନ୍ୟାସୀଙ୍କ ସମାଧି ସ୍ଥଳଗୁଡ଼ିକ ମଧ୍ୟ ତୀର୍ଥସ୍ଥଳୀ ପାଲଟିଗଲା।

ଏହି ମୁସ୍‌ଲିମ୍ ପରମ୍ପରାକୁ ଲକ୍ଷ୍ୟକରି ଅନେକ ରାଜପୁତ ରାଜକୀୟ ଅନ୍ତିମ ସଂସ୍କାର ସ୍ଥଳରେ ଗମ୍ବୁଜ ଓ ମଣ୍ଡପ ନିର୍ମାଣ ଆରମ୍ଭ କରିଦେଲେ। ଏଗୁଡ଼ିକ ହେଉଛି ଛତ୍ରୀ। ଏପରିକି ମହାରାଷ୍ଟ୍ର ଓ ଗୁଜରାଟର କେତେକ ସ୍ଥାନରେ ଏହା ଦେଖାଯାଏ। ତ୍ରୟୋଦଶ ଶତାବ୍ଦୀରୁ ଆରମ୍ଭକରି ଉନବିଂଶ ଶତାବ୍ଦୀ ମଧ୍ୟରେ ଏହି ପରମ୍ପରା ଲୋକପ୍ରିୟ ହୋଇଗଲା। ବୈଦିକ ବିଶ୍ୱାସ ରହିଛି, ପୁନର୍ଜନ୍ମକୁ ସୁଗମ କରିବାକୁ ହେଲେ ମୃତକଙ୍କ କୌଣସି ସଙ୍କେତ ବା ଚିହ୍ନ ରହିବା ଉଚିତ ନୁହେଁ। ଏଣୁ ଏଭଳି ପରମ୍ପରାଗୁଡ଼ିକ ବୈଦିକ ବିଶ୍ୱାସର ବିରୋଧୀ ଥିଲା। ଏପରିକି ଏବେ ମଧ୍ୟ ରାଜନେତାଙ୍କୁ ଯେଉଁଠାରେ ଦାହକରାଯାଉଛି ସେଠାରେ ସମାଧି ନିର୍ମାଣ କରାଯାଉଛି।

ଉତ୍ତରପୂର୍ବ ଭାରତରେ ଥିବା ମୋନପା ଜନଜାତି ସମ୍ପ୍ରଦାୟରେ ମୃତବ୍ୟକ୍ତିଙ୍କ ଶରୀରକୁ ୧୦୮ ଖଣ୍ଡ କରି ମାଛ ଖାଇବା ଲାଗି ନଦୀରେ ଫିଙ୍ଗିଦିଆଯାଉଛି। ଏହିପରି ଭାବେ ଭାରତରେଅନ୍ତିମସଂସ୍କାରସ୍ମାରକକୁଅନୁଧ୍ୟାନକଲେଜଣାଯାଏ, ଦେଶରେ ବିବିଧ ଧର୍ମୀୟ ପରମ୍ପରା ଓ ବିଶ୍ୱାସ ଭରି ରହିଛି।

-devduttofficial@gmail.com

## ଏଇ ଭାରତରେ

ଗୁରୁଗ୍ରାମର ୧୭ ବର୍ଷୀୟ ଆର୍ଯ୍ୟନ ଛୋପ୍ରା ଗ୍ରାମାଞ୍ଚଳରେ ଡିଜେଲଚାଳିତ ଅଟାକଳକୁ ସୌରଶକ୍ତି ଦ୍ୱାରା ଚଳାଇବାରେ ପ୍ରମୁଖ ଭୂମିକା ନେଉଛନ୍ତି। ଏଥିଯୋଗୁ ସେ ଡିଜେଲ ବ୍ୟବହାର କମାଇବା ସହ ପ୍ରଦୂଷଣ ରୋକିବାରେ ସକ୍ଷମ ହୋଇଛନ୍ତି। 'ପ୍ରୋଜେକ୍ଟ ସୂର୍ଯ୍ୟ ଚକ୍ର' ମାଧ୍ୟମରେ ସେ ଏହି କାମ କରୁଛନ୍ତି। ତାଙ୍କର ଏହି ପଦକ୍ଷେପ ଯୋଗୁ ମିଲ୍ ମାଲିକମାନେ ମାସକୁ ପାଖାପାଖି ୨୫,୦୦୦ ଟଙ୍କା ବିଦ୍ୟୁତ୍ ବିଲ୍ ବାବଦ ଅର୍ଥ ବଞ୍ଚାଇ ପାରୁଛନ୍ତି। ଆର୍ଯ୍ୟନଙ୍କ ଜନ୍ମ ଗୁରୁଗ୍ରାମରେ। ସେଠାରେ ସେ ପଢ଼ିଛନ୍ତି। ତାଙ୍କ ପୈତୃକ ଗ୍ରାମ ହିମାଚଳ ପ୍ରଦେଶକୁ ଯାଇଥିବାବେଳେ ସେ ସେଠାରେ ଡିଜେଲଚାଳିତ ଅଟାକଳ ଦେଖିଥିଲେ। ସେସବୁ କିଭଳି ସୌରଶକ୍ତି ଦ୍ୱାରା ଚାଲିବ ସେନେଇ ଯୋଜନା କରିଥିଲେ। ପରେ ସେ ସୋଲାର ପ୍ୟାନେଲ ବସାଇବା ଲାଗି ଲୋନ୍ ଦେଉଥିବା ମେଟାଫିନ୍ ନାମକ ଏକ ନନ୍‌ବ୍ୟାଙ୍କିଙ୍ଗ୍ ଫାଇନାନ୍ସ କମ୍ପାନୀ ସହ ଯୋଗାଯୋଗ କରି ଜୁଲାଇ ୨୦୨୪ରେ କଳଗୁଡ଼ିକୁ ସୌରଶକ୍ତିରେ ଚଳାଇବା ଆରମ୍ଭ କରିଥିଲେ। ସେଥିରେ ସଫଳ ହେବା ପରେ ସେ ଉତ୍ତରପ୍ରଦେଶ ବାରାଣସୀର ଗ୍ରାମାଞ୍ଚଳରେ ଏବେସୁଦ୍ଧା ୧୫ଟି ଡିଜେଲଚାଳିତ ଅଟାମିଲ୍‌କୁ ସୌରଶକ୍ତିରେ ଚଳାଇ ପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୭ ଅଗଷ୍ଟ ୧୯୭୬

- କେରଳ, କର୍ନାଟକ, ଗୋଆ, ତାମିଲନାଡୁ ଏବଂ ଆନ୍ଧ୍ରପ୍ରଦେଶରେ ନଡ଼ିଆ ଚାଷର ବିକାଶ ନିମନ୍ତେ କେନ୍ଦ୍ର କୃଷି ଓ ଜଳସେଚନ ମନ୍ତ୍ରଣାଳୟ ପକ୍ଷରୁ ୩୦ ଲକ୍ଷ ଟଙ୍କା ମଞ୍ଜୁର।
- ସୋସିଆଲିଷ୍ଟ ୟୁନିଟ ସେଣ୍ଟରର ପ୍ରତିଷ୍ଠାତା ତଥା ସାଧାରଣ ସମ୍ପାଦକ ଶିବଦାସ ଘୋଷଙ୍କ ୫୫ ବର୍ଷ ବୟସରେ ପରଲୋକ।
- ଘୋର ଅର୍ଥନୈତିକ ମାନ୍ଦାବସ୍ଥା ହେତୁ ଚିଲିରେ ୮ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରମିକ ବେକାର।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 7 | | | | | |
| | | | | | 1 | | 9 | |
| | | | | 4 | | 1 | | |
| 1 | | | | | 7 | | 4 | 2 |
| | | 9 | | | | 8 | 6 | |
| 8 | | 4 | | | 2 | | | |
| | | 2 | 5 | | | 3 | | |
| | | 8 | | | | 9 | | 6 |
| 4 | 3 | | | 8 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 9 | 3 | 1 | 6 | 2 | 8 | 4 |
| 1 | 2 | 8 | 5 | 7 | 4 | 9 | 3 | 6 |
| 4 | 3 | 6 | 9 | 2 | 8 | 1 | 7 | 5 |
| 3 | 4 | 1 | 7 | 6 | 2 | 8 | 5 | 9 |
| 9 | 8 | 7 | 4 | 5 | 3 | 6 | 2 | 1 |
| 5 | 6 | 2 | 8 | 9 | 1 | 3 | 4 | 7 |
| 8 | 9 | 4 | 1 | 3 | 5 | 7 | 6 | 2 |
| 2 | 1 | 3 | 6 | 4 | 7 | 5 | 9 | 8 |
| 6 | 7 | 5 | 2 | 8 | 9 | 4 | 1 | 3 |

ଗତକାଲିର ଉତ୍ତର

# ନାରୀ ନିର୍ଯାତନା ବଢୁଛି କାହିଁକି



ବିଚିତ୍ର ବିଶାଳ

ନାରୀ ସୁରକ୍ଷା ପରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସଫଳତା କି ବିଫଳତା, ଦକ୍ଷତା କି ଦୁର୍ବଳତାରେ ସୀମିତ ନୁହେଁ । ଏହା ହେଉଛି ସମଗ୍ର ବ୍ୟବସ୍ଥାର ଏକ ପ୍ରସଙ୍ଗ। ମାନବ ଅଧିକାର ତଥା ମଣିଷର ବଞ୍ଚି ରହିବା ଅଧିକାରର ପ୍ରସଙ୍ଗ। ନାରୀଙ୍କ ଉପରେ ହେଉଥିବା ଅତ୍ୟାଚାର କେବଳ କୌଣସି ଦଳର ଅପାରଗ ଶାସନ ଯୋଗୁ ଘଟୁଛି ବୋଲି କହିବା ସତ୍ୟର ଅପଳାପ ହେବ। କାରଣ ଆମ ଦେଶରେ ଓ ରାଜ୍ୟଗୁଡ଼ିକରେ, ପ୍ରତ୍ୟେକ ଦଳର ଶାସନକାଳ, ନାରୀଙ୍କ ଉପରେ ଅତ୍ୟାଚାରର ଘଟଣାରେ ପରିପୂର୍ଣ୍ଣ। ଅବଶ୍ୟ ଦକ୍ଷ ଶାସନ ଓ ଆଇନ ଶୃଙ୍ଖଳା ଦ୍ୱାରା ବଳାତ୍କାର, ହତ୍ୟା, ନିର୍ଯାତନା ଆଦି ଘଟଣାର ତଦନ୍ତ ଏବଂ ଦୋଷୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନର ବେଗ ଦ୍ରୁତ କରାଯାଇ ପାରିବ।

ସଂପ୍ରତି ନାରୀ ସୁରକ୍ଷା ପ୍ରଶ୍ନକୁ ନେଇ ଆମ ରାଜ୍ୟ ଓଡ଼ିଶା ସାରା ଦେଶରେ ଚର୍ଚ୍ଚାରେ ଅଛି। ବାଲେଶ୍ୱରର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ପ୍ରତି ନିର୍ଯାତନା ଓ ପରେ ପରେ ନ୍ୟାୟ ନ ପାଇବାରୁ ହତାଶ ହୋଇ ତାଙ୍କ ଆତ୍ମହତ୍ୟା ଘଟଣା, ପୁରୀ ଜିଲାର ବଳଙ୍ଗାରେ ଜଣେ ଛାତ୍ରୀଙ୍କୁ ଦୁର୍ବୃତ୍ତମାନେ ଜୀବନ୍ତ ଜାଳିଦେବା ଘଟଣା ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନବାଚୀ ଆଙ୍କିଛି। ଏହିପରି ଆହୁରି ଅନେକ ଘଟଣା ପ୍ରତ୍ୟେକ ଦିନ ଖବରକାଗଜର ପୃଷ୍ଠା ମଣ୍ଡନ କରୁଛି। ଏହା ଯେ, କେବଳ ଓଡ଼ିଶାର ପରିସ୍ଥିତି ତା' ନୁହେଁ, ଭାରତର ପ୍ରତ୍ୟେକ ରାଜ୍ୟରେ ନାରୀମାନଙ୍କର ପରିସ୍ଥିତି ପ୍ରାୟ ଏହିପରି। ନାରୀଙ୍କ ଉପରେ ଅତ୍ୟାଚାର ଆମ ଦେଶରେ ଏକ ସହଜ ଅପରାଧ ହୋଇଯାଇଛି। ପଶ୍ଚିମବଙ୍ଗର ଆର.ଜି. କର ମେଡିକାଲ କଲେଜ ଡାକ୍ତରୀ ଛାତ୍ରୀ ବଳାତ୍କାର ଘଟଣା (ଯେଉଁ ଘଟଣାକୁ ନେଇ ସାରା ଦେଶରେ ଆଲୋଡନ ହୋଇଥିଲା) ମନରୁ ଲିଭିବା ପୂର୍ବରୁ ସେଠାରେ ପୁଣି ଏକ ଘଟଣା ଘଟିବା ଆମ ଦେଶରେ ନାରୀଙ୍କ ସାମଗ୍ରିକ ଅବସ୍ଥାକୁ ବର୍ଣ୍ଣନା କରୁଛି।

ଓଡ଼ିଶାର ଘଟଣାକୁ ଆଖି ପକେଇଲେ, ବାଲେଶ୍ୱରର ସୌମ୍ୟାଶ୍ରୀ ନ୍ୟାୟ ପାଇବା ପାଇଁ ବ୍ୟବସ୍ଥାର ପ୍ରତ୍ୟେକ ଦୁଆର ଠକ ଠକ କରିଥିଲେ। ଥାନା ଠୁ ନେଇ ନେତା, ମନ୍ତ୍ରୀ, ଉପରିସ୍ଥ ଅଧିକାରୀ ସମସ୍ତଙ୍କ ପାଖରେ ସେ ପହଞ୍ଚି ଥିଲେ। ତଥାପି ତାଙ୍କ ସ୍ୱର ବ୍ୟବସ୍ଥାର କାନରେ ପଡ଼ିଲା ନାହିଁ। ଆମ ପାଖରେ ପୂରା ଶାସନ ବ୍ୟବସ୍ଥା ଥିଲା। କିନ୍ତୁ ଝିଅଟିର ଜୀବନ ବଞ୍ଚିପାରିଲା ନାହିଁ। ଆମ ପୂରା ବ୍ୟବସ୍ଥା କ'ଣ ଏତେ ଅକ୍ଷମ? ଏହି ଘଟଣାରେ କେବଳ କେଉଁ ନେତା, ମନ୍ତ୍ରୀଙ୍କ ବ୍ୟକ୍ତିଗତ ପ୍ରୟାସର ଅଭାବକୁ ରେଖାଙ୍କିତ ନ କରି ସମଗ୍ର ବ୍ୟବସ୍ଥାର ତ୍ରୁଟିକୁ ଉଜାଗର କରିବାର ଆବଶ୍ୟକତା ରହିଛି। ତା'ହେଲେ ଭବିଷ୍ୟତରେ ଏପରି ଘଟଣା କମ୍ ହୋଇପାରେ। ଜଣେ ପୀଡ଼ିତାଙ୍କ ଅଭିଯୋଗକୁ ଥାନା, କଲେଜ ପ୍ରଶାସନ ଏତେ ହାଲୁକାରେ ନେବେ କାହିଁକି? ତାଙ୍କ ଅଭିଯୋଗ ଉପରେ ତୁରନ୍ତ



ପଦକ୍ଷେପ ଗ୍ରହଣ କରାଯିବ ନାହିଁ କାହିଁକି? ଏଠି ବ୍ୟକ୍ତିଗତ ସକ୍ରିୟତା ଅପେକ୍ଷା ନାରୀ ନିର୍ଯାତନା ଘଟଣାକୁ ନେଇ ବ୍ୟବସ୍ଥାର ସକ୍ରିୟତା ଅଧିକ ଆଶା କରାଯାଏ। ଏହା ନାରୀ ସୁରକ୍ଷାକୁ ନେଇ ସମାଜର ନିଷ୍କ୍ରିୟତାକୁ ବି ପ୍ରଶ୍ନ କରୁଛି। ଆମ ପୁରୁଷ ପ୍ରଧାନ ସମାଜରେ ନାରୀ ନିର୍ଯାତନା (ବଳାତ୍କାର, ଯୌନ ନିର୍ଯାତନା, କମେଣ୍ଟ ମାରିବା, ଘରୋଇ ହିଂସା ଆଦି) ଘଟଣାରେ ଲୋକମାନେ ପ୍ରଥମେ ଅଭିଯୁକ୍ତଙ୍କ ଅପେକ୍ଷା ଅଭିଯୋଗକାରିଣୀଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖନ୍ତି। ପ୍ରଶ୍ନ ସିଧା ଅଭିଯୋଗକାରିଣୀଙ୍କ ଚରିତ୍ର ଉପରେ ଉଠେ। ଅଭିଯୁକ୍ତମାନେ ସମାଜ ଆଖିରେ ଯେତିକି ଘୃଣାର ପାତ୍ର ହୁଅନ୍ତି ଅଭିଯୋଗକାରିଣୀ ବି ସେତିକି ସନ୍ଦେହ ଓ ଘୃଣାର ଦୃଷ୍ଟିରେ ଦେଖାଯାଆନ୍ତି। ଅନେକ କ୍ଷେତ୍ରରେ ଦେଖାଯାଏ ଅଭିଯୁକ୍ତମାନେ ରାସ୍ତାରେ ଛାତି ଫୁଲେଇ ଚାଲୁଥିବା ବେଳେ ଅଭିଯୋଗକାରିଣୀ ମୁହଁ ଲୁଚେଇ ଘର କୋଣରେ ରୁହନ୍ତି। ଏପରି ପରିସ୍ଥିତି ସମାଜର ପୁରୁଷ ପ୍ରଧାନ ମାନସିକତା ହିଁ ତିଆରି କରିଥାଏ। ଏଠି ଲୋକଲଜ୍ଜାରେ ଅଭିଯୁକ୍ତ ଆତ୍ମହତ୍ୟା କରି ନ ଥାଏ, ବରଂ ଅଭିଯୋଗକାରିଣୀ ମହିଳା ଆତ୍ମହତ୍ୟା କରନ୍ତି।

ଗୋଟିଏ ପଟେ ନାରୀ ସୁରକ୍ଷାକୁ ନେଇ ବ୍ୟବସ୍ଥା ନିଷ୍କ୍ରିୟ ରହୁଥିବା ବେଳେ ପୁରୁଷପ୍ରଧାନ ସମାଜ ନାରୀ ଉପରକୁ ଆଙ୍ଗୁଠି ଉଠେଇବାରେ ଅଧିକ ସକ୍ରିୟ। ଏହା ହିଁ କ୍ରମାଗତ ଭାବେ ବଢ଼ି ଚାଲୁଥିବା ନାରୀ ନିର୍ଯାତନା ପଛର ଅନ୍ୟତମ ମୁଖ୍ୟ କାରଣ। ଆମ ସମାଜରେ ବଳାତ୍କାର ପରି ଜଘନ୍ୟ କାଣ୍ଡ ଘଟାଉଥିବା ଜଣେ ବଳାତ୍କାରୀର ଇଜ୍ଜତ ଯାଏ ନାହିଁ, ବଳାତ୍କୃତା ପୀଡ଼ିତାର ହିଁ ଇଜ୍ଜତ ଯାଏ। କାରଣ ପୁରୁଷପ୍ରଧାନ ସମାଜ, ନାରୀର ଶରୀରରେ ହିଁ ତା'ର ଇଜ୍ଜତ ନିହିତ ଅଛି ବୋଲି କୁହେ ଓ ପୁରୁଷକୁ ପିତ୍ତଳ ହାଣ୍ଡି ମାନ୍ୟତା ଦେଇ ମାଜିମୁଜି ଦେଲେ ସଫା ହୋଇଯିବ ବୋଲି ପ୍ରଚାର କରେ। ଏପରି କି ପୀଡ଼ିତା ନାରୀର ପରିବାର ଲୋକେ ନାରୀକୁ କାଠଗଡ଼ାରେ ଠିଆ କରାନ୍ତି। ଏତଦ୍‌ବ୍ୟତୀତ ପୁରୁଷପ୍ରଧାନ ସମାଜରେ ନାରୀକୁ କେବଳ ଏକ ଭୋଗର ସାମଗ୍ରୀ ଭାବେ ବିବେଚନା କରାଯାଏ। ନାରୀର ଭିନ୍ନ ଭିନ୍ନ ଅବସ୍ଥାରେ ପୁରୁଷକୁ ତା'ର ମାଲିକ ଭାବେ ଦର୍ଶାଯାଏ। ଏପରି ତତ୍ତ୍ୱ ଓ ବିଚାର ଗୋଟେ ଅପରାଧ ମାନସିକତାର ଯୁବକକୁନାରୀ ଉପରେଅତ୍ୟାଚାର କରିବା ଦିଗରେ ପ୍ରେରିତ କରିବାରେ ଯଥେଷ୍ଟ।

ଆମ ସମାଜରେ ବଳାତ୍କାର ପରି ଜଘନ୍ୟ କାଣ୍ଡ ପରେ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଭାବେ ନାରୀର ବେଶ ପୋଷାକ ଆଡ଼କୁ ମଧ୍ୟ ଆଙ୍ଗୁଠି ଉଠେ। ସେହିପରି ଓ ସେତିକି ଆଙ୍ଗୁଠି ଯଦି ଅଭିଯୁକ୍ତ ପୁରୁଷର ଘୃଣ୍ୟ ମାନସିକତା ପ୍ରତି ଉଠନ୍ତା ତେବେ ହୁଏତ ପରିସ୍ଥିତିରେ ଧୀରେ ଧୀରେ ସୁଧାର ଆସନ୍ତା। ଆଜି ଦେଖାଯାଉଛି ଯେ, କୌଣସି ଏକ ବଳାତ୍କାର ଘଟଣା ବହୁତ ଚର୍ଚ୍ଚିତ ହେବା ପରେ 'ସମାଜ' ଏହା ବିରୁଦ୍ଧରେ ମିଳିତ ହୋଇ ପ୍ରତିବାଦ କରିବାକୁ ଆଗେଇ ଆସୁଛି। ଦୋଷୀକୁ ତୁରନ୍ତ ଦଣ୍ଡ ଦେବା ପାଇଁ ଦାବି କରାଯାଉଛି। ଏହା ଏକ ଭଲ ଲକ୍ଷଣ। କିନ୍ତୁ ଅପରପକ୍ଷେ ସେହି ଦିନଟିକୁ ଛାଡ଼ି ଅନ୍ୟ ସମସ୍ତ ଦିନ ସେହି 'ସମାଜ' ନାରୀମାନଙ୍କୁ ପୁରୁଷର ଭୋଗ୍ୟ ବସ୍ତୁ ରୂପେ ଦେଖୁଛି ଓ ସେହିଭଳି ବ୍ୟବହାର ପ୍ରଦର୍ଶନ କରୁଛି। ଏହା ହିଁ ସମ୍ପ୍ରତି ବୃଦ୍ଧି ପାଉଥିବା ନାରୀ ନିର୍ଯାତନାର ମୁଖ୍ୟ କାରଣ। ସମାଜରେ ପୁରୁଷପ୍ରଧାନ ଭାବନା ଓ ନୀତିନିୟମ କମ୍ ହୋଇ ସମତାଭିତ୍ତିକ ବିଚାର ପ୍ରତିଷ୍ଠା ହୋଇପାରିଲେ ଏହି ସମସ୍ୟା ଧୀରେ ଧୀରେ କମ୍ ହେବ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ: ୯୪୩୮୪୬୮୪୭୪

# ମାନବ ଜୀବନର ପରିଭାଷା



ଡ. ସାରଦା ପ୍ରସାଦ କର

ଶାସ୍ତ୍ର ପ୍ରମାଣ କରେ ଯେ ମାନବ ଜନ୍ମକୁ ସାର୍ଥକ କରିବାକୁ ହେଲେ ମନୁଷ୍ୟତ୍ୱ, ମୁମୁକ୍ଷତ୍ୱ ଓ ମହାପୁରୁଷଙ୍କ ସାନ୍ନିଧ୍ୟ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ମନୁଷ୍ୟତ୍ୱ କେବଳ ମହାପ୍ରଭୁଙ୍କ ଅନୁଗ୍ରହ ବଳରେ ମିଳେ। ହେଲେ ଏବେ ମଣିଷପଣିଆର ଘୋର ଅଭାବ। ଆଜିର ମଣିଷ ନଶ୍ୱରତା ପଛରେ ଗୋଡ଼ାଇ,'ମୋର' 'ତୋର' ବିବାଦରେ ଛନ୍ଦିହୋଇ ଜୀବନର ମହାର୍ଘ ମୂଲ୍ୟବୋଧକୁ ମଳିନ କରିଦେଉଛି। ମନେପଡ଼ିଯାଏ ପଞ୍ଜାବ କେଶରୀ ରଣଜିତ୍ ସିଂହଙ୍କ କଥା। ସେଦିନ ବୀର ରଣଜିତ୍ ସିଂହ ଅଶ୍ୱ ଝପଟାଇ ଯାଉଥିବା ବେଳେ ହଠାତ୍ କାହୁଁ ଟେକାଟାଏ ଆସି ତାଙ୍କ କପାଳରେ ବାଜନ୍ତେ ଧାର ଧାର ରକ୍ତର ଶ୍ରାବଣୀ ଛୁଟିଲା। ସୈନ୍ୟ ସାମନ୍ତ ଚତୁର୍ଦ୍ଦିଗକୁ ଖେଦିଗଲେ ଅପରାଧୀକୁ ଧରିବା ପାଇଁ। ଶେଷରେ ଜୀର୍ଣ୍ଣଶୀର୍ଣ୍ଣ ନାରୀ ମୂର୍ତ୍ତିଟିଏ ନିଜ ଉପାସିଆ ଆଖିରୁ ନିଗିଡି ପଡୁଥିବା ତତଲା ଲୁହକୁ ଓଠ କୋଣରେ ଚାପିଧରି ହାତଯୋଡି ଆସି କହିଲା – ହେ ଦଣ୍ଡଧାରୀ! ମୁଁ ହିଁ ସେହି ଅପରାଧୀ। ଚାରିଦିନ ହେଲା ଭୋକିଲା ମୁଁ। ମୋ ପିଲାମାନଙ୍କର 'ହା ଅନ୍ନ' 'ହା ଅନ୍ନ' ଚିତ୍କାର ମୁଁ ସହିପାରିଲିନି। କଣ୍ଟାଗଛକୁ ଟେକାଟାଏ ମାରୁଥିଲି ଫଳଟିଏ ପାଇବି ବୋଲି କିନ୍ତୁ ମୋ କର୍ମଫଳ ଏଡ଼େ ମନ୍ଦ ଯେ ତାହ ଆପଣଙ୍କ କପାଳରେ ଯାଇ ବାଜିଲା। ମୋ ଭୁଲ୍ ପାଇଁ ମତେ ମୃତ୍ୟୁଦଣ୍ଡ ଦିଅନ୍ତୁ ମନା ନାହିଁ କିନ୍ତୁ ମୋ ପିଲାଙ୍କ ତୁଣ୍ଡରେ ଆଗ ଦି' ମୁଠା ଆହାର ଭରି ଦିଅନ୍ତୁ। ଏହି କଥା ପଦକରେ ସେଦିନ ମିଳେଇ ଯାଇଥିଲା ରାଜାଙ୍କର ପଦ, ପ୍ରତିଷ୍ଠାର ଅଭିମାନ। ଉଛୁଳି ପଡ଼ିଥିଲା ମଣିଷପଣିଆ। ରାଜା କହିଲେ – ମା'ଲୋ! କଣ୍ଟାଗଛକୁ ଟେକାଟାଏ ପକାଇଲେ ସେ ଯଦି 'ଫଳଟିଏ ଦେଇପାରୁଛି ମୁଁ ପରା କିରୀଟ ପିନ୍ଧିଛି। ତୋର କ୍ଷୁଧାକୁ ଯଦି ମୁଁ ବୁଝି ନ ପାରିଲି ତେବେ ଏ ସମାଜ ମତେ ଆଉ ରାଜା ବୋଲି କହିବ ତ? ଏହା ହିଁ ମଣିଷପଣିଆର ସଜଳ ଉଦାହରଣ।

ଦ୍ୱିତୀୟଟି ହେଉଛି ମୁମୁକ୍ଷତ୍ୱ ବା ମୁକ୍ତି ପାଇବାର ଇଚ୍ଛା। ଜୀବ ତ ସ୍ୱରୂପରେ ମୁକ୍ତ କିନ୍ତୁ ଜାଣି ଜାଣି ସେ ବନ୍ଧନକୁ ନିମନ୍ତ୍ରଣ କରୁଛି। ମାୟାକୁ ନିଜେ ଜାବୁଡି ଧରିଛି । ଏଥିରେ ଦୋଷ କାହାର? ଗୁରୁ ଯେତେ ପଢ଼ାଇଲେ ମଧ୍ୟ ଶିଷ୍ୟର ଯଦି ପଢ଼ିବା ପାଇଁ ଇଚ୍ଛା ନାହିଁ, ବୈଦ୍ୟ ଯେତେ ଔଷଧ ଦେଲେ ମଧ୍ୟ ରୋଗୀର ଯଦି ପଥି ଖାଇବାକୁ ଇଚ୍ଛାନାହିଁ ତେବେ କଲ୍ୟାଣ କାହିଁ? ଠିକ୍ ସେହିପରି ଜୀବ ମନରେ ଯେ ପର୍ଯ୍ୟନ୍ତ ମୁକ୍ତ ହେବାର ଇଚ୍ଛା ପ୍ରକଟ ନ ହୋଇଛି ସେ ପର୍ଯ୍ୟନ୍ତ ନିର୍ବାଣ କାହିଁ? ଛୋଟବେଳୁ ଆମେ ପିଲାକୁ ଶିଖାଇଲୁ ଯେ ପାଞ୍ଚଟଙ୍କା ହେଲେ ଚକୋଲେଟ୍ ମିଳେ, ୫୦ ଟଙ୍କା ହେଲେ ଖେଳଣା ମିଳେ, ୫୦୦୦ ହେଲେ ସାଇକେଲ ଓ ୫ଲକ୍ଷ ଟଙ୍କା ହେଲେ କାର୍ କିଣି ସେଥିରେ ବସିହୁଏ। କିନ୍ତୁ ଥରୁଟିଏ ଆମେ ପିଲାକୁ ଶିଖାଇଲୁ ନାହିଁ ଯେ କେତେ ଧନ ହେଲେ ପରମାତ୍ମାଙ୍କ କୋଳରେ ବସିହୁଏ ବୋଲି। ଭୁଲ୍ ଆମର ନା ପିଲାର? ପିଲାଟିଦିନରୁ ତା'ର ପଇସା ପ୍ରତି ପ୍ରେମ ନ ହୋଇ ଯଦି ପରମାତ୍ମାଙ୍କ ପ୍ରତି ପ୍ରେମ ହୋଇଥାନ୍ତା ତେବେ ଜୀବନ ପରିବର୍ତ୍ତନ ହୋଇ ନ ଥାନ୍ତା କି? ଏହି ତତ୍ତ୍ୱକୁ ସେଦିନ କପିଳବସ୍ତୁର ରାଜକୁମାର ସିଦ୍ଧାର୍ଥ ଜାଣିଗଲେ ବୋଲି ଘର, ପରିବାରର ମୋହକୁ ମାରିଦେଇ ଆଗେଇ ଚାଲିଲେ ଏକ ଅନିର୍ବାଣ ଦୀପଶିଖା ସନ୍ଧାନରେ। ଏହି ମର୍ମକୁ ବୁଝିଥିଲେ ବୋଲି ଆଦି ଶଙ୍କରାଚାର୍ଯ୍ୟ ଗାଇ ଉଠିଲେ – ଚିଦାନନ୍ଦ ରୂପଃ ଶିବୋଽହଂ ଶିବୋଽହଂ। ଏହି ମୁମୁକ୍ଷା ହିଁ ଦୁର୍ଲ୍ଲଭ।

ତୃତୀୟଟି ହେଉଛି ମହାପୁରୁଷ ବା ସନ୍ଥଙ୍କର ସାନ୍ନିଧ୍ୟ। ସନ୍ଥଙ୍କ ସାନ୍ନିଧ୍ୟ ଜୀବାଶ୍ମକୁ ଜୀବନ୍ୟାସ କରି ଦେଇପାରେ; ଭସ୍ମକୁ ବିଭୂତି କରିପାରେ। ମନ୍ଦିରରେ ଥିବା ପଥର ଯଦି ଶ୍ରଦ୍ଧା ଭାବ ଯୋଗୁ ଭଗବାନ ହୋଇପାରନ୍ତି ତେବେ ସନ୍ଥଙ୍କ ପ୍ରତି ଶ୍ରଦ୍ଧା ଓ ସାନ୍ନିଧ୍ୟ ରହିଲେ ଜଣେ ଭଲ ମଣିଷ ହୋଇପାରିବନି କାହିଁକି? ଆଜିର ଅଙ୍ଗୁଳିମାଳ ଭିତରେ ବି ଭରି ରହିଛି ଆସନ୍ତାକାଲିର ବୌଦ୍ଧ ଭିକ୍ଷୁର କୋଟି ସମ୍ଭାବନା। ଆଜିର ଦସ୍ୟୁ ରତ୍ନାକର ଭିତରେ ଉଙ୍କି ମାରୁଛି ମହର୍ଷି ବାଲ୍ମୀକିଙ୍କର ସାତ୍ତ୍ୱିକ ଉତ୍ତରଣ। ଆଜିର ରକ୍ତମୁଖା ଚଣ୍ଡାଶୋକ ହୋଇପାରନ୍ତି ଆସନ୍ତାକାଲିର ଧର୍ମାଶୋକ। ଏହା ପ୍ରମାଣ କରିଦିଏ ଯେ ସନ୍ଥଙ୍କର ସାନ୍ନିଧ୍ୟ ସନ୍ତ୍ରାସକୁ ସନ୍ନ୍ୟାସରେ ଘଟାନ୍ତର କରିପାରେ। ତେଣୁ ଆମ ଜୀବନରେ ମଧ୍ୟ ଏହି ଦୁର୍ଲ୍ଲଭ ଗୁଣଗୁଡ଼ିକର ଉତରଣ ଘଟୁ।

ଅଧ୍ୟାପକ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
ମୋ: ୯୪୩୭୧୧୩୧୬୨

## ଚିରନ୍ତନୀ

ବଉଦ ତଳେ ଆକାଶେ ପଥେ
ବୋଇତ ଚଳେ ସାଗରେ
ଗାଗରୀ କାଖେ ନାଗରୀ ଚଳେ
ପରମ ଅନୁରାଗରେ
ପତାରେ ତାର ସ୍ୱର୍ଣ୍ଣ ତବ
ଅଞ୍ଜନ ହେ ଅଞ୍ଜନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ !
–(ପଉଷ ସନ୍ଧ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କଠୋର ଆଇନ ପ୍ରଣୟନ ହେଉ

ମହାଶୟ,
ରାଜ୍ୟରେ ବୃଦ୍ଧି ପାଉଥିବା ଅପରାଧର ନିରାକରଣ ପାଇଁ ଆଇନରେ ସଂଶୋଧନ କରାଯାଉ। ଯୌନ ଉତ୍ପୀଡ଼ନ, ହତ୍ୟାକାଣ୍ଡ କିମ୍ବା ଜଘନ୍ୟ ଅପରାଧର ଦଣ୍ଡବ୍ୟବସ୍ଥା କଠୋର ହେଉ। ଏପରି କରାଗଲେ ଶିକ୍ଷାନୁଷ୍ଠାନ ସହ ଘରୋଇ କ୍ଷେତ୍ରରେ ହିଂସାକୁ ରୋକାଯାଇପାରିବ। ସମାଜରେ ବିଶୃଙ୍ଖଳା ଆଦୌ ଗ୍ରହଣୀୟ ନୁହେଁ। ଅନ୍ୟପକ୍ଷେ ବନ୍ଦ ଡାକରା ଯୋଗୁ ରାଜସ୍ୱ କ୍ଷତି ହେଉଛି। ଅସ୍ୱାଭାବିକ ପରିସ୍ଥିତି ଯୋଗୁ ଯାତ୍ରୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ରାଜ୍ୟ ସରକାର ଆଇନକୁ କ୍ରିୟାଶୀଳ କରିବା ଆବଶ୍ୟକ। ଶାସନ ପଦ୍ଧତି ଅଧିକରୁ ଅଧିକ ଲୋକାଭିମୁଖୀ କରାଯାଉ। ଆଇନଶୃଙ୍ଖଳା ବ୍ୟାହତ ନ ହେଉ।

–ରମେଶ ଚନ୍ଦ୍ର ବେହେରା, ଆୟଡପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବ୍ୟାପକ ମହୁଲି ପୋଚ ନଷ୍ଟକଲା ପୋଲିସ

ଆନନ୍ଦପୁର/ ବଂଚୋ,୬।୮(ସୁଶାନ୍ତ କୁମାର ସାହୁ/ ପ୍ରଦୋଷ କୁମାର ବିଶ୍ୱାଳ): କେନ୍ଦୁଝର ଜିଲା ଆନନ୍ଦପୁର ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବ୍ୟାପକ ଦେଶୀ ମହୁଲି ମଦ ଜବତ କରିବା ସହ ପୋଚ ନଷ୍ଟ କରିଛି। ପ୍ରାୟ ୫୦ ଲିଟର ମଦ ଜବତ କରାଯାଇଥିବା ବେଳେ ୧୫୦୦ ଲିଟର ମୋହୁଲି ପୋଚ ନଷ୍ଟ କରାଯାଇଛି। ଘଟଣାସ୍ଥଳରୁ ଅଭିଯୁକ୍ତ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଆନନ୍ଦପୁର ଥାନା ଅଧୀନ କାଠକଟା, କଣ୍ଟିପାଳ, ବାଉଁଶଗଡ଼, ତରତରା, ଶାଳବଣି ପଞ୍ଚାୟତଗୁଡ଼ିକରେ ବିଭିନ୍ନ ସ୍ଥାନରେ ଦେଶୀ ମୋହୁଲି ମଦ କାରବାର ନେଇ ଅଭିଯୋଗ ହେଉଥିଲା। ଆନନ୍ଦପୁର ପୋଲିସ ଅଭିଯୋଗ ଆଧାରେ ବହିଆ ବଡ଼ଦାଣ୍ଡ ଜଙ୍ଗଲରେ ଚଢ଼ାଉ କରି ୧୫୦୦ ଲିଟର ଦେଶୀ ମୋହୁଲ ପୋଚ ନଷ୍ଟ କରିଛି। ଆନନ୍ଦପୁର ଏଏସ୍ଆଇ ଅଜିତ କୁମାର ବାନାରା କହିଛନ୍ତି, ଆଗକୁ ଏପରି ଚଢ଼ାଉ ଜାରି ରହିବ।

### ମଇଦାଲକେଲ ପ୍ରଥମ ସରପଞ୍ଚଙ୍କ ପରଲୋକ



କେନ୍ଦୁଝର,୬।୮(ନରେଶ ଚନ୍ଦ୍ର ପଟ୍ଟନାୟକ) କେନ୍ଦୁଝର ସଦର ବ୍ଲକ୍ ମଇଦାଲକେଲ ପଞ୍ଚାୟତର ପ୍ରଥମ ସରପଞ୍ଚ ହରେକୃଷ୍ଣ ମହାନ୍ତ (୯୬)ଙ୍କ ପରଲୋକ ହୋଇଛି। ସେ ମଇଦାନକେଲ ପଞ୍ଚାୟତ ଘୋଷଣା ପରେ ପ୍ରଥମ ସରପଞ୍ଚ ଭାବରେ ନିର୍ବାଚିତ ହୋଇଥିଲେ। ପଞ୍ଚାୟତର ବିକାଶ ପାଇଁ ବହୁ ଉନ୍ନୟନ ମୂଳକ କାମ କରିବା ସହ ଜଣେ ସାମାଜିକକର୍ମୀ, ଧାର୍ମିକ ବ୍ୟକ୍ତି ଥିଲେ। ଶେଷ ସମୟରେ ୨ ପୁଅ ଓ ୩ ଝିଅ ପାଖରେ ଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ଦୟାନିଧି ମୁଖାଗ୍ନି ଦେଇଥିଲେ।

### ନିରାକାରଙ୍କୁ ଆଦର୍ଶ ଶିକ୍ଷକ ସମ୍ମାନ

ବଉଳା,୬।୮(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ କଳିଙ୍ଗା ଗ୍ରାମର ଶିକ୍ଷକ ତଥା ଶିଶୁ ସାହିତ୍ୟିକ ନିରାକାର ଚଇନିଙ୍କୁ ଆଦର୍ଶ ଶିକ୍ଷକ ଭାବେ ସମ୍ମାନିତ କରାଯାଇଛି। ପିଲାଙ୍କ ଖବରକାଗଜ ଶିଶୁ ସମାଚାର ପକ୍ଷରୁ ଅଷ୍ଟାଦଶତମ ବାର୍ଷିକ ଉତ୍ସବରେ ତାଙ୍କୁ ପୁରୀ ଟାଉନ ହଲଠାରେ ଆୟୋଜିତ ଉତ୍ସବରେ ଅତିଥିମାନେ ମାନପତ୍ର ଓ ଉତରିୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା ଓ ଅମୃତ ଅନୁଭବ ପତ୍ରିକାର ସମ୍ପାଦକ ଶ୍ରୀକାନ୍ତ ମହାନ୍ତି ଉପସ୍ଥିତ ରହି ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସାହିତ୍ୟିକ ରେଣୁକା ମିଶ୍ର, ରଘୁନାଥ ମହାପାତ୍ର, କୈଳାଶ ଚନ୍ଦ୍ର ଟିକାୟତ, ଚକ୍ରଧର ମହାପାତ୍ର ଅତିଥିଭାବେ ଯୋଗ ଦେଇଥିଲେ।

# ଖୋଲୁନି ଶ୍ରୀବଳଦେବଜୀଉ ମାର୍କେଟ କମ୍ପ୍ଲେକ୍ସ

କେନ୍ଦୁଝର,୬।୮(ନରେଶ ଚନ୍ଦ୍ର ପଟ୍ଟନାୟକ):



ବନ୍ଦ ପଡ଼ିଥିବା ମାର୍କେଟ କମ୍ପ୍ଲେକ୍ସ।

କେନ୍ଦୁଝର ପୁରୁଣା ସହରରେ ପଞ୍ଚଦଶ ଅର୍ଥ କମିଶନଙ୍କ ଅନୁଦାନରେ ନିର୍ମିତ ଶ୍ରୀଶ୍ରୀ ବଳଦେବଜୀଉ ମାର୍କେଟ କମ୍ପ୍ଲେକ୍ସର ଲୋକାର୍ପଣକୁ ଦେଢ଼ମାସ ଅତିକ୍ରାନ୍ତ ହୋଇଥିଲେ ହେଁ ଖୋଲୁନାହିଁ। ଫଳରେ ସରକାରୀ ଭଡ଼ା ଆଦାୟ ହୋଇପାରୁ ନ ଥିବାରୁ ରାଜସ୍ୱହାନି ଘଟୁଛି। ଶୀଘ୍ର ଏଥିପ୍ରତି ପ୍ରଶାସନ ଧ୍ୟାନଦେଇ ମାର୍କେଟ କମ୍ପ୍ଲେକ୍ସ ଖୋଲିବାକୁ ଦାବି ହୋଇଛି।

ପ୍ରକାଶ ଯେ, ଉକ୍ତ ବ୍ୟୟ ବହୁଳ ମାର୍କେଟ କମ୍ପ୍ଲେକ୍ସ ୨୭ ଜୁନ୍ ୨୦୨୫ରେ ରଥଯାତ୍ରା ସମୟରେ ଏମ୍ପି ଅନନ୍ତ ନାୟକ ଲୋକର୍ପଣ କରିଥିଲେ। ଜିଲାପାଳ ବିଶାଳ ସିଂହ, କେନ୍ଦୁଝର ପ୍ରକଳ୍ପ ଅଧିକାରୀ (ସହରାଞ୍ଚଳ) ମିର୍ଦ୍ଧା ଟପୋ, କେନ୍ଦୁଝରଗଡ଼ ପୌରପାଳିକାର ଅଧକ୍ଷା ନିକୁ ସାହୁ ଓ ନିର୍ବାହୀ ଅଧିକାରୀ ଲଳିତ କୁମାର ନାଏକଙ୍କ ସମେତ ସମସ୍ତ କାଉନ୍ସିଲର ଉପସ୍ଥିତି ଥିଲେ। ପୂର୍ବରୁ ଏଠାରେ ପୁରୁଣା ଦୋକାନ ରହିଥିବା ବେଳେ ସେଠାରେ ବ୍ୟବସାୟ କରୁଥିବା ଦୋକାନୀଙ୍କୁ ନୂତନ ମାର୍କେଟ କମ୍ପ୍ଲେକ୍ସରେ ଥଇଥାନ କରିବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କରାଯାଇଥିଲା। ଫଳରେ ବ୍ୟବସାୟ ହରାଇଥିବା ପୁରୁଣା ଦୋକାନୀମାନେ ଘର ନିର୍ମାଣ ହେବ ଏବଂ ପୁଣି ଦୋକାନ ଆବଣ୍ଟନ ହେଲେ ଖୋଲିବେ ଏବଂ ପରିବାର ପ୍ରତିପୋଷଣ କରିବେ ବୋଲି ଆଶା ରଖିଥିଲେ। କିନ୍ତୁ ଅଦ୍ୟାବଧି ଦୋକାନଘର ଆବଣ୍ଟନ ହୋଇପାରୁ ନ ଥିବାରୁ ସେମାନେ ଚିନ୍ତାରେ ରହିଛନ୍ତି। ତେବେ ଭୟରେ କେହି ମୁହଁ ଖୋଲିପାରୁ ନ ଥିଲେ ହେଁ ଏହାକୁ ନେଇ ସମସ୍ତେ ଚିନ୍ତାରେ ରହିଛନ୍ତି। ଅନ୍ୟପକ୍ଷରେ ଆବଣ୍ଟନ ହେଲେ ସେଠାରେ ପାଖାପାଖି ୧୨ଟି ଦୋକାନ ଖୋଲିବ। ପୁରୁଣା ସହରବାସୀ ସବୁ ପ୍ରକାର ସାମଗ୍ରୀ ଓ ସୁବିଧା ସେଥିରୁ ପାଇବେ ବୋଲି ଆଶା ରଖିଛନ୍ତି। ଏଣୁ ତୁରନ୍ତ ଦୋକାନ ଆବଣ୍ଟନ କରିବାକୁ ଦାବି ହେଉଛି। ତେବେ ପୁରୁଣା ଦୋକାନ ସମୟରେ ବହୁ ପରିମାଣରେ ଭଡ଼ା ବାବଦକୁ ଅର୍ଥ ପୈଠ ହୋଇ ନ ଥିବାରୁ ଆବଣ୍ଟନରେ ବିଳମ୍ବ ହେଉଥିବା ଜଣାପଡ଼ିଛି। ଫଳରେ ପୌରପାଳିକାର ରାଜସ୍ୱ କ୍ଷତି ହେଉଥିଲେ ହେଁ ବକେୟା ଅର୍ଥ ପାଇଁ ପୌର ପ୍ରଶାସନ ପକ୍ଷରୁ ଏଭଳି ଦୃଢ଼ ନିଷ୍ପତ୍ତି ନିଆଯାଇଛି। ସେହିପରି କେନ୍ଦୁଝର ସହରରେ ବିଭିନ୍ନ ସ୍ଥାନରେ ଖାଲି ଭେଣ୍ଡିଂ ଜୋନ୍‌ର ଦୋକାନଗୁଡ଼ିକରେ ମଧ ବଣ୍ଟନରେ ପୂର୍ବରୁ ନାନା ଅଡୁଆ ରହିଥିବାରୁ ସେସବୁ ଠିକ୍ କରିବାକୁ ପୌର ପ୍ରଶାସନ ପ୍ରୟାସ କରୁଛି। ପୌର ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ କହିଛନ୍ତି, ବକେୟା ଭଡ଼ା ପ୍ରଦାନ କରି ଏଗ୍ରିମେଣ୍ଟ କଲେ ଦୋକାନ ଘର ଆବଣ୍ଟନ କରାଯିବ। ସହରରେ ସମସ୍ତ ଭେଣ୍ଡିଂ ଜୋନ୍ ଦୋକାନ ଠିକ୍ ଢଙ୍ଗରେ ଚାଲିବା ସହ ଭଡ଼ା ଆଦାୟ ଓ ପୌରପାଳିକାର ଆୟ ବୃଦ୍ଧିନେଇ ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ।

## ଥାନା ସମ୍ମୁଖରେ ବିଜେଡିର ବିକ୍ଷୋଭ

ବଡବିଲ, ୬।୮(ଦେବପ୍ରିୟ ରଣା):

କେନ୍ଦୁଝର ଜିଲା ବଡ଼ବିଲ ଥାନା ସମ୍ମୁଖରେ ବିଜୁ ଯୁବ ଜନତା ଦଳ ପକ୍ଷରୁ ବୁଧବାର ପୂର୍ବାହ୍ନରେ ବିକ୍ଷୋଭ ପ୍ରଦର୍ଶନ ହୋଇଛି। ରାଜ୍ୟବ୍ୟାପୀ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବାଲେଶ୍ୱର ଫକୀର ମୋହନ କଲେଜ ଘଟଣା ଓ ରାଜ୍ୟର ମହିଳାଙ୍କ ପ୍ରତି ବିଭିନ୍ନ ଅପରାଧିକ ଘଟଣାବଳୀ ପରେ ରାଜ୍ୟରେ ମହିଳା ଅସୁରକ୍ଷିତ ରହିଥିବା ଦର୍ଶାଇ ଦଳ ପକ୍ଷରୁ ବଡବିଲ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବଡ଼ବିଲ ପୌରାଞ୍ଚଳ ବିଜୁ ଯୁବ ଜନତା ଦଳ ସଭାପତି ପ୍ରଭୂଦତ ପ୍ରଧାନଙ୍କ ନେତୃତ୍ୱରେ ଛାତ୍ରନେତାଙ୍କ ସହ ବିଜେଡିର ବହୁ ନେତୃବୃନ୍ଦ ସାମିଲ ହୋଇଥିଲେ। ବିକ୍ଷୋଭ ପ୍ରଦର୍ଶନ ପରେ ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବଡବିଲ ଥାନାଧିକାରୀଙ୍କୁ ପ୍ରଦାନ କରାଯାଇଛି।




ବଡ଼ବିଲ ଥାନା ସମ୍ମୁଖରେ ବିଜୁ ଯୁବ ଜନତା ଦଳର ନେତୃବୃନ୍ଦ।

# ସିଡିପିଓଙ୍କ କାର୍ଯ୍ୟାଳୟ ଘେରିଲେ ମହିଳା

### ଅଙ୍ଗନୱାଡି କର୍ମୀ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

ପାଟଣା,୬।୮(ବୀର କିଶୋର ଦାଶ):

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଟାଙ୍ଗରପଡ଼ା ପଞ୍ଚାୟତ ମୁଷାପଡ଼ା ଗ୍ରାମର ଅଙ୍ଗନୱାଡି କର୍ମୀ ନିଯୁକ୍ତିରେ ଅନିୟମିତତା ଅଭିଯୋଗ ହେଉଛି। ପ୍ରାର୍ଥୀ ଜାଲ ଯୁକ୍ତ ୨ ମାର୍କସିଟ୍(ସେକେଣ୍ଡାରୀ) ସାର୍ଟିଫିକେଟ ଦେଇ ଚାକିରି କରିଥିବାର ଅଭିଯୋଗ କରି ବୁଧବାର ଗ୍ରାମର ଶତାଧିକ ମହିଳା ଅଙ୍ଗନୱାଡ଼ି କର୍ମୀଙ୍କୁ ଅଟକ ରଖିଥିଲେ। ଏଥିସହ ଉତ୍ତ୍ୟକ୍ତ ମହିଳା ସିଡିପିଓଙ୍କ କାର୍ଯ୍ୟାଳୟରେ ତାଲା ପକାଇ ହୋହଲ୍ଲା କରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ୩ ମାସ ପୂର୍ବରୁ ଅଙ୍ଗନୱାଡି କର୍ମୀ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୯ଜଣ ପ୍ରାର୍ଥୀ ଦରଖାସ୍ତ କରିଥିବା ବେଳେ ୨ଜଣଙ୍କ ଦରଖାସ୍ତ ନାକଚ ହୋଇଥିଲା। ଉକ୍ତ ଅଙ୍ଗନୱାଡ଼ି କେନ୍ଦ୍ରର ହେଲପର ଭାବେ କାର୍ଯ୍ୟ କରୁଥିବା ମମତା ନାଏକ ଯୁକ୍ତ ୨ପାସ କରିଥିବାରୁ ତାଙ୍କୁ ପ୍ରମୋସନ ଦେଇ ଅଙ୍ଗନୱାଡ଼ି କର୍ମୀ ଭାବେ ନିଯୁକ୍ତି ଦିଆଯାଇଥିଲା। ମମତା ଫେକ୍ ମାର୍କସିଟି ଦେଇ ଚାକିରି କରିଥିବା ଅଭିଯୋଗ କରି ଗ୍ରାମବାସୀ ଗତ ସୋମବାର କେନ୍ଦୁଝର ଉପ ଜିଲାପାଳ ଉମାଶଙ୍କର ଦଳେଇଙ୍କୁ ଅଭିଯୋଗ କରିଥିଲେ। ତେବେ ପ୍ରଶାସନ ପକ୍ଷରୁ ପଦକ୍ଷପ ନେବା ପୂର୍ବରୁ ବୁଧବାର ସକାଳେ ଅଙ୍ଗନୱାଡ଼ି କର୍ମୀକୁ କେନ୍ଦ୍ର ପରିସରରେ ଅଟକ ରଖିଥିଲେ। ଉତ୍ତେଜନା ପ୍ରକାଶ ପାଇବାରୁ ପାଟଣା ପୋଲିସ ପହଞ୍ଚି ଅଙ୍ଗନୱାଡ଼ି କର୍ମୀ ମମତା ନାଏକଙ୍କୁ ଉଦ୍ଧାର କରି ଘରେ ଛାଡ଼ିଥିଲା। ଫଳରେ ଉତ୍ତେଜିତ ମହିଳା ପୋଲିସ ଗାଡ଼ିକୁ ଘେରିଥିଲେ। ପରେ ଗ୍ରାମର ଶତାଧିକ ମହିଳା ପାଟଣା ସିଡିପିଓଙ୍କ ଅଫିସକୁ ଆସି ଘେରିବା ପରେ ସିଡିପିଓ କଳ୍ପନା ଦୋରାଙ୍କ ଚାମ୍ବର୍‌କୁ ଧସେଇ ପଶି ହୋହାଲ୍ଲା କରିଥିଲେ। କାର୍ଯ୍ୟାଳୟ ଗେଟ୍‌ରେ ତାଲା ପକାଇଥିଲେ। ସନ୍ଧ୍ୟାରେ ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୁଡ଼, ଏଏସଆଇ ଧନେଶ୍ୱର ପାତ୍ର, ସରୋଜ ସେଠୀ ପ୍ରମୁଖ ପହଞ୍ଚି ମହିଳାଙ୍କୁ ବୁଝାଇ ତାଲା ଖୋଲିଥିଲେ। ସିଡିପିଓ କଳ୍ପନା ଦୋରା କହିଛନ୍ତି, ସମ୍ପୃକ୍ତ ଅଙ୍ଗନୱାଡ଼ି କର୍ମୀଙ୍କ ବିରୋଧରେ ସାର୍ଟିଫିକେଟ ଜାଲିଆତି ଅଭିଯୋଗ ହୋଇଛି। ତେଣୁ ସାର୍ଟିଫିକେଟ ଯାଞ୍ଚ ପାଇଁ ବିଶ୍ୱବିଦ୍ୟାଳୟକୁ ଲେଖିବେ। ସାର୍ଟିଫିକେଟ ନ କଲି ଥିଲେ ଆଇନ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଚାଷୀଙ୍କୁ ମାଗଣା ବିହନ ବଣ୍ଟନ

ଯୋଡ଼ା,୬।୮ (ମାନସ ମହାନ୍ତି):

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ କୃଷି କାର୍ଯ୍ୟାଳୟ ପରିସରରେ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ମାଗଣା ଚିନା ବାଦାମ, ହରଡ, ବିରି, ଖସା, ଧାନ ବିହନ ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥିଭାବେ ଯୋଡ଼ା କୃଷି ଓ ସୂଚନା ପରାମର୍ଶ କେନ୍ଦ୍ରର ଅଧ୍ୟକ୍ଷ ଦଶରଥ ବାରିକ ଚାଷୀଙ୍କୁ ମାଗଣା ବିହନ ପ୍ରଦାନ କରିଛନ୍ତି। ନ୍ୟାସନାଲ ଫୁଡ୍ ସିକ୍ୟୁରିଟୀ ନ୍ୟୁଟ୍ରେସନ ମିଶନ (ଏନ୍ଏଫ୍ଏସ୍ଏନ୍ଏମ୍) ଯୋଜନାରେ ଚଳିତ ବର୍ଷ ଯୋଡ଼ା ବ୍ଲକ୍‌ର ୧୯ ପଞ୍ଚାୟତ ଓ ୨ ପୌର ପାଳିକରେ ଚିନାବାଦାମ ୮୦ ହେକ୍ଟର, ହରଡ଼ ୧୦୦ ହେକ୍ଟର, ବିରି ୨୦୦ ଏକର, ଖସା ୩୭.୫ ହେକ୍ଟର, ଧାନ ୧୦୦ ହେକ୍ଟର ଜମିରେ ଚାଷ କରିବା ନିମନ୍ତେ କୃଷି ବିଭାଗ ପକ୍ଷରୁ ଚାଷୀ ଚିହ୍ନଟ କରାଯାଇ ଉନ୍ନତ ମାନର ବିହନ ପ୍ରଦାନ କରାଯାଇଛି। ଯୋଡ଼ା ବ୍ଲକ୍ କୃଷି ଅଧିକାରିଣୀ ସଂଯୁକ୍ତା ମୁଣ୍ଡା, ସହକାରୀ କୃଷି ଅଧିକାରୀ ଦେବବ୍ରତ ମିଶ୍ର, କୃଷି ଅଧିଦର୍ଶକ ରିତାଞ୍ଜଳୀ ରାଉଳ, ପ୍ରଦୀପ ନାୟକ ପ୍ରମୁଖ ଯୋଗଦେଇଥିଲେ।

# ୬୬୨ ବର୍ଗ ମହାବିଦ୍ୟାଳୟ ସଂଘର ଧାରଣା

### ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

କେନ୍ଦୁଝର,୬।୮(ଦୀପକ ମିଶ୍ର):

କେନ୍ଦୁଝର ଜିଲା ୬୬୨ ବର୍ଗ (ଯୁକ୍ତ ୨ ଓ ଯୁକ୍ତ ୩) ମହାବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀ ସଂଘର ଅଧାପକ ଓ କର୍ମଚାରୀମାନେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ମାଧମରେ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ମୁତାବକ, ଏହି ବର୍ଗର ଅଧାପକ ଓ କର୍ମଚାରୀମାନେ ରାଜ୍ୟର ପ୍ରାୟ ୭୦ ଭାଗ ବିଦ୍ୟାର୍ଥୀଙ୍କୁ ଉଚ୍ଚ ଶିକ୍ଷା ପ୍ରଦାନ କରିଥାନ୍ତି। ମାତ୍ର ବିଭିନ୍ନ ସମୟରେ ଏହି ବର୍ଗର ଅଧାପକ ଓ କର୍ମଚାରୀଙ୍କୁ ସରକାର ଅବହେଳା କରି ଆସୁଛନ୍ତି। ପେନ୍ସନ୍ ଓ ଚାକିରି ସର୍ତ୍ତାବଳୀ ବିହୀନ ଏହି କର୍ମଚାରୀମାନେ ୩୦ରୁ ୩୫ ବର୍ଷ ସେବା କରି ଖାଲି ହାତରେ ଅବସର ଗ୍ରହଣ କରୁଛନ୍ତି। ତେଣୁ ଚାକିରି ସର୍ତ୍ତାବଳୀ ସହିତ ପେନସନ ପ୍ରଦାନ ଦାବି କରିଛନ୍ତି। ଗତ ସରକାର ସମାଧାନର ପ୍ରତିଶ୍ରୁତି ଦେଇ ପ୍ରବଞ୍ଚନା କରିଥିଲେ। ବର୍ତ୍ତମାନର ସରକାର ମଧ କୌଣସି ପଦକ୍ଷେପ ନେଉନାହାନ୍ତି। ତେଣୁ ରାଜ୍ୟ ସଂଗଠନର ଆହ୍ୱାନକ୍ରମେ ଜିଲା ସଭାପତି ସତ୍ୟନାରାୟଣ ସାହୁଙ୍କ ନେତୃତ୍ୱରେ ଜିଲାପାଳଙ୍କ ମାଧମରେ ଦାବିପତ୍ର ପ୍ରଦାନ କରାଯାଇଛି। ଅଧାପକ ନରେନ୍ଦ୍ର ଶତପଥି, ସଂଗ୍ରାମ କେଶରୀ ବେହେରା, ହିମାଂଶୁ ଶେଖର ମହାନ୍ତ, ତୁଳସୀ ଚରଣ ମହାନ୍ତ ପ୍ରମୁଖ ଯୋଗଦେଇ ଦେଇଥିଲେ।

## ୧୧ରୁ ରାଜସ୍ୱ ଅମଲା ସଂଘର ଆନ୍ଦୋଳନ

କେନ୍ଦୁଝର,୬।୮(ନରେଶ ଚନ୍ଦ୍ର ପଟ୍ଟନାୟକ): ରାଜସ୍ୱ ଅମଲା ସଂଘ, କେନ୍ଦୁଝର ଶାଖାର ଏକ ସାଧାରଣ ପରିଷଦ ବୈଠକ କେନ୍ଦୁଝର କଲେକ୍ଟରୋଟ କଲ୍‌ଚରାଲ କ୍ଲବ୍ ସଭାଗୃହରେ ଅନୁଷ୍ଠିତ ହୋଇଛି। ସଭାପତି ଜିତେନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଜିଲା ସଂଘର ସମ୍ପାଦକ ପ୍ରଭାତେନ୍ଦୁ ନାୟକ ଆଗାମୀ ୧୧ ତାରିଖଠାରୁ ହେବାକୁ ଥିବା ଆନ୍ଦୋଳନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜିଲା ସଂଘର କାର୍ଯ୍ୟକାରୀ ସଭାପତି ସଚିନ ପଣ୍ଡା, ଉପ ସଭାପତି ମିନତୀ ସାହୁ, ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ରଶ୍ମିରଞ୍ଜନ ମହାନ୍ତି, ଉପଦେଷ୍ଟା କୈଳାସ ଚନ୍ଦ୍ର ମଲ୍ଲିକ, ସରୋଜ ସାହୁ, ଭୁବନେଶ୍ୱର ମହାପାତ୍ର, ମିଡ଼ିଆ ସଂଯୋଜକ ପିତବାସ ମହାନ୍ତ ଏବଂ ପ୍ରତାପ କୁମାର ବୈଠା ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ମାନସ ଜେନା, ଦେବବ୍ରତ ବେହେରା, ଶିବାନୀ ନାଏକ, ପାର୍ଥସାରଥୀ ନାୟକ, ଛବିଳ ପାତ୍ର ପ୍ରମୁଖ ଯୋଗଦାନ କରି ୧୦ ଦାବି ଉପରେ ମତାମତ ଆଲୋକପାତ କରିଥିଲେ।

## ନାଲି ପତାକା ଲଗାଇଲା ରାଜସ୍ୱ ବିଭାଗ

### ସରକାରୀ ଜମିରେ ବୋଇତାଳୁ ଚାଷ



ପ୍ରଶାସନ ପକ୍ଷରୁ ନୋଟିସ୍ ଲଗାଯାଇଛି।

ପାଟଣା,୬।୮(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ତହସିଲ ଟାଙ୍ଗରପଡ଼ା ଆର୍ଆଇ ସର୍କଲ ଟାଙ୍ଗରପଡା ମୌଜାରେ ସରକାରୀ ଜମିରେ ଜଣେ ବ୍ୟକ୍ତି ବୋଇତାଳୁ ଚାଷ କରିଥିଲେ। ଅଭିଯୋଗ ପାଇ ମଙ୍ଗଳବାର ସନ୍ଧ୍ୟାରେ ପାଟଣା ତହସିଲ ପ୍ରଶାସନ ପକ୍ଷରୁ ଜମିରେ ନାଲି ପତାକା ଲଗାଯାଇଛି। ଉକ୍ତ ସରକାରୀ ଜମିରେ କେହି ଦଖଲ ନ କରିବାକୁ ରାଜସ୍ୱ ବିଭାଗ ବାରଣ କରି ନିଜ ଦଖଲକୁ ନେଇଛି। ଘଟଣାସ୍ଥଳରେ ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ, ରାଜସ୍ୱ ପରିଦର୍ଶକ ବନମାଳି ନାଏକ, ରାଜସ୍ୱ ନୀରିକ୍ଷକ ଦୀପକ କୁମାର ମହାନ୍ତ ପ୍ରମୁଖ ସାମିଲ ହୋଇ ନାଲି ପତାକା ଓ ପୋଷ୍ଟର ଲଗାଇଥିଲେ। ରାଜସ୍ୱ ବିଭାଗ ତରଫରୁ ଜବରଦଖଲ କାରୀଙ୍କୁ ଚେତାବନୀ ଦେଇ ଉକ୍ତ ୪ ଏକର ୨୬ ଡେସିମିଲ ମୂଲ୍ୟବାନ (ଉନ୍ନତି ଯୋଜନାରେ ସଂରକ୍ଷିତ)ସରକାରୀ ଜମିକୁ ନିଜ କବ୍‌ଜାକୁ ଅଣାଯାଇଛି। ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକ କହିଛନ୍ତି, ସରକାରୀ ଜମିକୁ କେହି ଦଖଲ ନକରିବାକୁ ବାରଣ କରାଯାଇଛି। ନାଲି ପତାକା ଲାଗିଛି। ଜବରଦଖଲ କରିଥିବା ବ୍ୟକ୍ତି ସାମ୍ନାକୁ ଆସି ନ ଥିବାରୁ ଉଚ୍ଛେଦ ହୋଇନାହିଁ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.29/ET/SBP/ENGG/2025-26, ତା.01.08.2025ରିଖ

(1)ଇ-ଟେଣ୍ଡର ସଂ.07-eT-SETT-SBP-25

କାର୍ଯ୍ୟର ନାମ : 24 ମାସ ଅବଧି ନିମନ୍ତେ ସମ୍ବଲପୁର ଠାରେ ରେଲୱେ ଷ୍ଟାଡିୟମ୍‌ର ମରାମତି ଏବଂ ରକ୍ଷଣାବେକ୍ଷଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 38,76,315.85, ବିଡ୍ ସିକ୍ୟୁରିଟି (ଟଙ୍କାରେ): 77,600/-।

(2)ଇ-ଟେଣ୍ଡର ସଂ.31-eT-DENC-SBP-25

କାର୍ଯ୍ୟର ନାମ : 24 ମାସ ଅବଧି ନିମନ୍ତେ ହୀରାକୁଦ (HKG) ଠାରେ ହଲିଡେ ହୋମ୍ ଏବଂ ବରଗଡ଼ ରୋଡ୍ (BRGA) ଠାରେ ଅଧିକାରୀ ବିଶ୍ରାମ ଗୃହର ଦେଖାଶୁଣା ଏବଂ ରକ୍ଷଣାବେକ୍ଷଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 36,06,222.65, ବିଡ୍ ସିକ୍ୟୁରିଟି (ଟଙ୍କାରେ): 72,200/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 5,900/-।

କାର୍ଯ୍ୟ ଶେଷ ହେବା ଅବଧି : 24 ମାସ (ଉଭୟ ଟେଣ୍ଡର ନିମନ୍ତେ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.08.2025 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର

PR-435/Q/25-26



**OFFICE OF THE PRINCIPAL**
**PANCHAYAT SAMITI DEGREE COLLEGE, MURIBAHAL, BALANGIR**

E-Mail : degreecollegemuribahal@gmail.com
Ph : 06655-272007, Mob : 9438283147

**Walk in Interview**

Walk in interview for the post of lecturer in Physics on the adhoc basis under Self Financing mode will be held on Dt.13.08.2025 at 11.30 a.m. The candidates having Master Degree with minimum 55% marks should attend with personal Bio-data and original documents. Fixed remuneration as decided by Management will be paid. No TA/DA will be paid for this purpose the post is temporary and is terminable at any time without assigning any reason thereof. In case of single candidate the interview will be cancelled.

Sd./-Principal
Panchayat Samiti Degree College,
Muribahal, Balangir



Office Of the Principal
**MAHAPAT DEGREE MAHAVIDYALAYA, JANGHIRA**
Keonjhar

E-mail : principal.mahapatclg@gmail.com Mob : 9437715702
Letter No. MD/109/2025 Date : 06.08.2025

**TENDER CALL NOTICE**

Sealed quotations are invited from registered firms/authorised dealers for supply & Installation of IT equipment like Desktop computers, UPS system, MFM, LED TVs (65 Inch), wireless mice camera & internet facilities at Mahapat Degree Mahavidyalaya, Janghira, Keonjhar. Sealed tender complete in all respect should be submitted to Principal, Mahapat Degree Mahavidyalaya, Janghira, Keonjhar, Pin-758079 by speed post/Regd. Post/Courrier within the ten days of publication of advertisement.

Sd./- Principal I/c Cum Secretary
Mahapat Degree Mahavidyalaya
Janghira, Keonjhar



**JAMSHEDPUR NOTIFIED AREA COMMITTEE**
New Kalimati Road, Sakchi-831001
E- mail ID-jnacjsr@gmail.com

**Short E- Procurement Notice**
**Tender Notice**

NIT No- JNAC/10/2025-26 Date-02.08.2025

| | | |
|---|---|---|
| 1. | Name of the work | Faecal Sludge and Septage Management Under Jamshedpur Notified Area Committee (JNAC), Hurlung Jamshedpur. (4th Call) |
| 2. | Estimated Cost (rs.) | Construction cost with operation & maintenance cost of one year total Rs. 3,33,49,799.00 |
| 3. | Cost of Bid Document (INR) | INR 10,000/- (Ten thousand Only) Non-Refundable. |
| 4. | Bid Security (INR) | Bid Security: Rs 3,33,497.00 |
| 5. | Time of Completion | 1Year |
| 6. | Date/Time of publication of tender on website | 11.08.2025 at 05:00 Pm |
| 7. | Document downloading Start date | 11.08.2025 at 05:00 Pm |
| 8. | Pre bid meeting date, Time & venue | 14.08.2025 at 03:00 Pm, JNAC Conference Hall |
| 9. | Bid Submission Start date | 18.08.2025 at 05:00 Pm |
| 10. | Bid Submission end date | 25.08.2025 at 05:00 Pm |
| 11. | Bid Opening date | 26.08.2025 (Online) 03:00PM |
| 12. | Mode of Submission of bids | E-tendering (http://jharkhandtenders.gov.in) |
| 13. | Name and address of office inviting tender | Deputy Municipal Commissioner, Jamshedpur Notified area Committee, Jamshedpur. |
| 14. | Contact No. of procurement officer | |
| 15. | Helpline No. of E-procurement cell | |

Note- 1. Only E-tender will be accepted, further details can be seen on website (http://jharkhandtenders.gov.in)

Deputy Municipal Commissioner,
Jamshedpur Notified Area Committee,
Jamshedpur.

PR.NO.358963 Urban Development(25-26):D



झारखण्ड सरकार
कार्यपालक अभियंता का कार्यालय
ग्रामीण विकास विशेष प्रमण्डल, धनबाद
मोबाईल नं0 : 7061981397
Email : rdsd.dhanbad@rediffmail.com

पत्रांक:–628 धनबाद / दिनांक–06.08.2025

**कार्यालय आदेश**

इस कार्यालय के पत्रांक 581 दिनांक 17.07.2025 के द्वारा आमंत्रित निविदा सूचना सं0– 13/2025-26/RDSD/EE/Dhanbad/2nd Call का शुद्धि पत्र जिसका PR No. 357598 Rural Development (25-26)_D में प्रकाशित निविदा को अपरिहार्य कारणवशं अगले आदेश तक स्थगित किया जाता है।

PR 359014 Rural Development(25-26)#D
कार्यपालक अभियंता
ग्रामीण विकास विशेष प्रमंडल, धनबाद



**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଇଇ(ଜି)/ଚକ୍ରଧରପୁର, ଦ.ପୂ. ରେଳପଥ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଟେଣ୍ଡରକୁ ଅଣଦେଖା କରିଦିଆଯିବ। ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ ତାରିଖ: ୩୮-ଇଏଲ୍-ଡବ୍ଲ୍ୟୁଟି-୨୦୨୫-୨୬, ତାରିଖ: ୦୫।୦୮।୨୦୨୫। କାର୍ଯ୍ୟର ନାମ: ଚକ୍ରଧରପୁର ମଣ୍ଡଳରେ ଲୋଡିଂ ସାଇଡିଂଠାରେ ଆଲୋକୀକରଣର ଉନ୍ନତୀକରଣ ପାଇଁ ହାଇ ମାଷ୍ଟ ଟାୱାର୍ସ (୩୦ ଗୋଟି)ର ବ୍ୟବସ୍ଥା ସଂକ୍ରାନ୍ତରେ ବୈଦ୍ୟୁତିକ (ଜି) କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ₹୧,୪୯,୭୫,୭୨୨.୭୦। ଇଏମ୍ଡି: ₹୨,୨୪,୯୦୦। ଟେଣ୍ଡର ଦସ୍ତାବିଜ ମୂଲ୍ୟ: ଶୂନ୍ୟ। ବନ୍ଦ ହେବା/ଖୋଲାଯିବା ତାରିଖ: ୦୮।୦୯।୨୦୨୫। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ। (PR-488)



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-TELE-ZONAL-BAM-486, ତା. 31.07.2025ରିଖ

କାର୍ଯ୍ୟର ନାମ : 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ଦୂରସଞ୍ଚାର/ବ୍ରହ୍ମପୁର ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ଦୂରସଞ୍ଚାର ଜୋନାଲ (Zonal) କାର୍ଯ୍ୟ।

ଟେଣ୍ଡର ମୂଲ୍ୟ(ଟଙ୍କାରେ): 47,60,942.40, EMD (ଟଙ୍କାରେ) : 95,200/-।

ବିଡ୍ ଆରମ୍ଭ ହେବା ତାରିଖ : ତା.08.08.2025 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.08.2025 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ଼

PR-436/Q/25-26



**GOVERNMENT OF ODISHA** No.O-536
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BOLANGIR**
**e-Procurement Notice**

1 Name of work : **Periodical Renewal work of 5 years completed PMGSY (Post DLP) for the year 2025-26 (Annexure-A)" State Budget Grant**
2 No. of work : 2 (Two) works
3 Time for completion varies from : 3 (Three) calendar months
4 Approximate estimated cost varies from : Rs.246.76 lakhs to Rs.249.76 lakhs
5 Mode of Submission of tender : Tender should be submitted online in www.tendersodisha.gov.in
6 **Other details are as follow**

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Chief Construction Engineer, R.W. Circle, Bolangir | BLGR-Online-10/2025-26 | 11.08.2025 at 11.00 A.M. | 26.08.2025 upto 5.00 P.M. | 25.08.2025 upto 5.00 P.M. | 30.08.2025 at 11.00 A.M. | The date will be intimated to the technically qulified bidders later on |

- Further details can be seen from the website www.tendersodisha.gov.in
- Any Corrigendum/Addendum will be displayed in the above e tender website only.

Sd./- Chief Construction Engineer
R.W.Circle, Bolangir

OIPR-25118/11/0045/2526



**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ: କଟକ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୩ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ବଜ୍ରକବାଟି ରୋଡ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୯ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ବଜ୍ରକବାଟି ରୋଡ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| ବଜ୍ରକବାଟି ରୋଡ ଶାଖା / ଋଣଗ୍ରହୀତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ଶ୍ରୀ ଆଣ୍ଡ୍ କୋଃ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଶ୍ରୀରାଜ ଦାଶ, ପିତା: ଶ୍ରୀ ଦୁର୍ଗା ପ୍ରସାଦ ଦାଶ, ଠିକଣା-୧: ଚନ୍ଦ୍ରାଲୋକ ଆପାର୍ଟମେଣ୍ଟ ନିକଟ, ପ୍ରଫେସରପଡା, ପୋ: କଲେଜ ସ୍କୋୟାର, ଥାନା: ମଙ୍ଗଳାବାଗ, କଟକ- ୭୫୩୦୦୩, ଠିକଣା-୨: ଇଡ୍‌କୋ ପ୍ଲଟ୍ ନଂ.: ୫/ଡି, ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ନୂଆଶାସନ, ଧୁରୁସିଆ, ଥାନା: ଖୁଣ୍ଟୁଣୀ, କଟକ - ୭୫୪୦୨୭ | ୧୯.୦୫.୨୦୨୫ ସୁଦ୍ଧା ଟ.୪୨,୫୩,୫୪୦.୪୮ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୯.୦୫.୨୦୨୫ / ୦୫.୦୮.୨୦୨୫ | ମେସର୍ସ ଶ୍ରୀ ଆଣ୍ଡ୍ କୋଃ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଶ୍ରୀରାଜ ଦାଶ, ପିତା: ଶ୍ରୀ ଦୁର୍ଗା ପ୍ରସାଦ ଦାଶଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ରେଭିନ୍ୟୁ ପ୍ଲଟ୍ ନଂ.: ୮୩୨/୧୧୯୮(ଅଂଶ), ଖାତା ନଂ.: ୧୬୨, ଅନୁରୂପ ଇଡ୍‌କୋ ପ୍ଲଟ୍ ନଂ.: ୫/ଡି, ରେଭିନ୍ୟୁ ଗ୍ରାମ: ନୂଆଶସନ, କ୍ଷେତ୍ର: ଏକର୦.୪୫୯ ଡିସିମିଲି, ନୂଆଶାସନ ଗ୍ରାମର ସୀମା ଅଧିନ, ତହସିଲ: ଆଠଗଡ, ଥାନା: ଗୁରୁଡିଝାଟିଆ, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଇଡ୍‌କୋ ଜମି, ପଶ୍ଚିମ: ଇଡ୍‌କୋ ପ୍ଲଟ୍ ନଂ.: ୫/ସି, ଦକ୍ଷିଣ: ଇଡ୍‌କୋ ପ୍ଲଟ୍ ନଂ.: ୫, ପୂର୍ବ: ଇଡ୍‌କୋ ପ୍ଲଟ୍ ନଂ.: ୫/ଇ |

ସ୍ଥାନ: ଭୁବନେଶ୍ୱର
ତାରିଖ : ୦୬.୦୮.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

## ସଂକ୍ଷେପରେ

### ଗୋରୁଗାଡ଼ି ଭଙ୍ଗାରୁଜା, ୧୧ ଗୋରୁ ଉଦ୍ଧାର

ଭଦ୍ରକ,୬।୮ (ସନାତନ ରାଉତ)

ଭଦ୍ରକ ଗ୍ରାମାଞ୍ଚଳ ଥାନା ରାନ୍ଧିଆ ବାଲୁଅ ଛକ ନିକଟରେ ଏକ ଗୋରୁ ଗାଡ଼ି ଭଙ୍ଗାରୁଜା କରିବା ସହ ସେଥିରେ ବୋଝେଇ ହୋଇଥିବା ୧୧ଟି ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଘଟଣାସ୍ଥଳରେ ଗ୍ରାମାଞ୍ଚଳ ପୋଲିସ ପହଞ୍ଚି ଗୋରୁଙ୍କୁ ଉଦ୍ଧାର କରିଥିବା ବେଳେ ଗାଡ଼ିର ଚାଳକ ଓ ହେଲପର୍ ଫେରାର ହୋଇଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଆନନ୍ଦପୁରରୁ ଉକ୍ତ ଗାଡ଼ିଟି ବୁଧବାର ଭୋର ସମୟରେ ଆସୁଥିଲା। ସ୍ଥାନୀୟ ଲୋକମାନେ ଖବର ପାଇ ଗାଡ଼ିକୁ ପିଛା କରିଥିଲେ। ଗୋରୁ ଗାଡ଼ିକୁ ସୁରକ୍ଷା ଦେଉଥିବା କିଛି ଯୁବକଙ୍କ ସହ ସ୍ଥାନୀୟ ଲୋକଙ୍କ ପାଟିତୁଣ୍ଡ ହୋଇଥିଲା। ଯୁକ୍ତିତର୍କ ଉଗ୍ରରୂପ ନେବାରୁ ଉତ୍ୟକ୍ତ ଲୋକେ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ଖବର ପାଇ ଗ୍ରାମାଞ୍ଚଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୋରୁଙ୍କୁ ଉଦ୍ଧାର କରିବା ସହ ଗାଡ଼ିକୁ ଜବତ କରି ଥାନାକୁ ଆଣିଛି। ବେଆଇନ ଗୋରୁଚାଲାଣ ନେଇ ଗ୍ରାମାଞ୍ଚଳ ଥାନାରେ ମାମଲା (ନଂ ୪୨୩/୨୫) ରୁଜୁ କରାଯାଇଥିବା ଥାନା ଅଧିକାରୀ ଦୟାନିଧି ଦାସ କହିଛନ୍ତି।

### ସରପଞ୍ଚଙ୍କ ପରଲୋକ

ଧାମନଗର,୬।୮ (ସନ୍ତୋଷ କୁମାର ମହାପାତ୍ର/ ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ଧାମନଗର ବ୍ଲକ ଗୋବିନ୍ଦପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ତଥା ବିଜେଡିର ବରିଷ୍ଠ ନେତା ସୁବାଷ ଚନ୍ଦ୍ର ମହାକୁଡ଼ (୬୫)ଙ୍କର ମଙ୍ଗଳବାର ରାତିରେ ପରଲୋକ ଘଟିଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପାର୍ଥିବ ଶରୀରକୁ ବୁଧବାର ପଞ୍ଚାୟତ କାର୍ଯ୍ୟାଳୟକୁ


ସୁବାଷ ଚନ୍ଦ୍ର ମହାକୁଡ଼।

ନିଆଯାଇ ଗୋବିନ୍ଦପୁର, କୋରୁଆ, ମଙ୍ଗଳପୁର, ଅଜମତପୁର, କଷଟି, ବରଗଡ଼ା, ମଙ୍ଗଳାପଦା, ଇଛାପୁର ଆଦି ଗ୍ରାମକୁ ଶୋଭାଯାତ୍ରାରେ ନିଆଯାଇ ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ବୁଧବାର ଅପରାହ୍ନରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିଲା। ପୁତ୍ରରା ଦେବାଶିଷ ମୁଖାଗ୍ନି ଦେଇଥିଲେ। ସେ ୪ ଥର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ସବୁବେଳେ ପଞ୍ଚାୟତ ଲୋକଙ୍କ ମୌଳିକ ସମସ୍ୟା ଉପରେ ଗୁରୁତ୍ୱ ଦେଉଥିବାରୁ ପଞ୍ଚାୟତବାସୀ ତଥା ବ୍ଲକ ନେତୃମଣ୍ଡଳୀ ନିକଟରେ ଜଣେ ଆଦର୍ଶ ସରପଞ୍ଚ ଭାବେ ପରିଚିତ ଥିଲେ। ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଓ ବିଜେଡି ନେତା ଡ. ସଞ୍ଜୟ ଦାସ, ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ବ୍ଲକ ବିଜେଡି ସଭାପତି ପ୍ରତାପ ସାମଲ, ନଗର ବିଜେଡି ସଭାପତି ବିଜୟ କେତନ ସାହୁ, ସୁଶାନ୍ତ କୁମାର ରାଉତ, ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ସାରଦା ପ୍ରସନ୍ନ ସାହୁଙ୍କ ସମେତ ବିଶିଷ୍ଟ ବ୍ୟକ୍ତି ଓ ରାଜନେତା ବୁଧବାର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ୩୦୦ ପରିବାର ଜଳବନ୍ଦୀ

- ପାଣିରେ ବୁଡ଼ି ରହିଛି ହଟନଗର-ଓରାଳି ରାସ୍ତା
- ପଥର ପ୍ୟାକିଂ ଓ ସୁରକ୍ଷା ପ୍ରାଚୀର ନିର୍ମାଣ କାର୍ଯ୍ୟ ଅଧାରୁ ବନ୍ଦ

ତିହିଡି,୬।୮ (ସଞ୍ଜିତ ବଳ)

ତିହିଡ଼ି ବ୍ଲକ ବୋଡ଼କ ପଞ୍ଚାୟତ ଅଧୀନ ହଟନଗର -ଓରାଳି ରାସ୍ତା ପାଣିରେ ବୁଡ଼ି ରହିଛି। ଯାହା ଫଳରେ ଓରାଳି ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହେବା ସହ ଗ୍ରାମର ୩୦୦ ପରିବାର ଜଳବନ୍ଦୀ ହୋଇ ରହିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ରାସ୍ତା ନିର୍ମାଣ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ହଟନଗର-ଓରାଳି ରାସ୍ତା ପାର୍ଶ୍ୱରେ ରେବ ନଦୀ ପ୍ରବାହିତ ହେଉଛି। କିଛିଦିନ ପୂର୍ବେ ରାସ୍ତାର ହଟନଗରଠାରେ ନଦୀବନ୍ଧରେ


ହଟନଗରଠାରେ ପାଣିରେ ବୁଡ଼ିଥିବା ରାସ୍ତା।

ପଥର ପ୍ୟାକିଂ ଓ ସୁରକ୍ଷା ପ୍ରାଚୀର ନିର୍ମାଣ କାର୍ଯ୍ୟ ଚାଲିଥିଲା। ତେବେ ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ଥିବା ଠିକାଦାର ଅଧାରୁ କାର୍ଯ୍ୟ ଛାଡ଼ି ଚାଲିଯାଇଛନ୍ତି। ଯାହା ଫଳରେ ହଟନଗରଠାରେ ରାସ୍ତାରେ ଘାଇ ସୃଷ୍ଟି ହୋଇଛି। ରେବ ନଦୀରେ ବନ୍ୟାପାଣି କମିଯାଇଥିଲେ ମଧ୍ୟ ଘାଇ ସ୍ଥଳରେ ପାଣି ଜମି ରହି ରାସ୍ତା ଉପରେ ପ୍ରବାହିତ ହେଉଛି। ଯାହାଦ୍ୱାରା ଓରାଳି ଗ୍ରାମର ୩୦୦ ପରିବାରର ୨୦୦୦ ଅଧିବାସୀଙ୍କ ଯାତାୟତ ବାଧାପ୍ରାପ୍ତ ହେଉଛି। ନଦୀରେ ବନ୍ୟା ଆସିଥିବା ବେଳେ ଗ୍ରାମବାସୀ ଜଳବନ୍ଦୀ ହୋଇ ରହିଥିଲେ। ବନ୍ୟା ପାଣି କମିଯିବା ପରେ ବି ପରିସ୍ଥିତିରେ ସୁଧାର ଆସିପାରିନାହିଁ। ରାସ୍ତାର ଏହି ଦୁରବସ୍ଥା ଯୋଗୁ ସ୍କୁଲ ପିଲାଙ୍କଠାରୁ ଆରମ୍ଭ କରି ଗ୍ରାମବାସୀମାନେ ଯାତାୟତ କରିପାରୁନାହାନ୍ତି। ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଁକୁ ଯିବା ସମ୍ଭବ ହେଉନାହିଁ। ରେବ ନଦୀରେ ବନ୍ୟା ପାଣି ଥିବାରୁ କୁମ୍ଭୀର ଭୟ ମଧ୍ୟ ରହିଛି। ଏହି ପରିସ୍ଥିତିରେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହୁଥିବା ଜଣାପଡ଼ିଛି। ଅପରପକ୍ଷେ ସାଳନ୍ଦୀ ଜଳସେଚନ ବିଭାଗ ପକ୍ଷରୁ ୨କୋଟି ୧୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଉଥିବା ସୁରକ୍ଷା ପ୍ରାଚୀର ଓ ପଥର ପ୍ୟାକିଂ କାର୍ଯ୍ୟ ଅଧାରୁ ବନ୍ଦ ହୋଇ ରହିଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ତ୍ତୃପକ୍ଷ ଅବଗତ ଥିଲେ ମଧ୍ୟ ରାସ୍ତା ମରାମତି ଦିଗରେ କୌଣସି ପଦକ୍ଷେପ ନ ନେବା ପରିତାପର ବିଷୟ ପାଲଟିଛି। ତୁରନ୍ତ ଘାଇ ମରାମତି କରି ରାସ୍ତାକୁ ଯାତାୟତ ଉପଯୋଗୀ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠଯନ୍ତ୍ରୀ କୃତ୍ତିବାସ ମହାପାତ୍ରଙ୍କୁ ପଚାରିବାରୁ ରାସ୍ତା ନିର୍ମାଣ ପାଇଁ ଅନୁଦାନ ଯୋଗାଇ ଦେବାକୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଅନୁଦାନ ମିଳିଲେ ରାସ୍ତା ନିର୍ମାଣ କରାଯିବ ବୋଲି ସେ କହିଛନ୍ତି।

# ୧୯ରେ ରାଜ୍ୟପାଳଙ୍କ ଭଦ୍ରକ ଗସ୍ତ


ବୈଠକରେ ବିଧାୟକ, ଜିଲାପାଳ ଓ ଅନ୍ୟମାନେ।

**ଜିଲା ପ୍ରଶାସନର ପ୍ରସ୍ତୁତି ବୈଠକ**

ଭଦ୍ରକ,୬।୮ (ସନାତନ ରାଉତ)

ଆସନ୍ତା ୧୯ ଓ ୨୦ ତାରିଖ ୨ ଦିନ ଧରି ଭଦ୍ରକରେ ସମୀକ୍ଷା ବୈଠକରେ ଯୋଗଦେବା ପାଇଁ ରାଜ୍ୟପାଳ ହରିବାବୁ କୁମ୍ଭମପତିଙ୍କ ଭଦ୍ରକ ଗସ୍ତ କାର୍ଯ୍ୟକ୍ରମ ରହିଛି। ଗତ ୪ ତାରିଖରେ ସଚିବାଳୟରୁ ଭଦ୍ରକ ଜିଲାପାଳଙ୍କୁ ଚିଠି କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏ ନେଇ ବୁଧବାର ସନ୍ଧ୍ୟା ୬ ଟା ୩୦ରେ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ଜିଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକରେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ୨ ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ ଓ ରବିନାରାୟଣ ସାହୁ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ରାଜ୍ୟପାଳଙ୍କ ଗସ୍ତ ସହ ୨ ଦିନିଆ କାର୍ଯ୍ୟକ୍ରମର ଖସଡ଼ା ପ୍ରସ୍ତୁତ କରିଛନ୍ତି। ୧୯ ରେ ରାଜ୍ୟପାଳ କ୍ଷେତ୍ରୀୟ ତଦନ୍ତରେ ଯିବା ସହ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମେତ ବିଭିନ୍ନ ସରକାରୀ ଯୋଜନାର ହିତାଧିକାରୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ୨୦ ତାରିଖରେ ପ୍ରଶାସନିକ ଅଧିକାରୀଙ୍କ ସହିତ ସମୀକ୍ଷା ବୈଠକ ରହିଥିବା ସୂଚନା ଦିଆଯାଇଛି।

# ଶିକ୍ଷକଙ୍କ ବଦଳି ଦାବିକଲା ପରିଚାଳନା କମିଟି

**ବିନା ଛୁଟି ଦରଖାସ୍ତରେ ଅନୁପସ୍ଥିତ ରହିବା ଘଟଣା**

ଧାମନଗର,୬।୮ (ସନ୍ତୋଷ କୁମାର ମହାପାତ୍ର)

କେନ୍ଦୁଝର ଜିଲା ଧାମନଗର ବ୍ଲକ୍ ଭଗବାନପୁର ପଞ୍ଚାୟତ ପଳିକିରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ କିଛି ଦିନ ପୂର୍ବରୁ ଜଣେ ଶିକ୍ଷକ ବିନା ଛୁଟି ଦରଖାସ୍ତରେ ଅନୁପସ୍ଥିତ ରହିଛନ୍ତି। ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଙ୍ଗଳବାର ବିଦ୍ୟାଳୟ ପରିଚାଳନା କମିଟି ବିଇଓଙ୍କୁ ଭେଟି ଅଭିଯୋଗ କରାଯାଇଛି।

ଅଭିଯୋଗ ମୁତାବକ, ଉକ୍ତ ବିଦ୍ୟାଳୟର ସହକାରୀ ଶିକ୍ଷକ ଅଶୋକ କୁମାର ନାୟକ ବିନା ଛୁଟି ଦରଖାସ୍ତରେ ଗତ ଜୁଲାଇ ୨୮ରେ ଅନୁପସ୍ଥିତ ରହିଥିଲେ। ଘରଠାରୁ ମାତ୍ର ୨ଶହ ମିଟର ଦୂରରେ ଅବସ୍ଥିତ ଉକ୍ତ ବିଦ୍ୟାଳୟରେ ଦୀର୍ଘ ୧୩ବର୍ଷ ରହିବା, ମନ ମୁତାବକ ବିଦ୍ୟାଳୟକୁ ଯିବାଆସିବା ଏବଂ ବିଦ୍ୟାଳୟରେ ନାନାଦି ସମସ୍ୟା ସୃଷ୍ଟି କରିବା ଆଦି ବିଷୟକୁ ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବିଇଓ ପ୍ରଫୁଲ୍ଲ କୁମାର ସାହୁ ଘଟଣାର ତଦନ୍ତ କରିବାକୁ ଏବିଇଓ ସତ୍ୟସୁନ୍ଦର ପରିଡ଼ାଙ୍କୁ


ବିଇଓଙ୍କ କାର୍ଯ୍ୟାଳୟ ଆଗମରେ ପରିଚାଳନା କମିଟି ସଦସ୍ୟମାନେ।

ଗତ ଜୁଲାଇ ୩୧ତାରିଖରେ ବିଦ୍ୟାଳୟକୁ ପଠେଇଥିଲେ। ଏବିଇଓ ବିଦ୍ୟାଳୟକୁ ଯାଇ ପ୍ରଧାନଶିକ୍ଷକ ନିରାକାର ରାଉତଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବ୍ୟକ୍ତିଗତ ଭାବେ ପଚାରି ବୁଝିଥିଲେ। ଭିନ୍ନ ଭିନ୍ନ ଲିଖିତ ସ୍ୱଷ୍ଟୀକରଣ ଗୋପନ ଭାବେ ଏକ ଲଫାପାରେ ବନ୍ଦ କରି ପ୍ରଧାନଶିକ୍ଷକଙ୍କ ମାଧ୍ୟମରେ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହାର ପରଦିନ ସମ୍ପୃକ୍ତ ଶିକ୍ଷକ ନିଜ ଫେସ୍‌ବୁକ ମାଧ୍ୟମରେ ସ୍ୱଷ୍ଟୀକରଣ ଦେବାକୁ ନେଇ ଭାଇରଲ ହୋଇଥିଲା। ଏହାକୁ ନେଇ ପରିଚାଳନା କମିଟି ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲା। ମଙ୍ଗଳବାର ଅପରାହ୍ନ ପ୍ରାୟ ୨ଟ ୩୦ ସମୟରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁଧାକର ମାଝୀଙ୍କ ନେତୃତ୍ୱରେ ଗୌରାଙ୍ଗ ଦାଶ, ଦିଲ୍ଲୀପ କୁମାର ପତି, ମଦନ ମୋହନ ସାହୁ, ରତ୍ନାକର ବେହେରା, ସଞ୍ଜୀବ ବେହେରା, ରାଜେଶ ଯେନା ପ୍ରମୁଖ କମିଟିର ସଭ୍ୟା, ସଭ୍ୟାଙ୍କ ପ୍ରତିନିଧି ମାନେ ବିଇଓଙ୍କୁ ଭେଟି ସ୍କୁଲକୁ ବଦ୍‌ନାମ କରୁଥିବା ଏଭଳି ଶିକ୍ଷକଙ୍କୁ ତୁରନ୍ତ ବିଦ୍ୟାଳୟରୁ ବଦଳି କରି ଅନ୍ୟଜଣେ ଶିକ୍ଷକ ନିଯୁକ୍ତି ଦେବାକୁ ଲିଖିତ ଦାବି କରିଥିଲେ। ବିଇଓ ସାହୁ ଅନୁପସ୍ଥିତ ଥିବାରୁ କାର୍ଯ୍ୟାଳୟର ଡାକବାକ୍ସରେ ଅଭିଯୋଗପତ୍ର ଦେଇଥିଲେ। ଏହାସହ ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷାମନ୍ତ୍ରୀ, ପ୍ରାଥମିକ ଶିକ୍ଷା ସଚିବ, ଭଦ୍ରକ ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କ ଡାକ ଯୋଗେ ଅଭିଯୋଗପତ୍ର ପ୍ରେରଣ କରାଯିବ ବୋଲି କମିଟି ସଭାପତି ମାଝୀ କହିଛନ୍ତି।

### ପୋଖରୀରୁ ମିଳିଲା ଦିବ୍ୟାଙ୍ଗ ଯୁବକଙ୍କ ମୃତଦେହ

ତିହିଡି,୬।୮ (ସଞ୍ଜିତ ବଳ)

ଏକ ଦଳ ଭର୍ତ୍ତି ପୋଖରୀରୁ ବୁଧବାର ସକାଳ ୮ଟା ବେଳେ ଜଣେ ଦିବ୍ୟାଙ୍ଗ ଯୁବକଙ୍କ ମୃତଦେହ ମିଳିଛି। ମୃତ ଯୁବକ ହେଲେ ତିହିଡି ବ୍ଲକ୍ ପୀରହାଟ ଥାନା ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ତଳଦୁମୁକା ଗ୍ରାମର ଧନେଶ୍ୱର ଖିଲାର(୩୦)। ଧନେଶ୍ୱର ମଙ୍ଗଳବାର ଅପରାହ୍ନରେ ବିଲରୁ ଫେରି ଗ୍ରାମରେ ଥିବା ଏକ ଦଳଭର୍ତ୍ତି ପୋଖରୀରେ ଧୋଇ ହେବାକୁ ଯାଇଥିବା ବେଳେ ପୋଖରୀରେ ପଡ଼ିଯାଇଥିଲେ। ତେବେ ତାଙ୍କ ପରିବାର ଲୋକେ ଖୋଜାଖୋଜି କରିବା ପରେ ବି ତାଙ୍କର ସନ୍ଧାନ ପାଇ ନ ଥିଲେ। ତେବେ ତାଙ୍କ ଗାମୁଛା ପୋଖରୀ ତୁଠରେ ଥିବାରୁ ସେ ପୋଖରୀରେ ପଡ଼ିଯାଇଥିବା ସନ୍ଦେହ କରାଯାଇଥିଲା। ପରେ ଗ୍ରାମବାସୀ ଏ ସମ୍ପର୍କରେ ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ତିହିଡିରୁ ଅଗ୍ନିଶମ ବାହିନୀ ପହଞ୍ଚି ଖୋଜାଖୋଜି କରିଥିଲେ ବି ତାଙ୍କର ସନ୍ଧାନ ମିଳି ନ ଥିଲା। ବୁଧବାର ସକାଳେ ଗ୍ରାମବାସୀ ପାଖରୀର ଦଳ ସଫା କରିବା ପରେ ଧନେଶ୍ୱରଙ୍କ ମୃତଦେହ ମିଳିଥିବା ଜଣାପଡ଼ିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

# ସ୍ୱାଧୀନତା ଦିବସ ପୂର୍ବରୁ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସଫା କରିବାକୁ ନିର୍ଦ୍ଦେଶ

ଭଦ୍ରକ,୬।୮ (ସନାତନ ରାଉତ)

ସ୍ୱାଧୀନତା ଦିବସ ପୂର୍ବରୁ ଭଦ୍ରକ ସହରରେ ଥିବା ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିକୁ ସଫାସୁତୁରା କରିବା ପାଇଁ ପୌର ନିର୍ବାହୀ ଅଧିକାରୀ ଓ ଭଦ୍ରକ ବ୍ଲକ୍ ସମ୍ମୁଖରେ ଥିବା ଭାରତ ସରକାରଙ୍କ ପ୍ରଦତ୍ତ ସ୍ମୃତିସ୍ତମ୍ଭକୁ ରଙ୍ଗଦେବା ପାଇଁ ଭଦ୍ରକ ବିଡିଓଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱାଧୀନତା ଦିବସ ସକାଳେ ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବାର କାର୍ଯ୍ୟକ୍ରମ ରହିଥିବାରୁ ଏହାକୁ ସଫାସୁତୁରା କରିବା ପାଇଁ କୁହାଯାଇଛି। ସ୍ୱାଧୀନତା ଦିବସ ସକାଳେ ସହରର ସମସ୍ତ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଓ ଗାନ୍ଧୀ ବାଳାଶ୍ରମର ଅନ୍ତେବାସୀମାନେ ନିଜ ନିଜର ଅନୁଷ୍ଠାନକୁ ପ୍ରଭାତଫେରୀ ଶୋଭାଯାତ୍ରାରେ ସହର ପରିକ୍ରମା କରି ସକାଳ ୮ଟା ୧୫ରେ ଭଦ୍ରକ କଲେଜସ୍ଥିତି ପରେଡ଼ ପଡ଼ିଆରେ ପହଞ୍ଚିବାକୁ ଜିଲା ଶିକ୍ଷାଧିକାରୀ ଓ ସମସ୍ତ ଶିକ୍ଷାନୁଷ୍ଠାନର ପ୍ରଧାନଶିକ୍ଷକଙ୍କୁ ସୂଚନା ଦିଆଯାଇଛି। ସକାଳ ୯ଟା ୧୫ରେ ଜାତୀୟ ପତାକା ଉତ୍ତୋଳନ କରାଯିବା ସହ ମୁଖ୍ୟ ଅତିଥି ପରେଡ଼ ଅଭିବାଦନ ଗ୍ରହଣ କରିବେ। ଏନ୍‌ସିସି, ସ୍କାଉଟ୍, ଗାଇଡ଼, ରେଡ୍‌କ୍ରସ, ସିଭିଲିଆନ ଗ୍ରୁପ୍ ମଧ୍ୟରେ ପରେଡ଼ ପ୍ରତିଯୋଗିତା କରାଯାଇ ଟ୍ରଫି ପ୍ରଦାନ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହା ପୂର୍ବରୁ ଅଗଷ୍ଟ ୧୨ ଓ ୧୩ ତାରିଖ ୨ଦିନ ଅପରାହ୍ନ ୨ଟାରେ ଭଦ୍ରକ କଲେଜ ଖେଳପଡ଼ିଆରେ ରିଜର୍ଭ ପୋଲିସ ଇନ୍ସପେକ୍ଟରଙ୍କ ପରିଚାଳନାରେ ପରେଡ଼ ଅଭ୍ୟାସ କରାଯିବ। ସ୍ୱାଧୀନତା ଦିବସ ଅବସରରେ ଉକ୍ତ ପଡ଼ିଆରେ ଲୋକନୃତ୍ୟ, ଦେଶାତ୍ମବୋଧକ ସଙ୍ଗୀତ ନୃତ୍ୟ ପ୍ରଦର୍ଶନ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନା ଆଗରେ ଗଣଧାରଣା

**ନାବାଳିକା ଅପହରଣ ମାମଲା**

ଚାନ୍ଦବାଲି,୬।୮ (କିଷାନ ପାତ୍ର)

ଚାନ୍ଦବାଲି ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟ ନାବାଳିକାଙ୍କୁ ଗତ ୩୦ ତାରିଖ ରାତିରେ ଅପହରଣ କରାଯାଇଛି। ଏନେଇ ଥାନାରେ ଅଭିଯୋଗ ପରେ ମଧ୍ୟ ତାଙ୍କୁ ଉଦ୍ଧାର କରିପାରିନି ପୋଲିସ। ଏହାର ପ୍ରତିବାଦର ଉକ୍ତ ଗ୍ରାମର ଲୋକେ ବୁଧବାର ମଧ୍ୟାହ୍ନ ୧୨ଟାରୁ ଅଭିଯୁକ୍ତଙ୍କ ଗିରଫ ଓ ନାବାଳିକାଙ୍କୁ ତୁରନ୍ତ ଉଦ୍ଧାର ଦାବିରେ ଚାନ୍ଦବାଲି ଥାନା ଆଗରେ ଧାରଣାରେ ବସିଛନ୍ତି।

ଗତ ୩୧ ତାରିଖରେ ଚାନ୍ଦବାଲି ଥାନାରେ କରାଯାଇଥିବା ଅଭିଯୋଗ ମୁତାବକ ୩୦ ତାରିଖ ରାତିରେ ନାବାଳିକା ଜଣକ ଖାଇପିଇ ଘରେ ଶୋଇଥିଲେ। ୩୧ ତାରିଖ ସକାଳେ ସେ ଘରେ ନ ଥିବା ପରିବାର ଲୋକେ ଜାଣିଥିଲେ। ସ୍ଥାନୀୟ ଅଞ୍ଚଳର ୨ ଜଣ ଯୁବକ ତାଙ୍କୁ ଅପହରଣ କରି ନେଇଥିବା ନାବାଳିକାଙ୍କ ଭାଇ ଚାନ୍ଦବାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ଘଟଣାକୁ ୭ଦିନ ବିତିଯାଇଥିଲେ ସୁଦ୍ଧା ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଗ୍ରାମବାସୀ ଧାରଣା ଦେଇଥିବା କହିଛନ୍ତି। ପୋଲିସ ଯେପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ ନ କରିଛି ଏବଂ ଝିଅକୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର ନ କରିଛି ସେ ପର୍ଯ୍ୟନ୍ତ ଧାରଣାରୁ ଉଠିବେ ନାହିଁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ପୂର୍ବରୁ ଭାଜପା ଜିଲା କୃଷକ ମୋର୍ଚ୍ଚା ସଭାପତି ଭଦ୍ରକ ଏସ୍‌ପିଙ୍କୁ ମଧ୍ୟ ଚିଠି ଲେଖି ଏବାବଦରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ଘଟଣା ସମ୍ପର୍କରେ ଆଇଆଇସି ପରେଶ କୁମାର ମହାନ୍ତିଙ୍କୁ ପଚାରିବାରୁ ଗ୍ରାମବାସୀଙ୍କୁ ଡାକି ବୁଝାସୁଝା କରିବା ସହ ୨୪ ଘଣ୍ଟା ଭିତରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ସନ୍ଧ୍ୟାରେ ଧାରଣାରୁ ଉଠିଯାଇଥିବା କହିଛନ୍ତି।

### ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ତିହିଡି,୬।୮ (ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡି ବ୍ଲକ୍ ପୀରହାଟ ଥାନା ଅଧୀନ ହରସିଂହପୁର ଗ୍ରାମସ୍ଥିତ ଏକ ପୋଖରୀରେ ବୁଡ଼ି ବୁଧବାର ଅପରାହ୍ନ ୨ଟା ବେଳେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ରବୀନ୍ଦ୍ର ଦାସ (୫୮)। ରବୀନ୍ଦ୍ର ମଧ୍ୟାହ୍ନରେ ବିଲରୁ ଫେରି ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ଗୋଡ଼ ଖସିଯିବାରୁ ସେ ପୋଖରୀ ଭିତରକୁ ଚାଲିଯାଇଥିଲେ। ଅପରାହ୍ନରେ ଗ୍ରାମବାସୀ ତାଙ୍କୁ ପୋଖରୀରୁ ଉଦ୍ଧାର କରି ତିହିଡି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁକରିତଦନ୍ତ କରୁଛି।

# ବାର୍ଷିକ କ୍ରୀଡ଼ା ଖସଡ଼ା ଚୂଡ଼ାନ୍ତ



ବୈଠକରେ ଉପସ୍ଥିତ କ୍ରୀଡ଼ା ସଙ୍ଗଠନର କର୍ମକର୍ତ୍ତାମାନେ।

ଭଣ୍ଡାରିପୋଖରୀ,୬।୮ (ରାଜେନ୍ଦ୍ର ଶତପଥି)

ବାରିକପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ କ୍ରୀଡ଼ା ସଙ୍ଗଠନ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସୁଜାତା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଙ୍ଗଠନ ଉପଦେଷ୍ଟା ପ୍ରଧାନଶିକ୍ଷକ ରତିକାନ୍ତ ବେହେରା, ପ୍ରଧାନଶିକ୍ଷକ ଅଜୟ କୁମାର ନନ୍ଦ, ଗୋଷ୍ଠୀ ଶିକ୍ଷା ସଂଯୋଜକ ଅକ୍ଷୟ କୁମାର ଜେନା, ବ୍ଲକ୍ କ୍ରୀଡ଼ା ସମ୍ପାଦକ ଜିତେନ୍ଦ୍ର କୁମାର ସାହୁ, ବରିଷ୍ଠ କ୍ରୀଡ଼ା ଶିକ୍ଷୟିତ୍ରୀ ବିକଶି ସାହୁ ଯୋଗଦେଇ ଚଳିତ ବର୍ଷ ପାଇଁ ସରକାରୀ କ୍ରୀଡ଼ା ଖସଡ଼ା ପ୍ରସ୍ତୁତ କରିଥିଲେ। ଆଗାମୀ ୨୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ବ୍ୟାଡମିଣ୍ଟନ ଓ ଭଲିବଲ ଟୁର୍ନାମେଣ୍ଟ ପାଇଁ ବ୍ଲକର କ୍ରୀଡ଼ାଦଳକୁ ପ୍ରଶିକ୍ଷଣ ପ୍ରଦାନ କରାଯିବାକୁ କ୍ରୀଡ଼ା ଶିକ୍ଷକ ମାନଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ଶିକ୍ଷକ ସୁଧାକର ମହାପାତ୍ର, ସ୍ମୃତିରଞ୍ଜନ ଦାସ, ପ୍ରମୋଦ କୁମାର ବେହେରା, ପ୍ରଶାନ୍ତ ଜେନା ପ୍ରମୁଖ ବୈଠକରେ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ଶିକ୍ଷକ ଦେବାଶିଷ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରୀ, ନାରୀ ସୁରକ୍ଷା ପ୍ରସଙ୍ଗରେ ଛାତ୍ର ବିଜେଡିର ସ୍ମାରକପତ୍ର



ଶୋଭାଯାତ୍ରାରେ ବିଜେଡି ଛାତ୍ର ନେତା ଓ ଛାତ୍ରୀଛାତ୍ରମାନେ।

ଭଦ୍ରକ,୬।୮ (ସନାତନ ରାଉତ)

ବିଜୁ ଯୁବ ଓ ଛାତ୍ର ଜନତା ଦଳର ଘୋଷଣା ଆଧାରରେ ଅଗଷ୍ଟ ୧ ରୁ ୮ ପର୍ଯ୍ୟନ୍ତ ଛାତ୍ରୀ ଓ ମହିଳାଙ୍କୁ ସୁରକ୍ଷା ଓ ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବୁଧବାର ୬ଷ୍ଠ ଦିନରେ ରାଜ୍ୟର ବିଭିନ୍ନ କଲେଜର ଛାତ୍ର ଓ ଯୁବକ ବିଜେଡି ପକ୍ଷରୁ ପ୍ରତିବାଦ କରାଯାଉଛି। ଏହି କ୍ରମରେ ଛାତ୍ରୀ ଓ ନାରୀଙ୍କ ସୁରକ୍ଷା ଦାବିରେ ଭଦ୍ରକ କଲେଜ, ଭଦ୍ରକ ମହିଳା ମହାବିଦ୍ୟାଳୟ ଓ ଚରମ୍ପା କଲେଜର ଛାତ୍ର ବିଜେଡି ପକ୍ଷରୁ ଛାତ୍ରୀଛାତ୍ର ବୁଧବାର ସକାଳ ୧୦ଟାରେ ଭଦ୍ରକ କଲେଜ ପରିସରରୁ ଶୋଭାଯାତ୍ରାରେ ବାହାରି ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ଛାତ୍ର ନେତା ସୌମ୍ୟ ରଞ୍ଜନ ମହାପାତ୍ର(ସୁମନ)ଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରିବା ସହ ଡିଜିପିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ରାଜ୍ୟରେ ଛାତ୍ରୀ ଓ ନାରୀଙ୍କ ଉପରେ ନିର୍ଯାତନା ବଢ଼ି ଚାଲିଥିବା ବେଳେ ରାଜ୍ୟ ସରକାର ସେମାନଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛନ୍ତି। ଗତ ୧୩ ମାସ ମଧ୍ୟରେ ରାଜ୍ୟରେ ଘଟିଥିବା ପ୍ରମୁଖ ଛାତ୍ରୀ ଓ ମହିଳା ନିର୍ଯାତନା ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଡିଜିପିଙ୍କୁ ଦାବି ଜଣାଇଛନ୍ତି। କାର୍ଯ୍ୟକ୍ରମରେ କାମେଶ ବାରିକ, ଶାନ୍ତନୁ ବିଶ୍ୱାଳ, ଯତୀନ ମିଶ୍ର, ଅଭିନାଶ ପୃଷ୍ଟି, ରଞ୍ଜନ ନାୟକ, ରାକେଶ ଜେନା, ରାକେଶ ରାୟ, ସୁରଜ ସିଂହ, ସ୍ମୃତି ରଞ୍ଜନ ନାଥ, ମିଳନ ପୃଷ୍ଟି, ଦିବ୍ୟଜ୍ୟୋତି ନାୟକ, ଶୁଭ୍ରାଂଶୁ ବିଶ୍ୱାଳ, ରାଜେନ୍ଦ୍ର ନାୟକ, ସାହିଲ ଖାନ, କାହ୍ନୁଚରଣ ନାୟକ, ଲକ୍ଷ୍ମୀଧର ଦଳେଇ, ଗୌତମ ସାହୁଙ୍କ ସମେତ କଲେଜର ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

### ୪ମାସ ହେଲା ମିଳିନି ସହାୟତା ରାଶି

ତିହିଡି,୬।୮ (ସଞ୍ଜିତ ବଳ)

ତିହିଡି ବ୍ଲକ ଅଧୀନ ବିଭିନ୍ନ ଅଞ୍ଚଳରେ ଥିବା ଯକ୍ଷ୍ମା ରୋଗୀମାନଙ୍କୁ ୪ମାସ ହେଲା ସରକାରୀ ସହାୟତା ରାଶି ମିଳିପାରିନାହିଁ। ରୋଗୀମାନେ ବିଭିନ୍ନ ସମୟରେ ଯକ୍ଷ୍ମା କାର୍ଯ୍ୟାଳୟକୁ ସହାୟତା ରାଶି ସମ୍ପର୍କରେ ବୁଝିବାକୁ ଯାଇ ନିରାଶରେ ଫେରୁଛନ୍ତି। ସହାୟତା ରାଶି ମିଳୁ ନ ଥିବାରୁ ସେମାନେ ସୁଷମ ଖାଦ୍ୟ ଖାଇବାରୁ ବଞ୍ଚିତ ହେଉଥିବା ଜଣାପଡ଼ିଛି।

ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଯକ୍ଷ୍ମା ରୋଗୀଙ୍କ ପାଇଁ ପ୍ରତି ମାସରେ ୧ହଜାର ଟଙ୍କା ସହାୟତା ରାଶିର ବ୍ୟବସ୍ଥା କରାଯାଇଛି। ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଏହି ରାଶି ପ୍ରତିମାସରେ ଜମା ହୋଇଥାଏ। ରୋଗୀମାନେ ସୁଷମ ଖାଦ୍ୟ ଖାଇବା ଲକ୍ଷ୍ୟରେ ଏହି ଅର୍ଥ ପ୍ରଦାନ କରାଯାଇଥାଏ। ତିହିଡି ବ୍ଲକର ବିଭିନ୍ନ ଅଞ୍ଚଳରେ ୬୫ଜଣ ଯକ୍ଷ୍ମା ରୋଗୀ ଚିକିତ୍ସାଧୀନ ଅଛନ୍ତି। ମାତ୍ର ୪ମାସ ହେଲା ଏହି ରାଶି ମିଳି ନାହିଁ ତୁରନ୍ତ ଯକ୍ଷ୍ମା ରୋଗୀମାନଙ୍କୁ ସହାୟତା ରାଶି ଦେବାର ବ୍ୟବସ୍ଥା କରିବାକୁ ଦାବି ହୋଇଛି।

# ୧୬ରୁ କାର୍ଯ୍ୟ ବନ୍ଦ ଚେତାବନୀ

**ବେସରକାରୀ କଲେଜ ଅଧ୍ୟାପକ, କର୍ମଚାରୀ ସଂଘ ପକ୍ଷରୁ ସରକାରୀ ଅନୁଦାନ ଦାବି**

ଭଦ୍ରକ,୬।୮ (ସନାତନ ରାଉତ)


ଖବରଦାତା ସମ୍ମିଳନୀରେ ଉପସ୍ଥିତ ବେସରକାରୀ କଲେଜ ଅଧ୍ୟାପକ, କର୍ମଚାରୀ ସଂଘର କାର୍ଯ୍ୟକର୍ତ୍ତାମାନେ।

ସରକାରୀ ଅନୁଦାନ ଦାବିରେ ରାଜ୍ୟ ବେସରକାରୀ କଲେଜ ଅଧ୍ୟାପକ ଓ କର୍ମଚାରୀ ସଂଘ ଆସନ୍ତା ୧୬ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ସହ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ମହାସମାବେଶ କରିବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦେଇଛି। ଭଦ୍ରକ ସହରସ୍ଥିତ ଲୋକନାଥ ମନ୍ଦିର ପରିସରରେ ବୁଧବାର ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ସମ୍ମିଳନୀରେ ସଂଘର ଜିଲା ସଂଯୋଜକ ସୌମେନ୍ଦ୍ର ମିର୍ଦ୍ଧା କହିଛନ୍ତି, ୨୦୦୮ ମସିହା ଜୁନ୍ ୧ ରୁ ୨୦୧୮ ମସିହା ଜୁନ୍ ୧ ତାରିଖ ମଧ୍ୟରେ ମହାବିଦ୍ୟାଳୟ ପରିଚାଳନା ସମିତି ଦ୍ୱାରା ନିଯୁକ୍ତ ହୋଇଥିବା ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ସରକାରୀ ଅନୁଦାନ ଏପର୍ଯ୍ୟନ୍ତ ମିଳୁନାହିଁ। ପୂର୍ବ ସରକାର ସମୟରେ ସରକାରୀ ଅନୁଦାନ ପ୍ରଦାନ ଦାବିରେ ୪୯୭ ଦିନରୁ ଊର୍ଦ୍ଧ୍ୱ ସମୟ ଲୋୟର ପିଏମ୍‌ଜିରେ ଅହୋରାତ୍ର ଧାରଣା ଦେବା ସହ ସଂଘ ପକ୍ଷରୁ ୧୪୭ ବିଧାୟକ ଓ ୨୧ ଏମ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦେଢ଼ ଲକ୍ଷ ଅଧ୍ୟାପକ ଓ କର୍ମଚାରୀଙ୍କ ଦସ୍ତଖତ ସମ୍ବଳିତ ଦସ୍ତାବିଜ୍ ସେତେବେଳର ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପ୍ରକୋଷ୍ଠରେ ୧୧ ଥର ଦାବିପତ୍ର ପ୍ରଦାନ କରିବା ସହ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବାସଭବନରେ ସଂଘ ପକ୍ଷରୁ ବାରମ୍ବାର ଆଲୋଚନା ମଧ୍ୟ କରାଯାଇଛି। ବାରମ୍ବାର ଗୁହାରି କରିଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ନେଉ ନ ଥିବାରୁ ଆସନ୍ତା ୧୬ ତାରିଖରୁ ଅଧ୍ୟାପକ ଓ କର୍ମଚାରୀମାନେ କାର୍ଯ୍ୟବନ୍ଦ କରି ଆନ୍ଦୋଳନ କରିବେ ବୋଲି ସମ୍ମିଳନୀରେ ସୂଚନା ଦେଇଛନ୍ତି। ସମ୍ମିଳନୀରେ ତିହିଡ଼ି ଖଣ୍ଡ ସଂଯୋଜକ କମଳାକାନ୍ତ ଓଝା, ବନ୍ତ ଖଣ୍ଡ ସଂଯୋଜକ ରାଜେଶ କୁମାର ଲେଙ୍କା, ତିହିଡ଼ି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଂଯୋଜକ ସରୋଜ କୁମାର ବାରିକଙ୍କ ସମେତ ବିଭିନ୍ନ କଲେଜର ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଗହମ ଯୋଗାଣରେ ଅନିୟମିତତା

**ଖଇରା ବ୍ଲକ୍**

ଖଇରା, ୬।୮ (ଉତ୍କଳବନ୍ଧୁ ପଣ୍ଡା)



ରାଶନ କାର୍ଡ ଫଟୋ।

ବାଲେଶ୍ୱର ଜିଲା ଖଇରା ବ୍ଲକରେ ସେପ୍ଟେମ୍ବର ପାଇଁ ଯୋଗାଣ ବିଭାଗ ତରଫରୁ ମିଳିଥିବା ଗହମ ବଣ୍ଟନରେ ଅନିୟମିତତାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଖାଦ୍ୟ ସୁରକ୍ଷା ଯୋଜନାରେ ଯିଏ ଯେଉଁ ଅନୁପାତରେ ଗହମ ଓ ଚାଉଳ ପାଇଁ ଆବେଦନ କରିଥିଲେ ସେମାନଙ୍କୁ ସେହି ପରିମାଣର ରାଶନ ପ୍ରଦାନ କରିବାକୁ ୭୫ ଡିଲର ପଏଣ୍ଟର ହିତାଧିକାରୀ ଦାବି କରିଛନ୍ତି।

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଜଣେ ବ୍ୟକ୍ତି ସର୍ବାଧିକ ୫ କିଲୋ ଚାଉଳ କିମ୍ବା ଗହମ ପାଇଁ ଆବେଦନ କରିଥାନ୍ତି । ଯିଏ ଯେଉଁ ପରିମାଣର ଚାଉଳ ଓ ଗହମ ଆବେଦନ କରିଥାନ୍ତି ଯୋଗାଣ ବିଭାଗ ସେହି ଅନୁପାତରେ ରାଶନ ଯୋଗାଇ ଦେଇଥାନ୍ତି । ୨ବର୍ଷ ଧରି ଗହମ ଯୋଗାଣ ବନ୍ଦ ରହିବା ପରେ ଏବେ ସେପ୍ଟେମ୍ବରଠାରୁ ଗହମ ଯୋଗାଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଖଇରା ବ୍ଲକର ୭୫ ଡିଲର ପଏଣ୍ଟ ପାଇଁ ସେପ୍ଟେମ୍ବରରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା(ପିଏଚଏଚ)ରେ ୫ହଜାର ୭୯୮ କୁଇଣ୍ଟାଲ ଚାଉଳ ମିଳିଥିବା ବେଳେ ୪୫୪ କୁଇଣ୍ଟାଲ ଗହମ ମିଳିଛି । ହେଲେ ଯେଉଁମାନେ ୨ କିଲୋ କିମ୍ବା ତା'ଠାରୁ କମ୍ ଗହମ ଆବେଦନକାରୀଙ୍କ ନାମ ତାଲିକାରୁ ବାଦ୍ ଦିଆଯାଇଛି । ଅର୍ଥାତ ଖଇରା ଗହମ ଆବେଦନକାରୀଙ୍କ ସଂଖ୍ୟା ହିସାବକୁ ନେଲେ ଖଇରା ବ୍ଲକ ପାଇଁ ପାଖାପାଖି ୧ହଜାର ୮ଶହ କୁଇଣ୍ଟାଲ ଗହମ ଆବଶ୍ୟକ ଥିବା ବେଳେ ଯଥେଷ୍ଟ କମ୍ ଗହମ ଯୋଗାଣକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ସେପଟେ ଚାଉଳ ସେପ୍ଟେମ୍ବର ଏବଂ ଅକ୍ଟୋବର ପାଇଁ ପ୍ରଦାନ କରାଯାଇଥିବା ବେଳେ ଗହମ କେବଳ ସେପ୍ଟେମ୍ବର ପାଇଁ ପ୍ରଦାନ କରାଯାଇଛି। ଏପଟେ ଧାନ ବିକ୍ରି ପାଇଁ ଅନଲାଇନରେ କଟକଣାକୁ ନେଇ ଚାଷୀଙ୍କ କ୍ରୋଧ ପଞ୍ଚମରେ ପହଞ୍ଚିଥିବା ବେଳେ ପୁଣି ଯୋଗାଣ ବିଭାଗରେ ଗହମ ଯୋଗାଣରେ ଏଭଳି ଚରମ ଅବହେଳା ଯୋଗୁ ଏହି ବିଭାଗ ଲୋକଙ୍କ ବିଶ୍ୱାସନୀୟତା ହରାଇଛି ବୋଲି ଗହମ ଯୋଗାଣରୁ ବଞ୍ଚିତ ଅଲିପୁର ଗ୍ରାମର ଭରତ କଟୁଆଳ କହିଛନ୍ତି। ସେହିଭଳି ଗହମକୁ ଚାତକ ଭଳି ଚାହିଁ ବସିଥିବା ସୁଣ୍ଡିରା ଗ୍ରାମର କ୍ଷେତ୍ରମଣି ନାୟକ ଓ ପଦ୍ମାବତୀ ଖଟୁଆ, ପୂର୍ବପଡା ଗ୍ରାମର ସ୍ନେହଲତା ଖଟୁଆ, ତ୍ରିଲୋଚନପୁର ଗ୍ରାମର ଛବିରାଣୀ ବାରିକ ଏଭଳି ଅନିୟମିତତା ବିରୋଧରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ବ୍ଲକ ଯୋଗାଣ ବିଭାଗ ଅଧିକାରିଣୀ ସୁବାସିନୀ ସାହୁଙ୍କୁ ଏ ସମ୍ପର୍କରେ ପଚାରିବାରେ ଉପରୁ ଯେମିତି ଲିଷ୍ଟ ଆସିଛି ଡିଲରମାନେ ସେହିଭଳି ଭାବେ ଗହମ ଓ ଚାଉଳ ହିତାଧିକାରୀଙ୍କୁ ବାଣ୍ଟୁଥିବା କହିଛନ୍ତି।

# ଭାଜପାର ମିଶ୍ରଣ ପର୍ବ




ନବାଗତଙ୍କ ଗହଣରେ ବିଧାୟକ।

ବାଲେଶ୍ୱର, ୬।୮ (ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ଭାଜପା କାର୍ଯ୍ୟାଳୟଠାରେ ମଙ୍ଗଳବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଛାନୁଆ ପଞ୍ଚାୟତର ଅନ୍ୟ ଦଳ ଛାଡ଼ି ବହୁ ଯୁବନେତା ଭାଜପାରେ ସାମିଲ ହୋଇଥିଲେ। ବିଧାୟକ ମାନସ କୁମାର ଦତ୍ତ ଓ ଜିଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା ଯୋଗଦେଇ ନବାଗତଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ସ୍ୱାଗତ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦର୍ଶ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ବିକାଶମୂଳକ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ଦଳରେ ମିଶିଥିବା କହିଥିଲେ।

ବିଜେଡିର ରବୀନ୍ଦ୍ର ନାୟକ, ଦେବାଶିଷ ଜେନା, ନିତ୍ୟାନନ୍ଦ ସାହୁ, ସନ୍ତୋଷ ବାରିକ, ଗୌରାଙ୍ଗ ମହାନ୍ତି, ଲକ୍ଷ୍ମୀଧର ମୁଖୀ, ଚନ୍ଦନ ପାତ୍ର, ମାନସ ମଣ୍ଡଳ, ମନୋଜ କୁମାର ଜେନା, ଗୁରୁପଦ ଜେନା, ଚକ୍ରଧର ଜେନା, ସୁବିର ବାରିକ, ଅମିତାଭ ସୁକୁଲ, ସଞ୍ଜୟ ମୁଖୀ, ଗୌରାଙ୍ଗ ଜେନା, ସୁହଲ ମାଇତି, କଂଗ୍ରେସର ବଳରାମ ଜେନା ଓ ମହେନ୍ଦ୍ର ନାୟକ ପ୍ରମୁଖ ଭାଜପାରେ ସାମିଲ ହୋଇଥିଲେ। ବରିଷ୍ଠ ଭାଜପା ନେତା ରବିନାରାୟଣ ମହାପାତ୍ର, ପର୍ଶୁରାମ ବେହେରା, ଲୋକନାଥ ଭୂୟାଁ, ଗଙ୍ଗାଧର ରାଉତ, ଗୌରାଙ୍ଗ ଦାସ, ହରେନ୍ଦ୍ର ପ୍ରଧାନ ଓ ରାଜେନ୍ଦ୍ର ଚାଟାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।

# ୧୪୦ ଗ୍ରାମ୍ ବ୍ରାଉନସୁଗାର ଜବତ, ଜଣେ ଗିରଫ



ଜବତ ବ୍ରାଉନସୁଗାର ସହ ଗିରଫ ଅଭିଯୁକ୍ତ।

ନୀଳଗିରି, ୬।୮ (ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ୧୪୦ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଜଗଦ୍ଦୀଶ ପାଣିଗ୍ରାହୀ (୩୦)ଙ୍କୁ ଗିରଫ କରାଯାଇଛି। ଅବକାରୀ ଥାନା ଇନ୍ସପେକ୍ଟର କେଶବ ଚନ୍ଦ୍ର ଦାସ ଏବଂ ଓଆଇସି ଜଗନ୍ନାଥ ବେହେରାଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ମଙ୍ଗଳବାର ସନ୍ଧ୍ୟାରେ ନୀଳଗିରି ଥାନା ଅଧୀନ ସନ୍ତରାଗଡ଼ିଆ ବଜାର ପାଖରେ ଛପି ରହିଥିଲେ। ଅବକାରୀ କର୍ମଚାରୀମାନେ ସାଧା ପୋଷାକରେ ଗ୍ରାହକ ସାଜି ସନ୍ତରାଗଡ଼ିଆ ବଜାର ପାଖ ଜଗଦ୍ଦୀଶ ପାଣିଗ୍ରାହୀ (୩୦)ଙ୍କ ଘର ପାଖରେ ପହଞ୍ଚି ବେପାରୀ ଜଗଦୀଶଙ୍କୁ ବ୍ରାଉନସୁଗାର କିଣିବା ପାଇଁ ମାଗିଥିଲେ। ବ୍ରାଉନସୁଗାର ଦେଉଥିବାବେଳେ ତାକୁ ମାଡ଼ି ବସିଥିଲେ। ଏହି ବେପାରୀଙ୍କଠାରୁ ୧୪୦ଗ୍ରାମ ଓଜନର ବ୍ରାଉନସୁଗାର ଜବତ ହୋଇଛି। ଅବକାରୀ ବିଭାଗ ପକ୍ଷରୁ ମାମଲା(ନଂ. ୧୩୧/୨୫-୨୬ ଓ ୨୨୯/୨୦୨୫) ରୁଜୁ କରାଯାଇ ବାଲେଶ୍ୱର କୋର୍ଟଚାଲାଣ କରାଯାଇଛି। ଚଢାଉରେ କନଷ୍ଟେବଲ ସନ୍ତୋଷ ବେହେରା, ନହନ ମୁର୍ମୁ ଓ ତପନ ମଲ୍ଲିକ ପ୍ରମୁଖ ସାମିଲ ଥିଲେ।

# 'ରାଷ୍ଟ୍ର ପାଇଁ ଛାତ୍ରୀଛାତ୍ର ସମର୍ପିତ ହୁଅନ୍ତୁ'




ଟପ୍ପର ଛାତ୍ରୀଛାତ୍ରଙ୍କ ଗହଣରେ ଅତିଥିଗଣ।

ବାଲେଶ୍ୱର, ୬।୮ (ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟର ୫୦ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ତପନ କୁମାର ବେହେରା ଏହି ଉତ୍ସବରେ ଅଧ୍ୟକ୍ଷତା କରି ମହାବିଦ୍ୟାଳୟର ସାମଗ୍ରିକ ସଫଳତା ଉପରେ ଆଲୋଚନା କରିଥିଲେ। ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ସରୋଜ କୁମାର ପାଣି ପ୍ରାରମ୍ଭିକ ସୂଚନା, ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପିକା କଳ୍ପନା ମଞ୍ଜରୀ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ।

ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା ସମିତିର ପ୍ରାକ୍ତନ ସଭାପତି ପ୍ରାଧ୍ୟାପକ ରାମଚନ୍ଦ୍ର ସାହୁ, ମୁଖ୍ୟବକ୍ତା ପ୍ରାକ୍ତନ ଅଧ୍ୟକ୍ଷ ପ୍ରାଧ୍ୟାପକ ବସନ୍ତ କୁମାର ଭୋଇ ଯୋଗଦେଇ ମହାବିଦ୍ୟାଳୟ ସମେତ ରାଷ୍ଟ୍ରର ଗୌରବ ନିମନ୍ତେ ଛାତ୍ରୀଛାତ୍ର ସମର୍ପିତ ହେବା ଜରୁରୀ ବୋଲି ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ପ୍ରାକ୍ତନ ପ୍ରାଧ୍ୟାପକ ସୁକୁମାର ମାନ୍ନା, ପ୍ରାଧ୍ୟାପକ ସୁଧୀର କୁମାର ଦତ୍ତ, ପୁରାତନ ଛାତ୍ର ସଂସଦ ସଭାପତି ଜୟନ୍ତ କୁମାର ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ହୋଇ ମହାବିଦ୍ୟାଳୟ ପ୍ରତିଷ୍ଠାର ୫୦ବର୍ଷ ସଫଳତା କାହାଣୀ ସମ୍ପର୍କରେ ଆଲୋକପାତ କରିଥିଲେ। ପୁରାତନ ଛାତ୍ର ସଂସଦ ଉପଦେଷ୍ଟା ପର୍ଶୁରାମ ବେହେରା, ଅଧ୍ୟାପକ ସତ୍ୟେନ୍ଦ୍ର କୁମାର ପାଲ, ବିଜୟ କୁମାର ବେହେରା, ଡ. ତପନ କୁମାର ଦାସ, ଲକ୍ଷୀରାମ ହାଁସଦା, ଜୟକୃଷ୍ଣ ସାହୁ, ଶ୍ରବଣ ନାୟକ, ଡ. ଶାନ୍ତନୁ କୁମାର ଜେନା, ଅଧ୍ୟାପିକା ରଶ୍ମିତା ମହାପାତ୍ର ଓ ବାସନ୍ତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୨୦୨୪-୨୫ ବର୍ଷର ବିଶ୍ୱବିଦ୍ୟାଳୟ ଟପ୍ପର୍ ସଂସ୍କୃତ ସମ୍ମାନ ବିଭାଗର ଛାତ୍ରୀ ସନ୍ଧ୍ୟାସ୍ମିତା ପ୍ରଧାନଙ୍କୁ ପ୍ରଶଂସାପତ୍ର, ମେଡାଲ ପ୍ରଦାନ ସହ ବିଭାଗକୁ ୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ଦିଆଯାଇଥିଲା । ସେହିପରି ବିଭିନ୍ନ ବିଭାଗର ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ହରେନ୍ଦ୍ର ଗାଣ ଧନ୍ୟବାଦ ଦେଇଥିଲେ।

# ଖାଦାନରେ ଜିଲାପାଳଙ୍କ ଚଢ଼ାଉ

ସୋର, ୬।୮ (ଜନ୍ମେଜୟ ମିଶ୍ର)

ବୁଧବାର ଅପରାହ୍ନରେ ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସୋର ବାଗୁଡି ଖାଦାନରେ ଅଚାନକ ଚଢାଉ କରିଥିଲେ। ଏହି ସମୟରେ ବେଆଇନ ଭାବେ ଚାଲାଣ ହେଉଥିବା ଦୁଇଟି ପଥର ବୋଝେଇ ଏକ ବ୍ରେକର ମେଶିନକୁ ଜବତ କରିବା ସହିତ ୩ଟି କ୍ରଶରରେ ଗଚ୍ଛିତ ଥିବା ୩୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ପଥରକୁ ଜବତ କରି ଦୁଇଟି କ୍ରଶରକୁ ସିଲ୍ କରିବାକୁ ଖଣି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜବତ ଗାଡିଗୁଡିକୁ ସୋର ତହସିଲଦାରଙ୍କୁ ହସ୍ତାନ୍ତର କରାଯିବା ସହିତ ଗାଡିଗୁଡିକୁ ସୋର ଥାନା ପରିସରରେ ରଖାଯାଇଛି। ଏହି ସମୟରେ ଜିଲାପାଳଙ୍କ ସମେତ ଉପଜିଲାପାଳ, ବାଲେଶ୍ୱର ଜିଲା ଖଣି ଅଧିକାରୀ ସନ୍ତୋଷୀପ୍ରଭା ସେଠୀ ଓ ସୋର ତହସିଲଦାର ଦୈତାରୀ ମଲ୍ଲିକ ଉପସ୍ଥିତ ଥିଲେ।

# ୬୫ ୟୁନିଟ୍ ରକ୍ତ ସଂଗ୍ରହ



ଶିବିରକୁ ଉଦ୍‌ଘାଟନ କରାଯାଉଛି।

ବାଲେଶ୍ୱର, ୬।୮ (ବାଞ୍ଛାନିଧି ଦେ)

ବାଲେଶ୍ୱରର ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନାଙ୍କ ଜନ୍ମଦିବସ ଉପଲକ୍ଷେ ସ୍ଥାନୀୟ ଷ୍ଟେଶନ କ୍ଲବ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଥାଲାସେମିଆ ରୋଗରେ ପୀଡ଼ିତ ୮ବର୍ଷୀୟା ଝିଅ ଜୟଶ୍ରୀ ନାୟକ ଉଦ୍‌ଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଜିଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ପୌରାଧ୍ୟକ୍ଷା ସବିତା ସାହୁ, ବ୍ଲଡ ବ୍ୟାଙ୍କ୍ ଅଫିସର ଡା. ବସନ୍ତ କୁମାର ଉପାଧ୍ୟାୟ, ଜିଲା ରକ୍ତଦାତା ସଂଘ ସଭାପତି କମଳ ଚକ୍ରବର୍ତ୍ତୀ, ସମ୍ପାଦକ ହୃଷିକେଶ ସାହୁ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୬୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସ୍ୱେଚ୍ଛାସେବୀ ଅସିତ ଦାସ, ସିମନ ଦାସମହାପାତ୍ର, ତାପସ ପରିଡ଼ା, ଜୟରାମ ଦାସ, ତାପସ ପାଣିଗ୍ରାହୀ, ଗଣେଶ ମହାପାତ୍ର, ହେମନ୍ତ ମହାନ୍ତି, ସଞ୍ଜୀବ ଦାସ, ଗୌର ମଲ୍ଲିକ, ଶୁଭମ୍ ସାଇ ମହାପାତ୍ର, ନିରଞ୍ଜନ ମହାନ୍ତି, ପ୍ରାଣକୃଷ୍ଣ ମହାପାତ୍ର, ଓମ୍ ପ୍ରକାଶ ମହାପାତ୍ର ଓ ସୁଶୀଲ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

# ପ୍ରାର୍ଥନା ବେଳେ ୨୦ ଛାତ୍ରୀ ଅସୁସ୍ଥ

ବାହାନଗା, ୬।୮ (ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକ କଲ୍ୟାଣୀ ନିଗମାନନ୍ଦ ବିଦ୍ୟାପୀଠରେ ବୁଧବାର ପ୍ରାର୍ଥନା ଚାଲିଥିବା ବେଳେ ୨୦ ଛାତ୍ରୀ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କୁ ସଙ୍ଗେ ସଙ୍ଗେ ଗୋପାଳପୁର ମେଡିକାଲକୁ ନିଆଯାଇଥିଲା। ସେମାନଙ୍କ ମଧ୍ୟରେ ୪ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ୧୬ଜଣ ଛାତ୍ରୀଙ୍କୁ ବାଲେଶ୍ୱର ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି।

ବୁଧବାର ଛାତ୍ରୀଛାତ୍ର ସ୍କୁଲକୁ ଆସି ପ୍ରାର୍ଥନା କରୁଥିବା ବେଳେ ପ୍ରଥମେ ଜଣେ ଦଶମ ଶ୍ରେଣୀ ଛାତ୍ରୀ ବେହୋସ ହୋଇ ତଳେ ପଡିଯାଇଥିଲେ। ତାଙ୍କୁ ସେଠାରୁ ଉଠାଇ ଅଫିସକୁ ନେବା ସମୟରେ ଛାତି ଯନ୍ତ୍ରଣା ଆରମ୍ଭ ହୋଇଥିଲା। ତାଙ୍କୁ ଗୋପାଳପୁର ମେଡିକାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। ଏହିପରି ଜଣଙ୍କ ପରେ ଜଣେ ଏକକାଳୀନ ୨୦ ଛାତ୍ରୀ ଅସୁସ୍ଥ ହୋଇପଡ଼ିଥିଲେ। ସମସ୍ତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଭାରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ପଲ୍ଲହୀ କୁମାରୀ ବେହେରା ଛାତ୍ରୀଙ୍କ ଅସୁସ୍ଥତା ନେଇ ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇଥିଲେ। ବିଦ୍ୟାଳୟ ପରିସରରେ ଜିଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ, ବ୍ଲକ ଶିକ୍ଷାଧିକାରିଣୀ ସୋମାରାଣୀ ସେଠୀ, ସୋର ବିଧାୟକ ମାଧବ ଧଡ଼ା, କଲ୍ୟାଣୀ ସରପଞ୍ଚ ସତ୍ୟନାରାୟଣ ଦାଶ, ୧୮ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ନୀଳାମ୍ବର ମହାଳିକ, ମେଡିକାଲ ଅଫିସର ଡିଆର ଷଡ଼ଙ୍ଗୀ ଓ ମେଡିକାଲ ଟିମ୍, ଗୋପାଳପୁର ଥାନା ଅଧିକାରୀ ଅଶୋକ ବାରିକ ପ୍ରମୁଖ ବିଦ୍ୟାଳୟକୁ ଯାଇ ତଦନ୍ତ କରିଥିଲେ।

# ବସ୍ତାରେ ଡେଙ୍ଗୁ ଆତଙ୍କ



ଗାଁରେ ଡାକ୍ତରୀ ଟିମ୍ ଚିକିତ୍ସା କରୁଛନ୍ତି।

ବସ୍ତା, ୬।୮ (ହରିଶଙ୍କର ପାଢ଼ୀ)

ବସ୍ତା ଥାନା ଅଧୀନ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ପତ୍ରଝଡା ଏବଂ କୁରୁମଖୁଣ୍ଟା ଗ୍ରାମରେ ଡେଙ୍ଗୁ ଆତଙ୍କ ଦେଖାଦେଇଛି। ୨ ଗ୍ରାମରେ ବହୁ ଲୋକ ଜ୍ୱରରେ ଆକ୍ରାନ୍ତ ହୋଇଥିବା ବେଳେ ବେସରକାରୀ ଭାବେ ୨ଜଣ ଡେଙ୍ଗୁ ଜ୍ୱରରେ ପୀଡିତ ହୋଇଥିବା ଜଣାପଡିଛି। ତନ୍ମଧ୍ୟରୁ ୨ଜଣ ବାଲେଶ୍ୱର ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ଜଣେ ଘରକୁ ଫେରିଛନ୍ତି। ତେବେ ଗ୍ରାମରେ ଭୟର ବାତାବରଣ ଦେଖାଦେଇଛି। ବୁଧବାର ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡା. ଗତିକୃଷ୍ଣ ପଣ୍ଡା, ଏଲଏଚବି ସୁଷମା ରାଉଳ, କମ୍ୟୁନିଟି ହେଲଥ ସେଣ୍ଟରର ମମତା ସାହୁ, ଲାବୋଟୋରୀ ଟେକ୍ନିସିଆନ ରାଜୀବ ଗାନ୍ଧୀ, ଚିନ୍ମୟ ରାଉଳ, ଅଙ୍ଗନୱାଡି କର୍ମୀ ଆରତୀ ଘଡ଼ାଇ, ଆଶା ପ୍ରମିଳା ଦେହୁରୀ ପ୍ରମୁଖ ଘରକୁ ଯାଇ ଲୋକଙ୍କୁ ସଚେତନ କରାଇବା ସହ ଜ୍ୱର ରୋଗୀଙ୍କ ରକ୍ତ ନମୁନା ସଂଗ୍ରହ କରିଥିଲେ। ଏଥିସହିତ ଘର ଚାରିପାଖରେ ପରିଷ୍କାର ରଖିବା, ଘର ବାହାରେ ପଡ଼ିଥିବା ଟାୟାର, ପାଣି ବୋତଲ, କୁଣ୍ଡ ଏବଂ ପ୍ଲାଷ୍ଟିକ ଜାର୍‌ରେ ଥିବା ପାଣି କାଢ଼ି ଦେବାକୁ ପରାମର୍ଶ ଦେଇଥିଲେ।

# ଜଳକାପଡ଼ିଆ ୧ ନଂ. ୱାର୍ଡ | ରାସ୍ତା ମରଣଯନ୍ତା

ଜଳେଶ୍ୱର, ୬।୮ (ସତ୍ୟରଞ୍ଜନ ପ୍ରଧାନ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ସମ୍ପତିଆ ପଞ୍ଚାୟତ ଜଳକାପଡିଆ ଗ୍ରାମର ୧ନଂ. ୱାର୍ଡରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଗ୍ରାମ ମନ୍ଦିରଠାରୁ ଆରମ୍ଭ କରି ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କ ଘର ପର୍ଯ୍ୟନ୍ତ ରାସ୍ତା ଦୀର୍ଘଦିନ ହେଲା ମରାମତି ନ ହେବାରୁ ଅଧିକାଂଶ ସ୍ଥାନରେ କାଦୁଅ ପଚପଚ ଓ ରାସ୍ତାରେ ଆଣ୍ଠୁଏ ଉପରେ ପାଣି ଜମି ରହୁଛି। ବାରମ୍ବାର ଦାବି କରିବା ସତ୍ତ୍ୱେ ପ୍ରଶାସନ ଗୁହାରି ଶୁଣୁନାହିଁ ଗ୍ରାମବାସୀ କହିଛନ୍ତି। ଏହି ରାସ୍ତା ଉପରେ ୪୫ ପରିବାର ନିର୍ଭର କରନ୍ତି। ଏହି ରାସ୍ତାରେ ଚାଲି ଚାଲି ଯିବା କାଠିକର ପାଠ ହୋଇଛି। ଜରୁରୀକାଳୀନ ଆମ୍ବୁଲାନ୍ସ କିମ୍ବା ଅଗ୍ନିଶମ ଗାଡ଼ି ଯିବା କଥା ନ କହିଲେ ଭଲ। ଏହି ରାସ୍ତା ଦେଇ ପିଲାମାନେ ସ୍କୁଲ ଏବଂ ଛୋଟ ପିଲାମାନେ ଅଙ୍ଗନୱାଡି ଯାଇଥାନ୍ତି। ଗ୍ରାମବାସୀ ହାଟବଜାର କିମ୍ବା ଡାକ୍ତରଖାନା ଯିବାକୁ ହେଲେ ବହୁତ ଅସୁବିଧା ଭୋଗିଥାନ୍ତି। ସ୍ଥାନୀୟ ଲୋକପ୍ରତିନିଧିଙ୍କୁ ବାରମ୍ବାର ଗୁହାରି କଲେ ମଧ୍ୟ ଫଳ ଶୂନ। ଏ ଦିଗରେ ଦୃଷ୍ଟି ଦେବାକୁ ଗ୍ରାମର ଅନୀଲ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଅକ୍ଷୟ ମହାନ୍ତି, ସ୍ୱନ୍ଦନ ମହାନ୍ତି, ଦୀପକ ମହାନ୍ତି ଓ ଜଗନ୍ନାଥ ଦାସ ନିବେଦନ କରିଛନ୍ତି।



କାଦୁଅପୂର୍ଣ୍ଣ ରାସ୍ତା।

# ଶିକ୍ଷା ବିଭାଗର ୨ ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ସିମୁଳିଆ, ୬।୮ (ସନ୍ତୋଷ ନାୟକ)

**ଅନ୍ୟଙ୍କୁ ଖୁସି କରିବା ପାଇଁ ନିଜେ ପ୍ରଥମେ ଖୁସି ହେବା ଉଚିତ**




ଅତିଥି ଓ କର୍ମଚାରୀଙ୍କ ଗହଣରେ ଅବସର କର୍ମଚାରୀଦ୍ୱୟ।

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବୁଧବାର ଅପରାହ୍ନରେ ସିମୁଳିଆ ଓ ଖଇରା ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ) ଗଦାଧର ଦାସ ଓ ଏହି କାର୍ଯ୍ୟାଳୟର ବରିଷ୍ଠ ସହାୟକ ବିଶ୍ୱନାଥ ତ୍ରିପାଠୀଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ(ଏବିଇଓ ) ଅଜୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ନବନିଯୁକ୍ତ ସିଆରସିସି ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। ଅତିଥି ରୂପେ ଓଷ୍ଟା ଶିକ୍ଷକ ସଂଘର ସଭାପତି ପ୍ରସନ୍ନ କୁମାର ଧଳ କର୍ମର ଉଚିତ ମୂଲ୍ୟ ନିଶ୍ଚୟ ମିଳିଥାଏ ବୋଲି କହିଥିଲେ। ସେହିପରି ଅନ୍ୟତମ ଅତିଥି ରୂପେ ଓଷ୍ଟା ସମ୍ପାଦକ କମଳାକାନ୍ତ ପତି କର୍ମଫଳ ପରପିଢ଼ି ପାଇଁ ଆଶୀର୍ବାଦରେ ପରିଣତ ହୋଇଥାଏ ବୋଲି କହିଥିଲେ। ଏହି ଅବସରରେ ଅବସରଦ୍ୱୟ କର୍ମଚାରୀଙ୍କୁ ମାନପତ୍ର, ଫୁଲତୋଡା ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସହାୟକ ବିଶ୍ୱନାଥ ତ୍ରିପାଠୀ ବିଭିନ୍ନ ବିଦ୍ୟାଳୟ ଓ ପରେ ଡିଆଇ ଅଫିସରେ କାର୍ଯ୍ୟ କରି ପରେ ସିମୁଳିଆ ଶିକ୍ଷା ବିଭାଗରେ ଯୋଗ ଦେଇଥିଲେ। ସେ ନିଜ ବକ୍ତବ୍ୟରେ ପ୍ରତ୍ୟେକ କାର୍ଯ୍ୟକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କଲେ ସବୁକାମ ସହଜ ହୋଇଯାଇଥାଏ ବୋଲି କହିଥିଲେ । ସେହିପରି ବିଇଓ ଗଦାଧର ଦାସ ନିଜ ସ୍ମୃତିଚାରଣ କରିବା ସହିତ ସିମୁଳିଆ ଓ ସୋର ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା ପରେ ଗତ ୨୦୧୪ରେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁରରେ ଏବିଇଓ ଓ ପରେ ଗତ ୨୦୧୯ରେ ସିମୁଳିଆ ଓ ଖଇରା ବ୍ଲକରେ ବିଇଓ ରୂପେ ଯୋଗ ଦେଇଥିବା କହିଥିଲେ। ଏବିଇଓ ଅଜୟ କୁମାର ପଣ୍ଡା ନିଜ ବକ୍ତବ୍ୟରେ ଅନ୍ୟଙ୍କୁ ଖୁସି କରିବା ପାଇଁ ହେଲେ ନିଜେ ପ୍ରଥମେ ଖୁସି ହେବା ଆବଶ୍ୟକ ବୋଲି କହିଥିଲେ । ସୂଚନା ଯେ, ବିଇଓ ଗଦାଧର ଦାସଙ୍କ ଘର ସିମୁଳିଆ ବ୍ଲକ ଚାଲୁଣୀଗାଁରେ ହୋଇଥିବା ବେଳେ ବରିଷ୍ଠ ସହାୟକ ବିଶ୍ୱନାଥ ତ୍ରିପାଠୀଙ୍କ ଘର ଔପଦା ବ୍ଲକ ସନ୍ତରାଗଡିଆ ହୁଷ୍ଟାପୁର ଅଞ୍ଚଳରେ ଓ ସେ ସ୍ୱେଚ୍ଛାକୃତ ଅବସର ନେଇଥିଲେ।

# ବାଇକ୍ ଚୋରି ଅଭିଯୋଗରେ ୩ କୋର୍ଟ ଚାଲାଣ

ଭୋଗରାଇ, ୬।୮ (ପ୍ରଦୀପ ଦାସ)

ବାଇକ ଚୋରି ଅଭିଯୋଗରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାଳସାରୀ ମେରାଇନ ଥାନା ପୋଲିସ ୩ଜଣ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏନେଇ ମାମଲା(ନଂ. ୬୫/୨୫) ରୁଜୁ ହୋଇଥିଲା। କୋର୍ଟରେ ଏମାନଙ୍କର ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ମେରାଇନ ଥାନା ଅଧୀନ ଉଦୟପୁର ଗ୍ରାମର ନନ୍ଦ ବେହେରା (୩୨), ଗମ୍ଭାରିଆ ଗ୍ରାମର ଧନଞ୍ଜୟ ଗିରି( ୪ ୭) ଓ ପଦ୍ମଲୋଚନ ଗିରି(୪୫)। ସୂଚନାନୁଯାୟୀ ୨୦୨୪ ସେପ୍ଟେମ୍ବର ୨୭ରେ ଏହି ଥାନା ଅଧୀନ କୃଷ୍ଣନଗର ଗ୍ରାମର ଅନୀଲ ମଲ୍ଲିକ ତାଙ୍କ ବାଇକ ଉଦୟପୁର ବେଳାଭୂମିରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ କରିଥିଲେ।

# ନାଳରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଗାନ୍ଧିଛକ, ୬।୮ (ଦିଲୀପ ପଣ୍ଡା)

ବସ୍ତା ଥାନା ଅଧୀନ ଗାନ୍ଧୀଛକ ବାଲିଆପାଳ ରାସ୍ତା ପାର୍ଶ୍ୱରେ ଥିବା ନାଳିପୋଲଠାରେ ନାଳରେ ବୁଡି କୁଡ଼ିଆ ଗ୍ରାମର ଅନନ୍ତ ଜେନା (୪୮) ପ୍ରାଣ ହରାଇଛନ୍ତି। ବୁଧବାର ସକାଳେ ମୃତଦେହ ଭାସୁଥିବା କିଛି ଲୋକ ଦେଖି ବସ୍ତା ପୋଲିସକୁ ଖବର ଦେଇଥିଲେ। ବସ୍ତା ପହଞ୍ଚି ମୃତଦେହ ଜବତ କରିଥଲା। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ ୨୮/୨୫) ରୁଜୁ ହୋଇଛି।

# ଜଳେଶ୍ୱରରେ ଖାଦ୍ୟ କମିଶନ ସଦସ୍ୟ

ଜଳେଶ୍ୱର, ୬।୮ (ନବୀନ ସାହୁ)

ରାଜ୍ୟ ଫୁଡ୍ କମିଶନର ବିଭାଗର ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ, ସଞ୍ଜୁଲତା ମହାନ୍ତି ବୁଧବାର ଜଳେଶ୍ୱର ବ୍ଲକ ଗସ୍ତ କରି କୁବାଡ଼ିଆ ସେବାଶ୍ରମ ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର, ସେକସରି ବିଦ୍ୟାଳୟ, ଚାଲନ୍ତି ପ୍ରାଇମେରୀ ସ୍କୁଲ୍, ଜଳେଶ୍ୱର ହାଇସ୍କୁଲ, ଜଳେଶ୍ୱର ଜିକେ ଭଟ୍ଟର ମେଡିକାଲ ପରିସରରେ ଥିବା ପୃଷ୍ଟି ପୁନର୍ବାସ କେନ୍ଦ୍ର ପରିଦର୍ଶନ କରିଥିଲେ। ଖାଦ୍ୟ ନିରାପତ୍ତା ବିଷୟରେ ସମସ୍ତ ତଥ୍ୟ ପଚାରି ବୁଝିଥିଲେ। ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ ଜେନା, ବ୍ଲକ ଯୋଗାଣ ଅଧିକାରୀ ଅବନ୍ତିକା ସାହୁ, ସିଡିପିଓ ମୀନତି ସିଂ, ବ୍ଲକ ସମାଜମଙ୍ଗଳ ଅଧିକାରୀ ସ୍ୱଜତ ଅନୁପମ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ଗୋପବନ୍ଧୁ ନଗର,୬।୮ (ଶାନ୍ତନୁ କୁମାର ମଢୁଆଳ)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଞ୍ଚଳର ଜଣେ ୧୦ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହିଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଜଣେ ନାବାଳକଙ୍କୁ ଅଟକ ରଖିଛି। ୨ ଦିନ ତଳେ ପୀଡ଼ିତାଙ୍କ ଘରେ କେହି ନ ଥିବା ବେଳେ ଅଭିଯୁକ୍ତମାନେ ବିଭିନ୍ନ ସମୟରେ ଯାଇ ବଳାତ୍କାର କରିବା ସହ କାହାରିକୁ ନ କହିବା ପାଇଁ ଭୟ ଦେଖାଇଥିଲେ। ସନ୍ଧ୍ୟାରେ ପୀଡ଼ିତାଙ୍କ ମା' ଘରକୁ ଫେରିବା ପରେ ସମସ୍ତ ଘଟଣା ଜାଣିବାକୁ ପାଇ ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ୩ ଅଭିଯୁକ୍ତଙ୍କୁ ଉଠାଇ ଆଣି ପଚରାଉଚରା କରିବା ପରେ ଘଟଣାର ସତ୍ୟତା ପ୍ରକାଶ ପାଇଥିଲା। ତେବେ ପୃଥକ ସମୟରେ ବଳାତ୍କାର ହୋଇଥିବାରୁ ପୋଲିସ ୩ ଅଭିଯୁକ୍ତଙ୍କ ବିରୋଧରେ ୧୫୭, ୧୫୮ ଓ ୧୫୯/୨୫ ନମ୍ବରରେ ୩ଟି ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ବୁଧବାର ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଥିବା ବେଳେ ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ପଞ୍ଚାନନ ମହାନ୍ତି କହିଛନ୍ତି।

## ମହିଳାଙ୍କଠାରୁ ୫୦ହଜାର ଲୁଟ୍

ମୋରଡ଼ା,୬।୮ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରେ ଜଣେ ମହିଳାଙ୍କ ନିକଟରୁ ଦୁର୍ବୃତ୍ତମାନେ ୫୦ ହଜାରଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ମୋରଡ଼ା ଥାନା ଅଧୀନ ଧଡ଼ାସାହି ଗ୍ରାମର ସୁଭଦ୍ରା ଥୟାଲ ବୁଧବାର ମଧ୍ୟାହ୍ନ ୧୨ଟା୪୦ ସମୟରେ ଝିଙ୍କିରିଆସ୍ଥିତ ଏକ ବ୍ୟାଙ୍କରୁ ୫୦ ହଜାର ଟଙ୍କା ଉଠାଇ କବି ଗ୍ରାମର ଚନ୍ଦନ କୁମାର ଦୁଙ୍ଗଙ୍କ ଅଟୋରେ ଘରକୁ ଫେରୁଥିଲେ। ସ୍ଥାନୀୟ ମୋହନପୁର ହାଟ ପଡ଼ିଆ ନିକଟରେ ଏକ ପଲସର ବାଇକ୍‌ରେ ୨ ଦୁର୍ବୃତ୍ତ ଆସି ତାଙ୍କଠାରୁ ଟଙ୍କା ଛଡ଼ାଇ ନେଇ ବାଛୁରୀପାଳ ଆଡ଼କୁ ପଳାଇଥିଲେ। ଏନେଇ ଏକ ମାମଲା(ନଂ.୨୩୨/୨୫) ରୁଜୁ ସହ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ସୁମିତ କୁମାର ସୋରେନ କହିଛନ୍ତି।

# ମାସକରେ ୨ ଥର ବଦଳି

- ୧୫ ବର୍ଷ ଧରି ଗାଦି ମାଡ଼ି ବସିଛନ୍ତି ଶିକ୍ଷକ
- ବଦଳିରେ ଅନିୟମିତତା ନେଇ ମୁଖ୍ୟମନ୍ତ୍ରୀଙ୍କଠାରେ ଅଭିଯୋଗ

ବାରିପଦା,୬।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ଶିକ୍ଷକ ଅଦଳ ବଦଳକୁ ନେଇ ଶିକ୍ଷକ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ନିୟମକୁ ବେଖାତିର କରି ମନମୁଖି ବଦଳି କରାଯାଇଥିବାରୁ ଛାତ୍ରୀଛାତ୍ରମାନେ ଉତ୍ତମ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ଜନପ୍ରତିନିଧିମାନେ ଚୁପ୍ ବସିଥିବା ବେଳେ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲା ଶିକ୍ଷାଧିକାରୀ ଓ ଜିଲା ମଙ୍ଗଳ ଅଧିକାରୀଙ୍କ ମନମାନୀ ନୀତି ବାବଦରେ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଅଣରାଜନୈତିକ ଛାତ୍ର ସଙ୍ଗଠନ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହାର ବିଧିବଦ୍ଧ ତଦନ୍ତ କରାଯାଇ ଦୁଇ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଉଭୟ କାର୍ଯ୍ୟାଳୟରେ ତାଲା ବନ୍ଦ ଆନ୍ଦୋଳନ କରାଯିବ ବୋଲି ଜେନା ଚେତାବନୀ ଦେଇଛନ୍ତି।

ସୂଚନା ଅନୁଯାୟୀ, ଚଳିତ ଶିକ୍ଷା ବର୍ଷରେ ପ୍ରାଥମିକ ବିଦ୍ୟାଳୟସ୍ତରରୁ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଉଭୟ ବିଭାଗ ପକ୍ଷରୁ ଶିକ୍ଷକମାନଙ୍କ ବଦଳି କରାଯାଇଥିଲା। ଏଥିରେ ରେସନାଲାଇଜେଶନ ନିୟମକୁ ଅଣଦେଖା କରାଯାଇ ମନମୁଖି ଭାବେ ସୁହାଇଲା ଭଳି ବଦଳି କରାଯାଇଛି । ଯାହାକୁ ନେଇ ଶିକ୍ଷକମାନେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିବା ବେଳେ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ମଧ୍ୟ ଅଭିଯୋଗ କରିଛନ୍ତି। ଜିଲା ମଙ୍ଗଳ ଅଧିକାରୀଙ୍କ ବଦଳି ନିର୍ଦ୍ଦେଶରେ ଶାମାଖୁଣ୍ଟା ବ୍ଲକ୍ ଅଧୀନ ଗୋଡ଼ିପୋଖରୀ ଆଶ୍ରମ ବିଦ୍ୟାଳୟର ଶିକ୍ଷୟିତ୍ରୀ ଚିନ୍ମୟୀ ଜେନାଙ୍କୁ ୧୩ ଜୁନ ୨୦୨୫ରେ ଜିବିନଗର ବ୍ଲକ୍ ଅନ୍ତର୍ଗତ ଚିକାୟତପୁରକୁ ବଦଳି କରାଯାଇଥିଲା । ମାସେ ନ ପୂରୁଣୁ ପୁଣି ୯ଜୁଲାଇରେ ତାଙ୍କୁ ଉଦଳା ବ୍ଲକ ଶାଳଖୁଣ୍ଟା ଉଚ୍ଚ ବିଦ୍ୟାଳୟକୁ ବଦଳି କରାଯାଇଛି। ଯାହାକୁ ନେଇ ସେ ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେହିପରି ରାସଗୋବିନ୍ଦପୁର ବ୍ଲକ୍ ଅଧୀନ ହାଟସାହି ଆଶ୍ରମ ବିଦ୍ୟାଳୟର ଶିକ୍ଷକ ରଞ୍ଜନ କୁମାର ପ୍ରଧାନଙ୍କୁ ୧୩ ଜୁନରେ ମୋରଡା ବ୍ଲକ ଅଧୀନ ପିଭିଟିଜି ଲୋଧା ଆଶ୍ରମ ବିଦ୍ୟାଳୟକୁ ବଦଳି କରାଯାଇଥିଲା । ମାସେ ନ ପୂରୁଣୁ ୯ଜୁଲାଇରେ ତାଙ୍କୁ ଜିବିନଗର ବ୍ଲକ୍ ଅନ୍ତର୍ଗତ ବାଙ୍କିଶୋଳ ଆଶ୍ରମ ବିଦ୍ୟାଳୟକୁ ପ୍ରଧାନ ଶିକ୍ଷକ ଭାବେ ବଦଳି କରାଯାଇଛି।

ଅନ୍ୟପକ୍ଷରେ କୁଳିଅଣା ବ୍ଲକ୍ ଅସନଯୋଡ଼ା ଆଶ୍ରମ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ଓ ଜଣେ ଶିକ୍ଷକ ଦୀର୍ଘ ୧୫ବର୍ଷ ଧରି ଅବସ୍ଥାପିତ ଥିବା ବେଳେ ସେମାନଙ୍କ ପ୍ରତି କୌଣସି ବଦଳି ନିୟମ ଲାଗୁ ହୋଇପାରୁନାହିଁ । ସେହି ବିଦ୍ୟାଳୟର ହଷ୍ଟେଲ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ମୌସୁମୀ ଜେନାଙ୍କର ୨୦୨୩ ଅକ୍ଟୋବର ୫ରେ ପାତିହିଞ୍ଜା ଆଶ୍ରମ ବିଦ୍ୟାଳୟକୁ ବଦଳି ହୋଇଥିଲେ ହେଁ ଅଦ୍ୟାବଧି ସେ ରିଲିଭ୍ ହୋଇନାହାନ୍ତି। ସେହିପରି ଚିକାୟତପୁର ହାଇସ୍କୁଲରେ ହିନ୍ଦୀ ଓ ସଂସ୍କୃତ ଶିକ୍ଷୟିତ୍ରୀଙ୍କୁ ବାରମ୍ବାର ବଦଳି କରାଯିବା ସତ୍ତ୍ୱେ ସେଠାରେ ୧୫ବର୍ଷରୁ ଊର୍ଦ୍ଧ୍ୱ ଧରି ରହିବାକୁ ସକ୍ଷମ ହୋଇପାରିଛନ୍ତି। ସେହିପରି ଉଚ୍ଚ ବିଦ୍ୟାଳୟର ଶିକ୍ଷକମାନଙ୍କୁ ପ୍ରଧାନ ଶିକ୍ଷକ ଭାବେ ବଦଳି କରାଯାଉଥିବାରୁ ବିଷୟ ଭିତ୍ତିକ ଶିକ୍ଷାଦାନରୁ ୯ମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ବଞ୍ଚିତ ହେଉଛନ୍ତି। ପାଠପଢ଼ାକୁ ଗୁରୁତ୍ୱ ଦିଆ ନ ଯାଇ ଶିକ୍ଷକମାନଙ୍କ ସୁବିଧା ନିମନ୍ତେ ଦ୍ୱାରଶୁଣି ଘାଟି ଆରପାଖ ବିଦ୍ୟାଳୟଗୁଡ଼ିକ ଫାଙ୍କା କରିଦିଆଯାଇଛି। ଯାହା ଫଳରେ ଆଦିବାସୀ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାର ମଧ୍ୟରେ ଠେଲି ହୋଇଯାଇଛି ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ହେମକାନ୍ତ ସୟଙ୍କୁ ପଚାରିବାରୁ ବଦଳି ଆଦେଶକୁ ନେଇ ତଦନ୍ତ କରାଯିବ ବୋଲି କହିଛନ୍ତି।

# ୩ ଦିନରେ ମିଳିବ ଛାତ୍ରବୃତ୍ତି



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଛାତ୍ରୀଛାତ୍ରମାନେ।

### ଲିଖିତ ପ୍ରତିଶ୍ରୁତି ଦେଲେ ଜିଲାପାଳ

ବାରିପଦା,୬।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ): ମୟୂରଭଞ୍ଜ ଜିଲାରେ ଥିବା ମହାବିଦ୍ୟାଳୟରେ ଅଧ୍ୟୟନରତ ଅନୁସୂଚୀତ ଜନଜାତି ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନକୁ ନେଇ ବୁଧବାର ଜିଲାପାଳଙ୍କୁ ଭେଟି ଛାତ୍ରୀଛାତ୍ରମାନେ ଅଭିଯୋଗ କରିଥିଲେ। ଛାତ୍ରବୃତ୍ତି ପ୍ରଦାନ କରା ନ ଯିବା ପର୍ଯ୍ୟନ୍ତ କାର୍ଯ୍ୟାଳୟରେ ଧାରଣା ଜାରି ରହିବ ବୋଲି ଛାତ୍ରୀଛାତ୍ରମାନେ ଜିଦରେ ଅଟଳ ରହିଥିଲେ। ଜିଲାପାଳ ହେମକାନ୍ତ ସୟ ଛାତ୍ରୀଛାତ୍ରଙ୍କ ସମସ୍ୟା ସହ ଆଲୋଚନା କରି ଆଦିବାସୀ ଜନଜାତି କଲ୍ୟାଣ ବିଭାଗ ସହିତ କଥାବାର୍ତ୍ତା ହୋଇଥିଲେ। ୩ଦିନ ମଧ୍ୟରେ ସମସ୍ତ ଛାତ୍ରବୃତ୍ତି ପ୍ରଦାନ କରାଯିବ ବୋଲି ଜିଲାପାଳ ଲିଖିତ ପ୍ରତିଶ୍ରୁତି ଦେବା ପରେ ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟକୁ ଫେରିଥିଲେ।ସୂଚନାଯୋଗ୍ୟ, ଜିଲାରେ ଥିବା ମହାବିଦ୍ୟାଳୟ ଗୁଡିକରେ ଆଡମିଶନ ଓ ରି-ଆଡମିଶନ ଚାଲୁ ରହିଛି। ଚଳିତ ବର୍ଷ ଜନଜାତି ସମ୍ପ୍ରଦାୟର ଛାତ୍ରୀଛାତ୍ରମାନଙ୍କୁ ଦୀର୍ଘ ୮ମାସ ଧରି ସରକାରୀ ଛାତ୍ରବୃତ୍ତି ପ୍ରଦାନ କରାଯାଇ ନ ଥିବାରୁ ସେମାନଙ୍କ ପରିବାର ଲୋକେ ପାଠପଢ଼ାଇବାକୁ ଅସମର୍ଥ ହେଉଛନ୍ତି। ଯାହାକୁ ନେଇ ଗତ ୨୧ତାରିଖ ଛାତ୍ରୀଛାତ୍ରମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିଥିଲେ । ଏପରିକି କଲେଜର ଆଡମିଶନ ଓ ରି-ଆଡମିଶନ ଅର୍ଥ ଭରଣା କରିବା ପାଇଁ ପରିବାର ଲୋକେ ଅସମର୍ଥ ହୋଇପଡିଥିବା ଦର୍ଶାଇଥିଲେ। ଛାତ୍ରବୃତ୍ତି ପ୍ରଦାନ କରିବା ପାଇଁ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ବିଭାଗୀୟ କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରାଯାଉଛି। ଏହାର ପ୍ରତିବାଦରେ ଛାତ୍ର ତାରାସ ମାରାଣ୍ଡିଙ୍କ ନେତୃତ୍ୱରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଜିଲାପାଳଙ୍କୁ ଭେଟିବାକୁ ଆସି ପୂର୍ବ ଅଭିଯୋଗକୁ ନେଇ ଦିଆଯାଇଥିବା ପ୍ରତିଶ୍ରୁତି ସମ୍ପର୍କରେ ଅବଗତ କରିଥିଲେ। ବିଭାଗୀୟ ଅବହେଳା ପାଇଁ ଆଦିବାସୀ ବିଦ୍ୟାର୍ଥୀମାନେ ଅର୍ଥ ସଙ୍କଟରୁ କଲେଜ ଫି, ହଷ୍ଟେଲ ଫି ଓ ପାଠପଢାରୁ ବଞ୍ଚିତ ହେଉଛନ୍ତି ବୋଲି ଛାତ୍ରୀ ମମତା ସୋରେନ, କାପୁରା ହାଁସଦା, ରୂପାମଣି ମାରାଣ୍ଡି ଓ ସୁବାଶିନୀ ମୁର୍ମୁ କହିଛନ୍ତି।

## ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କ ଧାରଣା

ମୋରଡ଼ା,୬।୮ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ୍ କାର୍ଯ୍ୟାଳୟ ଆଗରେ ବିଭିନ୍ନ ପଞ୍ଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ବୁଧବାର ଧାରଣାରେ ବସିଛନ୍ତି। ଅଭିଯୋଗ ଅନୁଯାୟୀ, ଅଙ୍ଗନୱାଡି କେନ୍ଦ୍ରର ଛୋଟ ଛୋଟ ପିଲାଙ୍କୁ ପୋଷାକ ଯୋଗାଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ କିଛି ରୋଜଗାର କରି ସକ୍ଷମ ହୋଇ ପାରୁଥିଲେ। ମାତ୍ର ରାସଗୋବିନ୍ଦପୁର ସିଡିପିଓ ମାଳତୀ ମୁର୍ମୁ ମନମୁଖୀ ଭାବେ କୌଣସି ସୂଚନା ପ୍ରଦାନ ନ କରି ଏହି ଦାୟିତ୍ୱ ନିର୍ଦ୍ଦିଷ୍ଟ ଏକ ଗୋଷ୍ଠୀକୁ ପ୍ରଦାନ କରିଥିଲେ। ଏବାବଦରେ ସଦସ୍ୟାମାନେ ସିଡିପିଓଙ୍କୁ ପଚାରିବାରୁ ସେ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ରାସଗୋବିନ୍ଦପୁର, ଖୁଣ୍ଟାପାଳ, ତୋଟାପୋଡ଼ା, ନଳଗଜା ପଞ୍ଚାୟତର ୮ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ବ୍ଲକ କାର୍ଯ୍ୟାଳୟ ଆଗରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଥିବା ଦେଖିବାକୁ ମିଳିଛି।

## ନାରୀ ସୁରକ୍ଷା ନେଇ ଛାତ୍ର ଓ ଯୁବ ବିଜେଡିର ପ୍ରତିବାଦ




ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ବେତନଟୀ,୬।୮ (ଧରଣୀଧର ମହାନ୍ତି)

ନାରୀ ସୁରକ୍ଷା ନେଇ ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ବୁଧବାର ପ୍ରତିବାଦ କରାଯାଇଛି। ଏନେଇ ଡିଜିପିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବେତନଟୀ ଏସ୍‌ଡିପିଓ ମିନତୀ ବିଶ୍ୱାଳଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ବିଜୁ ଛାତ୍ର ଜନତା ଦଳ ଜିଲା ସଭାପତି ସୁନିଲ ନାୟକ, ଜିଲା ନେତୃବୃନ୍ଦ ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ବ୍ଲକ ସଭାପତି ରାଜୀବ ସେନାପତି, ୩୬ ନମ୍ବର ଜୋନ ଜିଲା ପରିଷଦ ସଦସ୍ୟ ଧାନୀ କିସ୍କୁ, ଯୁବ ସଂଗଠକ ଲଲାଟେନ୍ଦୁ ବେହେରା, ରାଜନ ଦାସ, ଛାତ୍ରନେତା ମନୀଷ ଗିରି, ଚିତ୍ତେଶ୍ୱର୍ ବେହେରା, ଦୀପକ ସାହୁ, ଜୀବନ ଦାସ, ଅମର ପଣ୍ଡା, ପବିତ୍ର ପୃଷ୍ଟି, ଛାତ୍ରନେତା କଲମ ହେମ୍ବ୍ରମ, ଆକାଶ ବାରିକ, ରାକେଶ ଧଳ, ସଦାଶିବ ସିଂ, ଶିବୁ ସୋରେନ, ସୁମନ କିସ୍କୁ, ସୋମନାଥ ନାୟକ, ମଧୁସୁଦନ ସିଂ, ସଞ୍ଜୟ ହାଁସଦାଙ୍କ ସମେତ ବେତନଟୀ ମହାବିଦ୍ୟାଳୟ, ବୈଶିଙ୍ଗା ମହାବିଦ୍ୟାଳୟ, କେଶିପୁର ଉଚ୍ଚ ମାଧ୍ୟମିକ, ରାସ୍ତ୍ରା ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ବେଙ୍ଗାଲୁରୁରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ

ବୈଶିଙ୍ଗା,୬।୮ (ରତନ ଦାଶ)

ପରିବାର ପ୍ରତିପୋଷଣ ଆଶାରେ ଦାଦନ ଖଟିବାକୁ ବେଙ୍ଗାଲୁରୁ ଯାଇଥିବା ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ବୈଦପୁର ଗ୍ରାମର ସ୍ୱର୍ଗତ ଦାମୋଦର ସିଂଙ୍କ ପୁଅ ବାବୁରାମ(୩୨)। ସେ ଗତ ମାସ ୨୫ ତାରିଖରେ ବେଙ୍ଗାଲୁରୁ ଯାଇଥିଲେ। ହେଲେ ସେଠାରେ ଗତ ୪ ତାରିଖରେ ହଠାତ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ମୃତଦେହ ତାଙ୍କ ପୈତୃକ ଗ୍ରାମକୁ ଆଣିବା ପାଇଁ ପ୍ରତିବନ୍ଧକ ସାଜିଥିଲା ଅର୍ଥ। ଆମ୍ବୁଲାନ୍ସ ୨୦ହଜାର ଟଙ୍କା ଦାବି କରିଥିଲାବେଳେ ଆଗକୁ ଆସିଥିଲେ ମା ତାରିଣୀ ଓଡ଼ିଆ ସେବା ଟ୍ରଷ୍ଟର ସଦସ୍ୟମାନେ। ଟ୍ରଷ୍ଟ ସଦସ୍ୟମାନେ ମୃତଦେହ ବିମାନ ଯୋଗେ ଭୁବନେଶ୍ୱର ଆଣି ସେଠାରୁ ଗାଡ଼ିଭଡ଼ା କରି ବୁଧବାର ବୈଦପୁରଠାରେ ପହଞ୍ଚିଥିଲେ। ମୃତକଙ୍କ ସ୍ତ୍ରୀ ଓ ଦେଢ଼ ବର୍ଷର କୁନି ଝିଅ ବେସାହାରା ହୋଇପଡିଛନ୍ତି। ତାଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।


**BHUBANESWAR DEVELOPMENT AUTHORITY**
AKASH SHOVA BUILDING, SACHIVALAYA MARG, BHUBANESWAR-751001
Visit us at: http://www.bda.gov.in

**INVITATION FOR BIDS (IFB)**

Bid Identification No.722 — Dated 04.08.2025

No.CAD-1391: Executive Engineer, Division No.IV, B.D.A., Bhubaneswar on behalf of Bhubaneswar Development Authority invites percentage rate bids in DOUBLE COVER SYSTEM conforming to the Detailed Tender Call Notice (DTCN) from Electrical Contractors having valid H.T/ M.V. License registered under Government of Odisha and having PAN, GSTIN Certificate and valid EPF & ESI registration certificate with upto date payment till July 2025 for the item of works as indicated in the table below.

| Sl. No. | Name of Work | Estimated Cost (in Rs.) | Class of Contractor | EMD (in Rs.) | Cost of Tender Paper | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1. | Supply and laying of UG cable from the main panel room to the newly installed meter panel at Priyadarshini market complex, CRP square, Bhubaneswar | 7,95,432.00 | H.T/ MV | 1% of the estimated cost put to tender. (Through online transfer by the last date & time for receipt of bids | 6,000/-+ GST @ 18% (Through on-line transfer by the last date & time for receipt of bids) | 7 days |

1. The bid documents will be available in the website:https://tendersodisha.gov.in from 08.08.2025 to 18.08.2025 upto 17.00 hours. 2. Bids alongwith cost of tender paper and EMD (Bid Security) shall be received only "Online" on or before 18.08.2025 upto 17.00 hours. 3. The bidder must possess compatible Digital Signature Certificate (DSC) of Class-III. Other details can be seen in the bidding documents. 4. The authority reserves the right to cancel any or all bids at any moment without assigning any reason thereof. 5. Any addendum/corrigendum/cancellation shall only be uploaded in the website:https://tendersodisha.gov.in.

OIPR-13033/11/0348/2526 — Sd./- Executive Engineer (I/C), Division-IV, BDA

**OFFICE OF THE SUPERINTENDENT BHIMA BHOI MEDICAL COLLEGE & HOSPITAL**
At/P.O./Dist.: Balangir, PIN - 767002 (Odisha), E-mail: gmchospitalbalangir1@gmail.com
Letter No. 5087/(BBMC&H)/25 — Date: 05.08.25

**CORRIGENDUM NOTICE**

No. E-293: With reference to tender advertisement No. IX-F-643/2025/4833/Store (BBMC&H) Dtd.25.07.2025 issued by this office on Dt.25.07.2025, all bidders are hereby informed that some changes have been made for supply of the Stationary, Sanitary & Miscellaneous items as advertised in the tender for "Tender for Supply of Stationary & Sanitary Items" to BBMC&H, Balangir.
The following changes have been made as follows:
1. Submit the self-attested copy of GST Return and IT Return of Last 3 Financial Year 2022-23, 2023-24 & 2024-25 in the Technical Bid and submit your checklist (Annexure - VI) accordingly.
2. Specification of some tender items has been changed. Details as follows:

| Sl. No. | Name of the Items | Specifications | Accounting Unit |
|---|---|---|---|
| 1 | Dettol | 125ml | Per Bottle |
| 2 | Mosquito Liquid | 45ml | Per Piece |
| 3 | Mosquito Hit Spray | 250ml | Per Bottle |
| 4 | Hand Wash Big | 675ml | Per Bottle/Puch |

3. Deletion of some items from this tender. Details as follows:

| Sl. No. | Name of the Items | Specifications | Accounting Unit |
|---|---|---|---|
| 1 | Sodium Hypochlorite Solution | 5 Liter | Per Bottle/Jar |
| 2 | Glutal Dehyde Solution | 5 Liter | Per Bottle/Jar |

OIPR-10141/11/0047/2526 — Superintendent, Bhima Bhoi Medical College & Hospital, Balangir

GOVERNMENT OF ODISHA — No. O-541
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, KENDRAPARA - JAJPUR**
At: Chandikhol, P.O.: Sunguda, Jajpur - 754296, Email: serw_kpd@yahoo.com
No. Tender Online RCK-12/25 — Letter No. 2406 — Dt.01.08.2025

**e-Procurement NOTICE**

1. Name of the Work : Tender for the Road works under (Impvt. to Existing & MMSY-TRIP) in the Dist. of Kendrapara & Jajpur.
2. Class of Contractor : As specified in the Column-6 of the Annexure
3. Time of Completion : As specified in the Column-7 of the Annexure
4. Detail Projects : As per Annexure attached
5. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara - Jajpur | Tender Online RCK - 12/25 | 11.08.2025 at 11.00 A.M. | 02.09.2025 to 5.00 P.M. | 01.09.2025 upto 2.00 P.M. | 03.09.2025 at 11.00 A.M. | Will be intimated later |

Further details can be seen from the website www.tendersodisha.gov.in.
OIPR-25129/11/0056/2526 — Sd./- Chief Construction Engineer, Rural Works Circle, Kendrapara-Jajpur

GOVERNMENT OF ODISHA — No. O-525
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNDARGARH**
At/P.O.: Sankara, Sundargarh - 770020, E-mail address: serw_sundargarh@yahoo.com
No. Tender Online RWCCESNG-06 of 2025-26 — Letter No. 1884 — Date: 30.07.2025

**e-Procurement NOTICE**

1. Type of the Work : Building (PHC Building)
2. Class of Contractor : As specified in the Column-6 of the Annexure
3. Time of Completion : As specified in the Column-5 of the Annexure
4. Detail Projects : As per Annexure attached
5. Estimated Cost : As specified in the Column-4 of the Annexure
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 06 of 2025-26 | 12.08.2025 11.00 A.M. | 25.08.2025 5.00 P.M. | 22.08.2025 5.00 P.M. | 26.08.2025 11.00 A.M. | Will be intimated separately |

Further details can be seen from the website www.tendersodisha.gov.in.
OIPR-25133/11/0056/2526 — Sd./- Chief Construction Engineer, Rural Works Circle, Sundargarh

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE**
E-Mail ID: serw_balasore@yahoo.in, Ph.No.-06782/260318, Balia, Balasore
"e" Procurement Notice for Periodical Maintenance of 5 year completed PMGSY (Post DLP) Roads
Identification No.Online Tender- Road N.C.B. No. 21 for 2025-26
Letter No.2667, Date:01.08.25

No.O-542: 1. Name of the Work: Periodical Maintenance of PMGSY Road. 2. Total No. of Work: 04 Nos. of Work. 3. Estimated Cost: From Rs.105.39 lakhs to Rs.149.31 lakhs (Approximately). 4. Eligible Class of Contractor: 'B' & 'A' (of Odisha P.W.D.) or relevant Class of other licensing authorities (as per annexure). 5. Period of Completion:From 03 Calendar Months for the work. 6. Other details:

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender Clarification | Date & Time of Opening of Tender in O/O S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No-21 | 08.08.2025 at 11.00 A.M. | 25.08.2025 Upto 5.00 P.M. | 22.08.2025 Upto 5.00 P.M. | 26.08.2025 at 11.00 A.M. | Will be intimated later |

• Further details can be seen from the website: www.tendersodisha.gov.in
OIPR-25105/11/0068/2526 — Sd./- Chief Construction Engineer, R.W. Circle, Balasore

**ODISHA JOINT ENTRANCE EXAMINATION - 2025 (OJEE - 2025)**
No.: 416/OJEE — Date: 05.08.2025

**NOTICE**

**TENTATIVE SCHEDULE OF SPOT ADMISSION FOR WORKING PROFESSIONALS TO B.TECH/MBA COURSES**

No. h-07: It is to inform all the OJEE 2025/2nd Special OJEE 2025 rank holder working professionals interested to take admission either in B.Tech or MBA Courses in the approved Institutes/Universities of the State having prerequisite qualification as per AICTE have to report for the spot admission as per the following schedule.

| COURSE | REPORTING DATE & TIME | ALLOTMENT | VENUE |
|---|---|---|---|
| B.Tech | 08.08.2025 10.30 A.M. to 11.30 A.M. | 11.30 A.M. onwards | OJEE Cell, Gandamunda, Bhubaneswar |
| MBA | 08.08.2025 02.30 P.M. to 03.30 P.M. | 03.30 P.M. onwards | |

All candidates to strictly follow the reporting time

The admission will be based on AICTE instructions/guidelines. For detail instructions and guidelines for the admission to the above-mentioned courses please visit ojee website: http://ojee.nic.in.

OIPR-14020/11/0008/2526 — Sd./- CHAIRMAN, OJEE

ଜଳେଶ୍ୱର ପୌର କାର୍ଯ୍ୟାଳୟ, ଜଳେଶ୍ୱର
**OFFICE OF THE JALESWAR MUNICIPALITY, JALESWAR**
Dist.: Balasore, Odisha- 756032
Ph: (06781) 222407, Email:jaleswarmunicipality@gmail.com
No.2299, Date: 04.08.2025

**E-Procurement Notice**
**Bid Identification No.JM_03_2025-26**

No.C-808: Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the Set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app.
1. Name of the Work : Civil Const. works as mentioned in DTCN.
2. No. of Works : 105
3. Estimated Cost : As per Work List
4. Period of Completion : As per DTCN
5. Date and Time of Bidding : 06.08.2025 to 18.08.2025
6. Last date and time for receipt : 18.08.2025 upto 5.30 PM
7. Bids shall be opened on : 19.08.2025 from 11.00 AM onwards
8. Name and Address of the Officer Inviting Bid : Executive Officer, Jaleswar Municipality

Further details can be seen from the e-procurement portal i.e. https://tendersodisha.gov.in/nicgep/app.
OIPR-13126/11/0024/2526 — Sd./-Executive Officer, Jaleswar Municipality

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, NABARANGPUR**
Tender Call Notice No.7851, Date:05.08.2025
**Outsourcing of Selection of agency for Techno managerial services for ZSS NHM, Nabarangpur**

No.E-292:Sealed tenders are invited from eligible bidders for selection of agency to undertake paramedics, Nursing & other Techno Managerial Services at Govt. Health Institutions. The Request for proposal(RFP) is available at www.nabarangpur.odisha.gov.in the website. The interested bidders can download the RFP from district website and submit the proposal by 29.08.2025, 5.30 PM by Speed / Register Post. The undersigned reserves the right to reject any or all the tender without assigning any reason thereof.

OIPR-10164/11/0007/2526 — Sd./- CDM & PHO cum District Mission Director, Nabarangpur

**OFFICE OF THE SUPERINTENDING ENGINEER RWSS DIVISION, BERHAMPUR**
Near Jarada Bunglow, Pin-760004, Ph.0680-2296344
eerwss_bam@nic.in, rwssbam@gmail.com
Government of Odisha, "e" Procurement Notice
NATIONAL COMPETITIVE BIDDING
Bid Identification No.EERWSSBAM-11/2025-26

No.O-543: The Superintending Engineer, RWS&S Division, Berhampur, Ganjam on behalf of Governor of Odisha invites bids in single cover & Double Cover System according to the norm of "e" Procurement System in online mode for Supply, drawing, design, construction, testing and commissioning and maintenance of different PWS Schemes in Ganjam District from the eligible contractors as per DTCN.

| | | |
|---|---|---|
| 1 | Name of the Work | Execution of different works of different P.W.S. Scheme in Ganjam District. |
| 2 | No. of Work (Tender) | 01 No. |
| 3 | Estimated Cost (Approximate) | Rs.19.33 Lakhs |
| 4 | Period of Completion | 120 days |
| 5 | Date & Time of availability of bid document in the Portal | From 08.08.2025 at 11.00 hrs. to 21.08.2025 upto 17.00 hrs. |
| 6 | Last date & time for seeking clarification | 19.08.2025 upto 17.00 hrs. |
| 7 | Dt. of Opening of Bid | 22.08.2025 at 11.00 hrs. |
| 8 | Last date/time for receipt of bids in the portal | 21.08.2025 upto 17.00 hrs. |
| 9 | Name & Address of the Officer inviting tender | Superintending Engineer, RWSS Division, Near Jarada Buglow, Berhampur- 760004, Dist. Ganjam, Odisha |

Further details can be seen from the e-Procurement portal https://tendersorissa.gov.in
OIPR-25035/11/0027/2526 — Sd./- Superintending Engineer, RWS&S Division, Berhampur

# ବାଲେଶ୍ୱରରେ କ୍ରାଇମ୍‌ବ୍ରାଞ୍ଚ ଏସ୍‌ପି

ବାଲେଶ୍ୱର, ୬।୮ (ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାର ପର୍ଦ୍ଦାଫାଶ ପାଇଁ କ୍ରାଇମବ୍ରାଞ୍ଚ ତତ୍ପର ହୋଇପଡିଛି। କ୍ରାଇମବ୍ରାଞ୍ଚ ଏସ୍‌ପି ଅନିରୁଦ୍ଧ ରାଉତରାୟ ବୁଧବାର ବାଲେଶ୍ୱରରେ ପହଞ୍ଚି ମାମଲାର ତନାଘନା କରିଛନ୍ତି। ଘଟଣାର ବିଭିନ୍ନ ଦିଗକୁ ନେଇ ଖୋଳତାଡ଼ କରିଛନ୍ତି। ଘଟଣା ପୂର୍ବରୁ ଓ ପରେ କଲେଜ ପରିସରର ସ୍ଥିତି ସମ୍ପର୍କରେ ସବିଶେଷ ତଥ୍ୟ ହାସଲ କରିଛନ୍ତି। ଏହି ଘଟଣାରେ ଗିରଫଦାରୀ ସଂଖ୍ୟା ବଢ଼ିପାରେ ବୋଲି ଅନୁମାନ କରାଯାଉଛି। ଭୟରେ ଅନ୍ୟ ସନ୍ଦିଗ୍ଧଙ୍କ ଛାତିରେ ଛନକା ପଶିଛି। ଏଭଳି ପରିସ୍ଥିତିରେ ଆଉ ଏକ ସୁରାଗ କ୍ରାଇମବ୍ରାଞ୍ଚ ହାତରେ ଲାଗିଛି। ଗିରଫ ଛାତ୍ର ଜ୍ୟୋତିପ୍ରକାଶଙ୍କ ମୋବାଇଲ ଭିଡିଓକୁ ନେଇ ଯାଞ୍ଚ ଆରମ୍ଭ ହୋଇଛି। ମରିବାକୁ ନୁହେଁ, ବରଂ ଡରାଇବାକୁ ଚାହୁଁଥିଲେ ସୌମ୍ୟାଶ୍ରୀ। କଲେଜ କର୍ତ୍ତୃପକ୍ଷଙ୍କ ଉପରେ ଚାପ ପକାଇବା ପାଇଁ ଏଭଳି ଯୋଜନା କରିଥିଲେ। ସେହି ଭିଡିଓରେ ସୌମ୍ୟାଶ୍ରୀ ନିଜେ ହିଁ ନିଜ ଦେହରେ ନିଆଁ ଲଗାଇଥିବା ସ୍ପଷ୍ଟ ହୋଇଛି। ଏପରିକି ଆତ୍ମାହୁତି ପୂର୍ବରୁ ସୌମ୍ୟାଶ୍ରୀ କିଛି ଲୋକଙ୍କୁ କଲ୍ କରିଥିବା ଜଣାପଡ଼ିଛି। ଏପରିକି ନିଜ ଦେହରେ ପେଟ୍ରୋଲ ଢାଳିବା ପର୍ଯ୍ୟନ୍ତ କଥା ପୀଡ଼ିତା ଚିନ୍ତା କରିଥିଲେ। କିନ୍ତୁ ଦିଆସିଲ ମାରିବାର ଅଭିପ୍ରାୟ ତାଙ୍କର ନ ଥିଲା। ତେବେ ଦିଆସିଲ ମାରିବା ପାଇଁ ପ୍ରବର୍ତ୍ତା ଯାଇଥିବା

## ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା

### ଜ୍ୟୋତିପ୍ରକାଶଙ୍କ ମୋବାଇଲ ଭିଡିଓକୁ ନେଇ ଯାଞ୍ଚ

ଓ ଏଥିପାଇଁ ହାତଗଣତି କିଛି ସାଙ୍ଗ ହିଁ ତାଙ୍କୁ ଉସ୍‌କାଇଥିବା ତଦନ୍ତରୁ ଜଣାପଡ଼ିଛି। ଏନେଇ ପ୍ରମାଣ ମିଳିବା ପରେ ଦୁଇ ଜଣ ଛାତ୍ରଙ୍କୁ ଗିରଫ କରାଯାଇଥିବା ବେଳେ ଆଉ କିଛି ସାଙ୍ଗ କ୍ରାଇମବ୍ରାଞ୍ଚର ସ୍କାନରରେ ରହିଛନ୍ତି। ସେପଟେ ଜ୍ୟୋତିପ୍ରକାଶଙ୍କ ମୋବାଇଲରେ ସୁଟ ହୋଇଥିବା ଘଟଣା ଦିନର ଭିଡିଓକୁ ଯାଞ୍ଚ କରିବା ପରେ ଆଉ ଏକ କଥା ଜଣାପଡ଼ିଛି। ପୀଡ଼ିତାଙ୍କ ଚେହେରା କିମ୍ବା ହାବଭାବରୁ ସେ ଆତ୍ମହତ୍ୟା ପ୍ରବଣତାର ଭାବନା ନ ଥିବା ଦେଖିବାକୁ ମିଳିଛି।

ସୂଚନା ଯୋଗ୍ୟ, ନ୍ୟାୟ ନ ପାଇ ଗତ ଜୁଲାଇ ୧୨ ତାରିଖରେ ସୌମ୍ୟାଶ୍ରୀ ଆତ୍ମାହୁତି ଉଦ୍ୟମ କରିଥିଲେ। ୧୪ ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ପୋଲିସ ଏଚ୍‌ଓଡି ସମୀର ସାହୁ ଓ ଅଧ୍ୟକ୍ଷ ଦିଲୀପ ଘୋଷଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହାପରେ ଗତ ୩ ତାରିଖରେ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଛାତ୍ର ନେତା ଶୁଭ୍ର ସମ୍ବିତ ନାୟକଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ଏଯାବତ୍ ଘଟଣାରେ ୪ଜଣ ଗିରଫ ହୋଇଛନ୍ତି।

# ନୂତନ ପ୍ରଜାତିର କୃମି ଚିହ୍ନଟ

ବ୍ରହ୍ମପୁର ୬।୮ (ସୁବାସ ଚନ୍ଦ୍ର ପାଢ଼ୀ)




ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗ ପକ୍ଷରୁ ନୂତନ ପ୍ରଜାତିର କୃମି (ନେମାଟୋଡ୍) ଆଡମିରାଣ୍ଡସ ଓଡ଼ିଶା ଏନ୍‌ସିସ୍ ଚିହ୍ନଟ ହୋଇଛି। ଭାରତ ବର୍ଷରେ ଏହା ପ୍ରଥମଥର ଚିହ୍ନଟ ହୋଇଛି। ୨୦୨୩ ନଭେମ୍ବରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମୁଦ୍ରିକ ବିଜ୍ଞାନ ବିଭାଗର ସୁମନ ପାତ୍ର ଏବଂ ଲଭ୍‌ଲି ପ୍ରଫେସନାଲ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗ ଗବେଷିକା ଅମିତା କୁମାରୀ ଚୌଧୁରୀ ଓଡ଼ିଶାର ଚିଲିକା ନିକଟସ୍ଥ ସାତପଡା ମୁହାଣର ଅନ୍ତଃଜୁଆର ଜୋନ ଅଞ୍ଚଳରୁ କିଛି ନମୁନା ସଂଗ୍ରହ କରି ମାଇକ୍ରୋସ୍କୋପରେ ଦେଖି ଏଥିରୁ କିଛି କୃମି ବାହାର କରିଥିଲେ। ଏହାକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାମୁଦ୍ରିକ ବିଜ୍ଞାନ ପରୀକ୍ଷାଗାରରେ ସହକାରୀ ପ୍ରଧାପକ ଶେଷଦେବ ପାତ୍ର ଏବଂ ଗବେଷିକା ସୁମନ ପାତ୍ର ଏହାର ବିଭିନ୍ନ ପରୀକ୍ଷାନିରୀକ୍ଷା କରିଥିଲେ। ପରେ ଏହାର ତଥ୍ୟ ନ୍ୟୁଜିଲାଣ୍ଡର ନିୱା ସଂସ୍ଥାର ମାର୍ଗଦର୍ଶକ ଡ଼.ଡେନିଆଲ ଲେଡୁଶଙ୍କୁ ପ୍ରଦାନ କରି ପରାମର୍ଶ ନେବା ପରେ ଏହା ଏକ ନୂତନ ପ୍ରଜାତିର କୃମି ବୋଲି ଚିହ୍ନଟ ହୋଇଥିଲା। ଏହା ଓଡ଼ିଶାରେ ମିଳିଥିବାରୁ ଏହାର ନାମ 'ଆଡମିରାଣ୍ଡସ ଓଡ଼ିଶା ଏନସିସ' ରଖାଗଲା। ପରେ ଜୋନାଲ ଅଫ ନାଚୁରାଲ ହିଷ୍ଟୋରୀ (ଲଣ୍ଡନ) ପୁସ୍ତିକାରେ ପ୍ରକାଶିତ ହୋଇଥିଲା। ବିଭିନ୍ନ ପରୀକ୍ଷାନିରୀକ୍ଷା ପରେ ଏହି କୃମି ଗୁଡ଼ିକ ଗୋଲାକୃତି କେଞ୍ଚୁଆ ଭଳି ରହିଛି। ଏମାନେ ସମୁଦ୍ରର ଜୁଆର ଜୋନ ଅଞ୍ଚଳରୁ ପଚାଜୀବକୁ ଖାଦ୍ୟ ଭାବେ ବ୍ୟବହାର କରନ୍ତି। ଏମାନଙ୍କୁ ସମୁଦ୍ରରେ ରହୁଥିବା ମାଛ,କଙ୍କଡା ଏବଂ ଛୋଟ ଛୋଟ ମାଛ ଖାଦ୍ୟ ଭାବେ ଗ୍ରହଣ କରନ୍ତି। ଏମାନେ ମୁହାଣ ଅଞ୍ଚଳରେ ରହିଥାନ୍ତି। ଏମାନେ ଛୁଆ ଦିଅନ୍ତି ଏବଂ ଏହାରି ଉପରେ ଅଧିକ ତଥ୍ୟ ସଂଗ୍ରହ କରାଯାଉଥିବା ବିଭାଗର ସହକାରୀ ପ୍ରଧାପକ ଶେଷଦେବ ପାତ୍ର ଓ ଗବେଷିକା ସୁମନ ପାତ୍ର ସୂଚନା ଦେଇଛନ୍ତି।

## ସବୁ ସରକାରୀ ବିଭାଗର ରଙ୍ଗ ଗୋଟିଏ ପ୍ରକାର ହେବ

ଭୁବନେଶ୍ୱର,୬।୮(ସୁନିତ୍ ମିଶ୍ର): ରାଜ୍ୟ ସରକାରଙ୍କ ସରକାରୀ କୋଠାର ରଙ୍ଗ ବଦଳିବ। ରାଜ୍ୟରେ ଥିବା ସବୁ ସରକାରୀ କୋଠାର ରଙ୍ଗ ଗୋଟିଏ ପ୍ରକାର କରାଯିବ। ଯାହା ନୂଆ ବିଲ୍ଡିଂ ହେବ ଏବଂ ଯେଉଁସବୁ ବିଲ୍ଡିଂର କାର୍ଯ୍ୟ ହେବ ସେସବୁ ରଙ୍ଗ ଗୋଟିଏ ପ୍ରକାର କରାଯିବ। ରାଜ୍ୟ ସରକାରଙ୍କ ସବୁ ବିଭାଗ ଏବଂ ପିଏସ୍‌ୟୁର ରିନୋଭେସନ କାର୍ଯ୍ୟ ହେବା ବେଳେ ରଙ୍ଗ ମଧ୍ୟ ବଦଳିବ। କେଉଁ କଲର ଲାଗିବ ତାର କୋଡ୍ ମଧ୍ୟ ସରକାରଙ୍କ ନିର୍ମାଣ ବିଭାଗ ପକ୍ଷରୁ ଜାରି କରାଯାଇଥିବା ନୋଟିଫିକେସନରେ ଉଲ୍ଲେଖ କରାଯାଇଛି। ପୂର୍ତ୍ତ ସଚିବ ସଞ୍ଜୟ କୁମାର ସିଂଙ୍କ ଦସ୍ତଖତରେ ଏନେଇ ଚିଠି ବିଜ୍ଞପ୍ତି ପ୍ରକାଶ ପାଇଛି।

# କଣ୍ଟେନରର ଧକ୍କାରେ ୩ ମୃତ



ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଛନ୍ତି।

### ସ୍ପିଡ୍ ବ୍ରେକ୍‌ର ଦାବିରେ ରାସ୍ତାରୋକୋ

କେନ୍ଦୁଝର,୬।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ତେଲକୋଇ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୪୯ ଜଗମୋହନପୁର ନିକଟରେ ବୁଧବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଗୋଟିଏ ବାଇକ୍‌ରେ ଯାଉଥିବା ୩ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ବାହାଡ଼ାପସି ଗ୍ରାମର ଟଙ୍କଧର ପ୍ରଧାନ (୪୪), ଭଦ୍ରକ ଜିଲାର ଝିଲିରାଣୀ ସ୍ୱାଇଁ (୩୩) ଓ ଝିଲିରାଣୀଙ୍କ ଝିଆରୀ ଲିଜାରାଣୀ ଦାସ (୧୩)।

ସୂଚନା ଅନୁଯାୟୀ ଟଙ୍କଧର ଝିଲିରାଣୀ ଓ ଲିଜାରାଣୀଙ୍କୁ ନେଇ ବାଇକ୍ ଯୋଗେ କେନ୍ଦୁଝର ଅଭିମୁଖେ ଆସୁଥିଲେ। ସକାଳ ପ୍ରାୟ ୬ଟା୩୦ ସମୟରେ, ସମ୍ବଲପୁର ପାର୍ଶ୍ୱରୁ କେନ୍ଦୁଝର ପାର୍ଶ୍ୱକୁ ଯାଉଥିବା ଏକ କଣ୍ଟେନର (ଏନ୍‌ଏଲ୍ ୦୧ ଏସି ୨୦୧୯) ଜଗମୋହନପୁର ନିକଟରେ ତାଙ୍କ ବାଇକ୍‌କୁ ପଛରୁ ଧକ୍କାଦେଇଥିଲା। ସମସ୍ତେ ବାଇକ୍ ସହ ରାସ୍ତାରେ ଛିଟିକି ପଡ଼ିଥିଲେ। କଣ୍ଟେନର ସେମାନଙ୍କ ଉପରେ ଚଢ଼ିଯାଇଥିଲା। ଏଥିସହ ପ୍ରାୟ ୨୦୦ ମିଟର ଦୂର ବାଇକ୍‌କୁ ଠେଲିନେଇଥିଲା। ରକ୍ତ ଜୁଡୁବୁଡୁ ମୃତଦେହ ରାସ୍ତାରେ ବିଛାଡ଼ି ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ପ୍ରତିବାଦକରି ପୋଲିସକୁ ମୃତଦେହ ଉଠାଇବାକୁ ଦେଇ ନ ଥିଲେ। ସ୍ପିଡ୍ ବ୍ରେକର ଦାବିକରି ଏନ୍‌ଏଚ୍ ଅବରୋଧ କରିଥିଲେ। ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରାୟ ୩ ଘଣ୍ଟା ଭାରିଯାନ ଅଟକିରହିଥିଲା। ତେଲକୋଇ ପୋଲିସ ପ୍ରତିବାଦକାରୀଙ୍କ ସହ ଆଲୋଚନାକରି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏଥିସହ ଜନସନପୁର ଟୋଲ୍‌ଗେଟ୍ ନିକଟରୁ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଥିବା ସୂଚନା ମିଳିଛି। ସଦର ଉପଖଣ୍ଡ ପୋଲିସ ଅଧିକାରୀ ସୁଦର୍ଶନ ଗାଙ୍ଗୋଇ କହିଛନ୍ତି, ମୃତଦେହ ରାସ୍ତାରୁ ଉଠିବା ପରେ ରାସ୍ତାରୋକୋ ହଟିଥିଲା। ଟ୍ରକ୍ ଛାଡି ଡ୍ରାଇଭର ଫେରାର ହୋଇଯାଇଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ତେଲକୋଇ ଡାକ୍ତରଖାନାକୁ ପଠାଯାଇ ତଦନ୍ତ ଜାରି ରହିଛି।

## ଟ୍ରେଲର ଚକାତଳେ ପଡ଼ି ୨ ବାଇକ୍ ଆରୋହୀ ମୃତ

ବୁଗୁଡ଼ା,୬।୮(କାଳିଚରଣ ଦାଶ): ଗଞ୍ଜାମ ଜିଲା ବୁଗୁଡ଼ା ନିକଟସ୍ଥ ଷୋଳମାଇଲଠାରେ ବୁଧବାର ସକାଳେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବାଇକ୍ ଓ ବୁଲେଟ୍ ମୁହାଁମୁହିଁ ଧକ୍କା ହୋଇ ଆସୁଥିବା ଟ୍ରେଲର ଚକା ତଳେ ପଡ଼ିଯିବାରୁ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବୁଗୁଡା ଥାନା ଅନ୍ତର୍ଗତ ବେତାରସିଂ ଗ୍ରାମର ଶଶାଙ୍କ ମହାରଣା(୪୩) ଓ ସୁବୁଦ୍ଧିପଲ୍ଲୀ ଗ୍ରାମର ଖଦାଳ ମହାରାଣା (୭୯)। ବୁଲେଟ୍ ଚାଳକ ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଶିଶୁଣ୍ଡା ଗ୍ରାମର ଲକ୍ଷ୍ମୀଧର ବେହେରା ଗୁରୁତର ହୋଇଛନ୍ତି।

ବୁଧବାର ସକାଳେ ବାଲିପଦର ପଟୁ ରଡ୍ ବୋଝେଇ ଟ୍ରେଲର (ନଂ.ଏପି ୩୧ ଟିବି ୭୧୮୦) ବୁଗୁଡା ଆଡକୁ ଆସୁଥିଲା। ଏହି ସମୟରେ ଶଶାଙ୍କ ଓ ତାଙ୍କ ବଡବାପା ଖଦାଳ ବାଇକ (ନଂ. ଓଡି ୩୨ଇ ୫୨୮୯)ରେ ପଙ୍କଳବାଡି ଗାଁକୁ ବନ୍ଧୁଘରକୁ ଯାଉଥିବାବେଳେ ବାଲିପଦର ପଟୁ ଆସୁଥିବା ଲକ୍ଷ୍ମୀଧରଙ୍କ ବୁଲେଟ୍ (ନଂ.ଓଡି ୩୨ ଏଚ୍ ୧୦୮୭) ସହ ମୁହାଁମୁହିଁ ଧକ୍କା ହୋଇ ଟ୍ରେଲର ପଛଚକା ତଳେ ପଡିଯାଇଥିଲେ। ଲକ୍ଷ୍ମୀଧର ରାସ୍ତା କଡ଼କୁ ଛିଟିକି ପଡିଥିଲେ। ଖଦାଳଙ୍କ ୨ ଗୋଡ ଉପରେ ଟ୍ରେଲର ଚଢିଯାଇଥିବା ବେଳେ ଶଶାଙ୍କ ଚକାରେ ଲାଗିଯାଇ ପ୍ରାୟ ୨୦ମିଟର ଘୋଷାଡି ହୋଇଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁତର ଅବସ୍ଥାରେ ଖଦାଳ ଓ ଲକ୍ଷ୍ମୀଧରଙ୍କୁ ବୁଗୁଡ଼ା ମେଡିକାଲକୁ ଅଣାଯାଇଥିଲା। ସେଠାରେ ଖଦାଳଙ୍କ ମୃତ୍ୟୁ ଘଟିଥିବା ବେଳେ ଲକ୍ଷ୍ମୀଧରଙ୍କୁ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା। ପୋଲିସ ମେଡିକାଲରେ ପହଞ୍ଚି ୨ ମୃତଦେହ ଜବତ କରି ବ୍ୟବଛେଦ ପାଇଁ ପଠାଇଥିଲା। ଟ୍ରେଲର ଡ୍ରାଇଭରଙ୍କୁ ଥାନାରେ ଅଟକ ରଖାଯାଇ ତଦନ୍ତ ଚାଲିଛି। ଏ ନେଇ ନଂ. ୫୦୯/୨୫ରେ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି।

## ଭିଜିଲାନ୍ସ ଜାଲରେ ଡ୍ରଗ୍‌ସ ଟେଷ୍ଟିଂ ଲାବ୍‌ର ପ୍ରିନ୍ସିପାଲ୍ ସାଇଣ୍ଟିଫିକ୍ ଅଫିସର

ଭୁବନେଶ୍ୱର,(ସତ୍ୟଜିତ୍ ରାଉତ)/ ସମ୍ବଲପୁର, ୬।୮(ପ୍ରମୋଦ ବହିଦାର)



ଗ୍ରେଟର ସମ୍ବଲପୁରସ୍ଥିତ ଭଡାଘରେ ପ୍ରିନ୍ସିପାଲ୍ ସାଇଣ୍ଟିଫିକ୍ ଅଫିସର ଦେବାଶିଷ ପଣ୍ଡାଙ୍କ ଉପସ୍ଥିତିରେ ଭିଜିଲାନ୍ସ ଅଧିକାରୀ ତାଙ୍କ ସମ୍ପତ୍ତି ଯାଞ୍ଚ କରୁଛନ୍ତି।

ସମ୍ବଲପୁର ଡ୍ରଗ୍ କଣ୍ଟ୍ରୋଲରଙ୍କ କାର୍ଯ୍ୟାଳୟସ୍ଥିତ ଷ୍ଟେଟ୍ ଡ୍ରଗ୍‌ସ ଟେଷ୍ଟିଂ ଲାବରେଟୋରିର ପ୍ରିନ୍ସିପାଲ୍ ସାଇଣ୍ଟିଫିକ୍ ଅଫିସର ଦେବାଶିଷ ପଣ୍ଡା ଭିଜିଲାନ୍ସ ସ୍କାନରକୁ ଆସିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବୁଧବାର ଦେବାଶିଷଙ୍କ ଭୁବନେଶ୍ୱର, ସମ୍ବଲପୁର ଓ ବ୍ରହ୍ମପୁରର ୭ଟି ସ୍ଥାନରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଚଢ଼ାଉ କରାଯାଉଛି। ଯାଞ୍ଚ ହେଉଥିବା ସ୍ଥାନ ମଧ୍ୟରେ ଦେବାଶିଷଙ୍କ ସମ୍ବଲପୁର ବରେଇପାଲି ଗ୍ରେଟର ସମ୍ବଲପୁରରେ ଥିବା ଭଡାଘର, ବ୍ରହ୍ମପୁର ଚର୍ଚ୍ଚରୋଡ୍ ନାଭି କଲୋନୀସ୍ଥିତ ପୈତୃକ ଘର, ସମ୍ବଲପୁର କାଇଁଶିରସ୍ଥିତ ଅଫିସ ଚାମ୍ବର, ଭୁବନେଶ୍ୱର ବଳଭଦ୍ରପୁରସ୍ଥିତ ପ୍ରେଷ୍ଟିଜ୍ ଆପାର୍ଟମେଣ୍ଟରେ ଥିବା ଫ୍ଲାଟ୍, ନୟାପଲ୍ଲୀ ମେଟ୍ରୋସିଟିରେ ଥିବା ୨ଟି ଫ୍ଲାଟ୍ ଏବଂ ଭୁବନେଶ୍ୱର ଏସ୍ପ୍ଲାନେଡ୍ ମଲରେ ଥିବା ବ୍ୟବସାୟିକ ଗୃହ ଆଦି ରହିଛି। ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଚଢ଼ାଉ ହେଉଥିବାବେଳେ ଏଥିରେ ଭିଜିଲାନ୍ସର ୪ଜଣ ଡିଏସ୍‌ପି, ୧୦ଜଣ ଇନ୍ସପେକ୍ଟର, ୪ ଜଣ ଏଏସ୍‌ଆଇ ଓ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କୁ ନେଇ ୧୮ଜଣିଆ ଟିମ୍ ନିୟୋଜିତ ହୋଇଛନ୍ତି। ତେବେ ସମ୍ବଲପୁରସ୍ଥିତ ବାସଭବନ ଓ କାର୍ଯ୍ୟାଳୟରେ ୭ଜଣିଆ ଟିମ୍‌ର ଚଢ଼ାଉ କରି ୪୫ହଜାର ଟଙ୍କା ସହିତ ବ୍ୟାଙ୍କ୍ ଜମାଖାତା ଓ ସମ୍ପତ୍ତି ସଂକ୍ରାନ୍ତ କାଗଜପତ୍ର ଜବତ କରିବା ସହ ଗାଡି କାଗଜପତ୍ର ଯାଞ୍ଚ କରିଛନ୍ତି। ଭିଜିଲାନ୍ସ ଟିମ୍ ଦେବାଶିଷଙ୍କ ସମ୍ପତ୍ତି ନେଇ ଅଧିକ ଖୋଳତାଡ ଚଳାଇଛନ୍ତି। ଅପରପକ୍ଷରେ ଠାବ ହୋଇଥିବା ସମ୍ପତ୍ତିକୁ ଦେବାଶିଷ ତାଙ୍କ ପୈତୃକ ସମ୍ପତ୍ତି ବୋଲି ଦାବି କରୁଛନ୍ତି। ସେ ତାଙ୍କ ପୈତୃକ ସମ୍ପତ୍ତିକୁ ବଦଳାଇ ବିଭିନ୍ନ ସ୍ଥାନରେ ନୂଆ ସମ୍ପତ୍ତି କରିଥିବା ପ୍ରମାଣ ଦେଖାଇଛନ୍ତି। ତେବେ ଏଥିରେ କିଛିମାତ୍ରାରେ ସତ୍ୟତା ଥିବା ନେଇ ଭିଜିଲାନ୍ସ ଅଧିକାରୀମାନେ ପ୍ରମାଣ ପାଇଛନ୍ତି। ତାଙ୍କର ପ୍ରକୃତ ଆୟ କେତେ ଓ ଏହାଠାରୁ ସେ ଅଧିକ ଆୟ ବହିର୍ଭୂତ ସମ୍ପତ୍ତି ଠାବ କରିଛନ୍ତି କି ନାହିଁ, ସେନେଇ ଭିଜିଲାନ୍ସ ନିର୍ଦ୍ଦେଶାଳୟର ଫାଇନାନ୍ସିଆଲ୍ ୱିଙ୍ଗ୍ ଅଧିକ ଯାଞ୍ଚ କରୁଛି। ଭିଜିଲାନ୍ସ ଅଧିକାରୀମାନେ ଦେବାଶିଷଙ୍କୁ ସମ୍ପତ୍ତି ସମ୍ପର୍କରେ ଅଧିକ ପଚରାଉଚରା କରୁଥିବା ସୂଚନା ମିଳିଛି।

## ଭିସିରେ ହାଜର ହେଲେ ଏଚ୍‌ଓଡି, ଅଧ୍ୟକ୍ଷ

### ହାଜତ ମିଆଦ ଆଉ ୧୪ ଦିନ ବଢ଼ିଲା

ବାଲେଶ୍ୱର, ୬।୮(ବାଞ୍ଛାନିଧି ଦେ)– ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ମାମଲାରେ ଗିରଫ ହୋଇ ଜେଲରେ ଥିବା ଅଭିଯୁକ୍ତ ଏଚ୍‌ଓଡି ସମୀର ସାହୁ ଓ ଅଧ୍ୟକ୍ଷ ଦିଲୀପ ଘୋଷ ବୁଧବାର ଭିଡିଓ କନଫରେନ୍ସ (ଭିସି) ଜରିଆରେ ଏସ୍‌ଡିଜେଏମ୍ କିଶୋର କୁମାର ନାଥଙ୍କ ଅଦାଲତରେ ହାଜର ହୋଇଥିଲେ। ସେମାନଙ୍କ ଜାମିନ ନାମଞ୍ଜୁର ହୋଇଥିବାରୁ ଉଭୟଙ୍କ ହାଜତ ମିଆଦ ଆଉ ୧୪ଦିନ ବୃଦ୍ଧି କରାଯାଇଥିବା ସୂଚନା ମିଳିଛି।

ଅଧ୍ୟକ୍ଷ ଘୋଷଙ୍କ ଜାମିନ ଆବେଦନ ମଙ୍ଗଳବାର ଦ୍ୱିତୀୟ ଥର ପାଇଁ ଖାରଜ ହୋଇଥିବା ଜଣାପଡ଼ିଛି। ସେହିପରି ଏଚ୍‌ଓଡି ସାହୁଙ୍କ ଜାମିନ ପାଇଁ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ଗତ ୧ତାରିଖରେ ଆବେଦନ ହୋଇଥିଲା। ବୁଧବାର ନିମ୍ନ ଅଦାଲତର କେସ୍ ରେକର୍ଡ ଓ ସଂଲଗ୍ନ ଥାନାର କେସ୍ ଡାଏରୀ ମଗାଯାଇଥିଲା। ଆସନ୍ତା ୧୨ ତାରିଖକୁ ଜାମିନ ଆବେଦନର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରାଯାଇଛି।

## କେନ୍ଦ୍ରାପଡ଼ା ପାଇଁ କଂଗ୍ରେସର ତଥ୍ୟାନୁଧ୍ୟାନ କମିଟି

ଭୁବନେଶ୍ୱର,୬।୮(ରବିନାରାୟଣ ଜେନା)

ରାଜ୍ୟରେ ନାରୀ ନିର୍ଯାତନା ବଢ଼ି ଚାଲିଥିବାବେଳେ କେନ୍ଦ୍ରାପଡା ପଟ୍ଟାମୁଣ୍ଡାଇ ଅନ୍ତର୍ଗତ କାଠିଆପଡା ଗ୍ରାମରେ ପୁଣି ଏକ ଅଭାବନୀୟ ଘଟଣା ଘଟିଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ବୁଧବାର ଭକ୍ତ କହିଛନ୍ତି ଯେ, ଏହି ଘଟଣାକୁ ନେଇ କଂଗ୍ରେସ ପକ୍ଷରୁ ଏକ ତଥ୍ୟାନୁଧ୍ୟାନ କମିଟି ଗଠନ କରାଯାଇଛି। ତେବେ ପ୍ରାଥମିକ ସୂଚନା ଅନୁଯାୟୀ, ପୁରୁଷ ବନ୍ଧୁଙ୍କ ଅମାନବୀୟ ନିର୍ଯାତନା ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ଯୁକ୍ତତିନି ଶେଷ ବର୍ଷର ଛାତ୍ରୀ କିରୋସିନ୍ ଲଗାଇ ଆତ୍ମହତ୍ୟା କରିଛନ୍ତି ବୋଲି କୁହାଯାଉଛି। ବାସ୍ତବରେ ଏହା ସତ୍ୟ କି ନାହିଁ ତାହାକୁ ନେଇ ପିସିସି ପକ୍ଷରୁ ଅନୁଧାନ କରାଯିବ। ଆସନ୍ତାକାଲି(ଗୁରୁବାର) କଂଗ୍ରେସର ଏକ କମିଟି କେନ୍ଦ୍ରାପଡାର ଉକ୍ତ ଅଞ୍ଚଳ ଗସ୍ତ କରିବ ବୋଲି ସେ କହିଛନ୍ତି। ଏହି ଅବସରରେ ପିସିସି ପକ୍ଷରୁ ଗଠିତ ତଥ୍ୟାନୁଧ୍ୟାନ କମିଟିରେ ଦଳର ଉପସଭାପତି ସସ୍ମିତା ବେହେରା ଅଧ୍ୟକ୍ଷା ରହିଥିବାବେଳେ ଡ. ଦେବସ୍ମିତା ଶର୍ମା, ସସ୍ମିତା ପଣ୍ଡା, ସୋନାଲି ସାହୁ, ମଧୁସ୍ମିତା ଆଚାର୍ଯ୍ୟ, ଡ. ମନିଷା ଦାଶ ପଟ୍ଟନାୟକ, ଜୟଶ୍ରୀ ପାତ୍ର ଓ ଅମ୍ରିତା ଦାସ ପ୍ରମୁଖ ସଦସ୍ୟା ରହିଛନ୍ତି।

## ସୁଶାସନ ପ୍ରଦାନରେ ସରକାର ସମ୍ପୂର୍ଣ୍ଣ ବିଫଳ: ବିଜେଡି

ଭୁବନେଶ୍ୱର, ୬।୮(ସୁନିତ୍ ମିଶ୍ର)

ରାଜ୍ୟର ସମସ୍ତ ସରକାରୀ ଅଫିସ, ଉଭୟ ନୂଆ ଓ ପୁରୁଣାକୁ ଗେରୁଆ ରଙ୍ଗ ଦିଆଯିବ ବୋଲି ରାଜ୍ୟ ଭାଜପା ସରକାରଙ୍କ ଦ୍ୱାରା ଏକ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ବିଜେଡି ଏହାକୁ ଦୃଢ ସମାଲୋଚନା କରିଛି। ବିଜେଡି ମୁଖପାତ୍ର ଲେନିନ ମହାନ୍ତି ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ କହିଛନ୍ତି, ଭାଜପା ସରକାରଙ୍କ ୧୩ ମାସର ଶାସନ କାଳରେ, ସୁଶାସନ ପ୍ରଦାନ କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ମହିଳାମାନେ ଅସୁରକ୍ଷିତ ହୋଇ ପଡିଛନ୍ତି। ବଳାତ୍କାର, ଗଣବଳାତ୍କାର ଓ ମହିଳାଙ୍କ ବିରୋଧରେ ଅପରାଧ ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଇଛି। ବିକାଶ ଠପ୍ ହୋଇଛି, କୌଣସି ବିକାଶମୂଳକ କାର୍ଯ୍ୟ ଆଗକୁ ବଢି ପାରୁନାହିଁ। ୧୩ ମାସର ଶାସନରେ ୧୩ ଥର ପ୍ରଶ୍ନପତ୍ର ପ୍ରଘଟ ହୋଇଛି। ତ୍ରୁଟିଶୂନ୍ୟ ପରୀକ୍ଷା, ରଥଯାତ୍ରା ଆୟୋଜନ କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଗୋପାଳପୁର ବେଳାଭୂମିରେ ଜଣେ କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର, ବାଲେଶ୍ୱର ଏଫଏମ କଲେଜରେ ଛାତ୍ରୀ ଆତ୍ମାହୂତି ଘଟଣା, ବଳଙ୍ଗାରେ ନାବାଳିକାକୁ ଜିଅନ୍ତା ଜାଳିଦେବା ଘଟଣା ରାଜ୍ୟବାସୀଙ୍କୁ ବ୍ୟଥିତ କରିଥିବା ବେଳେ ଓଡିଶା ପାଇଁ ଲଜ୍ୟା ଓ ନିନ୍ଦା ଆଣିଛି। ସରକାରଙ୍କ ବିଫଳତା ତାଲିକା ଦିନକୁ ଦିନ ଲମ୍ବା ହୋଇ ଚାଲିଛି। ନିଜ ବିଫଳତା ଉପରୁ ନଜର ହଟାଇବା ପାଇଁ ସରକାର ଅଫିସ ବିଲ୍ଡିଂ ଗୁଡିକୁ ଗେରୁଆକରଣ କରି ଜନସାଧାରଣଙ୍କ ନଜର ତାଙ୍କ ବିଫଳତା ଉପରୁ ହଟାଇବାକୁ ଚାହୁଁଛନ୍ତି। ସରକାରଙ୍କ ବିଜ୍ଞପ୍ତିରେ ଉଭୟ ନୂଆ ଓ ପୁରୁଣା ବିଲ୍ଡିଂର ରଙ୍ଗ ପରିବର୍ତ୍ତନ ହେବ ବୋଲି କୁହାଯାଇଛି। କିନ୍ତୁ ରାଜ୍ୟବାସୀ ରାଜ୍ୟ ସରକାରଙ୍କ ବିଫଳତାକୁ ଅଙ୍ଗେ ନିଭାଉଛନ୍ତି ବୋଲି ଲେନିନ କହିଛନ୍ତି।

# କେଉଁଠି ରହୁଛି ବଳକା ଧାନ

## ଚାଷୀ ଦେଉଛନ୍ତି ୮୦ ଲକ୍ଷ ଏମ୍‌ଟି; ସଂରକ୍ଷଣ କ୍ଷମତା ୪ ଲକ୍ଷ ଏମ୍‌ଟି

ଭୁବନେଶ୍ୱର,୬।୮ (ରବିନାରାୟଣ ଜେନା)

ଖାଦ୍ୟଶସ୍ୟ ଉତ୍ପାଦନରେ ଦେଶରେ ଓଡ଼ିଶା ଏବେ ୪ର୍ଥତମ ବଳକା ରାଜ୍ୟ ରୂପେ ପରିଗଣିତ ହେଉଛି। ରାଜ୍ୟରେ ପ୍ରତିବର୍ଷ ଧାନଫସଲ ଉତ୍ପାଦନ ବଢୁଛି, ଯେଉଁଥିପାଇଁ ରାଜ୍ୟ ସରକାର ଚାଷୀଙ୍କଠାରୁ ପ୍ରତିବର୍ଷ ଧାନ ସଂଗ୍ରହ ପରିମାଣ ବଢ଼ାଇ ଚାଲିଛନ୍ତି। ଖରିଫ୍ ଓ ରବି ଋତୁକୁ ମିଶାଇ ବର୍ଷକୁ ସରକାର ପ୍ରାୟ ୮୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରୁଥିବାବେଳେ ଆଉ ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ମେଟ୍ରିକ୍ ଟନ୍ ଧାନ ଲୋକେ ବିକ୍ରି କରିପାରୁ ନ ଥିବାରୁ ଟୋକନ ତାତି ଜୋର୍ ଧରୁଛି। ଏହାବାଦ୍ ଚାଷୀମାନେ ନିଜ ଗୁଜରାଣ ମେଣ୍ଟାଇବା ପାଇଁ ଲକ୍ଷାଧିକ ଟନ୍ ଧାନ ନିଜଘରେ ସଂରକ୍ଷଣ କରୁଛନ୍ତି। ହେଲେ ଶସ୍ୟକୁ ସଂରକ୍ଷିତ ରଖିବା ଲାଗି ରାଜ୍ୟ ସରକାରଙ୍କ ପାଖରେ ଆବଶ୍ୟକ ପଣ୍ୟାଗାର ନ ଥିବାବେଳେ ଏତେପରିମାଣର ଧାନ ରଖିବା ପାଇଁ ମିଲର୍ସ ହିଁ ହର୍ତ୍ତାକର୍ତ୍ତା ସାଜିଛନ୍ତି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ବିଭାଗ ପକ୍ଷରୁ ଜଣାପଡ଼ିଛି।

ରାଜ୍ୟରେ ପ୍ରାଥମିକ କୃଷି ସମବାୟ(ପାକ୍ସ) ଓ ଲାମ୍ପ୍ସ କେତେ ଏବଂ କେଉଁ ପାକ୍ସରେ କିପ୍ରକାର ସୁବିଧା ସୁଯୋଗ ରହିଛି ସେନେଇ ରାଜ୍ୟ ଅତିରିକ୍ତ ନିବନ୍ଧକ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅତିରିକ୍ତ ସଚିବଙ୍କୁ ଚଳିତବର୍ଷ ଖରିଫ୍ ଧାନ ସଂଗ୍ରହର ତଥ୍ୟ ମଙ୍ଗଳବାର ପ୍ରଦାନ କରିଛନ୍ତି। ତଥ୍ୟାନୁସାରେ, ରାଜ୍ୟ ସରକାରଙ୍କ ହାତରେ ମାତ୍ର ୪ ଲକ୍ଷ ୧୫ ହଜାର ୧୦୫ ମେଟ୍ରିକ୍ ଟନ୍ ଧାନ ସଂରକ୍ଷଣ କରିବା କ୍ଷମତା ରହିଛି, ଯାହା ସମୁଦ୍ରକୁ ଶଙ୍ଖେ କହିଲେ ଅତ୍ୟୁକ୍ତି ହେବନାହିଁ। ତେବେ ଏତେ ପରିମାଣର ଧାନ କିଭଳି ସରକାର ଚାଷୀଙ୍କଠାରୁ ସଂଗ୍ରହ କରୁଛନ୍ତି, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ରାଜ୍ୟରେ ସର୍ବାଧିକ ଧାନମଣ୍ଡି କ୍ଷମତା ବରଗଡ଼ ଜିଲାରେ ରହିଛି। ଏହି ଜିଲାରେ ୬୩ ହଜାର ୯୫୦ ମେଟ୍ରିକ୍ ଟନ୍ ଧାନ ସଂରକ୍ଷଣ କରାଯାଇପାରୁଛି। ସେହିପରି ରାୟଗଡ଼ାରେ ୩୨ ହଜାର ୭୫୦ ମେଟ୍ରିକ୍ ଟନ୍ ଧାନ ସଂରକ୍ଷିତ ହୋଇପାରୁଥିବାବେଳେ ସମ୍ବଲପୁରରେ ୨୮ ହଜାର ୬୫୦ ମେଟ୍ରିକ୍ ଟନ୍ ଧାନ




ସଂରକ୍ଷଣ ପାଇଁ ମଣ୍ଡି ରହିଛି। ଏହାବାଦ୍ ବାଲେଶ୍ୱରରେ ୨୦ ହଜାର ମେଟ୍ରିକ୍ ଟନ୍, ବଲାଙ୍ଗୀରରେ ୨୩ ହଜାର ୮୭୫ ମେଟ୍ରିକ୍ ଟନ୍, କଳାହାଣ୍ଡିରେ ୩୩ ହଜାର ୫୦୦ ମେଟ୍ରିକ୍ ଟନ୍, ନବରଙ୍ଗପୁରରେ ୩୧ ହଜାର ୯୫୦ ମେଟ୍ରିକ୍ ଟନ୍, କଟକରେ ୧୫ ହଜାର ୬୦ ମେଟ୍ରିକ୍ ଟନ୍, ଖୋର୍ଦ୍ଧାରେ ୧୬ ହଜାର ୬୭୫ ମେଟ୍ରିକ୍ ଟନ୍ ଧାନ ସଂରକ୍ଷଣ କ୍ଷମତା ରହିଛି।

ଏହି ପରିପ୍ରେକ୍ଷୀରେ ସମବାୟ ବିଭାଗ ପକ୍ଷରୁ ବିଶ୍ୱର ସର୍ବବୃହତ୍ ଶସ୍ୟାଗାର ନିର୍ମାଣ କରିବାକୁ ପରକଳ୍ପନା କରାଯାଇଥିଲା। ୨୦୨୩ ଡିସେମ୍ବର ୨୬ରେ ସମବାୟ ବିଭାଗର ତତ୍କାଳୀନ ସଚିବ ଅରବିନ୍ଦ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକ ଏହି ନିଷ୍ପତ୍ତି ନେଇଥିଲା। ହେଲେ ଏହା ଏପର୍ଯ୍ୟନ୍ତ ଝୁଲିରହିଛି। ଫଳରେ ଧାନ ସଂରକ୍ଷଣ ଅଭାବରୁ ଅଧିକାଂଶ ସମୟ ଟୋକନ ତାତି ଉପୁଜୁଛି। କେତେବେଳେ ମିଲର୍ସ ଆସିଲେ ଧାନ ଉଠୁଛି ତ ଆଉ କେତେବେଳେ ମିଲର୍ସଙ୍କ ଚାହିଦା ଅନୁଯାୟୀ ଧାନ ସଂଗ୍ରହ କରାଯାଉଛି, ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି।

ଅନ୍ୟପକ୍ଷେ ଏହି ପ୍ରସଙ୍ଗକୁ ନେଇ ବିରୋଧୀ ସରକାରଙ୍କୁ ଘେରୁଛନ୍ତି। ସରକାରଙ୍କ ପକ୍ଷରୁ ଯେପର୍ଯ୍ୟନ୍ତ ଧାନମଣ୍ଡି କିମ୍ବା ପଣ୍ୟାଗାରର ସୁବିଧା ନ ହୋଇଛି ସେପର୍ଯ୍ୟନ୍ତ ଏପରି ସମସ୍ୟା ଲାଗିରହିବ ବୋଲି ଖାଦ୍ୟ ଯୋଗାଣ ବିଭାଗର ଜଣେ ବରିଷ୍ଠ କର୍ମକର୍ତ୍ତା ନାମ ଗୋପନ ରଖି କହିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟ ସମବାୟ ଅତିରିକ୍ତ ନିବନ୍ଧକଙ୍କ ତଥ୍ୟ ଅନୁଯାୟୀ, ରାଜ୍ୟରେ ଏବେ ୪୨୫୨ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଓ ଲାମ୍ପ୍ସ ରହିଛି। ଏଥିମଧ୍ୟରୁ ୨୭୮୩ଟି ପାକ୍ସରେ କମ୍ପ୍ୟୁଟର ରହିଥିବା ବେଳେ ୨୭୨୪ଟି ପାକ୍ସରେ ଡିଇଓ ଅଛନ୍ତି। ୩୨୧୭ଟିରେ ଇଣ୍ଟରନେଟ୍ ସଂଯୋଗ ରହିଛି। ୩୩୮୭ଟିରେ ପାନୀୟଜଳର ସୁବିଧା ରହିଥିବାବେଳେ ୨୭୦୯ଟିରେ ଶୌଚାଳୟ ରହିଛି। ୧୬୯୯ଟି ପାକ୍ସରେ ପିଣ୍ଡି ରହିଥିବାବେଳେ ରାଜ୍ୟରେ ୪୯୧ଟି ଆର୍‌ଏମ୍‌ସି ରହିଛି। ଏହାବାଦ୍ ରାଜ୍ୟରେ ସମୁଦାୟ ପାକ୍ସ ମଧ୍ୟରୁ ୮୩୧ଟିରେ ପୂର୍ଣ୍ଣକାଳୀନ ସେକ୍ରେଟାରି ନ ଥିବା ଅତିରିକ୍ତ ନିବନ୍ଧକଙ୍କ ତଥ୍ୟରୁ ଜଣାପଡ଼ିଛି।

## ପୁଣି ଜଣେ ଛାତ୍ରୀଙ୍କୁ ମୃତ୍ୟୁମୁଖକୁ ଠେଲିଦେଲେ ସରକାର: ବିଜେଡି

ଭୁବନେଶ୍ୱର,୬।୮(ସୁନିତ୍ ମିଶ୍ର)

ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣା, ବଳଙ୍ଗା ନାବାଳିକାଙ୍କୁ ପୋଡ଼ି ମାରିଦେବା ଘଟଣା ଲୋକଙ୍କ ମନରୁ ଲିଭି ନ ଥିବା ବେଳେ ବୁଧବାର କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବଡ଼ପଡ଼ା ପଞ୍ଚାୟତରେ ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀ କିରୋସିନ ଢାଳିହୋଇ ଆତ୍ମାହୂତିଦେବା ଘଟଣା ସାରା ରାଜ୍ୟକୁ ସ୍ତବ୍ଧ କରିଛି। ଏହି ଘଟଣାରେ ସରକାରଙ୍କ ନିଷ୍କ୍ରିୟତା ଓ ପୋଲିସ୍ ବିଭାଗର ଦାୟିତ୍ୱହୀନତାକୁ ବିଜେଡି କଡ଼ା ନିନ୍ଦା କରିଛି। ଶଙ୍ଖ ଭବନ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି, ବର୍ତ୍ତମାନ ରାଜ୍ୟରେ ପୋଲିସ୍‌ର ନିଷ୍କ୍ରିୟତା ଓ ଦୁର୍ବଳ ଶାସନ ପାଇଁ ଭାଜପା ସରକାର ପୁଣି ଜଣେ ଛାତ୍ରୀଙ୍କୁ ମୃତ୍ୟୁ ମୁଖକୁ ଠେଲି ଦେଇଛି। ଆଉ କେତେ ଜଣ ଜଳିଲେ, ଏ ସରକାର ଚେତିବେ ବୋଲି ବିଜେଡି ପ୍ରଶ୍ନ କରିଛି। ଭାଜପା ସରକାରକୁ ଆସିବା ପରେ ଶାନ୍ତିପ୍ରିୟ ଓଡ଼ିଶାରେ ନାରୀ ନିର୍ଯ୍ୟାତନା ଘଟଣା ଉଦ୍‌ବେଗଜନକ ଭାବେ ବୃଦ୍ଧିପାଇଛି। ପୀଡ଼ିତା ଛାତ୍ରୀ ଜଣୈକ ଯୁବକଙ୍କ ଦ୍ୱାରା ନିର୍ଯ୍ୟାତନାର ଶିକାର ହେଲା ପରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାର ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଅଭିଯୋଗକୁ ପୋଲିସ୍ ଗ୍ରହଣ ନ କରି ଯେଉଁ ନମ୍ବରରୁ ତୁମକୁ ଫୋନ୍ କଲ୍ କିମ୍ବା ମେସେଜ୍ ଆସୁଛି ସେ ନମ୍ବରକୁ ବ୍ଲକ କରି ନିରାପଦରେ ରହିବା ପାଇଁ ପରାମର୍ଶ ଦେଇଥିଲେ। ଏହା ପୋଲିସ୍‌ର କର୍ତ୍ତବ୍ୟ ପାଳନରେ ଚରମ ଅବହେଳା ନୁହେଁ କି ବୋଲି ବିଜେଡି ପ୍ରଶ୍ନ କରିଛି। ପୋଲିସ୍‌ର ଦାୟିତ୍ୱହୀନତା ପାଇଁ ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ମୁଖ୍ୟମନ୍ତ୍ରୀ ଗୃହ ବିଭାଗ ଚଳାଇବାରେ ଅସହାୟ। ଏହି ବିଭାଗ ଦାୟିତ୍ୱ ମୁଖ୍ୟମନ୍ତ୍ରୀ ଅନ୍ୟ କାହାକୁ ହସ୍ତାନ୍ତର କରନ୍ତୁ ଏବଂ ଅପାରଗ ପୋଲିସ୍ ମହାନିର୍ଦ୍ଦେଶକ ତାଙ୍କ ଦାୟିତ୍ୱରୁ ଅବ୍ୟାହତି ନିଅନ୍ତୁ ବୋଲି ଲେନିନ କହିଛନ୍ତି।

# ପ୍ରାକୃତିକ ରଙ୍ଗର ପାଟଶାଢ଼ି ଚାହିଦା ବଢ଼ୁଛି

## ଆଜି ଜାତୀୟ ହସ୍ତତନ୍ତ ଦିବସ

### ପୁରୁଣା ପଦ୍ଧତିକୁ ଉଜ୍ଜୀବିତ କରିଛନ୍ତି ବାନ୍ଧଗୁରୁ ପ୍ରଫୁଲ୍ଲ

ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାରେ ପ୍ରାକୃତିକ ରଙ୍ଗରେ ତିଆରି ହେଉଛି ପାଟଶାଢ଼ି। ଦିନକୁଦିନ ଏହି ଶାଢ଼ିର ଚାହିଦା ବଢ଼ିବାରେ ଲାଗିଛି। କଟକ ଓ ଭୁବନେଶ୍ୱର ସମେତ ମୁମ୍ବାଇ, ବେଙ୍ଗାଲୁରୁ, ଚେନ୍ନାଇ, ଦିଲ୍ଲୀ ଓ କୋଲକାତା ଭଳି ବଡ଼ ବଡ଼ ସହରରେ ଏଠାକାର ଶାଢ଼ି ବିକ୍ରି ହେଉଛି। ଏହି ଶାଢ଼ିର ମୂଲ୍ୟ କୃତ୍ରିମ ରଙ୍ଗରେ ପ୍ରସ୍ତୁତ ଶାଢ଼ିଠାରୁ ୫ରୁ ୧୦ହଜାର ଟଙ୍କା ଅଧିକ ରହିଥାଏ। ତେବେ ଏହି ଶାଢ଼ିର ବଜାର ସହ ନିର୍ଦ୍ଦିଷ୍ଟ ଗ୍ରାହକ ମଧ୍ୟ ଅଛନ୍ତି। କାରଣ ପ୍ରାକୃତିକ ରଙ୍ଗରେ ତିଆରି ଶାଢ଼ି ପିନ୍ଧିଲେ କୌଣସି ଆଲର୍ଜି ହୋଇ ନ ଥାଏ। ଜୈବିକ ରଙ୍ଗରେ ପ୍ରସ୍ତୁତ ଶାଢ଼ି ଅନେକ ବର୍ଷ ପର୍ଯ୍ୟନ୍ତ ନଷ୍ଟ ହୁଏ ନାହିଁ। ବଜାରକୁ ଆଖି ଆଗରେ ରଖି ବୁଣାକାରମାନେ ଏଭଳି ଶାଢ଼ି ପ୍ରସ୍ତୁତି ଉପରେ ଏବେ ଗୁରୁତ୍ୱ ଦେଉଛନ୍ତି।


ପ୍ରଫୁଲ୍ଲ ମେହେର ସୂତାକୁ ପ୍ରାକୃତିକ ରଙ୍ଗରେ ରଙ୍ଗାଉଛନ୍ତି।

ଏଠାକାର ବାନ୍ଧକଳାରେ ପୁଷ୍ଟ ବୟନଶିଳ୍ପ ବିଶ୍ୱ ବସ୍ତ୍ର ବଜାରରେ ଶୀର୍ଷ ସ୍ଥାନରେ ରହିଛି। ଉକ୍ତ ଅଞ୍ଚଳର ବାନ୍ଧଶିଳ୍ପୀ ଓ ବୁଣାକାରଙ୍କ ତନ୍ତରୁ ପ୍ରସ୍ତୁତ ବସ୍ତ୍ର ସବୁ ଗ୍ରାହକଙ୍କ ପ୍ରଥମ ପସନ୍ଦ। ସ୍ୱାଧୀନତା ପୂର୍ବରୁ ସୁବର୍ଣ୍ଣପୁର ଜିଲାର ବୁଣାକାରମାନେ ପ୍ରାକୃତିକ ରଙ୍ଗ ବ୍ୟବହାର କରୁଥିଲେ। ପ୍ରାୟ ଷାଠିଏ ଦଶକରେ କୃତ୍ରିମ ରଙ୍ଗ ବଜାରକୁ ଆସିଲା। ଏହା ଶସ୍ତା ଓ ଏଥିରେ ସୂତା ରଙ୍ଗେଇବା ମଧ୍ୟ ସହଜ। ତେଣୁ ବୁଣାକାରମାନେ କୃତ୍ରିମ ରଙ୍ଗକୁ ଆପଣେଇ ନେଇଥିଲେ। ଅପରପକ୍ଷେ ପ୍ରାକୃତିକ ରଙ୍ଗ ପ୍ରସ୍ତୁତି ପାଇଁ ଫୁଲ, ଫଳ, ଗଛର ଛାଲି ଓ ମଞ୍ଜିକୁ ସଂଗ୍ରହ କରିବାକୁ ପଡ଼ିଥାଏ। ସୂତା ରଙ୍ଗରେ ସମାନତା ଆଣିବା ମଧ୍ୟ କଷ୍ଟକର କାର୍ଯ୍ୟ। ତେଣୁ ଧୀରେ ଧୀରେ ପ୍ରାକୃତିକ ରଙ୍ଗ ଲୋପ ପାଇବାକୁ ବସିଲା। ତେବେ ଏହି ପାରମ୍ପରିକ ପଦ୍ଧତିକୁ ପୁଣି ଉଜ୍ଜୀବିତ କରିବା ପାଇଁ ସୁବର୍ଣ୍ଣପୁର ସହର ଗୋକର୍ଣ୍ଣେଶ୍ୱରପଡ଼ାର ବାନ୍ଧଗୁରୁ ତଥା ଜାତୀୟସ୍ତରର ବାନ୍ଧଶିଳ୍ପୀ ପ୍ରଫୁଲ୍ଲ ମେହେର(୬୩) ଉଦ୍ୟମ କରି ଆସୁଛନ୍ତି। ୧୯୯୧ ମସିହାରୁ ପ୍ରାକୃତିକ ରଙ୍ଗରେ ଶାଢ଼ି ତିଆରି କାମକୁ ସେ ଗୁରୁତ୍ୱ ଦେଉଛନ୍ତି। ଜିଲାର ବୀରମହାରାଜପୁର ଅଞ୍ଚଳର ବୁଣାକାର ପରିବାରରେ ଜନ୍ମିତ ପ୍ରଫୁଲ୍ଲ ପିଲାଦିନରୁ କୌଳିକ ବୃତ୍ତି ବାନ୍ଧକଳା ପ୍ରତି ଆଗ୍ରହ ଦେଖାଇଥିଲେ। ରାଜ୍ୟ ବୟନ ଓ ହସ୍ତତନ୍ତ ବିଭାଗରେ ଚାକିରି ସମୟରେ ନିଜର ପ୍ରତିଭା ପ୍ରଦର୍ଶନ କରି ସେ ୧୯୯୨ରେ ନ୍ୟାଶନାଲ ମେରିଟ୍ ପୁରସ୍କାର ପାଇଥିଲେ। ଚାକିରି ସମୟରେ ଅନେକ ବୁଣାକାର ତାଙ୍କଠାରୁ ପରାମର୍ଶ ନେଇ ନିଜ କଳା କୌଶଳରେ ଉନ୍ନତି କରିଛନ୍ତି। ସମ୍ବଲପୁରୀ ବାନ୍ଧକଳାରେ କିଛି ନୂତନତ୍ୱ ଆଣିବାକୁ ତାଙ୍କର ରୁଚି ରହିଛି। ଚାକିରିରୁ ଅବସର ଗ୍ରହଣ ପରେ ପ୍ରାକୃତିକ ରଙ୍ଗ ସୂତାରେ ଶାଢ଼ି ବୁଣା ଉପରେ ବିଶେଷ ଗୁରୁତ୍ୱ ଦେଇ ଆସୁଛନ୍ତି। ବର୍ତ୍ତମାନ ସୁଦ୍ଧା ୬୫ ପ୍ରକାର ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥିବା ପ୍ରଫୁଲ୍ଲ କୁହନ୍ତି। ଏସବୁ ପ୍ରସ୍ତୁତ କରିବା ପାଇଁ ସେ ସୁବର୍ଣ୍ଣପୁର ସହର ପଟାଭାଡ଼ି ଏବଂ ବୌଦ୍ଧ ଜିଲାର ବାସୁଦେବପାଲି ନିକଟରେ କାରଖାନା ପ୍ରତିଷ୍ଠା କରି ଶତାଧିକ ପରିବାରକୁ ରୋଜଗାର ଯୋଗାଇ ଦେଇଛନ୍ତି। ବର୍ତ୍ତମାନ ସେଠାରେ ଶାଢ଼ି ଉତ୍ପାଦନ ସହ ବୁଣାକାରଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଅନେକ ଅଣବୁଣାକାରଙ୍କୁ ତନ୍ତ ଦ୍ୱାରା ସେ ବୁଣାକାମ ଶିଖାଇଛନ୍ତି। ପ୍ରଫୁଲ୍ଲ ଜଣେ ବାନ୍ଧଶିଳ୍ପୀ, ପାଟଶାଢ଼ି ଓ ୱାଲ୍ ହ୍ୟାଙ୍ଗିଙ୍ଗ୍ ଡିଜାଇନ୍ ପରାମର୍ଶଦାତା ଭାବେ ଖ୍ୟାତି ଅର୍ଜନ କରିଛନ୍ତି। ତାଙ୍କ ଡିଜାଇନର ମା', ଆମର ମଙ୍ଗାଶାଳ ଓ ଗଞ୍ଜାପା ଶାଢ଼ିକୁ ଜାତୀୟ ପୁରସ୍କାର ମିଳିଛି। ଅଷ୍ଟନାୟିକା ଶାଢ଼ିକୁ ମେରିଟ୍ ଆୱାର୍ଡ ଓ ଅନେକ ଶାଢ଼ିକୁ ରାଜ୍ୟ ପୁରସ୍କାର ମିଳିଛି। ବହୁ ଚର୍ଚ୍ଚିତ ଗଣିତ ଶାଢ଼ିର ପରିକଳ୍ପନା ମଧ୍ୟ ପ୍ରଫୁଲ୍ଲ କରିଥିଲେ। ତାଙ୍କ ଡିଜାଇନ୍ ପରିକଳ୍ପନା ଓ ତତ୍ତ୍ୱାବଧାନରେ ବାନ୍ଧ, ରଙ୍ଗ ଏବଂ ବୁଣାକାମ କରି ସୁବର୍ଣ୍ଣପୁର ଜିଲାର ୧୯ ବୁଣାକାର ଜାତୀୟ ଓ ରାଜ୍ୟସ୍ତରୀୟ ପୁରସ୍କାର ପାଇଛନ୍ତି। ପ୍ରାକୃତିକ ରଙ୍ଗରେ ପ୍ରସ୍ତୁତ ପାଟଶାଢ଼ିର ମୂଲ୍ୟ ୨୦ରୁ ୮୦ ହଜାର ଟଙ୍କା ମଧ୍ୟରେ ରହୁଛି। ପ୍ରାକୃତିକ ରଙ୍ଗରେ ଅଧିକ ଖର୍ଚ୍ଚ ସହିତ ରଙ୍ଗ ତିଆରି କରିବା ଓ ତନ୍ତରେ ବୁଣିବା ପାଇଁ ଅଧିକ ସମୟ ଲାଗେ। ତେଣୁ ଏହାର ମୂଲ୍ୟ ମଧ୍ୟ ଅଧିକ ରହିଥାଏ।

ହରିଡ଼ା, ଡାଳିମ୍ବ, ମଞ୍ଜିଷ୍ଟା, ହଳଦୀ, ଗୁଡ଼, ଲୌହ, ପଳାସ ଫୁଲ, ଚା' ପତି, ଗେଣ୍ଡୁଫୁଲ, ଅପରାଜିତା, ଜାମୁଗଛର ଛାଲି, ଖଇର, ପଣସ କାଠ, ହେନା, ତୁଳସୀ, ଝିପଡ଼ ମଞ୍ଜି ଓ ଲାଖ ପ୍ରଭୃତି ପ୍ରାକୃତିକ ପଦାର୍ଥରୁ ପ୍ରସ୍ତୁତ ରଙ୍ଗରେ ତିଆରି ଶାଢ଼ି ପରିବେଶ ଅନୁକୂଳ ସ୍ୱାସ୍ଥ୍ୟପ୍ରଦ, ହାଲୁକା, କୋମଳ ହୋଇଥିବା ବେଳେ ୪୫ ଡିଗ୍ରୀ ଖରାରେ ପିନ୍ଧିଲେ ମଧ୍ୟ ଅସୁବିଧା ଅନୁଭବ ହୁଏ ନାହିଁ। ଏହି ଜୈବିକ ରଙ୍ଗରେ ପ୍ରସ୍ତୁତ ଶାଢ଼ିକୁ ଯେତେଥର ସଫା କଲେ ମଧ୍ୟ ରଙ୍ଗ ଛାଡ଼େ ନାହିଁ କିମ୍ବା ଔଜ୍ଜଲ୍ୟ ହ୍ରାସ ପାଏ ନାହିଁ। ଆଜିକାଲି ଜୈବିକ ପଦାର୍ଥ ପ୍ରତି ଲୋକଙ୍କ ଆଗ୍ରହ ବଢ଼ୁଥିବା ବେଳେ ଜୈବିକ ରଙ୍ଗରେ ପ୍ରସ୍ତୁତ ଶାଢ଼ିର ଚାହିଦା ମଧ୍ୟ ଅଧିକ ରହିଛି।

ରିପୋର୍ଟ: **ମୃତ୍ୟୁଞ୍ଜୟ ଶତପଥୀ,** ସୋନପୁର

# ରେଜିଷ୍ଟର୍ଡ ପୋଷ୍ଟ ବନ୍ଦ ନିଷ୍ପତ୍ତିର ପୁନର୍ବିଚାର କରାଯାଉ

ଦୀର୍ଘ ପଚାଶ ବର୍ଷରୁ ଊର୍ଦ୍ଧ୍ୱ ଧରି ସାଧାରଣ ଲୋକଙ୍କ ବିଶ୍ୱାସ ଜନ୍ମାଇଥିବା ଭାରତୀୟ ଡାକସେବାର ରେଜିଷ୍ଟର୍ଡ ପୋଷ୍ଟ ଆସନ୍ତା ୧ ତାରିଖରୁ ବନ୍ଦ ହେବାକୁ ଯାଉଛି। କାର୍ଯ୍ୟର ପରିଚାଳନାକୁ ସୁବ୍ୟବସ୍ଥିତ ଏବଂ ଆଧୁନିକୀକରଣ ପଦକ୍ଷେପ ସ୍ୱରୂପ ରେଜିଷ୍ଟର୍ଡ ପୋଷ୍ଟ ପରିବର୍ତ୍ତେ ସ୍ପିଡ୍ ପୋଷ୍ଟକୁ ନେଟ୍‌ୱର୍କ ସହ ସାମିଲ କରିବାକୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ଇଣ୍ଡିଆ ପୋଷ୍ଟ ପକ୍ଷରୁ କୁହାଯାଇଛି। ହେଲେ ପୂର୍ବରୁ କମ୍ ମୂଲ୍ୟରେ ଗୋଟେ ସାଧାରଣ ଲୋକ ରେଜିଷ୍ଟର୍ଡ ପୋଷ୍ଟ ଦ୍ୱାରା କୌଣସି ଜିନିଷ ପଠାଇ ପାରୁଥିବାବେଳେ ଏବେ ସ୍ପିଡ୍ ପୋଷ୍ଟ ଦ୍ୱାରା ତାକୁ ୨୦ରୁ ୨୫% ପର୍ଯ୍ୟନ୍ତ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ତେଣୁ ଇଣ୍ଡିଆ ପୋଷ୍ଟର ଏଭଳି ନିଷ୍ପତ୍ତିକୁ ସାଧାରଣରେ ନାପସନ୍ଦ କରାଯିବା ସହ ନିଷ୍ପତ୍ତିର ପୁନର୍ବିଚାର କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି।




### 'ସ୍ପିଡ୍‌ପୋଷ୍ଟ ସମସ୍ତଙ୍କର ବିଶ୍ୱାସଭାଜନ ହେବା ଆବଶ୍ୟକ'



ରେଜିଷ୍ଟର୍ଡ ପୋଷ୍ଟ ସହିତ ଉପଭୋକ୍ତାମାନଙ୍କ ସମ୍ପର୍କ ଦୀର୍ଘବର୍ଷର ଓ ଖୁବ୍ ଅନ୍ତରଙ୍ଗ ମଧ୍ୟ। ସ୍ପିଡ୍‌ପୋଷ୍ଟ ତୁଳନାରେ ଏହାର ଖର୍ଚ୍ଚ କମ୍‌ହେବା ସହିତ ଏଡି ସଂଯୁକ୍ତ କରାଇ ପ୍ରେରକ ପ୍ରାପ୍ତି ସ୍ୱୀକାର ପାଇ ମାନସିକ ସ୍ତରରେ ନିଶ୍ଚିତ ହୋଇପାରୁଥିଲା। ତେଣୁ ରେଜିଷ୍ଟର୍ଡ ପୋଷ୍ଟ ବନ୍ଦ କରିଦିଆଯିବା ଉଚିତ ହୋଇନାହିଁ। ସ୍ପିଡ୍‌ପୋଷ୍ଟ କ୍ଷେତ୍ରରେ ଏଥିପାଇଁ ଅନ୍‌ଲାଇନ୍ ଟ୍ରାକ୍ କରିବାକୁ ପଡ଼ିବ, ଯାହା ଜଣେ ସାଧାରଣ ବ୍ୟକ୍ତି ପକ୍ଷରେ ସମ୍ଭବପର ନୁହେଁ। ସ୍ପିଡ୍‌ପୋଷ୍ଟ ସମୟର ଆବଶ୍ୟକତା ହୋଇଥିବା ବେଳେ ଏହା କିଭଳି ସହରଠୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସମସ୍ତଙ୍କର ବିଶ୍ୱାସଭାଜନ ହୋଇପାରିବ, ସେଥିପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ।

**- ଶ୍ୟାମପ୍ରକାଶ ସେନାପତି, ସାହିତ୍ୟିକ ତଥା ସାମାଜିକ କର୍ମୀ, ପୁରୀ**

### ରେଜିଷ୍ଟର୍ଡ ପୋଷ୍ଟ ସେବା ଏକ ଭରସାଯୋଗ୍ୟ ମାଧ୍ୟମ



ଭାରତୀୟ ଡାକର ରେଜିଷ୍ଟର୍ଡ ପୋଷ୍ଟ ସେବା ଏକ ଭରସାଯୋଗ୍ୟ, ସୁଲଭ ଏବଂ ଆଇନଗତ ଭାବେ ସ୍ୱୀକୃତ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ପଠାଇବାର ମାଧ୍ୟମ। ଓଡ଼ିଶାରେ ଅନେକେ ଆଇନଗତ ନୋଟିସ ଓ ସରକାରୀ ପତ୍ରବ୍ୟବହାର ପାଇଁ ଡାକ ସେବା ଉପରେ ନିର୍ଭର କରନ୍ତି। ହେଲେ ଅଧିକ ମୂଲ୍ୟଯୁକ୍ତ ସ୍ପିଡ୍ ପୋଷ୍ଟ (୨୦-୨୫% ଅଧିକ ଖର୍ଚ୍ଚ) ଛୋଟ ବ୍ୟବସାୟୀ, ଚାଷୀ ଏବଂ ଗ୍ରାମାଞ୍ଚଳର ବାସିନ୍ଦାଙ୍କ ପାଇଁ ଆର୍ଥିକ ଚାପ ସୃଷ୍ଟି କରିପାରେ। ଏହି ମିଶ୍ରଣ ଉନ୍ନତ ଟ୍ରାକିଂ ଏବଂ ଶୀଘ୍ର ବିତରଣର ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ସାଧାରଣ ବ୍ୟବହାରକାରୀଙ୍କ ପାଇଁ, ବିଶେଷତଃ ଦୂରବର୍ତ୍ତୀ ଅଞ୍ଚଳରେ ବିଶ୍ୱାସ ଓ ସୁଲଭତା ହ୍ରାସ ହେବାର ଆଶଙ୍କା ରହିଛି।

**- ନୀହାରିକା ପଣ୍ଡା, ଗୃହିଣୀ, ଭୁବନେଶ୍ୱର**

### ନିଷ୍ପତ୍ତିର ପୁନର୍ବିଚାର ହେଉ



ରେଜିଷ୍ଟର୍ଡ ପୋଷ୍ଟରେ ଭଲ ସେବା ମିଳୁଥିଲା। ଭଉଣୀମାନେ ସ୍ୱଳ୍ପ ଅର୍ଥ ଖର୍ଚ୍ଚ କରି ଦୂରରେ ଥିବା ଭାଇମାନଙ୍କ ପାଖକୁ ରେଜିଷ୍ଟର୍ଡ ପୋଷ୍ଟରେ ରାଖୀ ପଠାଉଥିଲେ। ଠିକଣା ସ୍ଥାନରେ କମ୍ ଦିନ ଭିତରେ ଡେଲିଭରି ହେଉଥିଲା। ଏହା ବନ୍ଦ ହେଲେ ସବୁବର୍ଗର ଲୋକଙ୍କୁ ବାଧିବ। ଗ୍ରାମାଞ୍ଚଳର ଲୋକ, କ୍ଷୁଦ୍ର ବ୍ୟବସାୟୀ ଓ କୃଷକମାନେ ପ୍ରଭାବିତ ହେବେ। ସରକାରଙ୍କ ବିରୋଧରେ ଅସନ୍ତୋଷ ବଢ଼ିବ। ଇଣ୍ଡିଆ ପୋଷ୍ଟ ଏହି ନିଷ୍ପତ୍ତିର ପନର୍ବିଚାର କରୁ।

- ଶ୍ରଦ୍ଧାଞ୍ଜଳି ମିଶ୍ର, ସୋନପୁର

### ନିର୍ଭରଶୀଳ ଲୋକେ ଅର୍ଥଦଣ୍ଡ ଭୋଗିବେ



ବ୍ରିଟିଶ ଅମଳରୁ ଡାକଘର ବ୍ୟବସ୍ଥାରେ ଚଳି ଆସୁଥିବା ରେଜିଷ୍ଟର୍ଡ ପୋଷ୍ଟ ସେବା ବନ୍ଦ ହେଲେ ନିର୍ଭରଶୀଳ ଲୋକେ ଅର୍ଥଦଣ୍ଡ ଭୋଗିବେ। ରେଜିଷ୍ଟର୍ଡ ପୋଷ୍ଟ ପାଇଁ ୨୫.୯୬ ଟଙ୍କା ଦେବାକୁ ପଡୁଥିବା ବେଳେ ସ୍ପିଡ୍ ପୋଷ୍ଟରେ ଅଧିକ ୧୫ଟଙ୍କା ଦେବାକୁ ପଡ଼ିବ। ଚାକିରି ପାଇଁ ଆବେଦନ କରୁଥିବା ଛାତ୍ରୀଛାତ୍ର ଓ ବେକାର ଯୁବତୀ ଯୁବକମାନେ କମ୍ ମୂଲ୍ୟରେ ଏହି ସେବା ପାଉଥିଲେ। ଆଦିବାସୀ ଅଧ୍ୟୁଷିତ ଜିଲାରେ ଏହି ସେବା ବନ୍ଦ ହୋଇଗଲେ ଗରିବ ଶ୍ରେଣୀର ଲୋକେ ଖର୍ଚ୍ଚାନ୍ତରେ ପଡ଼ିବେ। ଏପରିକି ମୋବାଇଲ ସେବା ଅପହଞ୍ଚ ଅଞ୍ଚଳରେ ପହଞ୍ଚୁଥିବା ଏହି ଡାକ ସେବା ପ୍ରତି ଲୋକଙ୍କ ଅସନ୍ତୋଷ ବୃଦ୍ଧି ପାଇବ।

**- ସର୍ବେଶ୍ୱର ଭୂୟାଁ, ନେସ୍‌କୋ ୟୁଟିଲିଟିର ଅବସରପ୍ରାପ୍ତ ଚିଫ୍ ଅପରେଟିଂ ଅଫିସର, ବାରିପଦା, ମୟୂରଭଞ୍ଜ**

### ଛାତ୍ରୀଛାତ୍ର ପ୍ରଭାବିତ ହେବେ



ଏଭଳି ନିଷ୍ପତ୍ତି ସାଧାରଣ ଲୋକଙ୍କ ଉପରେ ଖୁବ୍ ପ୍ରଭାବ ପକାଇବ। ବିଶେଷକରି ଛାତ୍ରୀଛାତ୍ରମାନେ ପ୍ରଭାବିତ ହେବେ। କାରଣ ସେମାନେ ପାଠ୍ୟୋପକରଣ ଏହି ମାଧ୍ୟମରେ ପଠାଇ ପାରୁଥିଲେ। ମୁଁ ମଧ୍ୟ ମୋର ଆସାଇନ୍‌ମେଣ୍ଟ ରେଜିଷ୍ଟର୍ଡ ପୋଷ୍ଟ ମାଧ୍ୟମରେ ପଠାଇଥାଏ। ସ୍ପିଡ୍ ପୋଷ୍ଟ ଏହାର ବିକଳ୍ପ ଭାବେ ବ୍ୟବହାର କଲେ ଏଥିପାଇଁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ।

**- ପ୍ରିୟଙ୍କା ଜେନା, ଶିକ୍ଷୟିତ୍ରୀ, ଭୁବନେଶ୍ୱର**

### ଡାକସେବା ଉପରେ ଭରସା କମିବ



ରେଜିଷ୍ଟର୍ଡ ପୋଷ୍ଟ ସେବା ବନ୍ଦ ହେଲେ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ପାର୍ସଲ ପଠାଇବାରେ ଅସୁବିଧା ହେବ। ଏହା ଏକ ନିର୍ଭରଯୋଗ୍ୟ ଓ ଆଇନଗତ ମାଧ୍ୟମ ଥିଲା। ଏହା ବନ୍ଦ ହେଲେ ଅନେକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ ଏବଂ ଆଇନଗତ ସମସ୍ୟା ବଢ଼ିବ। ଡାକସେବା ଉପରେ ଭରସା କମିବ। ଡିଜିଟାଲ ଯୋଗାଯୋଗ ବଢ଼ିବା ମାତ୍ର ଡିଜିଟାଲ ଯୋଗାଯୋଗ ସବୁବେଳେ ଉପଯୋଗୀ ନୁହେଁ।

**- ଚନ୍ଦ୍ରମଣି ନାୟକ, ଛାତ୍ର, ଭୁବନେଶ୍ୱର**

### ଜନସାଧାରଣ ପ୍ରଭାବିତ ହେବେ



ରେଜିଷ୍ଟର୍ଡ ଡାକ ସେବା ସାଧାରଣ ଲୋକଙ୍କ ହିତରେ ଆସୁଥିଲା। ହେଲେ ଏହା ବନ୍ଦ କରିବା ନିଷ୍ପତ୍ତି ପ୍ରତ୍ୟେକ ଜନସାଧାରଣଙ୍କ ଉପରେ ପ୍ରଭାବ ପକାଇବ। ଏହି ରେଜିଷ୍ଟର୍ଡ ଡାକ ସେବାର ମୂଲ୍ୟ କମ୍ ଥିଲା, ହେଲେ ଏହା ତୁଳନାରେ ସ୍ପିଡ୍‌ପୋଷ୍ଟ ପ୍ରାୟ ୨୦ରୁ ୨୫ ପ୍ରତିଶତ ଅଧିକ ମହଙ୍ଗା ରହିବ। ପରିବର୍ତ୍ତନ ସହିତ ବ୍ୟବସ୍ଥିତ ହେବା କଷ୍ଟକର ହେବ, କାରଣ ପଞ୍ଜୀକୃତ ବା ରେଜିଷ୍ଟର୍ଡ ପୋଷ୍ଟ ସୁରକ୍ଷିତ ଏବଂ ଆଇନଗତ ଭାବରେ ବୈଧ ଡକ୍ୟୁମେଣ୍ଟ ବିତରଣ ପାଇଁ ଏକ ବିଶ୍ୱସ୍ତ ସେବା ଥିଲା।

**- ଦୀପାୟନ ପଟ୍ଟନାୟକ, କାର୍ଯ୍ୟକାରୀ ସଦସ୍ୟ, ଜାତିସଂଘ ଭାରତ**

## ଅପରାଧ

# ଆଦିବାସୀ ମହିଳାଙ୍କୁ ଗଣବଳାତ୍କାର ଅଭିଯୋଗ

- ଭଣଜାଙ୍କ ସହ ବାଇକ୍‌ରେ ଯାଉଥିବା ବେଳେ ଜଙ୍ଗଲକୁ ଟେକିନେଇଥିଲେ
- ୨ ନାବାଳକଙ୍କ ସହ ୩ ଅଭିଯୁକ୍ତ ଗିରଫ, ମାସେ ଭିତରେ ଦାଖଲ ହେବ ଚାର୍ଜଶିଟ୍


ତଦନ୍ତ ପାଇଁ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଉଛି ପୋଲିସ।

**ଛେଣ୍ଡିପଦା,୬।୮(ଅଜିତ ଧଳ)**

ସମ୍ପର୍କୀୟଙ୍କୁ ଦେଖାକରି ଭଣଜାଙ୍କ ସହ ବାଇକ୍‌ରେ ଘରକୁ ଫେରୁଥିବା ଜଣେ ଆଦିବାସୀ ମହିଳାଙ୍କୁ ଗଣବଳାତ୍କାର କରାଯାଇଛି। ଟ୍ରାକ୍ଟର ନେଇ ଯାଉଥିବା ୩ ଜଣ ଶ୍ରମିକ ଭଣଜାଙ୍କୁ ମାଡ଼ ମାରିବା ସହ ମହିଳାଙ୍କୁ ଜଙ୍ଗଲକୁ ଟେକିନେଇ ଗଣବଳାତ୍କାର କରିଛନ୍ତି। ଅନୁଗୋଳ ଜିଲା ବାଗଡ଼ିଆ ଥାନା ବାରମଞ୍ଝା ରାସ୍ତା ପାର୍ଶ୍ୱ ଜଙ୍ଗଲରେ ଗତ ୩ ତାରିଖରେ ଘଟିଥିବା ଏହି ଘଟଣା ଜିଲାରେ ଆଲୋଡ଼ନ ସୃଷ୍ଟି କରିଛି। ଏ ସମ୍ପର୍କରେ ମହିଳା ଜଣକ ୫ ତାରିଖରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାରେ ସମ୍ପୃକ୍ତ ବାରମଞ୍ଝା ଗାଁର ରଞ୍ଜନ ମୁଖୀ ଓ ୨ ନାବାଳକଙ୍କୁ ଗିରଫ କରିଛି। ଏସ୍‌ପି ରାହୁଲ ଜୈନଙ୍କ ତତ୍ତ୍ୱାବଧାନରେ ତଦନ୍ତ କରାଯିବା ସହିତ ମାସେ ମଧ୍ୟରେ ଚାର୍ଜଶିଟ୍ କୋର୍ଟରେ ଦଖଲ କରାଯିବ ବୋଲି ପୋଲିସ ପ୍ରକାଶ କରିଛି।

ପୋଲିସ ଦେଇଥିବା ସୂଚନା ଅନୁଯାୟୀ, ପାଲଲହଡ଼ା ଥାନା ଅଞ୍ଚଳର ସମ୍ପୃକ୍ତ ଆଦିବାସୀ ମହିଳା ତାଙ୍କ ସମ୍ପର୍କୀୟଙ୍କୁ ଦେଖା କରିବାକୁ ଗତ ୩ ତାରିଖରେ ଛେଣ୍ଡିପଦା ବ୍ଲକ ଅଞ୍ଚଳକୁ ଆସିଥିଲେ। ସେହିଦିନ ଅପରାହ୍ନ ୩ଟାରେ ସେ ଭଣଜାଙ୍କ ସହିତ ମୋଟରସାଇକେଲରେ ଘରକୁ ଫେରୁଥିଲେ। ବାରମଞ୍ଝା ନିକଟରେ ସେ ଶୌଚ ହେବା ପାଇଁ ଅଟକିଥିଲେ। ଏହି ସମୟରେ ଏକ ଟ୍ରାକ୍ଟର ଧରି ଯାଉଥିବା ୩ ଅଭିଯୁକ୍ତ ଭଣଜାଙ୍କୁ ମାଡ଼ ମାରିବା ସହ ମହିଳାଙ୍କୁ ଜଙ୍ଗଲ ଭିତରକୁ ଟେକି ନେଇ ଗଣବଳାତ୍କାର କରିଥିଲେ। ଅଭିଯୁକ୍ତମାନେ ଘଟଣାସ୍ଥଳରୁ ପଳାଇଯିବା ପୂର୍ବରୁ ମହିଳାଙ୍କ ଭଣଜା ଉକ୍ତ ଟ୍ରାକ୍ଟର ନମ୍ବରର ଫଟୋ ମୋବାଇଲରେ ଉଠାଇ ନେଇଥିଲେ। ଘଟଣା ନେଇ ମହିଳା ଜଣକ ୫ ତାରିଖରେ ବାଗଡ଼ିଆ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୫୩/୨୫ରେ ଏକ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ୍ ଓ ଡଗ୍ ସ୍କ୍ୱାଡ୍ ନେଇ ତଦନ୍ତ କରିଥିଲା। ମହିଳାଙ୍କ ଭଣଜା ଉଠାଇଥିବା ଟ୍ରାକ୍ଟର ନମ୍ବର ଫଟୋକୁ ଆଧାର କରି ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରିଛି। ଏଥିସହ ଅଭିଯୁକ୍ତମାନେ ଆସିଥିବା ଟ୍ରାକ୍ଟର ଓ ୨ଟି ମୋବାଇଲକୁ ମଧ୍ୟ ଜବତ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ଯୋଗେଶ୍ୱରୀ ବେହେରା ସୂଚନା ଦେଇଛନ୍ତି।

## କଂଗ୍ରେସ, ବିଜେଡିର ନିନ୍ଦା

ଅନୁଗୋଳ ଜିଲାରେ ଜଣେ ଆଦିବାସୀ ମହିଳାଙ୍କୁ ଗଣବଳାତ୍କାର କରାଯିବା ଘଟଣାକୁ କଂଗ୍ରେସ ଓ ବିଜେଡି ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଏଥିସହ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରାଯାଇଛି। କଂଗ୍ରେସ ନେତା ନରୋତ୍ତମ ନାଏକ କହିଛନ୍ତି, ରାଜ୍ୟ ସରକାରଙ୍କ ଅପାରଗତା ପାଇଁ ଏଭଳି ନିନ୍ଦନୀୟ ଘଟଣା ବଢ଼ି ଚାଲିଛି। ଏହି ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ଫେଲ୍ ମାରିଛି। ସେହିପରି ବିଜେଡି ନେତା ପ୍ରଦୀପ କୁମାର ଗଡ଼ନାୟକ କହିଛନ୍ତି, ଗତ ଏକ ବର୍ଷ ଭିତରେ ରାଜ୍ୟରେ ଏଭଳି ଘଟଣା ବାରମ୍ବାର ଘଟୁଛି। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

# ନାବାଳିକା ବଳାତ୍କାରୀଙ୍କୁ ୧୦ ବର୍ଷ କାରାଦଣ୍ଡ

**ଫୁଲବାଣୀ,୬।୮(ରାକେଶ କୁମାର ରାଉତ)**

ଏକ ନାବାଳିକା ବଳାତ୍କାର ମାମଲାର ବିଚାରକରି ବୁଧବାର ଫୁଲବାଣୀ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ମନୋରଞ୍ଜନ ଦାସ ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୫୨ ହଜାର ଟଙ୍କା ଜରିମାନା ଏବଂ ଅନାଦାୟ ଅଧିକ ୮ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେ ହେଲେ ଦାରିଙ୍ଗବାଡ଼ି ଥାନା ଅଞ୍ଚଳର ଚନ୍ଦନ କାରଜି ଓରଫ ସ୍ମିତରଞ୍ଜନ।

ମିଳିଥିବା ସୂଚନା ଅନୁସାରେ, ୨୦୨୪ ଜାନୁଆରୀ ୧୩ରେ ଏହି ଥାନା ଅଞ୍ଚଳର ଜଣେ ନାବାଳିକା(୧୭) ସନ୍ଧ୍ୟା ୭ଟାରେ ଦାରିଙ୍ଗବାଡି ଶୀତ ମହୋତ୍ସବ ଦେଖିବାକୁ ଯାଉଥିଲେ। ବାଟରେ ତାଙ୍କୁ ଏକୁଟିଆ ଦେଖି ତାଙ୍କ ଗ୍ରାମର ଜଣେ ଯୁବକ ପାଖରେ ଥିବା ନିଛାଟିଆ ସ୍ଥାନକୁ ଡାକିନେଇ ବଳାତ୍କାର କରିଥିଲେ। ନାବାଳିକା କାନ୍ଦିବାରୁ ତାଙ୍କୁ ନିକଟସ୍ଥ ଏକ ମଶାଣି ପାଖରେ ଛାଡ଼ି ଚାଲିଯାଇଥିଲେ। ନାବାଳିକା ଏକ ଗଛମୂଳେ ବସି କାନ୍ଦୁଥିବା ଜଣେ ଚିହ୍ନା ଲୋକ ଦେଖି ତାଙ୍କୁ ରାତି ୧୧ଟା ବେଳେ ଆଣି ଘରେ ଛାଡ଼ିଥିଲେ। ତାଙ୍କ ବେଶଭୂଷା ଦେଖି ପରିବାର ଲୋକେ କ'ଣ ହେଲା ବୋଲି ପଚାରିବାରୁ ସେ ସବୁକଥା କହିଥିଲେ। ଏହାକୁ ନେଇ ନାବାଳିକାଙ୍କ ପରିବାର ଲୋକେ ପୁଅଘରକୁ ଯାଇ ପଚରାଉଚରା କରିଥିଲେ। ଆମ ପୁଅ ଯାହା କରିଛି, ଠିକ୍ କରିଛି ବୋଲି ପୁଅଘର କହିବାରୁ ନାବାଳିକାଙ୍କ ମା' ୧୭ ତାରିଖରେ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୧୧/୨୪ରେ ମାମଲା ରୁଜୁକରି ଚନ୍ଦନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମୋଟ ୧୫ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ମେଡିକାଲ ରିପୋର୍ଟକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସେହିପରି ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

## ମହିଳା ଶ୍ରମିକଙ୍କୁ ବଳାତ୍କାର, ରାଜମିସ୍ତ୍ରି ଗିରଫ

**ଯୋଡ଼ା,୬।୮(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ଥାନା ଅଞ୍ଚଳରେ ଜଣେ ମହିଳା ଶ୍ରମିକଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ଜଣେ ରାଜମିସ୍ତ୍ରିଙ୍କୁ ଗିରଫ କରିଛି। ଅଭିଯୁକ୍ତ ପଶ୍ଚିମବଙ୍ଗ ରାଜ୍ୟ ମୁର୍ସିଦାବାଦ ଜିଲାର ସାତାର ମୋମିନ। ଏ ନେଇ ଯୋଡ଼ା ଥାନାରେ ଏକ ବଳାତ୍କାର ମାମଲା (ନମ୍ବର ୨୦୭/୨୫) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ବୁଧବାର ସନ୍ଧ୍ୟାରେ କୋର୍ଟଚାଲାଣ କରାଯାଇଥିବା ପୋଲିସ କହିଛି।

## ଲାଞ୍ଚ ନେବା ବେଳେ ଧରାପଡ଼ିଲେ ରେକର୍ଡ କିପର

### ଜମିଜମା କାର୍ଯ୍ୟ କରାଇଦେବାକୁ ଲାଞ୍ଚ ନେଉଥିଲେ

**କେନ୍ଦୁଝର,୬।୮(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ବନ୍ଦୋବସ୍ତ ଅଧିକାରୀଙ୍କ କାର୍ଯ୍ୟାଳୟର ସହାୟକ ରେକର୍ଡ କିପର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଡକ୍ୟୁମେଣ୍ଟ ପ୍ରଦାନ ପାଇଁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ମାଡ଼ି ବସିଥିଲା। ଅଭିଯୁକ୍ତ ସହାୟକ ରେକର୍ଡ କିପର ହେଲେ ହାଡ଼ିବନ୍ଧୁ ବେହେରା। ତାଙ୍କୁ ଭିଜିଲାନ୍ସ ଟିମ୍ ଗିରଫ କରିଥିବା ବେଳେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଘଟଗାଁ ବ୍ଲକ୍ ଚିନାମାଳିପଶି ଗ୍ରାମର ସୁଶୀଲ ମହାନ୍ତ ବିବାଦୀୟ ପୈତୃକ ଜମି ସମ୍ପର୍କରେ ଖତିଆନ ଏବଂ ଅମିନ ରିପୋର୍ଟ ସମ୍ପର୍କିତ ଡକ୍ୟୁମେଣ୍ଟର କପି ପାଇଁ ୪ ଜୁଲାଇ, ୨୦୨୫ରେ ଆବେଦନ କରିଥିଲେ। ଅଭିଯୋଗକାରୀଙ୍କଠାରୁ କାଗଜପତ୍ର ଯୋଗାଇବା ପାଇଁ ହାଡ଼ିବନ୍ଧୁ ୩,୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ। ଲାଞ୍ଚ ନ ଦେଲେ ତାହା ଦେବାକୁ ମନା କରିଦେଇଥିଲେ। ଅନ୍ୟ କୌଣସି ବିକଳ୍ପ ନ ପାଇ, ଅଭିଯୋଗକାରୀ ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ବୁଧବାର ପୂର୍ବ ପ୍ରସ୍ତୁତି ମୁତାବକ ଭିଜିଲାନ୍ସ ଅଧିକାରୀମାନେ ଅଭିଯୁକ୍ତଙ୍କୁ କେନ୍ଦୁଝରସ୍ଥିତ ତାଙ୍କ କାର୍ଯ୍ୟାଳୟରେ ଅଭିଯୋଗକାରୀଙ୍କଠାରୁ ୩,୦୦୦ ଟଙ୍କା ଲାଞ୍ଚ ନେଉଥିବା ସମୟରେ ଧରିଥିଲେ। ଅଭିଯୁକ୍ତଙ୍କ ନିକଟରୁ ସମ୍ପୂର୍ଣ୍ଣ ଲାଞ୍ଚ ରାଶି ଜବତ କରାଯାଇଛି। ଘଟଣାରେ ବାଲେଶ୍ୱର ଭିଜିଲାନ୍ସ ଦୁର୍ନୀତି ନିବାରଣ (ସଂଶୋଧନ) ୨୦୧୮ ର ଧାରା ୭ରେ ଏକ ମାମଲା(ନଂ. ୮/୨୦୨୫) ରୁଜୁକରି ଅଧିକ ତଦନ୍ତ ଚାଲିଛି। ଟ୍ରାପ୍ ପରେ ଆୟ ବହିର୍ଭୂତ ସମ୍ପତ୍ତି ଦୃଷ୍ଟିକୋଣରୁ ଅଭିଯୁକ୍ତଙ୍କ ସହ ଜଡ଼ିତ ୨ ସ୍ଥାନରେ ଏକକାଳୀନ ଚଢ଼ାଉ ଜାରି ରହିଛି ବୋଲି କେନ୍ଦୁଝର ଭିଜିଲାନ୍ସ ୟୁନିଟ୍‌ର ଡିଏସ୍‌ପି ସୁଧାଂଶୁ ପୂଜାରୀ କହିଛନ୍ତି।


ହାଡ଼ିବନ୍ଧୁ ବେହେରା

## ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ମାମଲା

# କୋର୍ଟରେ ହାଜର ହୋଇପାରିଲେ ନାହିଁ ମୁଖ୍ୟ ସାକ୍ଷୀ

**ଝାରସୁଗୁଡ଼ା, ୬।୮ (ଆଶିଷ ରଞ୍ଜନ ଦାଶ)**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାର ମୁଖ୍ୟ ସାକ୍ଷୀ ବ୍ରଜରାଜନଗର ଥାନାର ତତ୍କାଳୀନ ଆଇଆଇସି ପ୍ରଦ୍ୟୁମ୍ନ କୁମାର ସ୍ୱାଇଁଙ୍କ ସାକ୍ଷ୍ୟ ଗ୍ରହଣ ବୁଧବାର ଝାରସୁଗୁଡ଼ା ଏଡିଜେ କୋର୍ଟରେ ହୋଇପାରିନାହିଁ। ସୂଚନା ଅନୁଯାୟୀ, ଝାରସୁଗୁଡ଼ା ଏଡିଜେ କୋର୍ଟରେ ନବ ଦାସ ହତ୍ୟା ମାମଲାର ଶୁଣାଣି ପାଇଁ ବୁଧବାର ଦିନ ଧାର୍ଯ୍ୟ ହୋଇଥିଲା। ହେଲେ ଏହି ମାମଲାର ମୁଖ୍ୟ ସାକ୍ଷୀ ପ୍ରଦ୍ୟୁମ୍ନ କାର୍ଯ୍ୟବ୍ୟସ୍ତତା ଯୋଗୁ କୋର୍ଟରେ ଅନୁପସ୍ଥିତ ଥିଲେ। ତେଣୁ ଅନ୍ୟ ଏକ ତାରିଖରେ ସାକ୍ଷ୍ୟ ଗ୍ରହଣ କରାଯିବା ପାଇଁ ଅଭିଯୁକ୍ତ ଗୋପାଳ ଦାସଙ୍କ ଓକିଲ ନରେଶ ନାଏକ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି, ଏହି ମାମଲାରେ ୩୩ ଜଣ ସାକ୍ଷୀ ରହିଛନ୍ତି। ନବ ଦାସଙ୍କ ହତ୍ୟା ଗୋପାଳ କରିଛନ୍ତି ନା ଅନ୍ୟ କେହି ଏବେ ପର୍ଯ୍ୟନ୍ତ ତାହା ସ୍ପଷ୍ଟ ହୋଇନାହିଁ। ପ୍ରଦ୍ୟୁମ୍ନଙ୍କ ସାକ୍ଷ୍ୟ ଗ୍ରହଣ ପରେ ଏହି ମାମଲାର ରହସ୍ୟ କିଛି ମାତ୍ରାରେ ଉନ୍ମୋଚନ ହୋଇପାରିବ ବୋଲି ନରେଶ କହିଛନ୍ତି। ସୂଚନାଯୋଗ୍ୟ, ୨୦୨୩ ଜାନୁଆରୀ ୨୯ରେ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଗାନ୍ଧୀଛକଠାରେ ଆୟୋଜିତ କାର୍ଯ୍ୟକ୍ରମରେ ନବ ଦାସ ଯୋଗଦେବାକୁ ଯାଉଥିବାବେଳେ ତାଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହି ଘଟଣାରେ ଗାନ୍ଧୀଛକ ଫାଣ୍ଡି ଅଧିକାରୀ ଗୋପାଳ ଦାସଙ୍କୁ ଗିରଫ କରାଯାଇଥିଲା। ଘଟଣାସ୍ଥଳରେ ଗୋପାଳ ଗୁଳି ଚଳାଇ ପଳାଇ ଯାଉଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁକରି ମାଡ଼ ମାରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ପ୍ରଦ୍ୟୁମ୍ନ ଲୋକଙ୍କ କବଳରୁ ଗୋପାଳଙ୍କୁ ଉଦ୍ଧାର କରି ବ୍ରଜରାଜନଗର ଥାନାକୁ ନେଇଥିଲେ। ପରେ ଏହି ଘଟଣାରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରି ପ୍ରଦ୍ୟୁମ୍ନଙ୍କୁ ମୁଖ୍ୟ ସାକ୍ଷୀ ଭାବେ ବିବେଚିତ କରି ପଚରାଉଚରା କରିଥିଲା।

# ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପ୍ରଥମ ତ୍ରୈମାସରେ ୬,୨୬,୨୫୨ ଟନ୍ ବିକ୍ରି ରେକର୍ଡ

**ଭୁବନେଶ୍ୱର,୬।୮**

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍) ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟକଳାପ ଆଦି ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲାବେଳେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ /୨୦୨୫ ଜୁନ୍ ୩୦ରେ ଶେଷ ହୋଇଥିବା ତ୍ରୈମାସିକ ଆର୍ଥିକ ଫଳାଫଳକୁ ମଧ୍ୟ ଘୋଷଣା କରାଯାଇଛି। ସେହିଭଳି ଏହି ଅବଧି ମଧ୍ୟରେ କମ୍ପାନୀ ବାର୍ଷିକ ୮.୩% ଅଭିବୃଦ୍ଧି ସହ ୬,୨୬,୨୫୨ ଟନ୍ ଷ୍ଟେନ୍‌ଲେସ୍ ଷ୍ଟିଲ ବିକ୍ରି ରେକର୍ଡ କରିଛି। ଏକକ ଭିତ୍ତିରେ ମୋଟ ରାଜସ୍ୱ ବାର୍ଷିକ ୮% ବୃଦ୍ଧି ପାଇ ୧୦,୩୪୧ କୋଟି ଟଙ୍କାରେ ପହଞ୍ଚିଛି। ବାର୍ଷିକ ୪.୩% ବୃଦ୍ଧି ସହ ଏକକ ଇବିଆଇଟିଡିଏ ୧୦୪୮ କୋଟି ଟଙ୍କା ଏବଂ ଟିକସ ପରବର୍ତ୍ତୀ ଲାଭ ବାର୍ଷିକ ୧୧% ବୃଦ୍ଧି ସହ ୬୪୨ କୋଟି ଟଙ୍କା ରେକର୍ଡ କରାଯାଇଛି। ସେହିପରି ଏକୀକୃତ ମୋଟ ରେଭେନ୍ୟୁ ବାର୍ଷିକ ୮.୨%



ଅଭ୍ୟୁଦୟ ଜିନ୍ଦଲ

ଅଭିବୃଦ୍ଧି ହାରରେ ୧୦,୨୦୭କୋଟି ଟଙ୍କା ଥିବାବେଳେ ଇବିଆଇଟିଡିଏ ବାର୍ଷିକ ୮.୧% ଅଭିବୃଦ୍ଧି ସହ ୧୩୧୦ କୋଟି ଟଙ୍କା ଏବଂ ଟିକସ ପରବର୍ତ୍ତୀ ଲାଭ ବାର୍ଷିକ ୧୦.୬% ଅଭିବୃଦ୍ଧି ସହ ୭୧୫ କୋଟି ଟଙ୍କା ରହିଛି। ଏକୀକୃତ ମୋଟ ଋଣ ୩୮୬୯ କୋଟି ଟଙ୍କା ଥିବାବେଳେ ମୋଟ ଋଣ ଓ ଇକ୍ୱିଟି ଅନୁପାତ ୦.୨ ଏକ୍ସ ରହିଛି।

ଘରୋଇ ଏବଂ ରପ୍ତାନି ବଜାରରେ ଚାହିଦାକୁ ସନ୍ତୁଳିତ କରିବାରେ କମ୍ପାନୀର ତତ୍ପରତା, ବିଭିନ୍ନ କ୍ଷେତ୍ରରେ ଉତ୍ପାଦ ଉଦ୍ଭାବନ ଉପରେ ଏହାର ଧ୍ୟାନ, ମୂଲ୍ୟ ସଂଯୋଜିତ ସେଗ୍‌ମେଣ୍ଟ ଏବଂ ଡାଉନ୍‌ଷ୍ଟ୍ରିମ୍ ଅଫର ଉପରେ ଅଧିକ ଗୁରୁତ୍ୱ ଦେବା ଏବଂ ଉନ୍ନତ ପରିଚାଳନା ଦକ୍ଷତା ଏହାକୁ ଏକ ନିରନ୍ତର ପ୍ରଦର୍ଶନ ପ୍ରଦାନ କରିବାରେ ସକ୍ଷମ କରିଛି। ପ୍ରଥମ ତ୍ରୈମାସରେ ଉଲ୍ଲେଖନୀୟ ସଫଳତା ମିଳିଛି। ବିଶେଷକରି ଅଟୋମୋଟିଭ୍, ମେଟ୍ରୋ, ହ୍ୱାଇଟ ଗୁଡ୍ସ ଏବଂ ଇଲେଭେଟର ଓ ଲିଫ୍ଟ ଭଳି ପ୍ରମୁଖ କ୍ଷେତ୍ରରୁ ତ୍ରୈମାସିକ ଭିତ୍ତିରେ ଦୃଢ଼ ଚାହିଦା ଯୋଗୁ ଘରୋଇ ବଜାରରେ ସ୍ଥିର ଅଭିବୃଦ୍ଧି ଦେଖିବାକୁ ମିଳିଥିଲା। ଇଣ୍ଟରସିଟି ଏବଂ ଇଣ୍ଟ୍ରାସିଟି ପରିବହନ ନେଟ୍‌ୱର୍କକୁ ସୁଦୃଢ଼ କରିବା ଉପରେ ସରକାର ଅଧିକ ଗୁରୁତ୍ୱ ଦେଉଥିବାରୁ ମେଟ୍ରୋର ଚାହିଦା ଦୃଢ଼ ରହିଛି। ସହରୀକରଣ ଏବଂ ଭିତ୍ତିଭୂମି ବିକାଶ ଯୋଗୁ ଲିଫ୍ଟ ସେଗ୍‌ମେଣ୍ଟରେ ଦୃଢ଼ ପ୍ରଦର୍ଶନ ଏବଂ ଆଗାମୀ ବର୍ଷ ପାଇଁ କମ୍ପାନୀକୁ ଏହି ସେଗ୍‌ମେଣ୍ଟରେ ଭଲ ସ୍ଥିତିରେ ରଖିଛି। କମ୍ପାନୀର କୋ-ବ୍ରାଣ୍ଡିଂ ସ୍କିମ୍ 'ଜିନ୍ଦଲ ସାଥୀ ସିଲ୍' ଗୁଣବତ୍ତା ଏବଂ ସତ୍ୟତା ପ୍ରତି ମିଳିତ ପ୍ରତିବଦ୍ଧତା ମାଧ୍ୟମରେ ଅଂଶୀଦାରଙ୍କ ଆତ୍ମବିଶ୍ୱାସକୁ ସୁଦୃଢ଼ କରିଛି।

ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ବିଶ୍ୱସ୍ତରରେ କ୍ରମାଗତ ଅସ୍ଥିରତା ସତ୍ତ୍ୱେ ଜିନ୍ଦଲ ଷ୍ଟେନ୍‌ଲେସ୍ ଆମର ଗ୍ରାହକ କୈନ୍ଦ୍ରିକ ଆଭିମୁଖ୍ୟ, ନିରନ୍ତର ଉତ୍ପାଦ ଏବଂ ସ୍ୱତନ୍ତ୍ର ଗ୍ରେଡ୍ ଉଦ୍ଭାବନ ଏବଂ ନିରନ୍ତର ପରିଚାଳନା ଦକ୍ଷତା ଆଧାରରେ ଏହାର ବଜାର ନେତୃତ୍ୱକୁ ସୁଦୃଢ଼ କରିଛି। ଆମେ ରେଳବାଇ, ଅଟୋମୋଟିଭ୍ ଏବଂ ଭିତ୍ତିଭୂମି ପରି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଆମର ଉପସ୍ଥିତିକୁ ଆଗକୁ ବଢ଼ାଉଛୁ ଏବଂ ରଣନୈତିକ ଭାଗୀଦାରି ଏବଂ ଆପ୍ଲିକେସନ୍-ପରିଚାଳିତ ଅଫର ମାଧ୍ୟମରେ ବିଭିନ୍ନ କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି କରୁଛୁ। ଆମର କୋ-ବ୍ରାଣ୍ଡିଂ ପ୍ରୋଗ୍ରାମ ଏବଂ ଲୟାଲିଟି ସ୍କିମ୍ ଭଳି ପଦକ୍ଷେପ ଗ୍ରାହକ ସମ୍ପୃକ୍ତି ଏବଂ ପରିଚାଳନାଗତ ତତ୍ପରତାକୁ ସୁଦୃଢ଼ କରୁଛି। ଷ୍ଟେନ୍‌ଲେସ୍ ଷ୍ଟିଲ୍ ରାଷ୍ଟ୍ର ନିର୍ମାଣ ପାଇଁ ଉପଯୁକ୍ତ ସାମଗ୍ରୀ ଭାବେ ସ୍ୱୀକୃତି ପାଉଥିବାରୁ ଏଦିଗରେ ଏକ ସ୍ୱତନ୍ତ୍ର ଜାତୀୟ ଷ୍ଟେନ୍‌ଲେସ୍ ଷ୍ଟିଲ୍ ନୀତିର ଆବଶ୍ୟକତା ରହିଛି।

# ଶେୟାର ବଜାରରେ ହ୍ରାସ

**ମୁମ୍ବାଇ,୬।୮**

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୬୬ (୧୬୬.୨୬) ପଏଣ୍ଟ ହ୍ରାସ ଘଟି ୮୦,୫୪୪ (୮୦,୫୪୩.୯୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୭୫ (୭୫.୩୫) ପଏଣ୍ଟ କମି ୨୪,୫୭୪ (୨୪,୫୭୪.୨୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।


RIMSAR
RAMADEVI INSTITUTE OF MEDICAL SCIENCE AND RESEARCH
SCHOOL AND COLLEGE OF NURSING
AT-GOTHAPATNA, PLOT No-551, CHANDAKA, BHUBANESWAR
ADMISSION OPEN 2025-26
G.N.M / B.Sc. NURSING
rimsarnursing@gmail.com
9348546292, 8926350443


# ଏୟାରଟେଲ୍ କ୍ଲାଉଡ୍‌ର ଶୁଭାରମ୍ଭ

**ଭୁବନେଶ୍ୱର,୬।୮**

ଏକ୍ସଟେଲିଫାଏ ପକ୍ଷରୁ ଏକ ସାର୍ବଭୌମ ଓ ଟେଲ୍‌କୋମାନର କ୍ଲାଉଡ୍ ପ୍ଲାଟ୍‌ଫର୍ମ 'ଏୟାରଟେଲ୍ କ୍ଲାଉଡ୍'ର ଶୁଭାରମ୍ଭ କରାଯାଇଛି। ବିଶେଷକରି ଭାରତରେ ଏୟାରଟେଲ୍‌ର ନିଜସ୍ୱ ବ୍ୟବହାର ପାଇଁ ଏହାକୁ ଡିଜାଇନ କରାଯାଇଥିଲାବେଳେ ପ୍ରତି ମିନିଟ୍‌ରେ ୧୪୦କୋଟି କାରବାର ସମ୍ଭାଳିବା ପାଇଁ ନିର୍ମିତ ଏହି ସାର୍ବଭୌମ କ୍ଲାଉଡ୍ ପ୍ଲାଟ୍‌ଫର୍ମ ବର୍ତ୍ତମାନ ଭାରତର ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକର ବିକାଶଶୀଳ ଆବଶ୍ୟକତା ପୂରଣ କରିବା ପାଇଁ ଉପଲବ୍ଧ କରାଯାଇଛି। ଏୟାରଟେଲ୍‌ର ଉପାଧ୍ୟକ୍ଷ ଏବଂ ଏମ୍‌ଡି ଗୋପାଳ ବିଟ୍ଟଲ୍ କହିଛନ୍ତି, ଏହା ଆମର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ। ଯେତେବେଳେ ଆମେ ଆମର ବିଶ୍ୱସ୍ତରୀୟ ଓ ଘରୋଇ ପ୍ଲାଟ୍‌ଫର୍ମ ଏୟାରଟେଲ୍ କ୍ଲାଉଡ୍ ଏବଂ ସଫ୍ଟୱେର ସମାଧାନକୁ ଭାରତର ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ବିଶ୍ୱସ୍ତରୀୟ ଟେଲିକମ୍ କମ୍ପାନୀଙ୍କ ନିକଟରେ ପହଞ୍ଚାଇଛୁ। ଆମେ ତିନୋଟି ଶୀର୍ଷସ୍ତରୀୟ କମ୍ପାନୀ ସିଙ୍ଗଟେଲ୍, ଗ୍ଲୋବ୍ ଟେଲିକମ୍ ଏବଂ ଏୟାରଟେଲ୍ ଆଫ୍ରିକା ସଙ୍ଗେ ସହଯୋଗିତା ସ୍ଥାପନକରି ଗର୍ବିତ ଅଛୁ।

# ଜିଓର ମ୍ୟାଚିଙ୍ଗ୍ ନମ୍ବର

**ଭୁବନେଶ୍ୱର,୬।୮**

ରିଲାଏନ୍ସ ଜିଓର ବହୁ ପ୍ରତୀକ୍ଷିତ ପଦକ୍ଷେପ 'ମ୍ୟାଚିଙ୍ଗ୍ ନମ୍ବର'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଏକ ଅନନ୍ୟ ଏବଂ ସମ୍ପୂର୍ଣ୍ଣ ନୂତନ ଚୟନ ସୁବିଧା ଆରମ୍ଭ କରିଛି। ଗ୍ରାହକମାନେ ବର୍ତ୍ତମାନ ମାତ୍ର ୫୦ ଟଙ୍କାର ସ୍ୱତନ୍ତ୍ର ପ୍ରାରମ୍ଭିକ ମୂଲ୍ୟରେ ସେମାନଙ୍କ ପସନ୍ଦର ମୋବାଇଲ ନମ୍ବର କ୍ରମ ଚୟନ କରିପାରିବେ। ଏହି ନୂତନ ମ୍ୟାଚିଙ୍ଗ୍ ମୋବାଇଲ ନମ୍ବର ଚୟନ ସୁବିଧାର ଲାଭ ନେଇ ଗ୍ରାହକମାନେ ବର୍ତ୍ତମାନ ନିଜ ପାଇଁ ତଥା ନିଜ ପରିବାର ସଦସ୍ୟ ଏବଂ ବନ୍ଧୁମାନଙ୍କ ପାଇଁ ଚାରିରୁ ସାତଟି ଶେଷ ମ୍ୟାଚିଙ୍ଗ୍ ମୋବାଇଲ ନମ୍ବରର ମିଶ୍ରଣ ସହ ଗ୍ରାହକମାନେ ଏକ କ୍ରମିକ ନମ୍ବର ବାଛିପାରିବେ।


ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646


# ଅରୁନ୍ଧତୀ ଓଡ଼ିଶାର ଏକମାତ୍ର ନାଚୁରାଲ ଡାଇମଣ୍ଡ ଜୁଏଲେରି ରିଟେଲର




**ଭୁବନେଶ୍ୱର,୬।୮**

ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ତଥା ଅରୁନ୍ଧତୀ ଜୁଏଲର୍ସଙ୍କୁ ନିକଟରେ ଆଉ ଏକ ସମ୍ମାନ ଓ ସ୍ୱୀକୃତି ମିଳିଛି। ଏପରିକି ଅରୁନ୍ଧତୀ ଜୁଏଲର୍ସଙ୍କୁ ସର୍ବଭାରତୀୟ ସ୍ତରରେ ଓଡ଼ିଶାର ଏକମାତ୍ର ନାଚୁରାଲ ଡାଇମଣ୍ଡ ଜୁଏଲେରି ରିଟେଲର ଭାବେ ସମ୍ମାନିତ କରାଯାଇଛି। ବିଶେଷକରି ଓଡ଼ିଶା ଅଳଙ୍କାର ବଜାର କ୍ଷେତ୍ରରେ ଅରୁନ୍ଧତୀ ଜୁଏଲର୍ସ ଉଲ୍ଲେଖନୀୟ ଅବଦାନ ପ୍ରଦାନକରି ଜାତୀୟସ୍ତରରେ ଗୌରବ ବର୍ଦ୍ଧନ କରିଛି। ଉଲ୍ଲେଖଯୋଗ୍ୟ, ଡି ବିୟର୍ସ ଡାଇମଣ୍ଡ ଆଣ୍ଡ ଜେମ୍ସ ଆଣ୍ଡ ଜୁଏଲେରି ଏକ୍ସପର୍ଟ ପ୍ରମୋସନ କାଉନସିଲ ଅଫ୍ ଇଣ୍ଡିଆ ଦ୍ୱାରା ମୁମ୍ବାଇଠାରେ ଆୟୋଜିତ ଏକ ବର୍ଣ୍ଣାଢ଼୍ୟ କାର୍ଯ୍ୟକ୍ରମରେ ଓଡ଼ିଶାର ଅଗ୍ରଣୀ ଜୁଏଲେରି ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ଶୁଦ୍ଧତା ଭରା ଗହଣାମାନ, ସ୍ୱଚ୍ଛତା ଭରା ବ୍ୟବସାୟିକ ପଦ୍ଧତି ଓ ସର୍ବୋତ୍କୃଷ୍ଟ ଗ୍ରାହକ ସେବା ସହ ଦୀର୍ଘ ୨୫ ବର୍ଷ ଧରି ନିରନ୍ତର ସେବା ଯୋଗାଇ ଆସୁଥିବା ଅରୁନ୍ଧତୀ ଜୁଏଲର୍ସ ଏହି କ୍ରମରେ ହୀରା ଗହଣା କ୍ଷେତ୍ରରେ ମଧ୍ୟ ସମ୍ପୂର୍ଣ୍ଣ ଶୁଦ୍ଧତା ଭରା (Natural Diamond) ଯୋଗାଇଦେବା ସହ ଓଡ଼ିଶାବ୍ୟାପୀ ଅରୁନ୍ଧତୀର ସମସ୍ତ ଶାଖାରେ ସର୍ବପ୍ରଥମ ଥର ପାଇଁ ନାଚୁରାଲ ଡାଇମଣ୍ଡ ଟେଷ୍ଟିଂ ମେଶିନ ଉପଲବ୍ଧ କରାଇଛି। ଏହା ମାଧ୍ୟମରେ ଗ୍ରାହକମାନେ ହୀରାର ମାନକୁ ପରୀକ୍ଷଣ କରାଇପାରିବା ସହ ପ୍ରକୃତ ହୀରା ବିଷୟରେ ଜାଣିପାରିବେ। ଏ ସମ୍ପର୍କରେ ଅରୁନ୍ଧତୀ ଜୁଏଲର୍ସର ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର କହିଥିଲେ, ପ୍ରତିଟି ଓଡ଼ିଆ ଉପଭୋକ୍ତା ଅରୁନ୍ଧତୀକୁ ନିଜ ହୃଦୟରେ ସ୍ଥାନ ଦେଇଛନ୍ତି।

# ଡ୍ରିମ୍ସ ପଲିଟେକ୍‌ନିକ୍‌କୁ ଏନ୍‌ବିଏ ମାନ୍ୟତା

**ଭୁବନେଶ୍ୱର,୬।୮ (ଅଭୟ ଦାଶ)**

କ୍ରମାଗତ ୨ୟ ଥର ପାଇଁ ଡ୍ରିମ୍ସ ପଲିଟେକ୍‌ନିକ୍‌କୁ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧୀନ ନ୍ୟାଶନାଲ ବୋର୍ଡ ଅଫ୍ ଆକ୍ରିଡିସନ୍ (ଏନ୍‌ବିଏ) ମାନ୍ୟତା ପ୍ରଦାନ କରାଯାଇଛି। କଟକ ଜିଲା ଟାଙ୍ଗୀସ୍ଥିତ ଡ୍ରିମ୍ସ ପଲିଟେକ୍‌ନିକ୍‌ର ୩ଟି ପ୍ରମୁଖ ପାଠ୍ୟକ୍ରମ ଯଥା; ଇଲେକ୍ଟ୍ରିକାଲ, କମ୍ପ୍ୟୁଟର ସାଇନ୍ସ ଏବଂ ମେକାନିକାଲ ଇଞ୍ଜିନିୟରିଂ ବିଭାଗକୁ ଏହି ମାନ୍ୟତା ଦିଆଯାଇଛି। ବିଶେଷକରି ଗୁଣାତ୍ମକ ଶିକ୍ଷାଦାନ, ଉନ୍ନତ ଭିତ୍ତିଭୂମି, ନିର୍ଦ୍ଧାରିତ ନିୟମାବଳୀ ତଥା ମାର୍ଗଦର୍ଶିକାର ଠିକ୍ ଅନୁପାଳନ, ଆବଶ୍ୟକତା ପୂରଣ କରୁଥିବା କୁଶଳୀ ମାନବ ସମ୍ବଳ ସୃଷ୍ଟି ନିମନ୍ତେ ଛାତ୍ରୀଛାତ୍ରଙ୍କ ଜ୍ଞାନ ଓ ଦକ୍ଷତା ସହ ଅନ୍ୟାନ୍ୟ ଦିଗକୁ ପର୍ଯ୍ୟାଲୋଚନା ଏବଂ ଆକଳନ ଭିତ୍ତିରେ ଏହି ମାନ୍ୟତା ପ୍ରଦାନ କରାଯାଇଛି। ଏଭଳି ଏକ ମର୍ଯ୍ୟାଦାଜନକ ସ୍ୱୀକୃତି ହାସଲ କରିବାରେ ଡ୍ରିମ୍ସ ପଲିଟେକ୍‌ନିକ୍ ଗ୍ରାମାଞ୍ଚଳରେ ଗଢ଼ି ଉଠିଥିବା ରାଜ୍ୟର ପ୍ରଥମ ଘରୋଇ ଶିକ୍ଷାନୁଷ୍ଠାନ ବୋଲି କୁହାଯାଉଛି। ଏ ସମ୍ପର୍କରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଏନ୍‌ବିଏ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ ଶିକ୍ଷାନୁଷ୍ଠାନର ଏକାଡେମିକ୍ ନିର୍ଦ୍ଦେଶକ, ଅଧ୍ୟକ୍ଷା, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ନିଷ୍ଠାପର କର୍ତ୍ତବ୍ୟ ଏବଂ ଦାୟିତ୍ୱ ନିର୍ବାହ ପାଇଁ ସମ୍ଭବ ହୋଇଛି ବୋଲି ସାଧୁବାଦ ଜଣାଇଛନ୍ତି। ଅପରପକ୍ଷରେ ଛାତ୍ରୀଛାତ୍ରଙ୍କ ସ୍ୱୀକୃତି ଓ ଫଳାଫଳ ଶିକ୍ଷାନୁଷ୍ଠାନର ଗୌରବକୁ ଦ୍ୱିଗୁଣିତ କରିଛି।

# Classified Everyday

**0674-2580101, 9692975378**



## REAL ESTATE

**SALE**

ଭୁବନେଶ୍ୱର ମଞ୍ଚେଶ୍ୱର, ବାଲିଅନ୍ତା ନିକଟରେ ଘରବାରୀ ପ୍ଲଟ୍ ବିକ୍ରି କରାଯାଉଅଛି। ଯୋଗାଯୋଗ- 7735922768. D-1572

**Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call- 9861642492.** D-1376

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




All types hair cutting Body Massage by Smart lady one hour 700/-, room Services Available contact- 7788888200 D-76301

## LOST

I, Pratap Chandra Ray, S/o- Shyamsundar Ray, resident of Village- Marichipur, P.S.- Balikuda. Dist.- Jagatsinghpur, declare that my original ROR/ Pattain Mauza- Malipada, Dist.- Khurdha, Khata No.- 365/1456, Plot No.- 858/2610, has been Lost on dated- 28. 07.2025 at Jagamara, Khandagiri, Bhubaneswar, while I was going to nearest Xerox shop about 7PM. and in spite of my best efforts I could not able to trace it out. If anyone get it, please infrom me. Mob- 7978700557. D-61978

## AFFIDAVIT

By virtue of an affidavit sworn before the Executive Magistrate, of Satyabadi, dated- 23.07.2025, I, Sitikantha Mohapatra, At/P.O.- Baral Balunkeswar, P.S.- Satyabadi, Dist.- Puri, Odisha, declare that I have changed the name of my daughter from Sikhi Mohapatra to Sikha Mohapatra. Henceforth, she shall be known as Sikha Mohapatra for all purposes.
Sitikantha Mohaptra. D-1576

By virtue of an affidavit sworn before Notary Public, Koraput, dated- 31.07.2025. I, Daimoti Guntha, Badagaon, P.O.- Pottangi, P.S.- Pottangi, Dist.- Koraput, PIN- 764039, Odisha, declare that I have changed my name from "Damayanti Jena" to "Daimoti Guntha". Henceforth, I shall be known as "Daimoti Guntha" for all purposes.
Daimoti Guntha. D-1575

**Email ମାଧ୍ୟମରେ କ୍ଲାସିଫାଏଡ୍ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com**

I am Diptimayee Patra, D/o- Gobinda Chandra Patra and it is Mentioned in my HSC certificate. After marriage my title is change S.o Diptimayee Sikari, Wife of Tapas Kumar Sikari. So I request Diptimayee Patra is Diptimayee Sikari same person. D-1577

By this affidavit, I, Nirupama Pradhan aged about 62+ years in Aadhaar Card, D/o- Late Narayan Jena, At/P.O.- Naharakanta, P.S.-Pahal, Dist.-Khordha, Bhubaneswar, PIN- 751035, Odisha declare by this affidavit C.F.N. 47/ dated- 05.08.2025, that now onwards I, shall be known as Nirupama Jena, D/o- Late Narayan Jena for all future purposes. D-1574

By virtue of an affidavit sworn before Notary Public, Puri dated- 02.08.2025. I, Kanhu Charan Pradhan, S/o Dijabar Pradhan, resident of Vill/ P.O.- Chhaitana, P.S.- Puri Sadar, Dist.- Puri, declare that I have Changed the name of my son from Tanmay Kumar Pradhan to Tanmaya Pradhan. Henceforth, he shall be known as Tanmaya Pradhan for all purposes. D-1578

By virtue of an affidavit sworn before the Executive Magistrate, Nimapada dated- 05.08.2025, I, Krushna Chandra Swain son of Ghanashyam Swain, At- Jajalpur, P.O.- Bhogasalada, P.S.- Nimapada, Dist.- Puri, Odisha, PIN- 752106 declare that I have changed my son's name from Rahul Swain to Sibasankar Swain. Henceforth, my son shall be known as Sibasankar Swain for all purposes. D- 1579

By virtue of an affidavit sworn before the Executive Magistrate, Saintala, dt- 06.08.2025, I, Satya Narayan Singh Babu, S/o- Udayanath Singhbabu, R/o. Village- Phapsi, P.O.- Gandapatrapali, P.S.- Saintala, Dist.- Balangir(Odisha), PIN- 767032 declare that, now I have changed my daughter's name from Jamini Singh Babu to Kajal Singhbabu. Henceforth my daughter shall be known as Kajal Singhbabu for all purposes.
Banshidhar Sahu D-1582


By virtue of an affidavit sworn before the Executive Magistrate G.C. Dash on dated- 31st July 2025, I, Mr. Prasanta Pattanaik, Address: Puran Odapada, Raghunathpur, Jagatsinghpur, Odisha have corrected my son's name from Swayamshree Pattanaik to Swayangsree Pattanaik. Henceforth, he shall be known as Swayangsree Pattanaik for all purposes. D-76843

By virtue of an affidavit sworn before Executive Magistrate Chandabali, dated- 19.06.2025 I Sanjulata Bilas (38 yrs), D/o- Baikuntha Bilas, W/o- Arjun Khuntia, Vill- Brahmatikiri, P.O.- Raipur, P.S.- Bansada, Dist.- Bhadrak declare that I have changed my name in my Lic policy bearing No. 588431853 from Sanjukta Khuntia to Sanjulata Bilas. Henceforth, I shall be known as Sanjulata Bilas for all future purposes. D-1583


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


## ମନେ ପଡ଼ନ୍ତି

**୨୬ତମ ଶ୍ରାଦ୍ଧବାର୍ଷିକୀ**



**ଽନଟବର ମହାନ୍ତି**
ବସନ୍ତ ନିବାସ, ଅରିଲୋ କଟକ
ଆବିର୍ଭାବ: ୧୪.୦୨.୧୯୧୨
ତିରୋଧାନ: ୨୪.୦୮.୧୯୯୯
ଆପଣଙ୍କର ଆଦର୍ଶ, ଶ୍ରଦ୍ଧା, ସ୍ୱାଭିମାନ, କର୍ତ୍ତବ୍ୟନିଷ୍ଠା, ପରୋପକାରିତା, ଧର୍ମପରାୟଣତା ଆମ ଜୀବନର ପାଥେୟ ହେଉ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:- ପରିବାର ବର୍ଗ, ବନ୍ଧୁପରିଜନ ଓ ଛାତ୍ର, ଛାତ୍ରୀ ବୃନ୍ଦ।
ଧ-1573

**ଏକାଦଶାହ କ୍ରିୟା ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଽଅର୍ଜୁନ ଚରଣ କୁଣ୍ଡୁ (ପୂର୍ବତନ ପ୍ରଧାନ ଶିକ୍ଷକ)
ଗ୍ରାମ- ସୋଧ, ଦୋବଲ, ଧାମନଗର, ଭଦ୍ରକ
ଆବିର୍ଭାବ: ୧୧।୦୩।୧୯୪୮
ତିରୋଧାନ: ୨୮।୦୭।୨୦୨୫
ବାପା, ଆପଣଙ୍କ ଅବର୍ତ୍ତମାନରେ ଆଜିକୁ ଏଗାର ଦିନ ହୋଇଗଲା। ଆପଣଙ୍କ ଅନୁପସ୍ଥିତିକୁ ପ୍ରତି ମହୂର୍ତ୍ତରେ ଆମେମାନେ ଅନୁଭବ କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲ ପାଇବା ପ୍ରତ୍ୟେକ ମୁହୂର୍ତ୍ତରେ ମନେପଡୁଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ଆପଣଙ୍କ ଅମର ଆତ୍ମା ସଦ୍‌ଗତି ହେଉ।
ଇତି ଆପଣଙ୍କର ହତଭାଗ୍ୟ ପୁତ୍ର- ହିମାଂଶୁ ଶେଖର କୁଣ୍ଡୁ, ଶୁଭାଂଶୁ ଶେଖର କୁଣ୍ଡୁ, ସିତାଂଶୁ ଶେଖର କୁଣ୍ଡୁ, ବନ୍ଧୁବାନ୍ଧବ ଆତ୍ମୀୟ ସ୍ୱଜନ ଓ କୁଣ୍ଡୁ ପରିବାରବର୍ଗ।
ଧ-୧୫୮୪

# ଜନ୍ ହିଁ ବେଷ୍ଟ



ଜନ୍

ଜନ୍ ଆବ୍ରାହମ୍‌ଙ୍କୁ ଖୁବ୍‌ଶୀଘ୍ର ରୋହିତ ସେଟ୍ଟୀଙ୍କ ନିର୍ଦ୍ଦେଶିତ ଏକ ବାୟୋପିକ୍‌ରେ ଦେଖିବାକୁ ମିଳିବ। ପୂର୍ବତନ ମୁମ୍ବାଇ ପୋଲିସ କମିଶନର ରାକେଶ ମାରିଆଙ୍କ ଜୀବନୀକୁ ନେଇ ଏହି ଫିଲ୍ମଟି ପ୍ରସ୍ତୁତ ହେବାକୁ ଯାଉଛି। ତେବେ ଏହାର ଟାଇଟଲ ଭୂମିକାରେ କାହାକୁ ସାଇନ୍ କରାଯିବ ସେ ନେଇ ଦୋଛକିରେ ପଡିଥିଲେ ରୋହିତ। କିନ୍ତୁ ଏହି ସମୟରେ ତାଙ୍କର ଜନ୍‌ଙ୍କ ସହ ଭେଟ ହୋଇଥିଲା। ବାସ୍, ତା'ପରେ ସତେ ଯେମିତି ତାଙ୍କୁ ଖୋଜିବା ଜିନିଷ ମିଳିଯାଇଥିଲା। ସେଦିନ ରାତିରେ ବେଶ୍ ଚିନ୍ତା କରିବା ପରେ ପରଦିନ ସେ ଜନ୍‌ଙ୍କୁ ଯୋଗାଯୋଗ କରିଥିଲେ। ଆଉ ଏଭଳି ଏକ ସୁଯୋଗକୁ ହାତଛଡା କରି ନ ଥିଲେ ଜନ୍। ଏଭଳି ଭୂମିକାଟିକୁ ସେ କିପରି ତୁଲାଇବେ ସେ ନେଇ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏ ବିଷୟରେ ଜନ୍ କହନ୍ତି, ''ବାୟୋପିକ୍‌ରେ ଅଭିନୟ କରିବାର ମଜା ନିଆରା। ନିର୍ଦ୍ଦେଶକଙ୍କ ନିକଟରୁ ସମ୍ପୂର୍ଣ୍ଣ କାହାଣୀ ବିଷୟରେ ଅବଗତ ହେବା ପରେ ଏବେ ନିଜକୁ ଏ ନେଇ ପ୍ରସ୍ତୁତ କରୁଛି। ଆଶା ରଖିଛି ଏହି ବାୟୋପିକ୍‌କୁ ଦର୍ଶକ ନିଶ୍ଚୟ ଗ୍ରହଣ କରିବେ। ଖାସ୍ କଥା ହେଲା ରୋହିତଙ୍କ ସହ ପ୍ରଥମ ଥର ପାଇଁ କାମ କରିବାକୁ ଯାଉଛି। ତାଙ୍କର ନିର୍ଦ୍ଦେଶନାରେ କେତେ ଦକ୍ଷତା ଅଛି ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ଏହି ଫିଲ୍ମଟିର ନିର୍ମାଣ ସେ ବେଶ୍ ସୁନ୍ଦର ଭାବରେ କରିବେ ବୋଲି ଆଶା ରଖିଛି।'' ତେବେ ଏହି ବାୟୋପିକ୍‌ର ଟାଇଟଲ ଦିଆଯାଇନାହିଁ। ତେବେ ଫିଲ୍ମଟି ରିଲିଜ ହେଲେ ତାହା ଜନ୍‌ଙ୍କ ଆକ୍ଟିଂ କ୍ୟାରିୟରକୁ କେତେ ମାଇଲେଜ ଦେବ ତାହା ଦେଖିବାକୁ ବାକି ରହିଲା।

# ଅପେକ୍ଷା କରିଛନ୍ତି ଶୁଭମ୍



'ଶମ୍ଭୁ' ଫିଲ୍ମରେ ଶୁଭମ୍-ତମନ୍ନା

ନବାଗତ ଶୁଭମ୍ ପ୍ରଥମ ଥର ପାଇଁ ବଡ଼ ପରଦାରେ ମୁହଁ ଦେଖାଇବେ। ଆଉ ସିନେମାଟି ହେଲା 'ଶମ୍ଭୁ'। ଆକ୍ସନଭିତ୍ତିକ ଏହି ଫିଲ୍ମଟିର ପ୍ରଯୋଜନା କରିଛନ୍ତି ବିଭୂତି ଭୂଷଣ ଜେନା। ଏ ସମ୍ପର୍କରେ ସେ କହନ୍ତି, ''ଏହି ସିନେମାଟି ଦର୍ଶକଙ୍କୁ ଫୁଲ୍ ଏଣ୍ଟରଟେନ୍ କରିବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ଅନ୍ୟପକ୍ଷରେ ସବୁ ବର୍ଗର ଦର୍ଶକଙ୍କୁ ଲକ୍ଷ୍ୟ କରି ଏହାକୁ ପ୍ରସ୍ତୁତ କରାଯାଇଛି।'' ଏହାର କାହାଣୀ ରଚନା କରିଛନ୍ତି ଅନୁପମ ଜେନା। ଅନ୍ୟପକ୍ଷରେ ଏହାର ନିର୍ଦ୍ଦେଶନା ଦେଇଛନ୍ତି 'ରସିକ ନାଗର', 'କ୍ରିମିନାଲ, 'ହୀରୋ' ଆଦି ହିଟ୍ ସିନେମାର ନିର୍ଦ୍ଦେଶକ ଦିଲୀପ ପଣ୍ଡା। ଏହାର ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ଅନ୍ୟପକ୍ଷରେ ଫିଲ୍ମଟିର ରିଲିଜ୍‌କୁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି ଶୁଭମ୍। ଗୀତଗୁଡିକୁ ସ୍ୱର ଦେଇଛନ୍ତି ଦୀପକ କୁମାର। ଏହାର ସହ ପ୍ରଯୋଜକ ଅଛନ୍ତି ବିବେକ ଜେନା ଓ ଅଭିଷେକ ଜେନା । ଏଥିରେ ଶୁଭମ୍‌ଙ୍କ ଅପୋଜିଟ୍‌ରେ ଅଛନ୍ତି ତମନ୍ନା। ଯାତ୍ରା ଜଗତର ଖଳନାୟକ ପୀୟୁଷ ତ୍ରିପାଠୀ, ଜୀବନ ପଣ୍ଡା, ଡିସ୍କୋ ରେଞ୍ଜୀ, ଚିନ୍ତାମଣି, ଐଶ୍ୱର୍ଯ୍ୟାଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ତେବେ ଫିଲ୍ମଟି ଖୁବ୍‌ଶୀଘ୍ର ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ମୃଣାଳଙ୍କ ହିସାବ ନିକାଶ



ମୃଣାଳ

ମୃଣାଳ ଠାକୁରଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଲଭ୍ ସୋନିଆ'। ୨୦୧୮ରେ ରିଲିଜ ହୋଇଥିବା ଏହି ଫିଲ୍ମଟି ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା। କିନ୍ତୁ ଏଥିରେ ଭାଙ୍ଗିପଡ଼ି ନ ଥିଲେ ସେ। କାରଣ ଏହା ପୂର୍ବରୁ ସେ ତିନୋଟି ମରାଠୀ ଫିଲ୍ମରେ ଅଭିନୟ କରିସାରିଥିଲେ। ତେବେ ଇତିମଧ୍ୟରେ ସେ ପାଖାପାଖି ୧୩ଟି ହିନ୍ଦୀ ସିନେମାରେ ଅଭିନୟ କରିସାରିଲେଣି। କିନ୍ତୁ ୨୦୧୯ରେ ସତେ ଯେମିତି ହିନ୍ଦୀ ସିନେମାରେ ସଫଳତା ତାଙ୍କୁ ଅପେକ୍ଷା କରି ରହିଥିଲା। 'ସୁପର ୩୦' ଫିଲ୍ମରେ ସେ ହୃତିକଙ୍କ ନାୟିକା ସାଜିଥିଲେ। ଆଉ ଏହି ସିନେମାଟି ସେବର୍ଷର ସବୁଠାରୁ ଅଧିକ ଆୟକାରୀ ଫିଲ୍ମ ଭାବରେ ତାଲିକାଭୁକ୍ତ ହୋଇଥିଲା। ବଲିଉଡ୍‌ର ନିଜ କ୍ୟାରିୟର ସମ୍ପର୍କରେ ମୃଣାଳ କହନ୍ତି, ''ହିନ୍ଦୀ ସିନେମାରେ ମୋତେ ଏ ପର୍ଯ୍ୟନ୍ତ ଯେତିକି ସଫଳତା ମିଳିଛି ତାହାକୁ ପାଥେୟକରି ଆଗକୁ ଆଗଉଛି। ଏବେ ମୋ ହାତରେ କେତୋଟି ହିନ୍ଦୀ ଏବଂ ତେଲୁଗୁ ସିନେମା ରହିଛି। ଦର୍ଶକ ଯଦି ମୋ ପ୍ରତି ଏମିତି ଭଲ ପାଇବା ଜାରି ରଖିବେ ତେବେ ତାହା ମୋ ପାଇଁ ଆଶୀର୍ବାଦ ସୂଚକ ହେବ।'' ବର୍ତ୍ତମାନ ମୃଣାଳ ଏକ ଦ୍ୱିଭାଷୀ (ତେଲୁଗୁ-ହିନ୍ଦୀ) ଫିଲ୍ମ 'ଡକାଏତ୍ : ଏ ଲଭ୍ ଷ୍ଟୋରି'ରେ ଅଭିନୟ କରୁଛନ୍ତି। ଏହାର ଶୁଟିଂ ଏବେ ଚାଲୁ ରହିଛି ଏବଂ ଚଳିତ ବର୍ଷ ଏହା ରିଲିଜ ହେବାର ଯୋଜନା ରହିଛି। ଏହା ବ୍ୟତୀତ 'ହେ ଜୱାନୀ ତୋ ଇସ୍କ ହୋନା ହେ', 'ତୁମ୍ ହୋ ତୋ' ଏବଂ 'ପୂଜା ମେରି ଜାନ୍' ଶୀର୍ଷକ ହିନ୍ଦୀ ସିନେମା ତାଙ୍କ ହାତରେ ରହିଛି।

# ପାରି କରିବେ ଭୋଳାଶଙ୍କର-୪

ଓଡ଼ିଶାର ଅନ୍ୟତମ ଆଗଧାଡିର ଦର୍ଶକାଦୃତ ଚ୍ୟାନେଲ ଜୀ ସାର୍ଥକର ଗୋଟିଏ ପରେ ଗୋଟିଏ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଓ ଧାରାବାହିକ ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଛି । ଚଳିତ ମାସ ୧୦ ତାରିଖରେ ଏହି ଚ୍ୟାନେଲରେ ପ୍ରସାରିତ ହେବାକୁ ଯାଉଛି ଏକ ଭିନ୍ନ ଧରଣର ଓଡ଼ିଆ ସିନେମା 'ପାରି କରିବେ ଭୋଳାଶଙ୍କର-୪'। ଏହାର ପ୍ରସାରଣ ସମୟ ରହିଛି ସନ୍ଧ୍ୟା ୬.୩୦। ଏହା ପୂର୍ବରୁ ଉକ୍ତ ଚିତ୍ରର ବିଗତ ୩ଟି ସିକ୍ୱେଲକୁ ଦର୍ଶକ ଢେର ଭଲ ପାଇବା ଦେଇସାରିଛନ୍ତି। ଏହି ଫିଲ୍ମରେ ସୁଜିତ ଏବଂ ଅନନ୍ୟା ମୁଖ୍ୟ ଚରିତ୍ରରେ ଅଭିନୟ କରିଛନ୍ତି। ଏହାର ଗୀତଗୁଡିକୁ ସ୍ୱର ଦେଇଛନ୍ତି ଆଗଧାଡିର ସ୍ୱର ସଂଯୋଜକ ବୈଦନାଥ ଦାଶ। କଣ୍ଠଦାନ କରିଛନ୍ତି ଶଶାଙ୍କ, ବିଷ୍ଣୁ ମୋହନ , ଅର୍ପିତା, କୁନମୁନ ଏବଂ ସଂଗ୍ରାମ । ଏହି ସିନେମାର କାହାଣୀ ଅନୁସାରେ ଶ୍ରାବଣ ମାସର ଶେଷ ସୋମବାର ରୁଦ୍ରପୁରରେ ଏକ ଭବିଷ୍ୟବାଣୀ ଅନୁଯାୟୀ ଦୁଇଟି ଦିବ୍ୟ ସନ୍ତାନ ଜନ୍ମ ନିଅନ୍ତି। ସେମାନଙ୍କୁ ସୁରକ୍ଷା ଦେବା ପାଇଁ ଦୁଇ ଜଣଙ୍କୁ ଅଲଗା କରାଯାଏ। ପୁଅକୁ ଜଣେ ପୁରୋହିତ ପାଳନ କରନ୍ତି ଓ ଝିଅଟିକୁ ଜଣେ ଡାକ୍ତର ପାଳନ କରନ୍ତି । ୨୫ ବର୍ଷ ପରେ ପୁଅ ଶଙ୍କର ଜଣେ ନିର୍ଭୀକ ରକ୍ଷକ ଓ ଝିଅ ପଲ୍ଲବୀ ସହରର ଜଣେ ଡାକ୍ତର। ସମୟକ୍ରମେ ଶଙ୍କରର ହଠାତ ମୃତ୍ୟୁ ହୁଏ ହେଲେ ହସ୍ପିଟାଲରେ ପଲ୍ଲବୀଙ୍କ ସ୍ପର୍ଶରେ ସେ ଚମତ୍କାର ଭାବରେ ପୁଣି ଥରେ ବଞ୍ଚି ଉଠେ। ଏହି ସମୟରେ ଜଣେ ବୃଦ୍ଧା ମହିଳା ପ୍ରକାଶ କରନ୍ତି ଯେ ସେମାନେ



'ପାରି କରିବେ ଭୋଳାଶଙ୍କର-୪'ରେ ସୁଜିତ-ଅନନ୍ୟା

ଭୋଳାଶଙ୍କର ଏବଂ ଭୈରବୀଙ୍କ ପୁନର୍ଜନ୍ମ । ପୂର୍ବ ଜନ୍ମରେ ଦୁଷ୍ଟ ଅଧିରାଜ ଦ୍ୱାରା ବିଶ୍ୱାସଘାତକତା ଏବଂ ହତ୍ୟା କରାଯାଇଥିବା ଦୁଇଟି ଦିବ୍ୟ ଆତ୍ମା। ସେପଟେ ଅଧିରାଜ ଲାଗିପଡନ୍ତି ରୁଦ୍ରପୁରରେ ଅଶାନ୍ତି ଆଣି ନିଜ ବିନାଶର ଭବିଷ୍ୟବାଣୀକୁ ରୋକିବାକୁ । ହେଲେ ସେ କ'ଣ ନିଜକୁ ରକ୍ଷା କରିପାରିବେ ? ଶଙ୍କର ଓ ପଲ୍ଲବୀ ପରସ୍ପରକୁ ଜାଣିପାରିବେ ତ ? ନିଜ ପରିବାରକୁ ନ୍ୟାୟ ଦେବେ ତ ? ରୁଦ୍ରପୁରରେ ଶାନ୍ତି ଫେରାଇ ଆଣି ପାରିବେ ତ ? ଏମିତି ଅନେକ ପ୍ରଶ୍ନର ଉତ୍ତର ସିନେମାଟିକୁ ଶେଷ ପର୍ଯ୍ୟନ୍ତ ଦେଖିଲେ ହିଁ ଜାଣିପାରିବେ। ''ଜୀ ସାର୍ଥକ ସବୁବେଳେ ଓଡ଼ିଆ ଦର୍ଶକଙ୍କ ପର୍ବ ସମୂହକୁ ଧ୍ୟାନରେ ରଖି ମନଛୁଆଁ ଫିଲ୍ମ ଆଣିଥାଏ । ନୂଆ ଓ ଭିନ୍ନ କାହାଣୀ ସହିତ ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଛି ଏହି ଚ୍ୟାନେଲ । ଏହି ଫିଲ୍ମ ମଧ୍ୟ ଦର୍ଶକଙ୍କ ମନ ଜିତିବ ବୋଲି କହନ୍ତି ଜୀ-ସାର୍ଥକର ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ।''

# ଭୁଲି ପାରିବେନି ବିଦ୍ୟା

ବିଦ୍ୟା ବାଲାନ ଅଭିନୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସେ ଅଭିନୟ କରିଥିବା 'ପରିଣିତା' ବକ୍ସ ଅଫିସରେ ଭଲ ବିଜନେସ କରିଥିଲା। ଏକଦା ଏହାର ଶୁଟିଂ ସମୟର ଏକ ଘଟଣାକୁ ସାରା ଜୀବନ ସେ କେବେ ଭୁଲି ପାରିବେ ନାହିଁ ବୋଲି କହନ୍ତି ବିଦ୍ୟା। ଏକଦା ଏହି ଫିଲ୍ମର ଏକ ଗୀତ-'କିସି ପହେଲି ଜିନ୍ଦେଗାନି'ର ଶୁଟିଂ ଚାଲିଥାଏ। ହେଲେ ହଠାତ୍ ତାଙ୍କୁ ଏହି ଫିଲ୍ମର ନିର୍ଦ୍ଦେଶକ ପ୍ରଦୀପ ସରକାର ଶୁଟିଂ ସେଟ୍‌କୁ ତୁରନ୍ତ ଆସିବାକୁ କହିଲେ। ଏଭଳି କଲ୍ ପାଇବା ପରେ ବିଦ୍ୟା ତାହାକୁ ଏଡ଼ାଇ ପାରି ନ ଥିଲେ। ବିଳମ୍ବ ନ କରି ଯାଇ ସେ ଶୁଟିଂ ସେଟ୍‌ରେ ପହଞ୍ଚି ଯାଇଥିଲେ। ଆଉ ତା'ପରେ କ'ଣ ଘଟିଲା ସେ ବିଷୟରେ ଖୋଦ୍ ବିଦ୍ୟା କହନ୍ତି, ''ଏହି ଗୀତରେ ମୋର ରୋଲ୍ ନ ଥିଲା। ହେଲେ ହଠାତ୍ ପ୍ରଦୀପ ଦା' ମୋତେ ଶୁଟିଂ ସେଟ୍‌କୁ ଡକାଇ ପଠାଇଲେ। ସେଠାରେ ପହଞ୍ଚିବା ପରେ ମୋତେ ସେ ଏକ ଭ୍ୟାନିଟି ଭ୍ୟାନ୍ ନିକଟକୁ ନେଇଗଲେ। ଆଉ ଯେତେବେଳେ ମୁଁ ତା' ଭିତରକୁ ପ୍ରବେଶ କରେ ଯାହାଙ୍କୁ ଦେଖିଲି ତାହା ବିଶ୍ୱାସ କରିପାରି ନ ଥିଲି। ସେ ଥିଲେ ରେଖା। ବାସ୍, ସେହି କିଛି ସମୟ ଯାହା ମୁଁ ତାଙ୍କ ସହ କଟାଇଥିଲି ତାହାକୁ ମୁଁ କଦାପି ଭୁଲି ପାରିବି ନାହିଁ।'' ୨୦୦୫ରେ ରିଲିଜ ହୋଇଥିବା ଏହି ସିନେମାଟି ଥିଲା ବିଦ୍ୟାଙ୍କର ଡେବ୍ୟୁ ଫିଲ୍ମ। ଆଉ ପ୍ରଥମ ସିନେମା ହିଟ୍ ହେବା ପରେ ସେ ଆଉ ପଛକୁ ଫେରି ଚାହିଁ ନ ଥିଲେ।

# ନୂଆ ଆଶା : ଲୋହିତାକ୍ଷ-ଅଭିଲିପ୍ସା

ଓଲିଉଡ୍‌ରେ ପ୍ରତିବର୍ଷ ନବାଗତ କଳାକାର ନିଜର ଭାଗ୍ୟ ପରୀକ୍ଷା କରିବାକୁ ଆସିଥାଆନ୍ତି। ଏବେ ଏହି ତାଲିକାରେ ନିଜ ନାମକୁ ଆଉ ଦୁଇ ଜଣ ସାମିଲ କରିଛନ୍ତି। ସେ ନବାଗତ ଦ୍ୱୟ ହେଲେ ଲୋହିତାକ୍ଷ ପଟ୍ଟନାୟକ ଏବଂ ଅଭିଲିପ୍ସା। ହୋମ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଓଡ଼ିଆ ସିନେମା 'ଲଢ଼େଇ'ର ନାୟକ ସାଜିଛନ୍ତି ଲୋହିତାକ୍ଷ। ଆଉ ଏହି ନୂଆ ଯୋଡ଼ିକୁ ନେଇ ଫିଲ୍ମଟିର ନିର୍ଦ୍ଦେଶନା ଭାର ସୁଚାରୁ ରୂପେ ସମ୍ପାଦନ କରିଛନ୍ତି ଓଲିଉଡ୍‌ର ଅନ୍ୟତମ ଆଗଧାଡିର ନିର୍ଦ୍ଦେଶକ ଅଶୋକ ପତି। ଏ ବିଷୟରେ ଅଶୋକ କହନ୍ତି, ''ଏହି ଫିଲ୍ମର କାହାଣୀରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା, କମେଡି, ଫାଇଟ୍-ସବୁକିଛି ରହିଛି। ନାୟିକା ଏବଂ ନାୟକ ଦୁହେଁ ନୂଆ। ଲୋହିତାକ୍ଷ ନୂଆ ଭାବରେ ନାୟକ ସାଜୁଛନ୍ତି, ହେଲେ ତା'ପୂର୍ବରୁ ସେ ଅନେକ ଓଡ଼ିଆ ସିନେମାରେ ଶିଶୁ କଳାକାର ଭାବରେ ଅଭିନୟ କରିସାରିଛି। ଦୁହିଁଙ୍କ ଅଭିନୟ ମଧ୍ୟ ମୋତେ ବେଶ୍ ଇମ୍ପ୍ରେଶ କରିଛି।'' ଡିଏସ୍‌ଆର୍ ଏଣ୍ଟରପ୍ରାଇଜେସ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ଲୋହିତାକ୍ଷଙ୍କ ବାପା ଦେବାଶିଷ ପଟ୍ଟନାୟକ। ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଗୌରବ ଆନନ୍ଦ ଓ ସୋମେଶ ଶତପଥୀ ଏହି ଫିଲ୍ମର ଅନ୍ୟାନ୍ୟ ଭୂମିକାରେ ପ୍ରୀତିରଞ୍ଜନ, କେକେ, ବିଭାସ, ଉଦିତ ଗୁରୁ, ସୋମେଶ, ମଧୁ, ସ୍ମିତା ଚୌଧୁରୀ, ମନୋଜ ଦଣ୍ଡପାଟ, ରାଜଲକ୍ଷ୍ମୀ ଡାକୁଆ, ସୁଶାନ୍ତ ଓ ଅଶୋକ ପଟ୍ଟନାୟକ ପ୍ରମୁଖ ଅଭିନୟ କରିଛନ୍ତି।



'ଲଢ଼େଇ' ଫିଲ୍ମରେ ଲୋହିତାକ୍ଷ-ଅଭିଲିପ୍ସା

# ଚିନ୍ତା କରୁଛନ୍ତି ପ୍ରିୟଙ୍କା



ଏଭଳି ସୁଯୋଗ କିଏ କ'ଣ ହାତଛଡ଼ା କରେ, ନା କିଏ କରିବେ ? ତେଣୁ ସେ ବିଷୟରେ ଶେଷ ନିଷ୍ପତ୍ତି ନେବାକୁ ସେ କିଛି ସମୟ ନେଇଛନ୍ତି। ତା'ଭିତରେ ସେ ଭଲ ଭାବରେ ଅଫରଟିକୁ ଅନୁଶୀଳନ କରିବା ପରେ ଯାହା ଫାଇନାଲ କରିବେ। ହଁ, କଥା କ'ଣ କି ଗତ କିଛି ବର୍ଷ ହେବ ସେ ପ୍ରାୟ ବଲିଉଡ ଠାରୁ ଦୂରେଇ ଯାଇଛନ୍ତି। କେବଳ ସେତିକି ନୁହେଁ ବିଦେଶରେ ମଧ୍ୟ ଘର ସଂସାର କରିସାରିଛନ୍ତି। ତାଙ୍କୁ କେତେବେଳେ କେମିତି କାଁ ଭାଁ ହିନ୍ଦୀ ସିନେମାରେ ଦେଖିବାକୁ ମିଳୁଛି। ଏ ନେଇ ସବିଶେଷ ସୂଚନା ଦେବା ପୂର୍ବରୁ ଯାହାଙ୍କୁ ନେଇ ଏତେ ଆଲୋଚନା ତାଙ୍କର ପରିଚୟ ଦେଇଦେବା ହିଁ ବିଜ୍ଞତାର ପରିଚାୟକ ହେବ। ସେ ହେଲେ ପ୍ରିୟଙ୍କା ଚୋପ୍ରା। ବଲିଉଡ୍‌ର ଅନ୍ୟତମ ଖ୍ୟାତନାମା ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲିଙ୍କ ଆଗାମୀ ସିନେମାରେ ସେ କୁଆଡ଼େ ମୁଖ୍ୟ ଭୂମିକାରେ ଅଭିନୟ କରିବେ। ଆଉ ଏଭଳି ଅଫରକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ସେ। ହେଲେ ଏ ବିଷୟରେ ନିଜର ଶେଷ ନିଷ୍ପତ୍ତି ଜଣାଇବାକୁ ସେ ସପ୍ତାହେ ସମୟ ନେଇଛନ୍ତି। ଅନ୍ୟପକ୍ଷରେ ସଞ୍ଜୟଙ୍କ ନିର୍ମାଣାଧୀନ ସିନେମା 'ଲଭ୍ ଆଣ୍ଡ ୱାର'ର ଏକ ସ୍ପେଶାଲ ଗୀତରେ ସେ ନାଚିବାର ଥିଲା। କିନ୍ତୁ ଅଫରଟିକୁ ସେ ହାତଛଡା କରିଛନ୍ତି। ଦିନ ଥିଲା ପ୍ରିୟଙ୍କା ବଲିଉଡ୍‌ରେ ରାଜ୍ କରୁଥିଲେ। ତାମିଲ ଫିଲ୍ମ 'ଥାମିଜାନ'ରୁ ତାଙ୍କର ବଡ଼ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା। ତାଙ୍କ ଅଭିନୀତ ପ୍ରମୁଖ ସିନେମାଗୁଡିକ ମଧ୍ୟରେ ରହିଛି- 'ଅନ୍ଦାଜ', 'ଏତରାଜ୍', 'କ୍ରିସ', 'ଡନ୍', 'କମିନେ' ଏବଂ 'ରା ୱାନ'।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୭/୨୦୨୫ Bhubaneswar, Thursday, August 7/ 2025

# ‘କ୍ରୀଡ଼ା ଜ୍ଞାନ ସହ ଫିଟ୍‌ନେସ ସଫଳତାର ମୂଳମନ୍ତ୍ର’

**ଆଥ୍‌ଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ(ଏଏଫ୍‌ଆଇ) ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଚଳିତ ମାସ ୧୦ ତାରିଖରେ ହେବାକୁଯାଉଛି ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ୍ ଲେଭଲ)। ଏଥିରେ ଦେଶ ଓ ବିଦେଶର ଅନେକ ତାରକା ଆଥ୍‌ଲେଟ୍ ଅଂଶଗ୍ରହଣ କରିବେ। ଏହି ମେଗା ପ୍ରତିଯୋଗିତା ପାଇଁ ଓଡ଼ିଶାର ସ୍ପ୍ରିଣ୍ଟ କୁଇନ୍ ଶ୍ରାବଣୀ ନନ୍ଦ କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ ଚଳାଇଛନ୍ତି। ଆଗାମୀ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ଏବଂ ସମ୍ଭାବନାକୁ ନେଇ ଶ୍ରାବଣୀଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍‌କାର...**

**–ସାକ୍ଷାତ୍ : ତପନ ସ୍ୱାଇଁ**

**● ୨୦୧୭ ପରେ ଆଉ ଏକ ବଡ଼ ଆଥ୍‌ଲେଟିକ୍ସ ଇଭେଣ୍ଟ ଭୁବନେଶ୍ୱରରେ ହେବାକୁ ଯାଉଛି। ଏହାକୁ ନେଇ କେତେ ଉତ୍ସାହିତ ଅଛନ୍ତି?**

▶▶ ୨୦୧୭ରେ ଭୁବନେଶ୍ୱରରେ ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ହୋଇଥିଲା। ଏବେ ଆଉ ଏକ ଅନ୍ତର୍ଜାତୀୟ ଇଭେଣ୍ଟ ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ) ହେବାକୁ ଯାଉଛି। ତେଣୁ ମୁଁ ସ୍ୱାଭାବିକ ଖୁବ୍ ଉତ୍ସାହିତ ଅଛି। ଦେଶ ବିଦେଶର ଆଥ୍‌ଲେଟ୍‌ମାନେ ଆସି କଳିଙ୍ଗ ଷ୍ଟାଡିୟମରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଏଥିପାଇଁ ଗର୍ବ ମଧ୍ୟ ଅନୁଭବ ହେଉଛି। ଏହା ଆମମାନଙ୍କ ପାଇଁ ଭଲ ସୁବିଧା ଏବଂ ସୁଯୋଗ ବୋଲି କହିପାରିବି।

**● ପ୍ରତିଦ୍ୱନ୍ଦ୍ୱିତା କେତେ ଟପ୍ ରହିବ ବୋଲି ଭାବୁଛନ୍ତି?**

▶▶ ଯେହେତୁ ବ୍ରୋଞ୍ଜ୍ ଲେଭଲ ପ୍ରତିଯୋଗିତା ହେବାକୁ ଯାଉଛି, ଏଥିରେ ୧୧ରୁ ଅଧିକ ଦେଶର ପ୍ରତିଯୋଗୀ ଭାଗନେବାକୁ ଯାଉଛନ୍ତି। ତେଣୁ ପ୍ରତିଦ୍ୱନ୍ଦ୍ୱିତା ନିଶ୍ଚିତ ଟପ୍ ହେବ। ଏସିଆନ୍ ଚାମ୍ପିୟନଶିପ୍‌ରେ ୪୫ ଦେଶର ପ୍ରତିଯୋଗୀ ଭାଗ ନେଇଥିଲେ। ଏଥର ତାହା ନ ଥିଲେ ମଧ୍ୟ ଦେଶ ବିଦେଶର ପ୍ରତିଯୋଗୀଙ୍କ ମଧ୍ୟରେ ଇଭେଣ୍ଟ ଭିତ୍ତିରେ ରୋଚକ ମୁକାବିଲା ଦେଖିବାକୁ ମିଳିବ।

**● ବ୍ରୋଞ୍ଜ୍ ଲେଭଲ ପ୍ରତିଯୋଗିତାରେ ଭାଗନେବାକୁ କ’ଣ ମାନଦଣ୍ଡ ରହିଛି?**

▶▶ ୱାର୍ଲ୍ଡ ଆଥ୍‌ଲେଟିକ୍ସରେ ୩ଟି ପ୍ରତିଯୋଗିତା ଗୋଲ୍ଡ, ସିଲ୍‌ଭର ଓ ବ୍ରୋଞ୍ଜ୍ ଲେଭଲ ରହିଛି। ସବୁ ପ୍ରତିଯୋଗୀ ସବୁଥିରେ ଅଂଶଗ୍ରହଣ କରିପାରିବେ ନାହିଁ। ନିକଟ ଅତୀତର ପ୍ରଦର୍ଶନ ଏବଂ ର୍ୟାଙ୍କିଙ୍ଗ୍ ଉପରେ ନିର୍ଭର କରିବ କେଉଁ ପ୍ରତିଯୋଗିତାରେ କିଏ ଅଂଶଗ୍ରହଣ କରିପାରିବ। ପ୍ରତି ପ୍ରତିଯୋଗିତା ପାଇଁ ଏଣ୍ଟ୍ରି ଷ୍ଟାଣ୍ଡାର୍ଡ ରହିଛି। ତେଣୁ କିଏ କେଉଁଥିରେ ଭାଗ ନେଇପାରିବ ତାହା ଏଥିରୁ ସ୍ପଷ୍ଟ ହୋଇଯାଇଥାଏ। ଗୋଲ୍ଡରେ ସ୍ୱର୍ଣ୍ଣ ଜିତିଲେ ଯଦି ୧୦ ପଏଣ୍ଟ ମିଳେ ତେବେ ସିଲ୍‌ଭରରେ ୬ କିମ୍ବା ୭ ଏବଂ ବ୍ରୋଞ୍ଜ୍ ଲେଭଲରେ ୫ରୁ କମ୍ ପଏଣ୍ଟ ମିଳିଥାଏ।

**● ଆପଣ କେଉଁ ଇଭେଣ୍ଟରେ ଭାଗନେବାକୁ ଯାଉଛନ୍ତି?**

▶▶ ମୁଁ ଆଗାମୀ ପ୍ରତିଯୋଗିତାରେ କେବଳ ୧୦୦ ମିଟରରେ ପ୍ରତିଦ୍ୱନ୍ଦ୍ୱିତା କରିବି।

**● କ’ଣ ଲକ୍ଷ୍ୟ ରହିଛି?**

▶▶ ମୁଁ ପୂର୍ବଭଳି ଟ୍ରେନିଂ ଜାରି ରଖିଛି। ଫିଟ୍ ମଧ୍ୟ ଅଛି। ଟାଇମିଂରେ ଉନ୍ନତି ଆଣିବା ଲକ୍ଷ୍ୟ ରହିଛି। ଭଲ ପ୍ରତିଦ୍ୱନ୍ଦ୍ୱିତା ହେଲେ ମୁଁ ନିଶ୍ଚିତ ଶ୍ରେଷ୍ଠ ପ୍ରଦର୍ଶନ ଦେବାନେଇ ଆଶାବାଦୀ ଅଛି।

**● ଦକ୍ଷିଣ କୋରିଆରେ ଏସୀୟ ପ୍ରତିଯୋଗିତାରେ ପଦକ ହାସଲର ସ୍ମୃତି ସମ୍ପର୍କରେ କିଛି କୁହନ୍ତୁ?**

▶▶ ଏବେ ମୁଁ ଟ୍ରେନିଂ କଲାବେଳେ ଅନେକ ସମୟରେ ବୟସ ଏବଂ ଫିଟ୍‌ନେସ୍‌କୁ ନେଇ ଅନେକ କଥା ଶୁଣି ଆସୁଥିଲି। ଆଥ୍‌ଲେଟିକ୍ସରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ହେଲେ ବୟସର ଏକ ସୀମା ଥାଏ ବୋଲି ଅନେକଙ୍କର ଭାବନା ରହିଛି। ମାତ୍ର ମୁଁ ୩୪ ବର୍ଷରେ ଯଦି ଅନ୍ତର୍ଜାତୀୟ ପଦକ ଜିତିପାରୁଛି ତେବେ ତାହା ଭୁଲ୍ ବୋଲି ନିଶ୍ଚିତ ପ୍ରମାଣ ହେଉଛି। ଓଡ଼ିଶାର ପ୍ରଥମ ଆଥଲେଟ୍ ଭାବେ ଏ ବୟସରେ ପଦକ ହାସଲ ମୋତେ ବହୁତ ମୋଟିଭେଟ୍ କରିଛି। ପଦକ ଜିତିବାକୁ ହେଲେ ଫିଟ୍‌ନେସ୍ ସହ ତ୍ୟାଗ, କଠିନ ପରିଶ୍ରମ ଏବଂ ଜ୍ଞାନର ଆବଶ୍ୟକତା ରହିଛି। ତେଣୁ ମୋ ମତରେ ବୟସ ଏକ ସଂଖ୍ୟା ମାତ୍ର। ତେଣୁ ଏହାକୁ ଦୃଷ୍ଟି ନ ଦେଇ ଆଥଲେଟ୍‌ମାନେ ପ୍ରଦର୍ଶନ ଉପରେ ଧ୍ୟାନ ଦେବାକୁ ମୁଁ ନିଶ୍ଚିତ ପରାମର୍ଶ ଦେବି।




**କଳିଙ୍ଗରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍**

**● ଏସୀୟ ପଦକକୁ ନେଇ କେତେ ଗର୍ବିତ?**

▶▶ ମୁଁ ୨୦୧୫ରେ ୨୦୦ ମିଟରରେ ବ୍ରୋଞ୍ଜ୍ ପଦକ ପାଇଥିଲି। ଚାଇନାର ହୁଆନ୍‌ରେ ଅନୁଷ୍ଠିତ ଏସିଆନ୍ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଏହି ସଫଳତା ମିଳିଥିଲା। ୨୦୧୭ରେ ଭୁବନେଶ୍ୱରରେ ଏସିଆନ ଚାମ୍ପିୟନଶିପ୍‌ର ରିଲେ ରେସ୍‌ରେ ବ୍ରୋଞ୍ଜ ପଦକ ଜିତିଥିବାବେଳେ ଏବେ କୋରିଆର ଗୁମିଠାରେ ରିଲେ ରେସ୍‌ରେ ରୌପ୍ୟ ପଦକ ହାସଲ କରିଛି। ତେଣୁ ମୁଁ ଏସୀୟ ପ୍ରତିଯୋଗିତାରେ ୩ ପଦକ ହାସଲ କରି ଖୁବ୍ ଗର୍ବ ଅନୁଭବ କରୁଛି।

**● ଆଗକୁ କ’ଣ ଲକ୍ଷ୍ୟ ରହିଛି?**

▶▶ ଆସନ୍ତା ବର୍ଷ ବହୁତ ବଡ଼ ପ୍ରତିଯୋଗିତା ଏସିଆନ୍ ଗେମ୍ସ, ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରଭୃତି ଆସୁଛି। ତେଣୁ ମୁଁ ଆଶା କରୁଛି ଯଦି ସବୁକିଛି ଠିକ୍ ରହିବ ଏବଂ ପ୍ରଦର୍ଶନରେ ଉନ୍ନତି ଆସିବ ତେବେ ନିଶ୍ଚିତ ଅଂଶଗ୍ରହଣ କରିପାରିବି। ଭବିଷ୍ୟତକୁ ନେଇ ମଧ୍ୟ ଯୋଜନା ରହିଛି। ମୁଁ ଯାହାକିଛି ଶିଖିଛି ତାହାକୁ ଅନ୍ୟମାନଙ୍କୁ ଶିଖାଇବାକୁ ନିଶ୍ଚିତ ଚେଷ୍ଟା କରିବି। ତେବେ ତାହା ସମୟ ଉପରେ ନିର୍ଭର କରିବ।

**● ଜାମାଇକାରେ ଟ୍ରେନିଂ କେତେ ଉପଯୋଗୀ ହୋଇଛି?**

▶▶ ଜାମାଇକାରେ ଟ୍ରେନିଂ ମୋ ପାଇଁ ବହୁତ କାମ ଦେଉଛି। କାରଣ ଜାମାଇକା ଯିବା ପୂର୍ବରୁ ସ୍ପ୍ରିଣ୍ଟିଂ ଉପରେ ମୋର ଏତେ ଧାରଣା ନ ଥିଲା। କେଉଁଭଳି ପରିଶ୍ରମ କଲେ ପ୍ରଦର୍ଶନରେ ଉନ୍ନତି ଆସିବ ସେ ସମ୍ପର୍କରେ ଜ୍ଞାନ ନ ଥିଲା। ତାହା ମୁଁ ସେଠାରୁ ହିଁ ଶିଖିଲି। ଟପ୍ ଆଥ୍‌ଲେଟ୍‌ଙ୍କ ପ୍ରଦର୍ଶନକୁ ପାଖରୁ ଦେଖିଲି। ସେମାନଙ୍କର ମାଇଣ୍ଡ ସେଟ୍, ଟ୍ରେନିଂ ପ୍ରୋଗ୍ରାମ, ପ୍ରସ୍ତୁତି କିପରି ରହୁଛି। ମାନସିକସ୍ତରରେ ସେମାନେ କିପରି ଦୃଢ଼ରହି ସର୍ବଦା ଶତପ୍ରତିଶତ ପ୍ରଦର୍ଶନ ଦେଉଛନ୍ତି ତାହା ଶିଖିବାକୁ ପାଇଲି।

**● କ୍ରୀଡ଼ା ନୀତି କେତେ ଜରୁରୀ?**

▶▶ କ୍ରୀଡ଼ା ନୀତି ବହୁତ ଭଲ। ଏହା ରହିବା ଆବଶ୍ୟକ। ତାହା ଯଦି ଆଥ୍‌ଲେଟ୍‌ଙ୍କ କ୍ଷେତ୍ରରେ ଉପଯୁକ୍ତ ଭାବେ ପ୍ରୟୋଗ ହୋଇପାରୁଛି ତେବେ ବହୁତ ଭଲ। ବିଶେଷକରି କ୍ରୀଡ଼ାବିତ୍‌ଙ୍କ ସମର୍ଥନରେ ହିଁ କ୍ରୀଡ଼ା ନୀତି ପ୍ରସ୍ତୁତ ହେଉଛି। ଓଡ଼ିଶା ସରକାର କ୍ରୀଡ଼ା ପାଇଁ ବହୁତ କିଛି କରୁଛନ୍ତି। ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଉପଲବ୍ଧ ହେବା ଯୋଗୁ ଆମେ ଘରୋଇ ପରିବେଶରେ ଏଥିରେ ଅଭ୍ୟାସ କରୁଛୁ ଏବଂ ବଡ଼ ପ୍ରତିଯୋଗିତାରେ ଭାଗନେଇପାରୁଛୁ। ମନପସନ୍ଦର ଷ୍ଟାର୍ ଆଥ୍‌ଲେଟ୍‌ଙ୍କ ପ୍ରଦର୍ଶନକୁ ରାଜ୍ୟର ଆଥଲେଟ୍‌ମାନେ ନିକଟରୁ ଦେଖିବାକୁ ପାଉଛନ୍ତି।

### ମୋତେ ବୁଝିପାରୁଥିବା ବ୍ୟକ୍ତିଙ୍କୁ ମନର ମଣିଷ ଭାବେ ପାଇବାକୁ ଇଚ୍ଛା

ବିବାହ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ହିନ୍ଦୁ ପରିବାରରେ ଯେପରି ପ୍ରଥା ଓ ପରମ୍ପରାରେ ମା’ବାପାଙ୍କ ପସନ୍ଦରେ ବିଭାଘର ହୁଏ ମୁଁ ସେପରି ଚାହୁଁଛି। ମୋତେ ଠିକ୍‌ଭାବେ ବୁଝି ପାରୁଥିବା ବ୍ୟକ୍ତିଙ୍କୁ ମୁଁ ବିବାହ କରିବାକୁ ଚାହିଁବି। ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣା ରହିବା ନିହାତି ଜରୁରୀ। ଯେହେତୁ ମୁଁ ଜଣେ ସ୍ପୋର୍ଟ୍ସ ପର୍ଶନ ମୋର ଜୀବନ ଏକ ଭିନ୍ନ ସଂସ୍କାର ଦେଇ ଗତି କରୁଛି। ତେଣୁ ତାହାକୁ ବୁଝିବା ଭଳି ବ୍ୟକ୍ତିଙ୍କୁ ମୁଁ ଜୀବନସାଥି କରିବାକୁ ଚାହିଁବି। ମୋ ପରିବାର ସେପରି ଜଣେ ବ୍ୟକ୍ତିଙ୍କୁ ଚୟନ କରିପାରିବେ। ଏବେ ଘରୁ ସେପରି ବିଶେଷ ଚାପ ନାହିଁ। ଭଗବାନଙ୍କ ଆଶୀର୍ବାଦ ରହିଲେ ସବୁକିଛି ଠିକ୍ ରହିବ ବୋଲି ମୋର ଆଶା ଅଛି।




ଦକ୍ଷିଣ କୋରିଆରେ ରୌପ୍ୟ ବିଜୟୀ ଭାରତୀୟ ଦଳ ସହ ଶ୍ରାବଣୀ ନନ୍ଦ।

# ଗିଲ୍‌ଙ୍କୁ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ



ନୂଆଦିଲ୍ଲୀ,୬।୮ (ପି.ଟି.)


ଭାରତୀୟ ଟେଷ୍ଟ ଦଳର ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଦକ୍ଷିଣ ଆଫ୍ରିକାର ୱିଆନ ମୁଲ୍ଡର ଓ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ସହ ଜୁଲାଇ ମାସ ପାଇଁ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ମନୋନୀତ କରାଯାଇଛି। ଇଂଲଣ୍ଡ ବିପକ୍ଷ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିରେ ଉଲ୍ଲେଖନୀୟ ବ୍ୟାଟିଂ ପ୍ରଦର୍ଶନ ଲାଗି ଗିଲ୍‌ଙ୍କୁ ମନୋନୀତ କରାଯାଇଛି। ଗିଲ୍ ସିରିଜ୍‌ରେ ୪ ଶତକ ସହ ୭୫.୪୦ ଆଭରେଜ୍‌ରେ ୭୫୪ ରନ୍ କରିଥିଲେ। ଏଭଳି ପ୍ରଦର୍ଶନ ଯୋଗୁ ଅଧିନାୟକ ଭାବେ ସେ ଗୋଟିଏ ସିରିଜ୍‌ରେ ସର୍ବାଧିକ ରନ୍ କରି ସୁନୀଲ ଗାଭାସ୍କର(୭୩୨ ରନ୍)ଙ୍କ ରେକର୍ଡ ଭଙ୍ଗ କରିଥିଲେ।

ଗିଲ୍ ଜୁଲାଇ ମାସରେ ୩ ଟେଷ୍ଟରେ ୯୪.୫୦ ଆଭରେଜ୍‌ରେ ୫୬୭ ରନ୍ କରିଥିଲେ। ଏଥିରେ ଏଜ୍‌ବାଷ୍ଟନଠାରେ ସେ ପ୍ରଥମ ଇନିଂସରେ କରିଥିବା ୨୬୯ ଓ ଦ୍ୱିତୀୟ ଇନିଂସରେ କରିଥିବା ୧୬୧ ରନ୍ ସାମିଲ ରହିଛି। ଏହି ମ୍ୟାଚ୍‌ରେ ସେ ମୋଟ୍ ଉପରେ ୪୩୦ ରନ୍ କରିଥିଲେ। ଅଧିନାୟକ ଭାବେ ପଦାର୍ପଣ ସିରିଜ୍‌ରେ ନଂ.୪ ପୋଜିଶନରେ ସେ ଅସାଧାରଣ ପ୍ରଦର୍ଶନ କରିଥିଲେ। ଦକ୍ଷିଣ ଆଫ୍ରିକାର ମୁଲ୍ଡର ଅଧିନାୟକ ଭାବେ ଜିମ୍ବାୱେ ବିପକ୍ଷରେ ଅପରାଜିତ ୩୬୭ ରନର ପାଳି ଖେଳି ବ୍ରାଏନ୍ ଲାରାଙ୍କ ୪୦୦ ନଟ୍‌ଆଉଟ୍ ରେକର୍ଡ ଭାଙ୍ଗିବା ପରିବର୍ତ୍ତେ ପାଳି ଘୋଷଣା କରିଥିଲେ। ଦୁଇ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌ରେ ସେ ୫୩୧ ରନ୍ କରିବା ସହ ୭ ଉଇକେଟ ନେଇଥିଲେ। ସେହିଭଳି ଇଂଲଣ୍ଡ ଅଧିନାୟକ ଷ୍ଟୋକ୍ସ ଜୁଲାଇରେ ୨୫୧ ରନ କରିବା ସହ ୧୨ ଉଇକେଟ ନେଇଥିଲେ। ସେ ଚାପପୂର୍ଣ୍ଣ ମୁହୂର୍ତ୍ତରେ ଉଭୟ ବଲ୍ ଓ ବ୍ୟାଟ୍‌ରେ ପ୍ରଦର୍ଶନ କରିଥିଲେ। ଅଧିନାୟକ ଭାବେ ମଧ୍ୟ ସେ ଭଲ ପ୍ରଦର୍ଶନ କରିଥିଲେ ବୋଲି ଆଇସିସି ପକ୍ଷରୁ କୁହାଯାଇଛି।

# ଠାକୁର ପୁଣି ଥରେ ଅଯୋଗ୍ୟ

ନୂଆଦିଲ୍ଲୀ,୬।୮ (ପି.ଟି.)

ପୂର୍ବତନ କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ପୁଣି ଥରେ ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ (ବିଏଫ୍‌ଆଇ) ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାରୁ ଅଯୋଗ୍ୟ ଘୋଷିତ ହୋଇଛନ୍ତି। ଆସନ୍ତା ୨୧ ତାରିଖରେ ହେବାକୁଥିବା ନିର୍ବାଚନ ଲାଗି ବୁଧବାର ଜାରି କରାଯାଇଥିବା ଇଲେକ୍ଟୋରାଲ କଲେଜରୁ ତାଙ୍କ ନାମକୁ ବାଦ୍ ଦିଆଯାଇଛି। ହିମାଚଳ ପ୍ରଦେଶ ବକ୍ସିଂ ଆସୋସିଏଶନ ପକ୍ଷରୁ ଠାକୁର ଓ ସଭାପତି ରାଜେଶ ଭଣ୍ଡାରୀଙ୍କ ନାମ ବର୍ଷିକ ସାଧାରଣ ବୈଠକ ପାଇଁ ମନୋନୀତ କରାଯାଇଥିଲା। ୨୦୨୫-୨୦୨୯ କାର୍ଯ୍ୟକାଳ ପାଇଁ କାର୍ଯ୍ୟକାରୀ ପରିଷଦର ସଦସ୍ୟଙ୍କୁ ନିର୍ବାଚିତ କରିବା ଏହାର ମୁଖ୍ୟ ଏଜେଣ୍ଡା। କିନ୍ତୁ ଫେଡେରେଶନର ଦୈନନ୍ଦିନ କାର୍ଯ୍ୟକଳାପ ତୁଲାଇବା ପାଇଁ ୱାର୍ଲ୍ଡ ବକ୍ସିଂ (ଡବ୍ଲ୍ୟୁବି) ଦ୍ୱାରା ଗଠିତ ବିଏଫ୍‌ଆଇ ଅନ୍ତରୀଣ କମିଟି ପକ୍ଷରୁ ବୁଧବାର ୬୬ ଜଣିଆ ଇଲେକ୍ଟୋରାଲ କଲେଜ ଘୋଷଣା କରାଯାଇଛି, ଯେଉଁଥିରୁ ଠାକୁର ବାଦ୍ ପଡ଼ିଛନ୍ତି। ଅନ୍ତରୀଣ କମିଟିର ଚେୟାରମ୍ୟାନ୍ ଫାଇରୁଜ ମହମ୍ମଦଙ୍କ ଅନୁଯାୟୀ, ଠାକୁରଙ୍କ ନାମାଙ୍କନ ବିଏଫ୍‌ଆଇ ସମ୍ବିଧାନର ଧାରା ୨୦ (ଗ) ଓ (ଛ) ଉଲ୍ଲଂଘନ କରୁଛି।



# ବିଶ୍ୱ ମିନି ଗଲ୍ଫରେ ଭାଗନେବେ ବିକାଶ

ଭୁବନେଶ୍ୱର, ୬।୮ (ତପନ ସ୍ୱାଇଁ)

ଚଳିତ ମାସ ୧୬ରୁ ୨୩ ପର୍ଯ୍ୟନ୍ତ ଜର୍ମାନୀର ନେହିମ ହଷ୍ଟନ ସହରରେ ହେବାକୁ ଥିବା ବିଶ୍ୱ ମିନି ଗଲ୍ଫ ଚାମ୍ପିୟନଶିପ୍‌ରେ ଓଡ଼ିଶାର ବିକାଶ ଚନ୍ଦ୍ର ପଟ୍ଟନାୟକ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିବେ। ପ୍ରତିଯୋଗିତାଲାଗି ମନୋନୀତ ଭାରତୀୟ ଦଳରେ ସେ ସ୍ଥାନ ପାଇଛନ୍ତି। ଗତ ୮ବର୍ଷ ଧରି ବିକାଶ ଓଡିଶାରେ ଏହି କ୍ରୀଡାର ପ୍ରଚାର ପ୍ରସାର ଦିଗରେ କାମ କରିବା ସହ ଜାତୀୟ ସ୍ତରରେ ପଦକ ହାସଲ କରିଛନ୍ତି। ୨୦୨୩ରେ ଗୋଆରେ ଅନୁଷ୍ଠିତ ୩୭ତମ ନାଶନାଲ ଗେମ୍ସରେ ସ୍ୱର୍ଣ୍ଣ, ନାଗପୁରରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତା-୨୦୨୪ରେ ରୌପ୍ୟ.ଓ ୨୦୨୫ରେ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ରାଜ୍ୟ ମିନିଗଲ୍ଫ ପ୍ରତିଯୋଗିତାରେ ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ହାସଲ କରିଛନ୍ତି। ଜଣେ ସଫଳ କୋଚ ଭାବେ ମଧ୍ୟ ବିକାଶ ବେଶ୍ ପରିଚିତ। ମିନି ଗଲ୍ଫ ବ୍ୟତୀତ ବିକାଶ ଗେଟ୍‌ବଲ, ସଫ୍ଟ ଟେନିସ, ଉଡ୍‌ବଲ ଓ ଫ୍ଲାଇଁ ଡିସ୍କ କ୍ରୀଡାରେ ମଧ୍ୟ ପାରଦର୍ଶିତା ହାସଲ କରିଛନ୍ତି। ଜାତୀୟ ଦଳରେ ସାମିଲ ହେବା ମୋ ପାଇଁ ଗର୍ବର କଥା। ଦେଶ ଏବଂ ରାଜ୍ୟ ପାଇଁ ପଦକ ହାସଲ କରିବାକୁ ନିଶ୍ଚିତ ଚେଷ୍ଟା କରିବି ବୋଲି ବିକାଶ ପ୍ରକାଶ କରିଛନ୍ତି।




ଶଟ୍ ଖେଳିବା ଅବସରରେ ବିକାଶ ପଟ୍ଟନାୟକ।

# ଭେନ୍ୟୁରେ ନିଆଁ ; ଚେନ୍ନାଇ ଗ୍ରାଣ୍ଡମାଷ୍ଟର୍ସ ସ୍ଥଗିତ

ଚେନ୍ନାଇ,୬।୮ (ପି.ଟି.)

ବୁଧବାର ଆରମ୍ଭ ହେବାକୁଥିବା ଚେନ୍ନାଇ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଟୁର୍ନାମେଣ୍ଟକୁ ଗୋଟିଏ ଦିନ ପାଇଁ ସ୍ଥଗିତ ରଖାଯାଇଛି। ଟୁର୍ନାମେଣ୍ଟର ଭେନ୍ୟୁ ହାୟାଟ ରେଜେନ୍ସି ହୋଟେଲରେ ନିଆଁ ଲାଗିଯିବାରୁ ଏହି ନିଷ୍ପତ୍ତି ନିଆଯାଇଛି। ଏହି ଟୁର୍ନାମେଣ୍ଟରେ ଅନେକ ପ୍ରତିଷ୍ଠିତ ଭାରତୀୟ ଓ ଅନ୍ତର୍ଜାତୀୟ ଖେଳାଳି ଭାଗନେବେ।

ଚେନ୍ନାଇ ଜିଏମ୍ ଭେନ୍ୟୁ ହୋଟେଲ ହାୟାଟ ରେଜେନ୍ସିରେ ମଙ୍ଗଳବାର ରାତିରେ ନିଆଁ ଲାଗିଯାଇଛି। ସମସ୍ତ ଖେଳାଳି ସୁରକ୍ଷିତ ଅଛନ୍ତି ଏବଂ ସେମାନଙ୍କୁ ଅନ୍ୟ ହୋଟେଲକୁ ସ୍ଥାନାନ୍ତର କରାଯାଇଛି। ଏଥିଯୋଗୁ ଟୁର୍ନାମେଣ୍ଟକୁ ଗୋଟିଏ ଦିନ ପାଇଁ ଘୁଞ୍ଚାଇ ଦିଆଯାଇଛି ବୋଲି ଭାରତୀୟ ଜିଏମ୍ ତଥା ଟୁର୍ନାମେଣ୍ଟ ଡାଇରେକ୍ଟର ଶ୍ରୀନାଥ ନାରାୟଣନ ଏକ୍ସ’ରେ ପୋଷ୍ଟ କରିଛନ୍ତି। ତେବେ ଶର୍ଟସର୍କିଟ ଯୋଗୁ ହୋଟେଲର ନବମ ମହଲାରେ ନିଆଁ ଲାଗି ଯାଇଥିଲା। ଏଥିଯୋଗୁ ପୂରା ହୋଟେଲ ପରିସର ଧୂଆଁମୟ ହୋଇଯାଇଥିଲା। ଫଳରେ ସେଠାରୁ ସମସ୍ତଙ୍କୁ ଉଦ୍ଧାର କରାଯାଇଥିଲା। ଏକ କୋଟି ଟଙ୍କା ପୁରସ୍କାରବିଶିଷ୍ଟ ଟୁର୍ନାମେଣ୍ଟରେ ଭାରତର ନଂ-୧ ଅର୍ଜୁନ ଏରିଗାସି, ବିଦିତ ଗୁଜରାଠୀ, ଅନିଶ ଗିରିଙ୍କ ଭଳି ଖେଳାଳି ଭାଗ ନେଉଛନ୍ତି।

# ସରକାରୀ ପାଣ୍ଠି ନେଉଥିବା ଫେଡେରେଶନ ଆର୍‌ଟିଆଇ ଅଧୀନରେ ରହିବ

## ବିସିସିଆଇକୁ ଆଶ୍ୱସ୍ତି

ନୂଆଦିଲ୍ଲୀ,୬।୮ (ପି.ଟି.)

ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ବୁଧବାର ଏକ ବଡ଼ ଆଶ୍ୱସ୍ତି ମିଳିଛି। କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ କ୍ରୀଡ଼ା ଶାସନ ବିଲ୍‌ର ଆରଟିଆଇ ସମ୍ପର୍କୀତ ଅଧିନିୟମରେ ସଂଶୋଧନ କରାଯାଇ ସରକାରୀ ପାଣ୍ଠି ଓ ସହାୟତା ଉପରେ ନିର୍ଭର କରୁଥିବା ଫେଡେରେଶନକୁ ଏହା ଅଧୀନରେ ରଖାଯାଇଛି। ଏହି ବିଲ୍‌କୁ ଗତ ଜୁଲାଇ ୨୩ ତାରିଖରେ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଲୋକସଭାରେ ଆଗତ କରିଥିଲେ। ଏହାର କ୍ଲଜ ୧୫ (୨)ରେ ଉଲ୍ଲେଖ କରାଯାଇଥିଲା ଯେ, ପ୍ରତ୍ୟେକ ସ୍ୱୀକୃତିପ୍ରାପ୍ତ କ୍ରୀଡ଼ା ମହାସଂଘକୁ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ଅଧୀନରେ ରଖାଯିବ। କିନ୍ତୁ ଆର୍‌ଟିଆଇ ଅଧୀନରେ ରଖାଯିବାକୁ ବିସିସିଆଇ ବିରୋଧ କରିଆସୁଥିଲା। ଦେଶର ପ୍ରାୟତଃ ଜାତୀୟ କ୍ରୀଡ଼ା ମହାସଂଘ (ଏନ୍‌ଏସ୍‌ଏଫ୍‌ଏସ୍) ଭଳି ବିସିସିଆଇ ସରକାରଙ୍କ ପାଣ୍ଠି ଉପରେ ନିର୍ଭର କରୁନଥିବାରୁ ବିସିସିଆଇକୁ ଆରଟିଆଇ ଅଧୀନରେ ରଖାଯିବ ଉଚିତ ନୁହେଁ ବୋଲି କୁହାଯାଉଥିଲା। ପ୍ରସ୍ତାବିତ ବିଲ୍‌ରେ କରାଯାଇଥିବା ସଂଶୋଧନ ବିସିସିଆଇକୁ ଆଶ୍ୱସ୍ତି ପ୍ରଦାନ କରିଛି।

ସଂଶୋଧିତ କ୍ଲଜରେ ସର୍ବସାଧାରଣ ପ୍ରାଧିକରଣକୁ ଏକ ସଂସ୍ଥା ଭାବେ ବାଖ୍ୟା କରାଯାଇଛି, ଯାହାକି ସରକାରୀ ପାଣ୍ଠି ଓ ସହଯୋଗ ଉପରେ ନିର୍ଭର କରେ। ଏହି ସଂଶୋଧନ ସହିତ ସର୍ବସାଧାରଣ ପ୍ରାଧିକରଣର ଅର୍ଥ ବାଖ୍ୟା କରାଯାଇଛି। ଯଦି ଏହି ସଂଶୋଧନ କରାଯାଇନଥାନ୍ତା, ତେବେ ଏହା ଏକ ଅସ୍ପଷ୍ଟ ବିଷୟ ହୋଇ ରହିଥାନ୍ତା, ଯାହାକୁ କୋର୍ଟରେ ଚ୍ୟାଲେଞ୍ଜ କିମ୍ବା ପ୍ରସ୍ତାବିତ ବିଲ୍‌କୁ ଅଟକ ରଖାଯାଇପାରିଥାନ୍ତା। ଏଣୁ ଯେଉଁଥିରେ ସର୍ବସାଧାରଣଙ୍କ ଟଙ୍କାର ସଂପୃକ୍ତି ରହୁଛି, ତାହା ଆର୍‌ଟିଆଇ ଅଧୀନରେ ରହିବ। ଏହି ବିଲ୍ ଆଇନରେ ପରିଣତ ହେବା ପରେ ବିସିସିଆଇକୁ ନିଜକୁ ଏକ ଏନ୍‌ଏସ୍‌ଏଫ୍ ଭାବେ ପଞ୍ଜୀକୃତ କରିବାକୁ ପଡ଼ିବ।

# ସାମ୍‌ସନ ରୟାଲ୍ସ ପାଇଁ ଖେଳିବେ

ନୂଆଦିଲ୍ଲୀ,୬।୮

ଆଇପିଏଲ୍ ଫ୍ରାଞ୍ଚାଇଜ୍ ରାଜସ୍ଥାନ ରୟାଲ୍ସ (ଆର୍‌ଆର୍) ପାଇଁ ଦୀର୍ଘବର୍ଷ ହେଲା ଖେଳୁଥିବା ସଞ୍ଜୁ ସାମ୍‌ସନ ଆଗାମୀ ସିଜନରେ ଅଧିନାୟକ ଭାବେ ଦଳ ଲାଗି ଖେଳିବେ। ଏ ନେଇ ରୟାଲ୍ସ ପକ୍ଷରୁ ବୁଧବାର ସ୍ପଷ୍ଟ କରାଯାଇଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ‘ଆର୍‌ଆର୍ ସାମ୍‌ସନ କିମ୍ବା ଦଳର ଅନ୍ୟ କୌଣସି ଖେଳାଳିଙ୍କୁ ଏବେ ଟ୍ରେଡ୍ ନ କରିବାକୁ ନିଷ୍ପତ୍ତି ନେଇଛି। ତେବେ ସାମ୍‌ସନ ଚେନ୍ନାଇ ସୁପର କିଙ୍ଗ୍ସ କିମ୍ବା କୋଲ୍‌କାତା ନାଇଟ୍ ରାଇଡର୍ସରେ ଯୋଗଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଥିଲା। ସାମ୍‌ସନ ୨୦୧୩ଠାରୁ ରାଜସ୍ଥାନ ପାଇଁ ଖେଳୁଛନ୍ତି।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ